DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୨୯/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, October 29/2022 Page 14 ₹ 7.00 ★★

୧୮ଶ ଭାଗ ୩୧୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 310 ମୂଲ୍ୟ ₹୭/-




**ମନଦୀପଙ୍କ ଡବଲ ଗୋଲ୍**

ପ୍ରୋ ହକି ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚରେ ମନଦୀପ ସିଂଙ୍କ ଡବଲ ଗୋଲ୍ ବଳରେ ଭାରତ ୪-୩ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। **୧୪**

**୧୨** **ହଲ୍ ଛାତରେ ନାଚିଲେ କ୍ରିତି**

ଫିଲ୍ମ 'ଭେଡିଆ'ର ପ୍ରମୋଶନ୍‌ରେ ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ମୁମ୍ବାଇର ଏକ ହଲ୍ ଛାତରେ ନାଚୁଥିବା ଦେଖିବାକୁ ମିଳିଛି।











**ଆଜିର ସମ୍ପାଦକୀୟ**

ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ

ବାଲେଶ୍ୱରରେ ୧୦ କେ.ଜି. ବ୍ରାଉନ୍ ସୁଗାର ଜବତ

........ ୫ ........

# ଶାନ୍ତି ଏକମାତ୍ର ବିକଳ୍ପ: ମୁଖ୍ୟମନ୍ତ୍ରୀ



ଧଉଳି ଶାନ୍ତି ସ୍ତୁପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବୌଦ୍ଧ ସନ୍ନ୍ୟାସୀମାନେ ପାଛୋଟି ନେଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ଭୁବନେଶ୍ୱର, (ବ୍ୟୁରୋ)/ ପୁରୁଣା ଭବନେଶ୍ୱର, ୨୮।୧୦ (ଡି.ଏନ୍.ଏ.)**

**ଧଉଳି ଶାନ୍ତି ସ୍ତୁପର ସୁବର୍ଣ୍ଣ ଜୟନ୍ତୀ ସମାରୋହ**

- ଦୟା ନଦୀରେ ହେବ ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ପ୍ରକଳ୍ପ
- ରୋପ୍-ଓ୍ୱେ ବ୍ୟବସ୍ଥାକୁ ମିଳିଲା ଅନୁମୋଦନ
- ଶାନ୍ତିସ୍ତୁପରୁ ବିଶ୍ୱଶାନ୍ତିର ବାର୍ତ୍ତା ଦେଲେ ବୌଦ୍ଧ ସନ୍ନ୍ୟାସୀ

ଉତ୍କଳର ଐତିହ୍ୟ ଓ ଅସ୍ମିତାର ନିଦର୍ଶନ ହେଉଛି ଧଉଳି ଶାନ୍ତିସ୍ତୂପ, ଯେଉଁଠି ମଗଧର ରାଜା ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ଏହିଠାରୁ ହିଁ ସେ ଶାନ୍ତିର ବାର୍ତ୍ତା ଦେଇଥିଲେ। ଶାନ୍ତିର କୌଣସି ବିକଳ୍ପ ନାହିଁ। ସବୁ ଯୁଗରେ ଏହାର ମହତ୍ତ୍ୱ ରହିଛି। ଏକ ଉତ୍ତମ ଏବଂ ସୁନ୍ଦର ଦୁନିଆର ଲକ୍ଷ୍ୟ ହାସଲ କରିବା ପାଇଁ ଶାନ୍ତି ହେଉଛି ଏକମାତ୍ର ବିକଳ୍ପ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆମ ଭବିଷ୍ୟତ ପିଢ଼ି ପାଇଁ ଏକ ନିରାପଦ ବିଶ୍ୱ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ସମସ୍ତେ ମିଳିତ ଭାବରେ ଶାନ୍ତିର ବାର୍ତ୍ତା ବିସ୍ତାର କରିବାକୁ ହେବ। ଓଡ଼ିଶାର ଗୌରବମୟ ଇତିହାସ ସମ୍ପର୍କରେ ସେ କହିଲେ, ଓଡ଼ିଶା ଇତିହାସର ପୃଷ୍ଠାଗୁଡ଼ିକ ଧଉଳି ଏବଂ କଳିଙ୍ଗ ଯୁଦ୍ଧରୁ ଆରମ୍ଭ ହୋଇଛି। ଏହି ସ୍ଥାନରେ ଅଶୋକ ଯୁଦ୍ଧ ଏବଂ ରକ୍ତପାତର ଅସାରତାକୁ ଅନୁଭବ କରି ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ବାସ୍ତବରେ ଧଉଳି ବିଶ୍ୱଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାର୍ତ୍ତା ବିସ୍ତାର କରି ବିଶ୍ୱ ଇତିହାସର ଗତି ବଦଳାଇ ଦେଇଛି। ଧଉଳି ଶାନ୍ତିସ୍ତୂପ ଆଧୁନିକ ସ୍ଥାପତ୍ୟର ଏକ ମହାନ ସୃଷ୍ଟି। ଏହା ଭାରତ-ଜାପାନ ବନ୍ଧୁତ୍ୱର ସାକ୍ଷୀ, ଯାହା ବିଶ୍ୱଶାନ୍ତି ଏବଂ ପାରସ୍ପରିକ ସହଯୋଗ ପାଇଁ ଛିଡ଼ା ହୋଇଛି। ଏହି ସ୍ଥାନ ସବୁଦିନ ପାଇଁ ଶାନ୍ତି ବାର୍ତ୍ତା ବିସ୍ତାର କରିବ। ☞ପୃଷ୍ଠା-୪

# ବାତ୍ୟା ଦୋହଲାଉଛି ଆର୍ଥିକ ମେରୁଦଣ୍ଡ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

**ମହାବାତ୍ୟାକୁ ପୂରିଲା ୨୩ ବର୍ଷ**

- ୨୨ ବର୍ଷରେ ଉପକୂଳରେ ପିଟିହେଲାଣି ୭ ବାତ୍ୟା
- ୬ ବର୍ଷ ପରେ ବି ଅଧାରେ ଡପ୍‌ଲର ରାଡାର

ରାଜ୍ୟକୁ ବାତ୍ୟା ଭୟ ଘେରି ରହିଛି। ଏଥିଯୋଗୁ ଦୋହଲିଯାଉଛି ଲୋକଙ୍କ ଆର୍ଥିକ ମେରୁଦଣ୍ଡ। ବାତ୍ୟା ମାଡ଼ରୁ ଅଣ୍ଟା ସଳଖିବାକୁ ଅନେକବର୍ଷ ଲାଗିଯାଉଛି। ଗୋଟିଏ ବାତ୍ୟାଜନିତ କ୍ଷତ ଭରି ନ ଥିବା ବେଳେ ପୁଣି ଆଉ ଏକ ସାମୁଦ୍ରିକ ଝଡ଼ ଅଧାଗଢ଼ା ଜୀବିକାକୁ ଉଡ଼ାଇ ନେଉଛି। ଭିତ୍ତିଭୂମି, ସବୁଜିମା କ୍ଷେତ୍ର ସବୁକିଛି ଉଜୁଡ଼ି ଯାଉଛି। ଗତ ୨୨ ବର୍ଷରେ ଉପକୂଳରେ ମାଡ଼ ହୋଇଥିବା ୭ ସାମୁଦ୍ରିକ ଝଡ଼ ଉପକୂଳ ଓଡ଼ିଶାକୁ ଛାର୍‌ଖାର କରିଦେଇଛି। ୧୯୯୯ରୁ ୨୦୨୧ ମଧ୍ୟରେ ରାଜ୍ୟ ୭ଟି ବାତ୍ୟା ଓ ମହାବାତ୍ୟାକୁ ସମ୍ମୁଖୀନ ହୋଇଛି। ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଉପକୂଳ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବାବେଳେ ପ୍ରାୟ ୧୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଶନିବାର ଏହାକୁ ୨୩ ବର୍ଷ ପୂରିଛି। ଏବେ ବି ସେହି ମହାପ୍ରଳୟକୁ ମନେପକାଇ ଉପକୂଳବାସୀ ଶିହରି ଉଠୁଛନ୍ତି। କେବଳ ମହାବାତ୍ୟା ନୁହେଁ, ୨୦୧୩ରେ ଓଡ଼ିଶା ଉପକୂଳକୁ ଧକ୍କା ଦେଇଥିବା ଫାଇଲିନ୍, ୨୦୧୪ରେ ହୁଡ୍‌ହୁଡ୍, ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନୀ, ୨୦୨୦ରେ ଅମ୍ଫନ, ୨୦୨୧ରେ ଜୱାଦ୍ ବାତ୍ୟା ରାଜ୍ୟ ପାଇଁ ଅନେକ ବିପତ୍ତି ଆଣିଦେଇଛି। ଏହିସବୁ ବାତ୍ୟାରେ ରାଜ୍ୟର ପ୍ରାୟ ୩୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି।

ସରକାରୀ ଆକଳନ ଅନୁଯାୟୀ, ୨୦୧୩ରେ ହୋଇଥିବା ବାତ୍ୟା ଫାଇଲିନ୍‌ରେ ୫୮୩୨.୫୦ କୋଟି କ୍ଷତି ହୋଇଥିବା ବେଳେ ହୁଡ୍‌ହୁଡ୍‌ରେ ୭୬୭.୧୨ କୋଟି, ତିତ୍‌ଲିରେ ୨୭୭୯.୩୩, ଫନୀରେ ୫୨୨୭.୬୮ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୨୦୨୦ରେ ହୋଇଥିବା ଅମ୍ଫନରେ ୭୦୦ ଏବଂ ଜୱାଦ୍‌ରେ ୫୦୦ କୋଟି ଟଙ୍କାର କ୍ଷତି ହେବା ନେଇ ଆକଳନ କରାଯାଇଛି। ରାଜ୍ୟ ପାଇଁ ବାତ୍ୟା ଚିରସହଚର ପାଲଟିଗଲାଣି। ଜଳବାୟୁ ପରିବର୍ତ୍ତନ ବାତ୍ୟା ବିପଦକୁ ଆହୁରି ଭୟଙ୍କର କରିବା ନେଇ ପରିବେଶବିତ୍ ଆକଳନ କଲେଣି। ଅକ୍ଟୋବରରୁ ଡିସେମ୍ବର ବାତ୍ୟା ସମୟ କୁହାଯାଉଥିଲେ ମଧ୍ୟ ଗତ କିଛିବର୍ଷ ହେବ ମେ ମାସରେ ମଧ୍ୟ ବାତ୍ୟାର ଭୟ ରହୁଛି। ଏହି ପ୍ରାକୃତିକ ବିପଦରୁ ରକ୍ଷା ପାଇବା ପାଇଁ ଆଗୁଆ ସୂଚନା ହିଁ ଏକମାତ୍ର ବିକଳ୍ପ। ମାତ୍ର ବିଡ଼ମ୍ବନା ଯେ, ରାଜ୍ୟବାସୀଙ୍କୁ ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପଦରୁ ରକ୍ଷା କରିବା ପାଇଁ ଭିତ୍ତିଭୂମିର ସେପରି ବିକାଶ ହୋଇପାରି ନାହିଁ। ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା ପ୍ରଦାନ ପାଇଁ ରାଜ୍ୟର ୪ଟି ସ୍ଥାନ ପାରାଦୀପ, ଗୋପାଳପୁର, ସମ୍ବଲପୁର ଓ ବାଲେଶ୍ୱରରେ ଡପ୍‌ଲର ରାଡାର ଲଗାଇବାକୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ନିଷ୍ପତ୍ତି ନେଇଥିଲା। ତେବେ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁ ଗତ ୬ ବର୍ଷ ହେବ ସମ୍ବଲପୁର ଏବଂ ବାଲେଶ୍ୱରରେ ଏହି ରାଡାର ଲାଗିପାରୁନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉନାହିଁ। ପାଣିପାଗ ସମ୍ପର୍କିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଦୀର୍ଘଦିନ ହେବ ଅଧାପନ୍ତରିଆ ହୋଇରହିଛି।

ରାଡାର ଲଗାଇବାକୁ ରାଜ୍ୟ ସରକାର ସମ୍ବଲପୁର, ବାଲେଶ୍ୱର, ଗୋପାଳପୁରରେ ୩ ଏକର ଲେଖାଏ ଜାଗା ମାଗଣାରେ ଯୋଗାଇଦେବା ସହ କୋଠାଘର ନିର୍ମାଣ କରିବାକୁ ୧୭ କୋଟି ଟଙ୍କା ଦେଇଛନ୍ତି। ୨୦୧୬ରୁ ୫ ମହଲା କୋଠାଘର ନିର୍ମାଣ ହୋଇ ଛିଡ଼ା ହୋଇଛି। ମାଗଣା ଜମି ଓ କୋଠାଘର ଯୋଗାଇ ଦେବା ପରେ ରାଡାର ଲାଗିବା ବ୍ୟବସ୍ଥା କରିବାକୁ ପାଣିପାଗ ବିଭାଗ ଭରସା ଦେଇଥିଲା। ଇତିମଧ୍ୟରେ ୬ ବର୍ଷ ବିତିଗଲାଣି। ☞ପୃଷ୍ଠା-୪

# ଓସିଏ ସଭାପତି ଦାୟିତ୍ୱ ନେଲେ ପ୍ରଣବ



**କଟକ ଅଫିସ,୨୮।୧୦**

ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ନୂଆ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓସିଏର ୧୧ତମ ସଭାପତି ହୋଇଛନ୍ତି ପ୍ରଣବ ପ୍ରକାଶ ଦାସ। ସେହିପରି ସଞ୍ଜୟ ବେହେରା ଦ୍ୱିତୀୟଥର ଲାଗି ଓସିଏର ସମ୍ପାଦକ ଭାବେ ନିଜ ଗାଦି ☞ପୃଷ୍ଠା-୪

# କ୍ରିପ୍ଟୋ କାରବାରରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କଳାଧନ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

- ଏକକାଳୀନ ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ, ୩୧ରେ ନେଇଥାନ୍ତେ ଅବସର
- ଝରକା ବାଟେ ଫିଙ୍ଗିଥିବା ୩୮ କ୍ରିପ୍ଟୋ ଦସ୍ତାବିଜ୍, ମୋବାଇଲ ଜବତ
- କ୍ରିପ୍ଟୋ କରେନ୍ସିରେ ୧.୭୫ କୋଟି, ସମ୍ବଲପୁରରେ ୮ ଫ୍ଲାଟ୍ ଠାବ
- ନଗଦ ୧.୭ ଲକ୍ଷ ଟଙ୍କା, ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ମିଳିଲା

ରାଜ୍ୟରେ ବହୁ ସରକାରୀ କର୍ମଚାରୀ ଦୁର୍ନୀତିରେ ଲିପ୍ତ ରହି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସହ ଜନତାଙ୍କ ଟଙ୍କାରେ ବିଳାସମୟ ଜୀବନ



ନୀହାର ରଞ୍ଜନ ଦାସ

ବିତାଉଛନ୍ତି। ଇତିମଧ୍ୟରେ ଅନେକ ଦୁର୍ନୀତିଗ୍ରସ୍ତ ବାବୁ ଭିଜିଲାନ୍ସ ଜାଲରେ ପଡିବା ପରେ ସେମାନଙ୍କ କଳାଟଙ୍କାର ଗୁମର ପଦାକୁ ଆସିଛି। ଶୁକ୍ରବାର ଆଉଜଣେ କୁବେର ଅଫିସର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ପ୍ଲାନିଂ, ମନିଟରିଂ, ଡିଜାଇନ ଓ ଇନ୍‌ଭେଷ୍ଟିଗେଶନ) ନୀହାର ରଞ୍ଜନ ଦାସ। ଆସନ୍ତା ୩୧ ତାରିଖରେ ସେ ଅବସର ନେଇଥାନ୍ତେ। ହେଲେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ୩ ଜିଲାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହା ମଧ୍ୟରେ ଭୁବନେଶ୍ୱର ଖାରବେଳନଗରସ୍ଥିତ ଶ୍ରୀରାମ ମାନ୍‌ଶନ୍ ଆପାର୍ଟମେଣ୍ଟରେ ☞ପୃଷ୍ଠା-୪

# ଟୁଇଟରରୁ ପରାଗ, ବିଜୟା ବିଦା

- ପକ୍ଷୀ ମୁକ୍ତହେଲା: ମସ୍କ
- ଟ୍ରମ୍ପଙ୍କ ଫେରିବା ପଥ ସୁଗମ



ପରାଗ ଅଗ୍ରୱାଲ



ବିଜୟା ଗାଡ୍ଡେ

**ନ୍ୟୁୟର୍କ,୨୮।୧୦(ପି.ଟି.)**

ପକ୍ଷୀ ମୁକ୍ତହେଲା ବୋଲି ୪୪ ବିଲିୟନ ଡଲାରରେ ଟୁଇଟର କିଣିବା ପରେ ଟେସ୍‌ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏଲନ୍ ମସ୍କ ଟୁଇଟ୍ କରିଛନ୍ତି। ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌କୁ ଅଧିଗ୍ରହଣ କରିବା ପରେ ୫୧ ବର୍ଷୀୟ ମସ୍କ ଏହାର ସିଇଓ ପରାଗ ଅଗ୍ରୱାଲ ଓ ଲିଗାଲ୍ ଏକ୍‌ଜିକ୍ୟୁଟିଭ୍ ବିଜୟା ଗାଡ୍ଡେଙ୍କୁ ବିଦା କରିଛନ୍ତି।

ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଗୁରୁବାର ଟୁଇଟର ☞ପୃଷ୍ଠା-୪

# ଏକକାଳୀନ ୧୫ ମହାପୁରୁଷଙ୍କ ଚିତ୍ର ଆଙ୍କିଲେ ଯୁବତୀ

**ଲକ୍ଷ୍ନୌ, ୨୮।୧୦**

କଳା ଈଶ୍ୱରଙ୍କ ପ୍ରଦତ୍ତ ଏଭଳି ଏକ ଉପହାର, ଯାହାର କୌଣସି ତୁଳନା ନାହିଁ। କେତେଜଣ ବ୍ୟକ୍ତି ନିଜ ଅନନ୍ୟ ପ୍ରତିଭା ମାଧ୍ୟମରେ ଲୋକଙ୍କ ପ୍ରିୟଭାଜନ ହୋଇଥାନ୍ତି ତ ଆଉ କେହି ବହୁ ସମ୍ମାନ ହାତେଇଥାନ୍ତି। ଉତ୍ତର ପ୍ରଦେଶ ବୁଡାନରେ ଥିବା ବିଜୟ ନଗର ଗ୍ରାମର ନୂର ଜାହାନ୍ ନିଜର ଅନନ୍ୟ କଳା ପ୍ରତିଭା ପାଇଁ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପିଲାଟି ଦିନରୁ ଚିତ୍ରାଙ୍କନ ପ୍ରତି ରୁଚି ରଖୁଥିବା ନୂର ଏକକାଳୀନ ୧୫ ସ୍ୱାଧୀନତା ସଂଗ୍ରାମୀଙ୍କ ଚିତ୍ର ଆଙ୍କି ଏବେ ପ୍ରଶଂସାର ପାତ୍ର ହୋଇଛନ୍ତି। ଜଣେ ଚିତ୍ରକର ଭଳି ରଙ୍ଗ ତୂଳୀ କିମ୍ବା ପେନ୍‌ସିଲ୍ ମୁନରେ ନୁହେଁ ବରଂ କଲମରେ ଚିତ୍ର ଆଙ୍କୁଥିବା ଦେଖିବାକୁ ମିଳିଛି।



ନିଜେ ଆଙ୍କିଥିବା ଚିତ୍ର ସହ ନୂର ଜାହାନ୍।

ନୂର ଚିତ୍ର ଆଙ୍କୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ୯ ଖଣ୍ଡ କାଠକୁ ଯୋଡ଼ି ସେ ପ୍ରଥମେ ଏକ ଫ୍ରେମ୍ ତିଆରି କରୁଛନ୍ତି। ଉକ୍ତ ଫ୍ରେମ୍‌ରେ ତିଆରି ହେଉଥିବା ୧୫ଟି କୋଠରିରେ ସେ ୧୫ ଟି କଲମ ବାନ୍ଧୁଛନ୍ତି। ଏହାପରେ ହ୍ୱାଇଟ୍ ବୋର୍ଡ ଭଳି ରଖାଯାଇଥିବା ଡ୍ରଇଂ ପେପରରେ ଗୋଟିଏ ହାତରେ ସେହି କଲମ ଖଞ୍ଜାଯାଇଥିବା ସେହି ଫ୍ରେମ୍‌କୁ ଧରି ଚିତ୍ର ଆଙ୍କୁଥିବାର ଭଇରାଲ ଭିଡିଓରେ ଦେଖାଯାଇଛି। ବିନା ବିରତିରେ କିଛି ସମୟ ଭିତରେ ନୂର ଏକକାଳୀନ ମହାତ୍ମା ଗାନ୍ଧୀ, ଭଗତ ସିଂ, ସୁଭାସ ଚନ୍ଦ୍ର ବୋଷ, ଡା. ରାଜେନ୍ଦ୍ର ପ୍ରସାଦ, ଡା. ବି.ଆର୍. ଆମ୍ବେଦକରଙ୍କ ଭଳି ୧୫ ଜଣ ମହାପୁରୁଷଙ୍କ ଚିତ୍ର ଆଙ୍କିଛନ୍ତି। ମହିନ୍ଦ୍ରା ଗ୍ରୁପ୍‌ର ଚେୟାରମ୍ୟାନ୍ ଆନନ୍ଦ ମହିନ୍ଦ୍ରା ବହୁଳ ପ୍ରସାରିତ ଏହି ଭିଡିଓଟିକୁ ସୋସିଆଲ ମିଡିଆରେ ଶେୟାର କରି ନୂରଙ୍କ ଏହି ନିଆରା ପ୍ରତିଭାକୁ ଚମତ୍କାର ବୋଲି କହିଛନ୍ତି। ସୋସିଆଲ ମିଡିଆ ୟୁଜର୍ସ ମଧ୍ୟ ଭିଡିଓକୁ ଦେଖି ନୂରଙ୍କୁ ପ୍ରଶଂସା କରିବାରେ କୌଣସି ମଉକା ଛାଡ଼ିନାହାନ୍ତି। ପିଲାବେଳୁ ଚିତ୍ରାଙ୍କନ ପ୍ରତି ନୂରଙ୍କର ବିଶେଷ ଆଗ୍ରହ ଥିବାବେଳେ ଏହା ଜରିଆରେ ସେ ଦେଶ ପାଇଁ ଗୌରବ ଆଣିବାକୁ ଚାହୁଁଥିବା ଭିଡିଓରେ ଜନୈକ ବ୍ୟକ୍ତି କରୁଥିବା ଶୁଣାଯାଇଛି। ଆନନ୍ଦ ମହିନ୍ଦ୍ରା ନୂରଙ୍କୁ ସମସ୍ତ ପ୍ରକାର ଆର୍ଥିକ ସହଯୋଗ ଯୋଗାଇଦେବେ ବୋଲି ମଧ୍ୟ କହିଛନ୍ତି।



ବେଆଇନ ଘୋଷିତ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ)ର କେରଳ ସାଧାରଣ ସମ୍ପାଦକ ସି.ଏ. ରୌଫ୍‌ଙ୍କୁ ପଲକ୍କଡର ପଟ୍ଟାମ୍ବିରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଶୁକ୍ରବାର ଗିରଫ କରିଛି। ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତି ମାମଲାରେ ରୌଫ୍ ୧୩ତମ ଅଭିଯୁକ୍ତ। ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ରୌଫ କିଛି ମାସ ହେଲା ଫେରାର ଥିଲେ। ସେ କେରଳରେ ଉକ୍ତ ସଂଗଠନର ଗଣମାଧ୍ୟମ ଏବଂ ପିଆର୍ ବିଭାଗ ସମ୍ଭାଳୁଥିଲେ।

## ସଂକ୍ଷେପରେ

### ୨ ଟେଲିକମ୍ କର୍ମଚାରୀଙ୍କୁ ପିଟି ହତ୍ୟା

କରାଚୀ,୨୮।୧୦: ପାକିସ୍ତାନର କରାଚୀସ୍ଥିତ ମଛର କଲୋନିରେ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ ଏକ ଟେଲିକମ୍ କମ୍ପାନୀର ୨ ଜଣ କର୍ମଚାରୀଙ୍କୁ ପିଟି ମାରିଦେଇଛନ୍ତି। ପୋଲିସ କହିବା ଅନୁଯାୟୀ ଉକ୍ତ କର୍ମଚାରୀଦ୍ୱୟ ସିଗ୍ନାଲ ଷ୍ଟ୍ରେଙ୍ଗ୍‌ଥ ଯାଞ୍ଚ ଲାଗି ସେଠାକୁ ଯାଇଥିଲେ। ତେବେ ସେମାନେ ପିଲାଚୋରି ଉଦ୍ୟମ କରୁଥିବା କେତେଜଣ ଗୁଜବ ପ୍ରଚାର କରିଦେଇଥିଲେ। ଗୁଜବରେ ବିଶ୍ୱାସ କରି ସ୍ଥାନୀୟ ଲୋକେ ଟେଲିକମ୍ କର୍ମଚାରୀଙ୍କୁ ଧରିନେଇ ନିର୍ଘୁମ୍ ପିଟିଥିଲେ। ଗୁରୁତର ଆହତ ୨ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ପୋଲିସ ସ୍କ୍ୱାଡ୍ ପହଞ୍ଚିବାରେ ବିଳମ୍ବ ହେବାରୁ ସେମାନଙ୍କୁ ଲୋକଙ୍କ ଆକ୍ରମଣରୁ ରକ୍ଷା କରାଯାଇ ପାରି ନ ଥିଲା।

### ନାନ୍ସି ପେଲୋସିଙ୍କ ସ୍ୱାମୀଙ୍କୁ ଆକ୍ରମଣ



ପଲ୍ ପେଲୋସି

ୱାଶିଂଟନ,୨୮।୧୦: ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ସ୍ୱାମୀ ପଲ୍ ପେଲୋସି(୮୨)ଙ୍କୁ ଶୁକ୍ରବାର ସକାଳେ ହିଂସାତ୍ମକ ଆକ୍ରମଣ ହୋଇଛି। ଆକ୍ରମଣକାରୀ ଜଣକ ଦମ୍ପତିଙ୍କ ସାନ୍ ଫ୍ରାନ୍ସିସ୍କୋ ବାସଭବନରେ ପ୍ରବେଶ କରି ଆକ୍ରମଣ କରିଥିଲେ। ଆକ୍ରମଣର କାରଣ ଜଣାପଡ଼ି ନାହିଁ। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ତାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ ଚଳାଇଛି। ପଲ୍‌ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ଆକ୍ରମଣ ସମୟରେ ବାଚସ୍ପତି ନାନ୍ସି ଉକ୍ତ ବାସଭବନରେ ଉପସ୍ଥିତ ନ ଥିଲେ। ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଓ ସିନେଟ ନିୟନ୍ତ୍ରଣ ଲାଗି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଆଉ ମାତ୍ର ୨ ସପ୍ତାହ ଥିବାବେଳେ ଏଭଳି ଆକ୍ରମଣ ହୋଇଛି। ପଲ୍ ପେଲୋସିଙ୍କର ସାନ୍ ଫ୍ରାନ୍ସିସ୍କୋରେ ରିଅଲ ଇଷ୍ଟେଟ୍ ଏବଂ ଉଦ୍ୟୋଗ ପୁଞ୍ଜି ଫାର୍ମ ରହିଛି। ମଦ ନିଶାରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇବା ଅଭିଯୋଗରେ ଗତ ମେ'ରେ ସେ ଦୋଷୀସାବ୍ୟସ୍ତ ହୋଇଥିଲେ। ତାଙ୍କୁ ୫ ଦିନ ଜେଲଦଣ୍ଡ ହୋଇଥିଲା।

### ୭୫ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କଲେ ରାଜନାଥ

ନୂଆଦିଲ୍ଲୀ,୨୮।୧୦: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ୭୫ଟି ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଶ୍ୟୋକ ନଦୀ ଉପରେ ନିର୍ମିତ ୧୨୦ ମିଟର ବ୍ରିଜ୍ ସବୁ ସମୟରେ ସଶସ୍ତ୍ର ବଳକୁ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅନ୍ତର୍ଗତ ଲଦାଖର ଦୌଲତ ବେଗ୍ ଓଲ୍ଡିକୁ ଯିବାରେ ସହାୟକ ହେବ। ଏହା ବ୍ୟତୀତ ଅନ୍ୟ ୭୪ଟି ପ୍ରକଳ୍ପ ଜମ୍ମୁ-କଶ୍ମୀର, ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ସମେତ ୬ଟି ରାଜ୍ୟରେ ନିର୍ମାଣ କରାଯାଇଛି। ସୀମାନ୍ତ ସଡ଼କ ସଂଗଠନ (ବିଆର୍ଓ) ଦ୍ୱାରା ଜମ୍ମୁ-କଶ୍ମୀରରେ ନିର୍ମିତ ୨୦ଟି ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ଲଦାଖ ଓ ଅରୁଣାଚଳପ୍ରଦେଶରେ ୧୮ଟି ଲେଖାଏ, ଉତ୍ତରାଖଣ୍ଡରେ ୫, ସିକିମ୍, ହିମାଚଳପ୍ରଦେଶ, ପଞ୍ଜାବ ଓ ରାଜସ୍ଥାନରେ ୧୪ଟି ପ୍ରକଳ୍ପ ନିର୍ମାଣ ହୋଇଛି। ଏ ବାବଦରେ ୨,୧୮୦ କୋଟି ଟଙ୍କା ବ୍ୟୟ କରାଯାଇଛି। ପ୍ରକଳ୍ପଗୁଡ଼ିକ ଦେଶର ପ୍ରତିରକ୍ଷା ପ୍ରସ୍ତୁତିକୁ ବଢ଼ାଇବା ସହ ସୀମାନ୍ତ ଅଞ୍ଚଳର ଆର୍ଥିକ ବିକାଶରେ ସହାୟକ ହେବ। ରାଜନାଥ ୧୪,୦୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ ଶ୍ୟୋକ ବ୍ରିଜ୍‌ରେ ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ପାକିସ୍ତାନରେ ତୁରନ୍ତ ସାଧାରଣ ନିର୍ବାଚନ କରାଯିବା ଦାବିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଶୁକ୍ରବାର ସରକାର ବିରୋଧୀ 'ଲଙ୍ଗ୍ ମାର୍ଚ୍ଚ' ଆରମ୍ଭ କରିଛନ୍ତି। ଲାହୋରରୁ ଇସ୍‌ଲାମାବାଦ ଅଭିମୁଖେ ବାହାରିଥିବା ଏହି ବିକ୍ଷୋଭ ଶୋଭାଯାତ୍ରାରେ ବିରୋଧୀ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥକମାନେ ସ୍ଲୋଗାନ ଦେଉଛନ୍ତି।

# ଭାରତର ବୈଦେଶିକ ନୀତି ନିରପେକ୍ଷ

ମସ୍କୋ,୨୮।୧୦(ପି.ଟି.)



## ମୋଦିଙ୍କୁ ପ୍ରଶଂସା କଲେ ପୁଟିନ୍

ଭାରତ ସହ ରୁଷିଆର ସମ୍ପର୍କ ସ୍ୱତନ୍ତ୍ର। ଦୁଇଦେଶ ସବୁବେଳେ ପରସ୍ପରକୁ ସମର୍ଥନ କରିଆସିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଏହା ଜାରି ରହିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି। ମସ୍କୋସ୍ଥିତ ଥିଙ୍କ୍‌ଟ୍ୟାଙ୍କ୍ ଭଲ୍‌ଡାଇ ଇଣ୍ଟରନ୍ୟାଶନାଲ ଡିସ୍‌କଶନ୍ କ୍ଲବ୍‌ର ବିସ୍ତୃତ ବୈଠକରେ ଗୁରୁବାର ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ପୁଟିନ୍ କହିଛନ୍ତି, ମୋଦି ନିଜ ଦେଶର ହିତ ଦୃଷ୍ଟିରୁ ଏକ ସ୍ୱାଧୀନ ଓ ନିରପେକ୍ଷ ବହିର୍ବ୍ୟାପାର ନୀତି ଆପଣାଇଛନ୍ତି। ରୁଷିଆ ଓ ଭାରତ ମଧ୍ୟରେ ସାମରିକ ତଥା ବୈଷୟିକ ସହଯୋଗ ଜାରି ରହିବ। ଭାରତ ସହିତ ଆମର ବିଶେଷ ସମ୍ପର୍କ ରହିଛି, ଯାହାର ମୂଳଦୁଆ ଅନେକ ଦଶନ୍ଧି ତଳେ ପଡ଼ିଥିଲା। ଆମେ ସବୁବେଳେ ପରସ୍ପରକୁ ସମର୍ଥନ କରିଆସିଛୁ। ଭବିଷ୍ୟତରେ ମଧ୍ୟ ଏହା ଜାରି ରହିବ ବୋଲି ଆଶାବାଦୀ ଥିବା ପୁଟିନ୍ ପ୍ରକାଶ କରିଛନ୍ତି। ଉଜ୍‌ବେକିସ୍ତାନର ସମରକନ୍ଦରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ପରିପେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନ ଯୁଦ୍ଧର ଯୁଗ ନୁହେଁ ବୋଲି ପୁଟିନ୍‌ଙ୍କୁ ଚେତାଇଦେବା ପରିପ୍ରେକ୍ଷୀରେ ତାଙ୍କର ଏହି ମନ୍ତବ୍ୟ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। କାରଣ ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠାରୁ ମସ୍କୋ ପଦକ୍ଷେପକୁ ନୂଆଦିଲ୍ଲୀ ଖୋଲାଖୋଲି ଭାବେ ନିନ୍ଦା କରିନାହିଁ। କୂଟନୀତି ଓ ଆଲୋଚନା ଜରିଆରେ ଏହି ସଙ୍କଟର ସମାଧାନ ଜରୁରୀ ବୋଲି ଭାରତ କହିଆସିଛି। ପ୍ରକାଶ ଯେ, ଭାରତକୁ ସାମରିକ ଉପକରଣ ଯୋଗାଣ କ୍ଷେତ୍ରରେ ରୁଷିଆ ହେଉଛି ଏକ ଅଗ୍ରଣୀ ଦେଶ। ୨୦୧୮ ଅକ୍ଟୋବରରେ ଭାରତ ରୁଷିଆ ସହ ୫ ବିଲିୟନ୍ ଡଲାରର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛି। ଏହି ରାଜିନାମା ଅଧୀନରେ ରୁଷିଆ ଭାରତକୁ ୫ଟି ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ୍ ସିଷ୍ଟମ ରପ୍ତାନି କରିବ।

# ଅପରାଧ ରୋକିବ ନୂଆ ପ୍ରଯୁକ୍ତି

## ଗୃହମନ୍ତ୍ରୀ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ

ସୂରଯକୁଣ୍ଡ (ହରିୟାଣା),୨୮।୧୦(ପି.ଟି.)



ଅପରାଧ ରୋକିବା ଲାଗି ଏକ ପୋଲିସ ପ୍ରଯୁକ୍ତି ମିଶନ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଗୁରୁତ୍ୱାରୋପ କରିଛନ୍ତି। ଏହି ମିଶନ ରାଜ୍ୟଗୁଡ଼ିକୁ ଶ୍ରେଷ୍ଠ ପ୍ରଯୁକ୍ତିକ୍ଷମ କରିବା ସହ ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧିରେ ସହାୟକ ହୋଇପାରିବ। ହରିୟାଣାର ସୂରଯକୁଣ୍ଡଠାରେ ଅନୁଷ୍ଠିତ ଗୃହମନ୍ତ୍ରୀମାନଙ୍କ ଚିନ୍ତନ ଶିବିରରେ ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଅପରାଧ ଜଗତର ବିଶ୍ୱୀକରଣ ହେଉଛି। ଏହା ଆଉ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ସୀମିତ ହୋଇ ରହିନାହିଁ। ଆନ୍ତଃରାଜ୍ୟ ଏବଂ ଅନ୍ତର୍ଜାତୀୟ ଅପରାଧ ବଢ଼ିଚାଲିଛି। ସେଥିପାଇଁ ରାଜ୍ୟର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ କେନ୍ଦ୍ର ଓ ରାଜ୍ୟ ଏଜେନ୍ସିଗୁଡ଼ିକ ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଇବର ଅପରାଧ ହେଉ କିମ୍ବା ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟର ଚୋରା କାରବାର ଲାଗି ଡ୍ରୋନ୍ ପ୍ରଯୁକ୍ତିର ବ୍ୟବହାର ହେଉ, ଏସବୁ ଅପରାଧର ମୁକାବିଲା ଲାଗି ନୂଆ ପ୍ରଯୁକ୍ତି ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ସ୍ମାର୍ଟ ଟେକ୍‌ନୋଲୋଜି ସହାୟତାରେ ଆଇନଶୃଙ୍ଖଳା ବ୍ୟବସ୍ଥାରେ ଉନ୍ନତି କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୫ଜି ଟେକ୍‌ନୋଲୋଜି ଓ ଏଥିରୁ ମିଳିବାକୁ ଥିବା ସୁବିଧା ଅଧିକ ସତର୍କ କରାଇବ। ୫ଜି ସମେତ ମୁହଁ ଚିହ୍ନଟ ପ୍ରଯୁକ୍ତି, ସ୍ୱତଃ ନମ୍ବର ପ୍ଲେଟ୍ ଚିହ୍ନଟ ପ୍ରଯୁକ୍ତି, ଡ୍ରୋନ୍ ଏବଂ ସିସିଟିଭି ଟେକ୍‌ନୋଲୋଜି ବହୁଗୁଣରେ ଉନ୍ନତ ହେବାକୁ ଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରାଧୀମାନେ ମଧ୍ୟ ଉନ୍ନତ ଟେକ୍‌ନୋଲୋଜିର ଉପଯୋଗ କରୁଛନ୍ତି। ସେଥିପାଇଁ ଆମକୁ ସେମାନଙ୍କଠାରୁ ୧୦ ପାଦ ଆଗରେ ରହିବାକୁ ହେବ ବୋଲି ମୋଦି କହିଛନ୍ତି।

### ପୋଲିସ ପାଇଁ ଗୋଟିଏ ରାଷ୍ଟ୍ର, ଗୋଟିଏ ପୋଷାକ ପ୍ରସ୍ତାବ

ଏହି ଅବସରରେ ପ୍ରଧାନମନ୍ତ୍ରୀ ସାରା ଦେଶର ପୋଲିସ ପାଇଁ 'ଗୋଟିଏ ରାଷ୍ଟ୍ର, ଗୋଟିଏ ବର୍ଦ୍ଦି' ନୀତି ଲାଗୁ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହାଦ୍ୱାରା ବିଭିନ୍ନ ସୁରକ୍ଷା ବଳ ମଧ୍ୟରେ ସମାନତା ବଜାୟ ରହିପାରିବା ସହ ସାରା ଦେଶରେ ସେମାନଙ୍କ ପରିଚୟ ସମାନ ହୋଇପାରିବ ବୋଲି ସେ ଭାବୁଛନ୍ତି। ଏହା କେବଳ ଏକ ଚିନ୍ତାଧାରା। ଏହାକୁ ଜବରଦସ୍ତ ଲାଗୁ ନିମନ୍ତେ ଉଦ୍ୟମ କରାଯାଉ ନାହିଁ। ପ୍ରସ୍ତାବ ଉପରେ ରାଜ୍ୟଗୁଡ଼ିକ ବିଚାରବିମର୍ଶ କରିବା ଆବଶ୍ୟକ। ସମାନ ବର୍ଦ୍ଦି ଲାଗୁ କରିବା ପାଇଁ ୫ ବର୍ଷ, ୫୦ ବର୍ଷ କିମ୍ବା ୧୦୦ ବର୍ଷ ଲାଗିପାରେ ବୋଲି ମୋଦି କହିଛନ୍ତି।

## ୨୬/୧୧ ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ଦିଆଯାଉଛି: ଜୟଶଙ୍କର



ମୁମ୍ବାଇ,୨୮।୧୦

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ଯୋଜନା ପ୍ରସ୍ତୁତକାରୀଙ୍କୁ ଦଣ୍ଡ ଦିଆ ନ ଯାଇ ସୁରକ୍ଷା ଯୋଗାଇ ଦିଆଯାଉଛି। ଏହା ସାମୂହିକ ବିଶ୍ୱସନୀୟତାକୁ ଦୁର୍ବଳ କରୁଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶୁକ୍ରବାର କହିଛନ୍ତି। ଯେତେବେଳେ କେତେଜଣ ଆତଙ୍କବାଦୀଙ୍କୁ ବହିଷ୍କାର ପାଇଁ ପ୍ରସ୍ତାବ ଦିଆଯାଉଛି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି), ଦୁଃଖର କଥା ଯେ ରାଜନୈତିକ ବାଧ୍ୟବାଧକତାରୁ ଏହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସମର୍ଥ ହେଉଛି। ଆତଙ୍କବାଦୀଙ୍କ ପାଇଁ ଉଦ୍ଦିଷ୍ଟ ନୂଆ ପ୍ରଯକ୍ତି ବ୍ୟବହାରକୁ ପ୍ରତିରୋଧ କରିବା ଉପରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଜୟଶଙ୍କର ଏହା କହିଛନ୍ତି। ଦକ୍ଷିଣ ମୁମ୍ବାଇର ତାଜ୍ ମହଲ ପ୍ୟାଲେସ୍ ହୋଟେଲ୍‌ରେ ଏହି ବୈଠକ ଅନୁଷ୍ଠିତ ହେଉଛି। ୨୬/୧୧ ଆକ୍ରମଣରେ ଆତଙ୍କବାଦୀମାନେ ଉକ୍ତ ହୋଟେଲ୍‌କୁ ଟାର୍ଗେଟ କରିଥିଲେ। ପାକିସ୍ତାନରୁ ଲଶ୍କର-ଇ-ତୋଇବା ତାଲିମପ୍ରାପ୍ତ ୧୦ ଆତଙ୍କବାଦୀ ଜଳପଥ ଦେଇ ମୁମ୍ବାଇରେ ପ୍ରବେଶ କରି ସାରା ସହରରେ ଆତଙ୍କ ଖେଳାଇଥିଲେ। ଏହି ଆକ୍ରମଣରେ ୧୪୦ ଭାରତୀୟଙ୍କ ସମେତ ୨୩ ଦେଶର ୨୬ ଜଣ ନାଗରିକ ନିହତ ହୋଇଥିଲେ।

ଆତଙ୍କବାଦୀ ପ୍ରତିହତ କମିଟି ଆଗରେ ଜୟଶଙ୍କର କହିଛନ୍ତି, ପାଣ୍ଠି ହେଉଛି ଆତଙ୍କବାଦୀମାନଙ୍କ ଜୀବନ। ଆତଙ୍କବାଦୀମାନେ ସେମାନଙ୍କ ସଂଗଠନ ତିଷ୍ଠି ରହିବା ସହ ଆକ୍ରମଣ ଲାଗି ପାଣ୍ଠି ଓ ସମ୍ବଳ ଆବଶ୍ୟକ କରିଥାନ୍ତି। ସେମାନଙ୍କୁ ଆବଶ୍ୟକ ସମ୍ବଳ ଯୋଗାଣ ଜାରି ରହିଥିବାରୁ ସେମାନଙ୍କ ସଂଗଠନ ବଢ଼ିଚାଲିଛି। ଆତଙ୍କବାଦର ମୁକାବିଲା ପାଇଁ ପାଣ୍ଠି ଯୋଗାଣ ବନ୍ଦ କରିବା ସବୁଠୁ ବଡ଼ ପଦକ୍ଷେପ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି।

# ତୋ ମୁଣ୍ଡରେ କେମିକାଲ ଢାଳିବି

## ଦିଲ୍ଲୀ ଜଳ ବୋର୍ଡ ଅଫିସରଙ୍କୁ ଭାଜପା ଏମ୍‌ପିଙ୍କ ଧମକ

ନୂଆଦିଲ୍ଲୀ,୨୮।୧୦



ପର୍ଭେଶ ବର୍ମା

ଛଟ୍‌ପୂଜା ପୂର୍ବରୁ ଶୁକ୍ରବାର ଯମୁନା ନଦୀଘାଟ ଅନୁଧ୍ୟାନ କରିବାକୁ ଯାଇଥିବା ପଶ୍ଚିମ ଦିଲ୍ଲୀର ଭାଜପା ଏମ୍‌ପି ପର୍ଭେଶ ବର୍ମା ଜଣେ ଅଫିସରଙ୍କ ଉପରେ ଗର୍ଜୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦେଢ଼ ମିନିଟ୍‌ର ଏହି ଭିଡିଓରେ ବର୍ମା ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ର ଜଣେ ଅଫିସରଙ୍କ ମୁଣ୍ଡରେ ରାସାୟନିକ ପଦାର୍ଥ ଢାଳିଦେବାର ଧମକ ଦେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଭାଜପା ଏମ୍‌ପି ପୁଣିଥରେ ବିବାଦ ଘେରକୁ ଆସିଛନ୍ତି।

ନଦୀରେ ଆମୋନିଆ ଫସ୍‌ଫରସ୍ ଫେଣକୁ ନିୟନ୍ତ୍ରଣ କରିବା ପାଇଁ ଉକ୍ତ ରାସାୟନିକ ସାମଗ୍ରୀ ବ୍ୟବହାର ଉପରେ ଅଫିସର ଜଣକ ଯୁକ୍ତି ବାଢ଼ୁଥିଲେ। ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ ଏବଂ ଭାରତ ସରକାରଙ୍କ ଜାତୀୟ ଗଙ୍ଗା ପରିଷ୍କରଣ ମିଶନ ଉକ୍ତ କେମିକାଲ୍‌କୁ ଅନୁମୋଦନ କରିଥିବା ସେ କହିଥିଲେ। ତେବେ ଏମ୍‌ପି ବର୍ମା ଏହାକୁ ବିରୋଧ କରି ତୁମେ ଏଠାରେ ଲୋକଙ୍କୁ ମାରିଦେଉଛ ବୋଲି କହିଥିଲେ। ୮ ବର୍ଷରେ ତୁମେ ଯମୁନାକୁ ପରିଷ୍କାର କରିବାରେ ବିଫଳ ହୋଇଛ। ଏବେ ନଦୀରେ ରାସାୟନିକ ପଦାର୍ଥ ପକାଉଛ। ଯାଇ ସେହି ପାଣିରେ ବୁଡ଼ ବୋଲି ବର୍ମା ଉକ୍ତ ଅଫିସରଙ୍କୁ କହିଥିଲେ। ଛଟ୍‌ପର୍ବରେ ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ଏଠାକୁ ଆସିଥାନ୍ତି। ଅଥଚ ତୁମେ ସେଠାରେ ରାସାୟନିକ ପକାଇବାକୁ କହୁଛି। ଏହି ରାସାୟନିକକୁ ତୁମ ମୁଣ୍ଡରେ ଢାଳିଦେବି କି ବୋଲି ଭାଜପା ଏମ୍‌ପି ଡିଜେବି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ।

## ମାଗଣା ସହାୟତା ଉପରେ ଭୋଟର ନିଷ୍ପତ୍ତି ନିଅନ୍ତୁ: କଂଗ୍ରେସ

ନୂଆଦିଲ୍ଲୀ,୨୮।୧୦ (ଆଇଏଏନ୍ଏସ୍)

ମାଗଣା ସହାୟତା ପ୍ରସଙ୍ଗରେ ଭୋଟରମାନେ ନିଷ୍ପତ୍ତି ନେବା ଉଚିତ ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ନିର୍ବାଚନ କମିଶନଙ୍କୁ ଜଣାଇଛି। କ୍ଷେତ୍ର ଅଧିକାର, ପ୍ରବର୍ତ୍ତନତା, ମାଗଣା ଉପହାରର ସଂଜ୍ଞା ଓ ଅନ୍ୟାନ୍ୟ ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ପଏଣ୍ଟ ଅନୁଯାୟୀ ଉତ୍ତର ଦିଆଯାଇଥିଲା। ଏଥିସହିତ ବ୍ୟକ୍ତିଗତ ଶୁଣାଣି ପାଇଁ ଦଳ ସମୟ ମାଗିଥିବା ଜଣାପଡ଼ିଛି। ନିର୍ବାଚନ ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବା ଯୋଗ୍ୟ ମଧ୍ୟରେ ସୀମିତ ରଖିବା ଲାଗି ପ୍ରସ୍ତାବିତ ସଂଶୋଧନ ଉପରେ ନିର୍ବାଚନ କମିଶନ ବିଭିନ୍ନ ଦଳର ମତାମତ ଲୋଡ଼ିଥିଲେ।

# ଆଜମ୍ ଖାନ୍‌ଙ୍କ ବିଧାୟକ ପଦ ଗଲା

ଲକ୍ଷ୍ନୌ,୨୮।୧୦(ପି.ଟି.)



ଘୃଣା ମନ୍ତବ୍ୟ ମାମଲାରେ ଦୋଷୀସାବ୍ୟସ୍ତ ହେବା ସହ ୩ ବର୍ଷ ଜେଲଦଣ୍ଡ ପାଇଥିବା ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କୁ ଶୁକ୍ରବାର ଉତ୍ତରପ୍ରଦେଶ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଆଜମ୍ ଅଯୋଗ୍ୟ ଘୋଷିତ ହେବା ସହ ରାମପୁର ସଦର ଆସନ ଖାଲି ପଡ଼ିଲା ବୋଲି ବିଧାନସଭାର ପ୍ରମୁଖ ସଚିବ ପ୍ରଦୀପ ଦୁବେ କହିଛନ୍ତି।

୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ପାଇଁ ବରିଷ୍ଠ ନେତା ଆଜମଙ୍କୁ ଗୁରୁବାର ରାମପୁର ଜିଲାର ଏକ ସ୍ୱତନ୍ତ୍ର ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ରାୟ ବିରୋଧରେ ସପ୍ତାହେ ମଧ୍ୟରେ ଅପିଲ କରିବାକୁ ତାଙ୍କୁ ସମୟ ଦିଆଯାଇଛି। ତାଙ୍କ ନାମରେ ୧୫୩ଏ (ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା), ୫୦୫-୧(ସର୍ବସାଧାରଣରେ ପରିହାସ କରିବା) ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ୩ଟି ଯାକ ଧାରାରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଜନପ୍ରତିନିଧି ଆଇନ ଅନୁଯାୟୀ କୌଣସି ବିଧାୟକ, ବିଧାନ ପରିଷଦ ସଦସ୍ୟ କିମ୍ବା ଏମ୍‌ପି କୌଣସି ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଯଦି ସର୍ବନିମ୍ନ ୨ ବର୍ଷ ଜେଲ ଯାଆନ୍ତି, ତେବେ ସେ ଗୃହର ସଦସ୍ୟତା ହରାଇବେ। ଏପରିକି ଜେଲଦଣ୍ଡ ଭୋଗିସାରିବା ପରେ ମଧ୍ୟ ସେ ପରବର୍ତ୍ତୀ ୬ ବର୍ଷ ନିର୍ବାଚନ ଲଢ଼ିବା ଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ।



ମସ୍କୋ ଦଖଲରେ ଥିବା ୟୁକ୍ରେନ୍‌ର ଡୋନେସ୍କ ନିକଟସ୍ଥ ଶାଖତାରସ୍କ ସହରରେ ରୁଷୀୟ ସୈନ୍ୟ ରକେଟ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ଏକ ତୈଳ ଭଣ୍ଡାର ଜଳିଯାଉ ଥିବାବେଳେ ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

# ଫିଲିପାଇନ୍ସ ବନ୍ୟାରେ ୪୨ ମୃତ

ମାନିଲା,୨୮।୧୦



ଦକ୍ଷିଣପୂର୍ବ ଏସୀୟ ଦ୍ୱୀପପୁଞ୍ଜ ରାଷ୍ଟ୍ର ଫିଲିପାଇନ୍ସରେ ଝଡ଼ତୋଫାନଜନିତ ବର୍ଷା ଯୋଗୁ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ବନ୍ୟା ଓ ଭୂସ୍ଖଳନ ଯୋଗୁ ଶୁକ୍ରବାର ୪୨ ଜଣଙ୍କ ମୃତ୍ୟୁ ଘଟିଛି। ବହୁ ସଂଖ୍ୟକ ଲୋକ ମାଟି ଅତଡ଼ା ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଫିଲିପାଇନ୍ସ ସାଗରରୁ ଆସିଥିବା ନଗାଲେ ଝଡ଼ର ସର୍ବାଧିକ ପ୍ରଭାବ ମଗୁଇନ୍‌ଡାନାଓ ପ୍ରଦେଶରେ ଦେଖିବାକୁ ମିଳିଛି। ଘଣ୍ଟା ପ୍ରତି ୭୫ କି.ମି. ବେଗରେ ପବନ ବହୁଛି। ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାବେଳେ ବିମାନ ଚଳାଚଳକୁ ମଧ୍ୟ ବାତିଲ କରାଯାଇଛି। ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଶନିବାର ସକାଳେ ପୁଣି ଉଦ୍ଧାର କାର୍ଯ୍ୟ ଚାଲିବ ବୋଲି ବାଙ୍ଗସାମୋରୋ ସ୍ୱୟଂଶାସିତ ଅଞ୍ଚଳର ଗୃହମନ୍ତ୍ରୀ ନାଗୁଇବ୍ ସିନାରିମ୍ବୋ ସୂଚନା ଦେଇଛନ୍ତି। କେବଳ ଗୋଟିଏ ସ୍ଥାନରେ ୮୦ ଜଣ ଫସିରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି। ଫିଲିପାଇନ୍ସରେ ଗ୍ରୀଷ୍ମମଣ୍ଡଳୀୟ ଝଡ଼ ଯୋଗୁ ବାରମ୍ବାର ବନ୍ୟା ଆସି ଭୂସ୍ଖଳନ ହୋଇଥାଏ। ଦେଶରେ ବର୍ଷକୁ ହାରାହାରି ୨୦ ଝଡ଼ ହୋଇଥାଏ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୪୭,୮୪,୩୬୧ | ୬୫,୮୯,୯୭୨ | ୬୧,୩୮,୧୩,୪୪୧ |
| ଭାରତ | ୪,୪୬,୪୯,୦୮୮ | ୫,୨୮,୯୯୯ | ୪,୪୧,୦୦,୬୯୧ |
| ଓଡ଼ିଶା | ୧୩,୩୬,୦୪୪ | ୯୨୦୩(+୫୩) | ୧୩,୨୬,୪୬୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ମଧୁରଝୋଲ ଗାଁ ଶୂନ୍‌ଶାନ

କବିସୂର୍ଯ୍ୟନଗର,୨୮।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା କନିଆରୀ ପଞ୍ଚାୟତ ମଧୁରଝୋଲ ଗ୍ରାମରେ ଗୁଣିଗାରେଡିକୁ କେନ୍ଦ୍ରକରି ଗତ ବୁଧବାର ଜଣେ ମହିଳାଙ୍କୁ ହତ୍ୟା ସହ ୩ ପରିବାରକୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ୩୩ ଜଣଙ୍କୁ ଗିରଫ କରଛି। ଏବେ ବି ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖିଛି। ଏପଟେ ମଧୁରଝୋଲ ଗାଁ ଜନଶୂନ୍ୟ ହୋଇଛି। ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗାଁ ବାହାରେ ପୋଲିସ ପହରା ଦେଉଛି। ଗ୍ରାମରେ ପ୍ରାୟ ୨୦୦ ପରିବାର ରହୁଥିବା ବେଳେ ଅଧିକାଂଶଙ୍କ ଘରେ ତାଲା ଝୁଲୁଛି। କେତେଜଣ ବୟସ୍କ ଏକାକୀ ରହିଛନ୍ତି। ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକେ ସେମାନଙ୍କ ଗୃହପାଳିତ ପ୍ରାଣୀ ଓ ଯାନବାହନ ପାଖ ଗାଁ ବନ୍ଧୁ ସମ୍ପର୍କୀୟଙ୍କ ଘରେ ରଖିଥିବା ଦେଖିବାକୁ ମିଳିଛି।


ମଧୁରଝୋଲ ଗ୍ରାମ

ଏଭଳି ଅପ୍ରୀତିକର ଘଟଣା ପଛର ସତ ବଖାଣିଛନ୍ତି ଗ୍ରାମର ଜଣେ ବୃଦ୍ଧ। କିଛି ଦିନ ପୂର୍ବରୁ ଗ୍ରାମରେ ଅନେକ ଶିଶୁ ଅସୁସ୍ଥ ହୋଇଥିଲେ। ସେଥିମଧ୍ୟରୁ କେତେଜଣଙ୍କ ଜୀବନ ଯାଇଥିଲା। ଏହାର ପ୍ରତିକାର ନିମନ୍ତେ ଗ୍ରାମବାସୀ ବୈଠକ କରି ତାନ୍ତ୍ରିକ ଡକାଇଥିଲେ। ତାନ୍ତ୍ରିକ ଆସି ଗ୍ରାମରେ ଗୁଣି କରିଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ସୂଚନା ଦେବାପରେ ଗଣ୍ଡଗୋଳ ଘଟିଥିବା ବୃଦ୍ଧ ଜଣକ କହିଥିଲେ। ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୫ଟି ମାମଲା ରୁଜୁ କରି ୩୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଘଟଣା ପଛର ମାଷ୍ଟରମାଇଣ୍ଡ ତାନ୍ତ୍ରିକଙ୍କୁ ପୋଲିସ କେବେ ଗିରଫ କରି କ'ଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ଅପେକ୍ଷା ରହିଛି। କବିସୂର୍ଯ୍ୟନଗର ଆଇଆଇସି ଗ୍ରାମରେ ଶାନ୍ତି ପ୍ରତିଷ୍ଠା ଲାଗି ଶାନ୍ତି କମିଟି ଗଠନ କରାଯାଇଥିଲେ ବି ଏଭଳି ଘଟଣା ଘଟିଥିବା କହିଛନ୍ତି। ଗାଁ ସ୍କୁଲ ଓ ଅଙ୍ଗନୱାଡିକୁ ଶୁକ୍ରବାର କୌଣସି ପିଲା ଆସି ନଥିବା ପ୍ରଧାନ ଶିକ୍ଷକ ସୁବ୍ରତ ରାଓ ଦୋରା କହିଛନ୍ତି। ଅଧିକାଂଶ ଗ୍ରାମବାସୀ ଖଟିଖିଆ, ଦିନ ମଜୁରିଆ ଶ୍ରେଣୀର ହେତୁ ସେମାନଙ୍କ ଜୀବନଜୀବିକା ଉପରେ ବହୁ ପ୍ରଭାବ ପଡିବ। ଆଇଆଇସି ପ୍ରଭାତ ସାହୁ କହିଛନ୍ତି ଏବେ ବି କେତେଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଆଗକୁ ଗିରଫ ସଂଖ୍ୟା ବଢ଼ିପାରେ ବୋଲି ସେ କହିଛନ୍ତି।

**ଗୁଣି ସନ୍ଦେହରୁ ହତ୍ୟା ଘଟଣା**

**ଅଧିକାଂଶଙ୍କ ଘରେ ତାଲା, ଅସୁବିଧା ଭୋଗୁଛନ୍ତି ବୟସ୍କ**

# ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲା ହାତୀ ପ୍ରେମା

ବାରଙ୍ଗ,୨୮।୧୦(ଡି.ଏନ୍.ଏ.)

**ଗୋଡ଼ରେ ମାଂସପିଣ୍ଡୁଳା ଥିବାରୁ ଅସୁସ୍ଥ ଥିଲା**



ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ମାଈ ହାତୀ ପ୍ରେମା ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛି। ନନ୍ଦନକାନନ କର୍ତ୍ତୃପକ୍ଷ ଓ ଡାକ୍ତରମାନଙ୍କ ଦ୍ୱାରା ଚାଲିଥିବା ଚିକିତ୍ସା କ୍ଷେତ୍ରରେ ସବୁପ୍ରକାର ଉଦ୍ୟମ କରାଯାଇଥିଲେ ମଧ୍ୟ ପ୍ରେମାକୁ ବଞ୍ଚାଇବାରେ ସକ୍ଷମ ହୋଇପାରି ନାହାନ୍ତି। ଗତ ୨ଦିନ ହେବ ପ୍ରେମା ସମ୍ପୂର୍ଣ୍ଣ ଭାବେ ଅସୁସ୍ଥ ହୋଇ ତଳେ ପଡିଯାଇଥିବା ବେଳେ ଆଉ ଉଠିପାରି ନ ଥିଲା। ଶେଷରେ ଅପରାହ୍ନ ୩ଟାରେ ତା'ର ମୃତ୍ୟୁ ହୋଇଛି।

ପ୍ରକାଶ ଯେ, ୬୬ ବର୍ଷ ହୋଇଥିବା ହାତୀ ପ୍ରେମା ଗତ ଜୁଲାଇ ମାସରୁ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିଥିଲା। ପରେ ତା'ର ଆଗ ବାମ ଗୋଡରେ ଏକ ମାଂସପିଣ୍ଡୁଳା ଥିବା ଜଣାପଡ଼ିଥିଲା। ମାଂସପିଣ୍ଡୁଳାକୁ ଅସ୍ତ୍ରୋପଚାର କରିବା ପରେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା। ଏପରିକି ଧୀରେ ଧୀରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ଖାଇବା ମଧ୍ୟ କମାଇବାରେ ଲାଗିଥିଲା। ଅସୁସ୍ଥ ଥିବା ସତ୍ତ୍ୱେ ପ୍ରେମା ହାତୀସଫାରିର ହାତୀଶାଳରେ ଗୋଡ଼ରେ ଶିକୁଳିବନ୍ଧା ହୋଇ ଛିଡ଼ା ହୋଇରହୁଥିଲା। କିନ୍ତୁ ଗୁରୁବାର ସକାଳେ ହାତୀଶାଳରେ ହଠାତ୍ ସେ ପଡ଼ିଯାଇଥିଲା। କର୍ମଚାରୀମାନେ ପ୍ରେମାକୁ ଉଠାଇବାକୁ ସବୁପ୍ରକାର ଚେଷ୍ଟା କରି ଉଠାଇପାରି ନ ଥିଲେ। କ୍ରେନ୍ ଦ୍ୱାରା ଉଠାଇବାକୁ ଉଦ୍ୟମ କରାଯାଇ ବିଫଳ ହେବାକୁ ପଡିଥିଲା। କ୍ରେନ ସାହାଯ୍ୟରେ ଉଠାଇବାବେଳେ ପ୍ରେମା ମଳତ୍ୟାଗ କରିଥିବା ଜଣାପଡ଼ିଥିଲା। ପ୍ରେମା ଉଠି ନ ପାରିବାରୁ ବାଧ ହୋଇ ନନ୍ଦନକାନନର ଡାକ୍ତରଙ୍କୁ ଜଣାଇ ଦିଆଯିବା ସହ ହାତୀଶାଳର ଚତୁଃପାର୍ଶ୍ୱ ଜରିପାଲରେ ଆବଦ୍ଧ କରାଯାଇ ଚିକିତ୍ସା ଆରମ୍ଭ ହୋଇଥିଲା। ଏଥିପାଇଁ ପର୍ଯ୍ୟଟକଙ୍କ ଲାଗି ହାତୀ ସଫାରି ମଧ୍ୟ ବନ୍ଦ କରାଯାଇଥିଲା। ଗୁରୁବାର ୪୦ ଓ ଶୁକ୍ରବାର ୧୦ ଲିଟର ସାଲାଇନ ସହ ଭିଟାମିନ ଏବଂ ଆଣ୍ଟିବାୟୋଟିକ ଦିଆଯାଇ ପ୍ରେମାକୁ ଛିଡ଼ା କରାଇବା ପାଇଁ ସବୁପ୍ରକାର ଚେଷ୍ଟା କରାଯାଇଥିଲା। କିନ୍ତୁ ସବୁ ଉଦ୍ୟମ ବିଫଳ ହୋଇଥିଲା। ଶେଷରେ ଶୁକ୍ରବାର ଅପରାହ୍ନ ୩ଟାରେ ହାତୀଶାଳରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରେମାର ଜୀବନ ଚାଲିଯାଇଥିଲା। ପ୍ରେମାର ମୃତ୍ୟୁ ପରେ ନନ୍ଦନକାନନରେ ହାତୀ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ବାର୍ଦ୍ଧକ୍ୟଜନିତ କାରଣରୁ ପ୍ରେମା ଗତ ୩ ମାସ ଧରି ଅସୁସ୍ଥ ହେବା ଆରମ୍ଭ ହୋଇଥିଲା। ଗୁରୁବାର ତଳେ ପଡିଯାଇ ଚେଷ୍ଟା ସତ୍ତ୍ୱେ ଉଠିପାରି ନ ଥିଲା। ଓୟୁଏଟି, ଦିଲ୍ଲୀ ଓ ଆସାମର ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ପ୍ରେମାର ଚିକିତ୍ସା କରାଯାଇଥିଲା। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

# ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ରାଉରକେଲା ଅଫିସ,୨୮।୧୦

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ରତାଖଣ୍ଡି ଗ୍ରାମର ଜଣେ ମହିଳାଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା ଅଭିଯୋଗର ଶୁଣାଣି ଶୁକ୍ରବାର ହୋଇଛି। ରାଉରକେଲା ଏଡିଜେ–୧ ବିଚାରପତି ଡ. ଭି. ସୁଜାତା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୧୧ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେହିପରି ଅନ୍ୟ ୩ ମହିଳାଙ୍କୁ ୨ବର୍ଷ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁସାରେ, ରତାଖଣ୍ଡି ଗ୍ରାମରେ ଯଶୋଦା ସିଂ (୫୫) ସପରିବାର ବାସ କରନ୍ତି। ୨୦୧୮ ମାର୍ଚ୍ଚ ୨ ତାରିଖ ରାତି ୮ଟା ସମୟରେ ହୋଲିପର୍ବ ଦିନ ରତାଖଣ୍ଡି ଗ୍ରାମର ୩ ମହିଳାଙ୍କ ସମେତ ଜିତୁ ସିଂ, ସୁରଜ ସିଂ, ଭାଗୀରଥି ସିଂ, ଭଜୁ ବଡାଇକ, ଦଶରଥ ସିଂ, ଟୁଲୁ ସିଂ, ବାପି ସିଂ, ବୁଲୁ ସିଂ, ପିନାକୀ ସିଂ, ଉଦିତ ସିଂ ଏବଂ ସଂଗ୍ରାମ ସିଂ ଯଶୋଦାଙ୍କ ଘରେ ପଶି ଡାହାଣୀ ସନ୍ଦେହରେ ତାଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ମୃତ ଯଶୋଦାଙ୍କ ସ୍ୱାମୀ ଫଗୁ ସିଂ ଓ ପୁଅ କମଳେଶ ସିଂଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ମାର୍ଚ୍ଚ ୩ ତାରିଖରେ ବୀରମିତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ରାଉରକେଲା କୋର୍ଟରେ ବିଚାରାଧୀନ ଥିଲା। ରାଉରକେଲା ଏଡିଜେ–୧ ଡ. ଭି. ସୁଜାତା ୨୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉକ୍ତ ଦଣ୍ଡବିଧାନ ଶୁଣାଇଛନ୍ତି। ସୁନ୍ଦରଗଡର ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତର ଓ ରାଉରକେଲା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସ୍ୱରୂପ ରଞ୍ଜନ ରଥ ଏହି ମାମଲା ପରିଚାଳନା କରିଥିଲେ। ଏ ସମ୍ପର୍କରେ ଏଡିଜେ–୧ ସୁଜାତାଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ବୈଜ୍ଞାନିକ ଯୁଗରେ ଏଭଳି ଅନ୍ଧବିଶ୍ୱାସ ଘଟଣା ନିନ୍ଦନୀୟ କଥା। ଯଦି କୌଣସି ବ୍ୟକ୍ତିଙ୍କ ପ୍ରତି ଅନ୍ୟାୟ ହେଉଛି ସେମାନେ ଆଇନ୍‌ର ସାହାରା ନେବା ଜରୁରୀ। ଆମ ସମ୍ବିଧାନରେ ନ୍ୟାୟ ପ୍ରଦାନ ପାଇଁ ଅନେକ ବ୍ୟବସ୍ଥା ରହିଛି। ତେଣୁ କେହି ଆଇନ୍‌କୁ ହାତକୁ ନ ନେଇ ଆଇନକୁ ସମ୍ମାନଦେବା ଉଚିତ ବୋଲି ସେ କହିଥିଲେ।

**ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା ଘଟଣା**

**୩ ମହିଳାଙ୍କୁ ୨ ବର୍ଷ ଜେଲ**

# ମାଈ ହାତୀର ମୃତଦେହ ଠାବ

ବଇଣ୍ଡା/ ମାଧପୁର, ୨୮।୧୦ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ବାମୁର ରେଞ୍ଜ ଶାନ୍ତିପୁର ଜଙ୍ଗଲରୁ ଶୁକ୍ରବାର ଏକ ମାଈ ହାତୀର ମୃତଦେହ ବନ ବିଭାଗ ଠାବ କରିଛି। ମୃତ ହାତୀର ବୟସ ୩୦ ବର୍ଷ ହେବ ବୋଲି ବିଭାଗ ଆକଳନ କରିଥିବା ବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ।

ପ୍ରକାଶ ଯେ, ଶାନ୍ତିପୁର ଜଙ୍ଗଲରେ ଏକ ହାତୀ ମରିପଡିଥିବା କେତେଜଣ ଗାଈ ଚରାଳି ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଆର୍‌ସିସିଏଫ୍ ଏମ୍. ଯୋଗଜୟାନନ୍ଦ, ଆଠମଲ୍ଲିକ ବନଖଣ୍ଡ ଦାୟିତ୍ୱରେ ଥିବା ଅନୁଗୋଳ ଡିଏଫ୍‌ଓ ବିବେକ କୁମାର, ଆଠମଲ୍ଲିକ ଏସିଏଫ୍ ଗୌରୀଶଙ୍କର ଦାସ, ବାମୁର ରେଞ୍ଜର ସରୋଜ କୁମାର ମିଶ୍ର, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆଠମଲ୍ଲିକ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି ମୃତଦେହ ବ୍ୟବଚ୍ଛେଦ କରିବା ପରେ ସେଠାରେ ତାହାକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।


ଜଙ୍ଗଲ ମଧ୍ୟରେ ହାତୀର ମୃତଦେହ।



**ଆଜିର ମନ୍ତବ୍ୟ**

ଟୁଇଟର ଏଣିକି ଘୃଣା ମନ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବିରୋଧୀଙ୍କ ସ୍ୱରକୁ ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଆଉ ଚପାଇବ ନାହିଁ ବୋଲି ଆଶା। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ତେଜସ୍ୱୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଲକୁ ସଲଖେ ହଳ ଲଙ୍ଗଳ ଲୋ,**
**ହିଡ଼କୁ ସଲଖେ କୋଡ଼ି,**
**ମୂର୍ଖକୁ ସଲଖେ କହୁଣି ଡିହଲୋ,**
**ଛଚିନ୍ଦ୍ରା ସଲଖେ ଗୋଡ଼ି ।**

ହଳ ଲଙ୍ଗଳ ସାହାଯ୍ୟରେ ବିଲକୁ ସମତୁଲ କରାଯାଏ। କୋଡ଼ି ସାହାଯ୍ୟରେ ମାଟି ପକାଇ ହିଡ଼କୁ ସିଧା କରାଯାଏ। ସେହିପରି ମୂର୍ଖ ଲୋକଙ୍କୁ ମାଡ଼ରେ ଶାସନ କରାଯିବା ବା ବାଟକୁ ଆଣିବା ଭଳି ଛଚିନ୍ଦ୍ରାରେ ଗୋଡ଼ି ବାନ୍ଧି ତାକୁ ସିଧା କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାଲି ବନ୍ଧ, ଶଠ ପ୍ରୀତି;**
**ଏ ଦୁହେଁ ଏକା ରୀତି ।**

ବାଲି ବନ୍ଧ ଦ୍ୱାରା ପାଣିକୁ ଅଟକାଇ ରଖିବା ଅସମ୍ଭବ। ପାଣି ଟିକେ ଅଧିକ ହୋଇଗଲେ ଏହି ବନ୍ଧ ଭାଙ୍ଗିଯାଇଥାଏ। ସେହିପରି ଯେଉଁ ଭଲପାଇବା ବା ପ୍ରେମରେ ଛଳନା ଓ ପ୍ରତାରଣା ଛପି ରହିଥାଏ ସେ ପ୍ରେମ ଦୀର୍ଘସ୍ଥାୟୀ ହୋଇପାରି ନ ଥାଏ। ବାଲି ବନ୍ଧ ଅତିଶୀଘ୍ର ଭୁଶୁଡିଯିବା ପରି ଏଭଳି ଛଳ ସମ୍ପର୍କ ମଧ୍ୟ ବେଶି ଦିନ ତିଷ୍ଠି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅଭିଯୁକ୍ତଙ୍କୁ ଫାଶୀ ଦେବାକୁ ଅନୁରୋଧ କଲେ ମମିତାଙ୍କ ମାଆ

**ମମିତା ମେହେର ହତ୍ୟା ମାମଲା**





■ **ମମିତା ମାଆଙ୍କ ବୟାନ ରେକର୍ଡ**

**ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୨୮।୧୦ (ଡି.ଏନ୍.ଏ.)**
ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଶୁଣାଣି ପ୍ରକ୍ରିୟାରେ ଶୁକ୍ରବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମୃତା ମମିତା ମେହେରଙ୍କ ମା’ ତୁଳସୀ ମେହେର ଏବଂ ଜଣେ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। କୋର୍ଟକୁ ସାକ୍ଷ୍ୟ ଦେବାକୁ ଆସି ମୃତା ମମିତାଙ୍କ ମାଆ ତୁଳସୀ କୋର୍ଟରେ ଅଭିଯୁକ୍ତ ଗୋବିନ୍ଦଙ୍କୁ ଫାଶୀଦଣ୍ଡ ଦେବାକୁ ଅନୁରୋଧ କରିଥିଲେ। ମମିତାଙ୍କ ବାପା ସୁଚନ୍ଦ୍ର ମେହେରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବା ଯୋଗୁ ସେ ଆଜି କୋର୍ଟରେ ହାଜର ହୋଇପାରି ନ ଥିବା ଜଣାପଡିଛି। ତେବେ ମମିତାଙ୍କ ଜଣେ ସମ୍ପର୍କୀୟ କୋର୍ଟରେ ସାକ୍ଷ୍ୟ ଦେବାକୁ ଆସିଥିଲେ। ତାଙ୍କର ମଧ୍ୟ ବୟାନ ରେକର୍ଡ କରାଯାଇଛି। ଗୁରୁବାର ମମିତାଙ୍କ ବଡବାପା କୌଶିକ ମେହେର କୋର୍ଟରେ ହାଜର ହୋଇ ସାକ୍ଷ୍ୟ ଦେଇଥିଲେ। ପୂର୍ବରୁ ମମିତାଙ୍କ ଭାଇ ବଣ୍ଟି, ସମ୍ପର୍କୀୟ ବଡ଼ଭାଇ ଓ ଏତଲା ଲେଖିଥିବା ବ୍ୟକ୍ତି ସାକ୍ଷ୍ୟ ଦେଇସାରିଛନ୍ତି। ଶୁକ୍ରବାର ମଧ୍ୟ ଏହି ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଏବଂ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଗୁରୁବାର ଭଳି ଶୁକ୍ରବାର ମଧ୍ୟ ବଲାଙ୍ଗୀର ଏସ୍‌ପି ନିତିନ କୁଶଳକର କୋର୍ଟରେ ଉପସ୍ଥିତ ଥିବା ଦେଖାଯାଇଥିଲା। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲରେ ଅଧକ୍ଷା ଭାବେ କାର୍ଯ୍ୟରତ ଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁର ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରୁ ନିଖୋଜ ହୋଇଯାଇଥିଲେ। ତାଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ମେହେର ଅପହରଣ କରି ନେଇ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଗୋବିନ୍ଦଙ୍କୁ ଟିଟିଲାଗଡ ବାରାକ୍‌ରେ ପଚରାଉଚରା କରିବାକୁ ରଖିଥିବା ବେଳେ ସେଠାରୁ ଅକ୍ଟୋବର ୧୭ ତାରିଖରେ ସେ ଫେରାର ହୋଇଯାଇଥିଲେ। ପରେ ୧୯ ତାରିଖରେ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ଗୋବିନ୍ଦଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ ଗିରଫ କରାଯାଇଥିଲା। ମମିତାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ମହାଲିଙ୍ଗଠାରେ ନିର୍ମାଣାଧୀନ ଷ୍ଟାଡିୟମରେ ମମିତାଙ୍କ ମୃତଦେହକୁ ପୋଡି ପୋତି ଦେଇଥିବା ଜଣାପଡିଥିଲା। ଏହି ହତ୍ୟାକାଣ୍ଡକୁ ନେଇ ରାଜ୍ୟା ବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା।



# classifieds Everyday
0674-2580101, 2549302





### SALE

**Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685.** D-1806

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Beauty parlour for sale at Prime location in Saheed Nagar. Contact: 9861068715, 7978670541.** D-1814

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.** D-74141

SC Plot for Sale between Cuttack & Bhubaneswar Trisulia Baranga, (Per sqft. Price Only 900/-). Immediately Starting for Construction Work. 9937450545. D-1864

Luxurious 4BHK Duplex near Balianta Bazar. Land-1400 Construction- 2200- 85Lakh. 9938219397, 9861022055. D-1867

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140



**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987



Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

Newly open full body massage ladies and gents. 8327740003, 8093860513. D-73992

**Relax, Refresh your body, Mind at Saikrupa Spa with best therapies. 8984068077.** D-1863

(TIME TO TRADES)
ଏହା ଏକ ପଞ୍ଜିକୃତ କମ୍ପାନୀ ଆପଣ ଏହା ସହିତ ଯୋଡ଼ି ହୁଅନ୍ତୁ ଏବଂ ଲାଭ ଉଠାନ୍ତୁ। ପ୍ରତ୍ୟେକ ଦିନ ୧୦୦ରୁ ୧୦୦୦୦୦ ପର୍ଯ୍ୟନ୍ତ ଏବଂ ତାଠାରୁ ଅଧିକ ରୋଜଗାର କରନ୍ତୁ। ବିନା ମାର୍କେଟ ରିସ୍କରେ। 7606990374. D-1870

### LOST

Used Repokit No.- GSPE0733293- PLSE0669832 have been lost at Bhubaneswar, dated 28.10.2022 Bajaj Finance will not be responsible for any claim on the above repokits. If anybody finds these kits please contact- Subham Das, Ph- 9337676075. D-1872

### AFFIDAVIT

Let all know that my names- Iswar Dutt Suna, Iswar Dutta Suna and Iswara Dutta Suna are of one and the same person. D-1871

### ନିରୁଦ୍ଦିଷ୍ଟ



ନାମ: ଗାୟତ୍ରୀ ସ୍ୱାଇଁ, ବୟସ- ୩୯, ସ୍ୱାମୀ- ୰ରବି ନାରାୟଣ ସ୍ୱାଇଁ, ରଙ୍ଗ- ଗୋରା, ଉଚ୍ଚତା- ୫ଫୁଟ, ଖଣ୍ଡଗିରି, ଭୁବନେଶ୍ୱର ଗତ୨୨।୧୦।୨୦୨୧ରି ଖ ଦିନ ୧୨ଟା ସମୟରେ ଘରୁ କୁଆଡ଼େ ଚାଲିଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। 7978669729. D-1868

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ପ୍ରଥମ ପୃଷ୍ଠାରୁ...

### ଶାନ୍ତି ଏକମାତ୍ର ...

ଏହି ଶାନ୍ତିସ୍ତୂପର ସୌନ୍ଦର୍ଯ୍ୟକରଣ ସହ ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହାକୁ ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୯୫ କୋଟି ଟଙ୍କା ବ୍ୟୟରେ ବସନ୍ତପୁରଠାରେ ଦୟା ନଦୀରେ ଏକ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ଏଥିସହ ପୃଥିବୀର ବିଭିନ୍ନ ଦେଶରୁ ଏକାଠି ହୋଇଥିବା ବୌଦ୍ଧ ସନ୍ନ୍ୟାସୀଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ଅପରପକ୍ଷେ ଧଉଳିରେ ରୋପ୍-ୱେ ବ୍ୟବସ୍ଥା ହେବା ନେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ମନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ଲିଫ୍ଟର ଶୁଭାରମ୍ଭ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଜାପାନ, ଆମେରିକା, ୟୁକ୍ରେନ, କାଜାକ୍‌ସ୍ତାନ, ଚାଇନା, ଶ୍ରୀଲଙ୍କା ଆଦି ବିଭିନ୍ନ ଦେଶରୁ ଏହି ବୌଦ୍ଧ ସନ୍ନ୍ୟାସୀମାନେ ଯୋଗଦେଇଥିଲେ। ବିଶ୍ୱଶାନ୍ତି ପାଇଁ ବୌଦ୍ଧ ସନ୍ନ୍ୟାସୀଙ୍କ ଶାନ୍ତିମନ୍ତ୍ରରେ ଗୁଞ୍ଜରିତ ହୋଇଉଠିଥିଲା ଶାନ୍ତିସ୍ତୂପର ପୂରା ପରିବେଶ। ୫-ଟି ସଚିବ ଭି.କେ. ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବୌଦ୍ଧ ସନ୍ନ୍ୟାସୀମାନେ ପାରମ୍ପରିକ ଡ୍ରମ ବଜାଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ବୌଦ୍ଧ ସନ୍ନ୍ୟାସୀ ଜି. ନାକାସାଟୋ, ରେଭରେଣ୍ଡ ସନ୍ନ୍ୟାସୀ ଜି. ନାକାସାଟୋ ଏବଂ ରବି ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମାକୋଟୋ ମାସୁଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଓସିଏ ସଭାପତି ...

ଅଧିକୃତ କରିଛନ୍ତି। ଓସିଏର କର୍ମକର୍ତ୍ତା ନିର୍ବାଚନରେ ସମସ୍ତ ୬ ପଦବୀ ପାଇଁ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର କେବଳ ଔପଚାରିକ ଭାବେ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧକ୍ଷ ବିକାଶ ପ୍ରଧାନ, ସହସମ୍ପାଦକ ପ୍ରଭାତ ଭୋଳ ଓ ଆପେକ୍ସ କାଉନ୍‌ସିଲ ସଦସ୍ୟ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ କିପରି ତୃଣମୂଳସ୍ତରରୁ କ୍ରିକେଟର ସୃଷ୍ଟି ହେବେ ତାହା ଉପରେ ଗୁରୁତ୍ୱ ଦିଆଯିବ ଓ ବାରବାଟୀ ଷ୍ଟାଡିୟମର ଆହୁରି ବିକାଶ କରାଯିବ ବୋଲି କହିଛନ୍ତି ସଭାପତି ପ୍ରଣବ ପ୍ରକାଶ। ଏହାସହ ଯେଉଁ ଭିଜନ ୨୦୨୪ ପାଇଁ ରହିଥିଲା ତା’ ଉପରେ ଆହୁରି ଦୃଷ୍ଟି ଦିଆଯିବ। ସମସ୍ତ ଜିଲା କ୍ରୀଡ଼ା ସଂଘର ସହଯୋଗରେ ଆଗକୁ ବଢ଼ିବୁ। ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ପାଇଁ ସବୁବେଳେ ପ୍ରୟାସ କରୁଛନ୍ତି। କ୍ରିକେଟ୍ ଓ ବାରବାଟୀ ଷ୍ଟାଡିୟମକୁ ନେଇ ଅନେକ ଯୋଜନା ରହିଛି ବୋଲି କହିଛନ୍ତି ସଭାପତି। ଅନ୍ୟପଟେ ସଞ୍ଜୟ କହିଛନ୍ତି, ଗ୍ରାମାଞ୍ଚଳରେ କ୍ରିକେଟର ବିକାଶ ପାଇଁ ଯୋଜନା ପ୍ରସ୍ତୁତି ହେଉଛି।

### ଟୁଇଟରରୁ ପରାଗ, ...

କିଣିବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଥିଲେ। ସେ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦେବାକୁ ଯାଇ ଟୁଇଟରର ଲୋକପ୍ରିୟ ଲଗୋ ‘ପକ୍ଷୀ’ ମୁକ୍ତହେଲା ବୋଲି କହିଛନ୍ତି। ଏଥିସହ ସେ ଟୁଇଟରରେ ସଂସ୍କାର ଆଣିବାକୁ ଯାଇ ପ୍ରଥମେ ଶୀର୍ଷ ପଦବୀରେ ଥିବା ୪ ଜଣଙ୍କୁ ତତ୍କାଳ ଛଟେଇ କରିଛନ୍ତି। ସେମାନେ ହେଲେ ସିଇଓ ପରାଗ ଅଗ୍ରୱାଲ, ଲିଗାଲ ଏକ୍‌ଜିକ୍ୟୁଟିଭ୍ ବିଜୟା ଗାଡ୍ଡେ, ଚିଫ୍ ଫାଇନାନ୍ସିଆଲ ଅଫିସର (ସିଏଫ୍‌ଓ) ନେଡ୍ ସେଗଲ ଏବଂ ଜେନେରାଲ କାଉନ୍ସେଲ ସିଅନ୍ ଏଡ୍‌ଗେଟ୍। ପରାଗଙ୍କୁ ଟୁଇଟର ଅଫିସରୁ ବାହାର ରାସ୍ତା ଦେଖାଇ ଦିଆଯାଇଥିବା ନେଇ ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ଡିଲ୍ ସମ୍ପୂର୍ଣ୍ଣ ହେବା ପରେ ଟୁଇଟରର ବ୍ୟବସାୟ, କର୍ମଚାରୀ ଓ ଶେୟାରହୋଲ୍ଡର୍ସଙ୍କୁ ନେଇ ରହିଥିବା ଅନିଶ୍ଚିତତା ଦୂର ହୋଇଛି। ମସ୍କ ନେଇଥିବା ଦ୍ୱିତୀୟ ତ୍ୱରିତ ପଦକ୍ଷେପ ହେଉଛି ପୂର୍ବ ମ୍ୟାନେଜମେଣ୍ଟର ଆଜୀବନ ବାସନ୍ଦ ନୀତିକୁ ହଟାଇବା, ଯଦ୍ୱାରା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଟୁଇଟରକୁ ଫେରିବା ପଥ ପରିଷ୍କାର ହୋଇଛି। ତେବେ ଏହି ଅଧିଗ୍ରହଣ ପାଇଁ ମସ୍କ ଗୋଟିଏ ଦିନରେ ୪୪ ବିଲିୟନ ଡଲାର କିପରି ଯୋଗାଡ଼ କଲେ ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ଟେସ୍‌ଲା ସିଇଓଙ୍କ ନେତୃତ୍ୱରେ ଶେୟାର କ୍ରେତାମାନଙ୍କ ଏକ ଗୋଷ୍ଠୀରେ କ୍ରିପ୍ଟୋ ଏକ୍ସଚେଞ୍ଜ ବାଇନାନ୍ସ ସାମିଲ ହୋଇଥିବା କୁହାଯାଉଛି।

ପ୍ରକାଶ ଯେ, ଗତ ଏପ୍ରିଲରେ ମସ୍କ ଟୁଇଟର କିଣିବା ନେଇ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଫେକ୍ ଆକାଉଣ୍ଟ ସଂଖ୍ୟାର ଆଳ ଦେଖାଇ ଡିଲ୍‌ରୁ ବାହାରିଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଟୁଇଟର ଅଦାଲତଙ୍କ ଆଶ୍ରୟ ନେଇଥିଲା। ଶେଷରେ କୋର୍ଟ ନିର୍ଦ୍ଧାରିତ ଡେଡ୍‌ଲାଇନ୍‌ର ଦିନକ ପୂର୍ବରୁ ମସ୍କ ଏହି ସୋସିଆଲ ମିଡିଆ ସାଇଟ୍‌କୁ କିଣିବାକୁ ବାଧ ହୋଇଥିଲେ। ଗତବର୍ଷ ନଭେମ୍ବରରେ ଟୁଇଟରର ସହପ୍ରତିଷ୍ଠାତା ଜ୍ୟାକ୍ ଡୋର୍ସି ଅବ୍ୟାହତି ନେବା ପରେ ୩୮ ବର୍ଷୀୟ ପରାଗ ଅଗ୍ରୱାଲଙ୍କୁ ଏହାର ସିଇଓ ନିଯୁକ୍ତ କରାଯାଇଥିଲା। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ବମ୍ବେ ତଥା ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ପ୍ରାକ୍ତନ ଛାତ୍ର ପରାଗ ୧ ଦଶନ୍ଧି ପୂର୍ବେ ଟୁଇଟରରେ ସାମିଲ ହୋଇଥିଲେ, ଯେତେବେଳେ କମ୍ପାନୀରେ ୧ ହଜାରରୁ କମ୍ କର୍ମଚାରୀ ଥିଲେ। ତେବେ ମସ୍କ ଏହାକୁ କିଣିବା ନେଇ ଘୋଷଣା କରିବା ପରେ କିଛି ମାସ ଧରି ତାଙ୍କ ସହ ପରାଗଙ୍କ ମତଭେଦ ଖୋଲାଖୋଲି ଭାବେ ଦେଖିବାକୁ ମିଳିଥିଲା। ସେହିପରି କମ୍ପାନୀର କଣ୍ଟେଣ୍ଟ ମଡରେଶନ୍ ନିଷ୍ପତ୍ତିରେ ହାଇଦ୍ରାବାଦ ଜନ୍ମିତ ୪୮ ବର୍ଷୀୟା ବିଜୟା ଗାଡ୍ଡେଙ୍କ ଭୂମିକାକୁ ସମାଲୋଚନା କରି ମସ୍କ ତାଙ୍କୁ ମଧ୍ୟ ବିଦା କରିଛନ୍ତି। ଟୁଇଟର କୋଫାଉଣ୍ଡର ବିଜ୍ ଷ୍ଟୋନ୍ ପରାଗ ଓ ଗାଡ୍ଡେଙ୍କୁ ସେମାନଙ୍କ ଅବଦାନ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହା ପୂର୍ବରୁ ମସ୍କ ବୁଧବାର ସାନ୍‌ଫ୍ରାନ୍ସିସ୍କୋସ୍ଥିତ ଟୁଇଟର ମୁଖ୍ୟାଳୟରେ ଇଞ୍ଜିନିୟର ଓ ଆଡ୍ ଏକ୍‌ଜିକ୍ୟୁଟିଭ୍‌ମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଟୁଇଟରରେ ନିଜ ଡେସ୍କ୍ରିପ୍‌ଶନକୁ ଅପ୍‌ଡେଟ୍ କରି ‘ଚିଫ୍ ଟୁଇଟ୍’ ବୋଲି ଉଲ୍ଲେଖ କରିଛନ୍ତି।

### ବାତ୍ୟା ଦୋହଲାଉଛି ...

ସମ୍ବଲପୁର ଓ ବାଲେଶ୍ୱରଠାରେ ରାଡାର ଲାଗିପାରିଲା ନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟରେ ସରକାର ଜମି ଓ ଟଙ୍କା ଯୋଗାଇଥିଲେ ତାହା ଅସମ୍ପୂର୍ଣ୍ଣ ହୋଇ ରହିଛି। ଏ ସମ୍ପର୍କରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଓଡ଼ିଶାର ଦୁଇଟି ସ୍ଥାନ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲର ରାଡାର ଲାଗିଛି। ଦେଶର ବିଭିନ୍ନ ସ୍ଥାନରେ ସ୍ଥାପନ କରିବାକୁ ୧୧ଟି ଡପ୍‌ଲର ରାଡାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ସମ୍ବଲପୁର ଓ ବାଲେଶ୍ୱରରେ ରାଡାର ଲାଗିବ ବୋଲି ସେ କହିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ କହିବା କଥା, ରାଜ୍ୟ ସରକାର ରାଡାର ଲଗାଇବାକୁ ଜମି ଦେବା ସହ କୋଠାଘର ନିର୍ମାଣ ପାଇଁ ଅର୍ଥ ଦେଇଛନ୍ତି। କେନ୍ଦ୍ର ସରକାରଙ୍କୁ ଏ ନେଇ ବହୁବାର ଚିଠି ଲେଖାଯାଇଛି। ଶୀଘ୍ର ଲାଗିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆଶ୍ୱାସନା ଦିଆଯାଉଛି। ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ଲୋକମାନଙ୍କ ଧନଜୀବନ ସୁରକ୍ଷା ପାଇଁ ଚେଷ୍ଟା କରିଆସୁଛନ୍ତି। ଓଡ଼ିଶାର ବାତ୍ୟା ପରିଚାଳନା ମଡେଲକୁ ଜାତିସଂଘ ମଧ୍ୟ ପ୍ରଶଂସା କରିଛି।

### କ୍ରିପ୍ଟୋ କାରବାରରେ ...

ନୀହାର ରହୁଥିବା ଫ୍ଲାଟ୍ ନଂ.୨୦୧, ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘର (ଫ୍ଲାଟ ନଂ.୧୦୧), ବଡ଼ଗଡ଼ ଜିଲା ରୋହିଣିଆସ୍ଥିତ ପୈତୃକ ଘର, ଖୋର୍ଦ୍ଧା ସାନପାଳ ଗାନ୍ଧୀନଗରସ୍ଥିତ ସମ୍ପର୍କୀୟଙ୍କ ଘର ଓ ଭୁବନେଶ୍ୱରସ୍ଥିତ ସରକାରୀ କାର୍ଯ୍ୟାଳୟ ରହିଛି। ଚଢ଼ାଉ ସମୟରେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯିବା ସହ କ୍ରିପ୍ଟୋ କରେନ୍ସି ସହ ଲିଙ୍କ୍ ଥିବାରୁ ଏହାକୁ ନେଇ ଚର୍ଚ୍ଚା ଚାଲିଛି। ନୀହାର ତାଙ୍କ କଳା ଟଙ୍କାକୁ କ୍ରିପ୍ଟୋ କାରବାରରେ ବିନିଯୋଗ କରି ଏହାର ବହୁଗୁଣ କରିବାକୁ ଲକ୍ଷ୍ୟ ରଖିଥିଲେ। ତେବେ ମାନ୍‌ଶନ ଆପାର୍ଟମେଣ୍ଟର ଫ୍ଲାଟ୍‌ରେ ଚଢ଼ଉ ସମୟରେ ନୀହାର କ୍ରିପ୍ଟୋ କରେନ୍ସି ସମ୍ବନ୍ଧିତ ୩୮ଟି ଦସ୍ତାବିଜ୍ ଓ ମୋବାଇଲକୁ ଝରକା ବାଟେ ଫୋପାଡ଼ି ଦେଇଥିଲେ। ଭିଜିନାନ୍ସ ଅଧିକାରୀଙ୍କ ନଜର ପଡ଼ିବା ପରେ ସେସବୁକୁ ଜବତ କରାଯାଇଛି। ଉକ୍ତ ଦସ୍ତାବିଜ ଅନୁସାରେ ସେ କ୍ରିପ୍ଟୋ କରେନ୍ସିରେ ୧.୭୮ କୋଟି ବିନିଯୋଗ କରିଥିବା ସୂଚନା ମିଳିଛି। ତେବେ ଆଉକିଛି ଦସ୍ତାବିଜକୁ ଫାଇନାନ୍‌ସିଆଲ୍ ଉଇଙ୍ଗ୍ ଓ କ୍ରିପ୍ଟୋ ବିଶେଷଜ୍ଞମାନେ ଯାଞ୍ଚ କରୁଥିବାରୁ ଏହି ପରିମାଣ ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଖାରବେଳନଗର ୟୁନିଟ-୩ ଶ୍ରୀରାମ ମାନ୍‌ଶନ ଆପାର୍ଟମେଣ୍ଟରେ ୩୨.୫ ଲକ୍ଷ ଟଙ୍କାର ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ ଓ ସମ୍ବଲପୁର ମୋଦିପଡ଼ାଠାରେ ଥିବା ୩ମହଲା କୋଠା ସହ ସମ୍ବଲପୁର ଜିଲାର ମୁଖ୍ୟ ଅଞ୍ଚଳରେ ୧.୨୭ କୋଟି ଟଙ୍କାର ୮ ପ୍ଲଟ୍ ଠାବ ହୋଇଛି। କବଲା ସମୟରେ ଏହାର ପ୍ରକୃତ ମୂଲ୍ୟ ଲୁଚାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ତାଙ୍କ ଘରୁ ନଗଦ ୧ ଲକ୍ଷ ୭ ହଜାର ୮୫ ଟଙ୍କା, ୩୯ ଲକ୍ଷ ଟଙ୍କାର ୨ଟି ଚାରିଚକିଆ ଯାନ, ୩ ଲକ୍ଷ ଟଙ୍କାର ୨ଟି ବାଇକ, ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୧୫.୫୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ୬୨.୪୨ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା ରହିଛି। ଏସବୁ ସମ୍ପତ୍ତିର ମୂଲ୍ୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ତେବେ ନୀହାରଙ୍କୁ ପଚରାଉଚରା ସହ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାରୁ ତାଙ୍କ ସମ୍ପତ୍ତି ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୧୨ ଜଣ ଇନ୍ସପେକ୍ଟର, ଜଣେ ଏସ୍‌ଆଇ, ୧୧ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି।

### କ୍ରିପ୍ଟୋ କରେନ୍ସି କ’ଣ?

କ୍ରିପ୍ଟୋ କରେନ୍ସି ଏକ ଡିଜିଟାଲ୍ ମୁଦ୍ରା। ଏହାର କାଗଜ କିମ୍ବା ଧାତବ ନୋଟ୍ ନାହିଁ। କେବଳ ଇଣ୍ଟରନେଟ୍‌ରେ ଏହା ପ୍ରଚଳିତ ହୋଇଥାଏ। ଏହି କରେନ୍ସି ଉପରେ କୌଣସି ସରକାର କିମ୍ବା ବ୍ୟାଙ୍କର ନିୟନ୍ତ୍ରଣ ନାହିଁ। ଭାରତରେ ଏହାକୁ ବୈଧ କରାଯାଇ ନ ଥିଲେ ମଧ୍ୟ କ୍ରିପ୍ଟୋ କାରବାର ଉପରେ ସରକାରଙ୍କ ପକ୍ଷରୁ ୩୦ ପ୍ରତିଶତ ଟିକସ ଲଗାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ବୁଧ ପାପଗ୍ରହ ରାହୁଙ୍କ ଦ୍ୱାରା ପ୍ରଭାବିତ ହେଉଥିବାରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ସକାଳୁ ମାତ୍ରାଧିକ ଭ୍ରମଣ ମନକୁ ବିଭ୍ରାନ୍ତି କରାଇବ। ଆଲୋଚନା ପରିସରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ। ଭ୍ରମଣପ୍ରିୟ ହେବେ ଓ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇବେ ।

**ବୃଷ**



ଚନ୍ଦ୍ର ନିଜର ଉଚ୍ଚସ୍ଥାନକୁ ଅବଲୋକନ କରୁଥିବାରୁ ଅଭାବ ପୂରଣ ଦିଗରେ ପଡ଼ୋଶୀଙ୍କ ସାହାଯ୍ୟ କାମକୁ ଆସିବ। ଉପରିସ୍ଥ କର୍ମଚାରୀମାନଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସଭାସମିତିରେ ବିତର୍କଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ**



ଆଜି ରାଶିରେ ମଙ୍ଗଳ ଅବସ୍ଥାନ କରୁଥିବାରୁ ଦୀର୍ଘ ଦିନର ଆଶା ସାକାର ହୋଇଯିବ। ଏହାସହ ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ, ଜମିଜମା, ବ୍ୟବସାୟ, ପରିବହନ ଦିଗରୁ ଅନୁକୂଳ ଫଳ ପାଇବେ। ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ**



ବଳହୀନ ରାଶ୍ୟାଧିପ କାରଣରୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ବନ୍ଧୁଙ୍କ ନିମନ୍ତ୍ରଣଜନିତ ମନ ଖୁସି ରହିବ। ଏହା ସାଙ୍ଗକୁ ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟ ସିଦ୍ଧିରେ ବିଳମ୍ବ ବ୍ୟସ୍ତତାର କାରଣ ହେବ। ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ**



ତୃତୀୟରେ ଏକାଧିକ ଗ୍ରହଙ୍କ ଅବସ୍ଥିତି ହେତୁ ଭ୍ରାତୃ ସମ୍ପର୍କ ଏବଂ ପାରିବାରିକ ସମସ୍ୟା ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ହାତ ଖାଲି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କେତେକ ଅଧୁରା କାମ ସମ୍ପନ୍ନ କରିବା ପାଇଁ ଯୁକ୍ତିତର୍କଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କନ୍ୟା**



ବୁଧ ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତିଜନିତ ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇ ଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ତଥାପି ମନରେ ଶାନ୍ତି ଆସି ନ ପାରେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବାର ଆଶା ରହିଛି ।

**ତୁଳା**



ଷଷ୍ଠ ଗୁରୁ ହେତୁ ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନରୂପ ଦେଇପାରନ୍ତି। ଯାତ୍ରା ଶୁଭପ୍ରଦ ହେବା ସହ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**



ଅଷ୍ଟମସ୍ଥ ମଙ୍ଗଳ ହେତୁ ମନରେ ବିରକ୍ତି ଜାଗ୍ରତ ହେବା ସହ କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମତାନ୍ତର ସମ୍ଭାବନା ରହିଛି। ଅବଶ୍ୟ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ନିର୍ମାଣ, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**



ଶନି ଦୃଷ୍ଟିରେ ବୃହସ୍ପତି ଥିବାରୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ଶୁଭଙ୍କରୀ ରହିବ। ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି । ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ନାହିଁ।

**ମକର**



ସପ୍ତମାଧିପତି ନୀଚସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା, ବିବାଦୀୟ ଘଟଣା ଓ ପରିବହନରେ ସମସ୍ୟା ଦେଖାଦେଇପାରେ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି । ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ**



ଭାଗ୍ୟଭାବରେ ବୁଧ ଓ ଶୁକ୍ର ରହିଥିବାରୁ ନୂତନ ଗୃହ, ଯାନବାହନ, ଅଳଙ୍କାର ପ୍ରଭୃତି ଜିନିଷ କିଣିବା ପାଇଁ ମନ ବଳାଇବେ। ଭାଇଙ୍କ ସ୍ୱାସ୍ଥ୍ୟହାନି ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା, ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**



ଆଜି ଶୁଭଗ୍ରହ ପ୍ରଭାବରେ କାର୍ଯ୍ୟସିଦ୍ଧି ସହ ପ୍ରିୟ ବନ୍ଧୁମାନଙ୍କ ଆଦରସୁହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢ଼ୌକନ, ବସ୍ତ୍ରାଦି ପ୍ରାପ୍ତି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଅକ୍ଟୋବର ୨୯ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ, ଶନିବାର, ଜୟୀ ରାଜଗୁରୁଙ୍କ ଜୟନ୍ତୀ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସ, କବି ଦଣ୍ଡପାଣି ମିଶ୍ରଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୩।୦୫ ଗତେ, ମୂଳା/ଧନୁ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୨୦ ଗତେ ଘ.୦୮।୪୦ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୫ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।।

**ହେତୁବାଦୀଙ୍କୁ ଲିଗାଲ୍ ନୋଟିସ୍**

**କଟକ ଅଫିସ:** ହେତୁବାଦୀ ପ୍ରତାପ ରଥଙ୍କୁ ଲିଗାଲ୍ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ ଆଇନଜୀବୀ ସନ୍ଦୀପନ ମିଶ୍ର। କାହିଁକି ପ୍ରତାପଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେ ନେଇ ଉତ୍ତର ରଖିବାକୁ ନୋଟିସ୍‌ରେ କୁହାଯାଇଛି। ୭ ଦିନ ମଧ୍ୟରେ ଉତ୍ତର ନ ରଖିଲେ ହାଇକୋର୍ଟରେ ମାମଲା ରୁଜୁ ହେବ। ହିନ୍ଦୁ ଧର୍ମକୁ ଅସମ୍ମାନ କଲା ଭଳି କଥା ଏବଂ ଗଣମାଧ୍ୟମରେ ସୂର୍ଯ୍ୟୋପରାଗକୁ ନେଇ ଆପତ୍ତିଜନକ ତଥ୍ୟ ରଖିଥିବା ପ୍ରତାପ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପାଇଁ ଆଇନଜୀବୀ ସନ୍ଦୀପନ ମିଶ୍ର କହିଛନ୍ତି।

# ଦକ୍ଷିଣ ଏସିଆ ଅଞ୍ଚଳର ଦ୍ୱାର ହେଉଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ

## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବାକୁ ଏସିଆନ ପ୍ରତିନିଧିଙ୍କୁ ଆମନ୍ତ୍ରଣ

**ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ)**

ଭୁବନେଶ୍ୱରଠାରେ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ଯାଏ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ଅନୁଷ୍ଠିତ ହେବ। ଓଡ଼ିଶା ଏବଂ ଆସୋସିଏଶନ ଅଫ୍ ସାଉଥ୍ ଇଷ୍ଟ ଏସିଆନ ନେଶନ୍ସ(ଏସିଆନ) ସହ ସାଂସ୍କୃତିକ ଏବଂ ବାଣିଜ୍ୟିକ ସମ୍ପର୍କ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଲୋକସେବା କନ୍‌ଭେନଶନଠାରେ ଆୟୋଜିତ ବ୍ୟବସାୟିକ ସମ୍ମିଳନୀ (ବିଜନେସ ସମିଟ୍)ରେ ଏସିଆନ ଦେଶର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଏସିଆନ ଅଞ୍ଚଳର ଦ୍ୱାର। ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର ରହିଥିବା ବେଳେ ବଙ୍ଗୋପସାଗରରେ ବୃହତ୍ ବନ୍ଦର ରହିଛି। ଆଧୁନିକ ଦୁନିଆ ସହ ଆମେ ଅଗ୍ରଗତି କରିବା ସହ ବୈଷୟିକ ଜ୍ଞାନକୌଶଳ ସହ ଯୋଡ଼ି ହୋଇଛୁ। ଏହା ଦୁଇ ଅଞ୍ଚଳର ସମ୍ପର୍କକୁ ଆହୁରି ସୁଦୃଢ କରିପାରିବ। ଆଗାମୀ ବର୍ଷଗୁଡ଼ିକରେ ବାଣିଜ୍ୟିକ ସମ୍ପର୍କ ବଢ଼ିବା ସହ ସାଂସ୍କୃତିକ ସମ୍ପର୍କ ମଜଭୁତ ହୋଇପାରିବ। ଏହାଦ୍ୱାରା ଅଧିକ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇ ପାରିବ। ମୁଖ୍ୟମନ୍ତ୍ରୀ ଏସିଆନ ଦେଶଗୁଡ଼ିକର ରାଷ୍ଟ୍ରଦୂତଙ୍କୁ ସେମାନଙ୍କର ଶିଳ୍ପ ପ୍ରତିନିଧିଙ୍କ ସହ ମେକ୍ ଇନ୍ କନ୍‌କ୍ଲେଭରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିବା ସହ ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଉଭୟ ଅଞ୍ଚଳର ବାଣିଜ୍ୟିକ ସମ୍ପର୍କକୁ ଦୃଢ଼ କରିବା ପାଇଁ ଏହି କନ୍‌କ୍ଲେଭ ଏକ ବଡ଼ ପ୍ଲାଟ୍‌ଫର୍ମ। ଓଡ଼ିଶା ସରକାର 'ଗଭର୍ନମେଣ୍ଟ ଟୁ ବିଜ୍‌ନେସ ଏବଂ ବିଜ୍‌ନେସ ଟୁ ବିଜ୍‌ନେସ' କ୍ଷେତ୍ରରେ ସ୍ଥାନୀୟ କମ୍ପାନୀ ଏବଂ ଏସିଆନ ଦେଶଗୁଡ଼ିକୁ ସୁବିଧା ଯୋଗାଇ ଦେବେ। କନ୍‌କ୍ଲେଭରେ ଏକ କଣ୍ଟ୍ରି ଡେସ୍କ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏସିଆନ ଦେଶଗୁଡ଼ିକୁ ପ୍ରସ୍ତାବ ଦେଇଛନ୍ତି। ଏସିଆନ ପ୍ରତିନିଧି ଦଳର ପ୍ରତିନିଧିତ୍ୱ କରୁଥିବା ଥାଇଲାଣ୍ଡ ରାଜଦୂତ ପଟାରାଟା ହଙ୍ଗଟଙ୍ଗ ଓଡ଼ିଶା ପକ୍ଷରୁ ମିଳୁଥିବା ଆତିଥେୟତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଓଡ଼ିଶା ଏବଂ ଏସିଆନ ଦେଶ ସମୂହର ସମ୍ପର୍କ ୨୫୦୦ ବର୍ଷ ପୁରୁଣା। ଓଡ଼ିଶାରେ ପ୍ରଚୁର ବ୍ୟବସାୟିକ ଓ ସାଂସ୍କୃତିକ ସମ୍ଭାବନା ରହିଛି। ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ବିଷୟରେ ସେମାନେ ନିଜ ଦେଶକୁ ଜଣାଇବେ। ଏଠାରେ ଖାଦ୍ୟ ପ୍ରକ୍ରିୟାକରଣ, ସର୍ଭିସ୍, ହସ୍ପିଟାଲିଟି ଏବଂ ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଆଦିର ବିନିମୟ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ସେ କହିଛନ୍ତି। ଅକ୍ଟୋବର ୨୬ରେ ଓଡ଼ିଶା ଗସ୍ତରେ ଆସିଥିବା ଏସିଆନ ପ୍ରତିନିଧି ଦଳର ୩ ଦିନିଆ ଗସ୍ତ ଶେଷ ହୋଇଛି। ପ୍ରତିନିଧି ଦଳକୁ ମୁଖ୍ୟମନ୍ତ୍ରୀ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଯୋଗଦେଇଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ।

# ୫-ଟି ରୂପାନ୍ତରିତ ସ୍କୁଲ୍ ଛାତରୁ ଖସିଲା ପ୍ଲାଷ୍ଟର



ସତ୍ୟନାରାୟଣ ବିଦ୍ୟାପୀଠ ଛାତରୁ ଖସି ପଡ଼ିଥିବା ସିମେଣ୍ଟ ଖଣ୍ଡ।

- ଅଳ୍ପକେ ବର୍ତ୍ତିଲେ ଶିକ୍ଷକ
- ଜୁଲାଇରେ ଉଦ୍‌ଘାଟିତ ହୋଇଥିଲା

**କେନ୍ଦୁଝର/ଢେଙ୍କିକୋଟ, ୨୮।୧୦ (ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ଢେଙ୍କିକୋଟସ୍ଥିତ ସତ୍ୟ ନାରାୟଣ(ଏସ୍ଏନ୍) ବିଦ୍ୟାପୀଠ ହାଇସ୍କୁଲର ଷ୍ଟାଫ୍ କମନରୁମ୍ (କର୍ମଚାରୀ ସାଧାରଣ ପ୍ରକୋଷ୍ଠ)ର ସିଲିଂ ପ୍ଲାଷ୍ଟର ଖସି ପଡ଼ିଛି। ସେଠାରେ ବସିଥିବା ଶିକ୍ଷକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସିଲିଂ ପଡ଼ିବା ଶବ୍ଦ ଶୁଣି ଶିକ୍ଷକମାନେ ସ୍ଥାନ ଛାଡ଼ି ପଳାଇଯାଇଥିଲେ। ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇନାହିଁ ବୋଲି ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ କୃଷ୍ଣ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନ ୩ଟାରେ ସ୍କୁଲର ଷ୍ଟାଫ୍ କମନ ରୁମ୍‌ରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବସିଥିଲେ। ସେ ସମୟରେ ଛାତର ପ୍ଲାଷ୍ଟର ଖସିବାକୁ ଲାଗିଥିଲା। ଏହା ଦେଖି ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ଶିକ୍ଷକ ମଦନ ମୋହନ ମହାନ୍ତଙ୍କୁ ଡାକି ଦେଇଥିଲେ। ଶିକ୍ଷକ ସେଠାରୁ ଉଠି ଯିବାର କିଛି କ୍ଷଣରେ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସିଥିଲା। ସେ ବସିଥିବା ଟେବୁଲ ଉପରେ ପଡ଼ି ଏକ ଗ୍ଲୋବ୍ ଭାଙ୍ଗି ଯାଇଥିଲା। ତେବେ ଶିକ୍ଷକ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତି ଯାଇଛନ୍ତି। ଉକ୍ତ ସ୍କୁଲ ୫-ଟି ଯୋଜନାରେ ମରାମତି କରାଯାଇ ଗତ ଜୁଲାଇରେ ଉଦ୍‌ଘାଟିତ ହୋଇଥିଲା। ରୂପାନ୍ତରୀକରଣକୁ ୪ ମାସ ନ ପୂରୁଣୁ ଛାତରୁ ପ୍ଲାଷ୍ଟର ଖସିବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ମାସ ତଳେ ଉକ୍ତ ବ୍ଲକ୍ ଅନ୍ତର୍ଗତ ଏକ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କକ୍ଷରୁ ପ୍ଲାଷ୍ଟର ଖସି ୭ ଜଣ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଆହତ ହୋଇଥିଲେ।

# ଦୁଇ ବାଇକ୍‌କୁ ପିଟି ଘାଟିରେ ଓଲଟିଲା ଟ୍ରକ୍, ୨ ମୃତ

**ଟ୍ରକ୍ ଚାଳକଙ୍କ ସମେତ ୪ ଗୁରୁତର**

**ଖଲ୍ଲିକୋଟ, ୨୮।୧୦ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଯାତ୍ରା ଦେଖିବାକୁ ଯାଉଥିବା ୨ ବାଇକ୍‌ରେ ୫ ଜଣ ଯୁବକଙ୍କୁ ଏକ ମାଲ୍ ବୋଝେଇ ଟ୍ରକ୍ ଧକ୍କା ଦେଇଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କମଳାପଦରର ଦିଲୀପ ପାହାନ ଓ ବିଏନ୍‌ପୁର ପଞ୍ଚାୟତର ଛେଲୁ ଗ୍ରାମର ଶ୍ରୀକାନ୍ତ ସାହୁ। ଗୁରୁତର ହେଲେ ରାଜେଶ ସାହୁ, ବାନାମ୍ବର ସାହୁ ଓ ସନ୍ତୋଷ ରାଉତ। ଦୁର୍ଘଟଣା ପରେ ଫେରାର ହୋଇଯାଉଥିବା ଟ୍ରକ୍‌ଟି କିଛିବାଟ ଗଲାପରେ ବଡ଼ ଘାଟିରେ ଓଲଟି ପଡ଼ିବାରୁ ଚାଳକ ପଶ୍ଚିମବଙ୍ଗ ଭଦୁରିଆ ଅଞ୍ଚଳର ସିନ୍ଟୁ ଯାଦବ ମଧ୍ୟ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ ଗୋଟିଏ ବାଇକ୍ ଜଳିଯାଇଛି।

ପ୍ରକାଶ ଯେ, ଖଲ୍ଲିକୋଟ ଅଞ୍ଚଳର ଦିଲୀପ, ଶ୍ରୀକାନ୍ତ, ରାଜେଶ, ବାନାମ୍ବର ଓ ସନ୍ତୋଷ ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟିରେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କନକା ଗ୍ରାମକୁ ଯାତ୍ରା ଦେଖିବାକୁ ଯାଉଥିଲେ। ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱର ଆଡ଼କୁ ଆସୁଥିବା ଏକ ଟ୍ରକ୍ (ନଂ.ଏପି ୩୯ ୟୁଏଚ୍ ୩୨୧୩) ସାନଘାଟି ନିକଟରେ ବାଇକ୍ ଓ ସ୍କୁଟି ପଛକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଭାଙ୍ଗିଯାଇଥିବା ବେଳେ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଘଟଣାସ୍ଥଳରେ ଦିଲୀପ ଓ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଥିଲା। ଗୁରୁତରମାନଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଟ୍ରକ୍‌ଟି ଘଟଣାସ୍ଥଳରୁ ଦ୍ରୁତଗତିରେ ପଳେଇ ଯାଉଥିବା ବେଳେ ବଡ଼ ଘାଟି ଉପରେ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଥିଲା। ଫଳରେ ଟ୍ରକ୍ ଭିତରେ ଡ୍ରାଇଭର ଚାପିହୋଇ ରହିଯାଇଥିଲେ। ଦୀର୍ଘ ୩ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ଅଗ୍ନିଶମ ବାହିନୀ କଟର ସାହାଯ୍ୟରେ କ୍ୟାବିନ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ମଧ୍ୟ ଖଲ୍ଲିକୋଟ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମୃତ ଦିଲୀପ ଖଲ୍ଲିକୋଟରେ ଏକ ଗ୍ୟାରେଜ କରିଥିବା ବେଳେ ଶ୍ରୀକାନ୍ତ ଖଲ୍ଲିକୋଟ ଧରାକୋଟ ସାହିରେ ଥିବା ଏକ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିଲେ ବୋଲି ଜଣାପଡ଼ିଛି।

# ୧୦ କେ.ଜି. ବ୍ରାଉନ୍‌ସୁଗାର ଜବତ





ଗିରଫ ଅଭିଯୁକ୍ତଙ୍କ ସହ ଜବତ ବ୍ରାଉନ୍‌ସୁଗାର।

- ୬ ବେପାରୀ ଗିରଫ
- ଆନୁମାନିକ ମୂଲ୍ୟ ୧୧ କୋଟି

**ବାଲେଶ୍ୱର ଅଫିସ, ୨୮।୧୦**

ବାଲେଶ୍ୱର ସହରର ଫୁଲାଡ଼ିସ୍ଥିତ କାସିମପୁର ପଡ଼ିଆରେ ବ୍ରାଉନ୍‌ସୁଗାର କାରବାର ବେଳେ ସହଦେବଖୁଣ୍ଟା ମଡେଲ ଥାନା ପୋଲିସ ଚଢ଼ାଉ କରି ୬ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୦କେ.ଜି. ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୧୧ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଆନ୍ତଃରାଜ୍ୟ ବେପାରୀ ଓ ୫ଜଣ ସ୍ଥାନୀୟ ଅରଡ଼ବଜାର ଅଞ୍ଚଳର ସୂଚନା ମିଳିଛି। ଜବତ ବ୍ରାଉନସୁଗାର ଆସାମ ଓ ପଶ୍ଚିମବଙ୍ଗ ବର୍ଡରରୁ ଆସୁଥିଲା ଯାହା ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତା ବୋଲି ଶୁକ୍ରବାର ଜିଲା ପୋଲିସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ଛାନ୍‌ଭିନ୍ ଜାରି ରଖିଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସମୟରେ ମଧ୍ୟପ୍ରଦେଶର ଆୟୁବ(୫୨) ନାମକ ଜଣେ ଆନ୍ତଃରାଜ୍ୟ ବେପାରୀ କାସିମପୁର ନିକଟସ୍ଥ ପଡ଼ିଆଠାରେ ପହଞ୍ଚି ଅରଡ଼ବଜାର ଅଞ୍ଚଳର ବ୍ୟବସାୟୀମାନଙ୍କୁ ଡାକି ବ୍ରାଉନ୍‌ସୁଗାର କାରବାର କରୁଥିଲେ। ଖବରପାଇ ସହଦେବ ଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଢ଼ାଉ କରିଥିଲା। ମୁଖ୍ୟ ଅଭିଯୁକ୍ତ ଆୟୁବଙ୍କ ସମେତ ଅରଡ଼ ବଜାର ଅଞ୍ଚଳର ସେକ ହୁସେନ, ସେକ ସଫିକ, ସେକ ରାଜୁ, ସେକ ସମୀର, ରିଣ୍ଟୁ ତରେଇଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୦କେ.ଜି. ବ୍ରାଉନ୍‌ସୁଗାର, ଦୁଇଟି ମୋଟର ସାଇକେଲ, ୬ଟି ମୋବାଇଲ ଓ ନଗଦ ୨୧ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୫୨/୨୨) ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜିଲାର ଜଳେଶ୍ୱରଠାରୁ ଆରମ୍ଭ କରି ସହରର ଅରଡ଼ବଜାର ବ୍ରାଉନ୍‌ସୁଗାରର ହବ୍ ପାଲଟିଛି। ବିଭିନ୍ନ ସମୟରେ ଆନ୍ତଃରାଜ୍ୟ ଓ ଜାତୀୟ ସ୍ତରର ବ୍ୟବସାୟୀମାନେ ଏହି ଦୁଇଟି ସ୍ଥାନରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବ୍ରାଉନସୁଗାର ପଠାଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

# ଡାକ୍ତର ମୃତ, ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**କେନ୍ଦ୍ରାପଡ଼ା ଅଫିସ, ୨୮।୧୦:** କେନ୍ଦ୍ରାପଡ଼ା ଜିଲା ଟାଉନ ଥାନା ଟାଉନ ବଳରାମପୁରରେ ଏକ ଦୁଃଖଦ ଘଟଣା ଶୁକ୍ରବାର ଦେଖିବାକୁ ମିଳିଛି। ଏଠାରେ ଘର ଭଡ଼ା ନେଇ ରହୁଥିବା ଯାଜପୁର ଜିଲା ବରୀ ଚିକିତ୍ସାଳୟର ଦନ୍ତ ଚିକିତ୍ସକ ଡା. ମନୋଜ ବସନ୍ତିଆ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ପରେ ସ୍ତ୍ରୀ କଲ୍ୟାଣୀ ଅନେକ ଔଷଧ ଖାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଠିକ୍ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଥିବାରୁ ସେ ଏବେ ସୁସ୍ଥ ଅଛନ୍ତି। କଲ୍ୟାଣୀଙ୍କ ସୂଚନା ମୁତାବକ, ୮ ବର୍ଷ ଧରି ବିବାହ ଜୀବନରେ ପାରିବାରିକ ମନୋମାଳିନ୍ୟ ବ୍ୟତୀତ କୌଣସି କନ୍ଦଳ ନ ଥିଲା। ତେବେ ସ୍ୱାମୀ ଓ ସ୍ତ୍ରୀ ଉଭୟ ମାନସିକ ରୋଗର ଶିକାର ହୋଇଥିଲୁ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଉଥିଲୁ। ସକାଳେ କଲ୍ୟାଣୀ ପଟ୍ଟାମୁଣ୍ଡାଇ ବାପଘରକୁ ଯାଉଥିବା ବେଳେ ସ୍ୱାମୀ ମନୋଜଙ୍କୁ ଫୋନ୍ କରିଥିଲେ। ସେ ଫୋନ୍ ନ ଉଠାଇବାରୁ ସନ୍ଦେହରେ ଟାଉନ ବଳରାମପୁର ଘରକୁ ଫେରିଥିଲେ। ଘର ଭିତରୁ କବାଟ ଦିଆଯାଇଥିବାରୁ ଏହାକୁ ଭାଙ୍ଗି ପଶିବା ପରେ ମନୋଜ ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମାଓବାଦୀ ଦମନ ଲାଗି ଏରିଏଲ ସର୍ଭେ

## ପୋଲିସ, ବିଏସ୍ଏଫ୍, ସିଆର୍‌ପିଏଫ୍‌ର ମିଳିତ ବୈଠକ

**ଫୁଲବାଣୀ ଅଫିସ, ୨୮।୧୦**

କନ୍ଧମାଳ ଜିଲାରେ କିଛି ଦିନ ହେଲା ମାଓବାଦୀମାନେ ହିଂସ୍ର ହୋଇ ଉଠିଛନ୍ତି। ସେମାନଙ୍କୁ ଦମନ କରିବା ଲାଗି ପୋଲିସ ତତ୍ପର ହୋଇଉଠିଛି। ଏଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ହେଲିକେପ୍ଟରରେ



ବରିଷ୍ଠ ପୋଲିସ, ବିଏସ୍ଏଫ୍, ସିଆର୍‌ପିଏଫ୍ ଅଧିକାରୀମାନେ।

ଏରିଏଲ ସର୍ଭେ ହେବ। ରାଜ୍ୟ ପୋଲିସ ସହ ସିଆରପିଏଫ ଏବଂ ବିଏସ୍ଏଫ୍ ମାଓବାଦୀ ଦମନରେ ସାମିଲ ହେବା ନେଇ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଶୁକ୍ରବାର ରାଜ୍ୟ ପୋଲିସ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, ଆଇଜି (ଅପରେଶନ) ଅମିତାଭ ଠାକୁର, ଡିଆଇଜି ଏସ୍ଆଇଡବ୍ଲ୍ୟୁ ଅନିରୁଦ୍ଧ କୁମାର ସିଂ, ବିଏସ୍ଏଫ ଆଇଜି ଧନେଶ୍ୱର କୁମାର ଶର୍ମା, ଡିଆଇଜି ଧୀରେନ୍ଦ୍ର କୁମାର ପ୍ରମୁଖ ଏକ ହେଲିକପ୍ଟରରେ ଆସି ଫୁଲବାଣୀ ପୋଲିସ ରିଜର୍ଭ ପଡିଆରେ ଓହ୍ଲାଇଥିଲେ। ସେଠାରୁ ଗାଡିରେ ଜିଲା ପୋଲିସ ମୁଖ୍ୟାଳୟ ଆସି ମାଓବାଦୀ ଦମନ ସଂକ୍ରାନ୍ତରେ ଏସ୍‌ପି ଭିନୀତ ଅଗ୍ରୱାଲ, ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ବାଲିଗୁଡା ଏସ୍‌ଡିପିଓ ଜି.ରାଘବେନ୍ଦ୍ର, ସିଆର୍‌ପିଏଫ କମାଣ୍ଡାଣ୍ଟ ଆନନ୍ଦଝାଙ୍କ ସହ ଆଲୋଚନା କରିଥିଲେ। ଜିଲାର ମାଓବାଦୀ ପ୍ରଭାବିତ ଅଞ୍ଚଳ ଗୋଚ୍ଛାପଡ଼ା, ପାହିରାଜୁ, କଲମପଦର, ରାକା, ମିଣ୍ଡୁନପଦର, ସାଡ଼ିଙ୍ଗିଆ, ଲୁବେନଗଡ଼ ଏବଂ ଆଉ କେତେକ ଅଞ୍ଚଳରେ ଏରିଅଲ ସର୍ଭେ ହେବ। ମାଓବାଦୀ ଦମନ ପାଇଁ ଆଗକୁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଜି ଠାକୁର କହିଛନ୍ତି। ଏଥିସହ ସେମାନେ ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ବିଏସ୍ଏଫ ଆଇଜି ଧନେଶ୍ୱର କୁମାର ଶର୍ମା କହିଛନ୍ତି, ରାଜ୍ୟ ସରକାର ମାଓବାଦୀ ଦମନ ପାଇଁ ସେମାନଙ୍କ ସହଯୋଗ ଲୋଡ଼ିଲେ ସେହି ଅନୁସାରେ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ। ସରକାରଙ୍କ ଯୋଜନା ଅନୁସାରେ ସବୁ କାମ ହେବ। ତାହା ଉପରେ ଅଧିକ କିଛି କହି ହେବନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ କୋମ୍ବିଂ ଅପରେଶନ ବେଳେ ପୋଲିସ ଗୁଳିରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସର୍ଚ୍ଚ ଅପରେସନ ବେଳେ ଜଙ୍ଗଲରୁ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ଲାଲ ବାହିନୀ ଗତ ସୋମବାର ପୋଲିସ ଇନଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ଏକ ଠିକା ସଂସ୍ଥାର ଜେସିବି, ଟ୍ରାକ୍ଟର ଆଦି ପୋଡି ଦେଇଥିଲେ।

**ବିଶ୍ୱ ମସ୍ତିଷ୍କାଘାତ ଦିବସ**
୨୯ ଅକ୍ଟୋବର, ୨୦୨୨
DSPL - 245

ମସ୍ତିଷ୍କକୁ ରକ୍ତ ପ୍ରବାହ ବନ୍ଦ ହୋଇ ହଠାତ୍ ଦୁର୍ବଳ ଲାଗିବା ଓ ଶରୀରର କୌଣସି ପାର୍ଶ୍ୱର ବିଭିନ୍ନ ଅଙ୍ଗ ପକ୍ଷାଘାତରେ ଆକ୍ରାନ୍ତ ହେବାକୁ ମସ୍ତିଷ୍କାଘାତ (ଷ୍ଟ୍ରୋକ୍) କୁହାଯାଏ। ବୟସ୍କମାନଙ୍କର ମସ୍ତିଷ୍କାଘାତ ହେବାର ଆଶଙ୍କା ବଢ଼ିଯାଇଥାଏ, ଏଣୁ ସେମାନେ ନିଜ ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ।

**କାରଣ :**
- ଉଚ୍ଚ ରକ୍ତଚାପ
- କୋଲେଷ୍ଟେରଲ୍ ର ମାତ୍ରାଧିକ୍ୟ
- ମଧୁମେହ
- ଧୂମପାନ ଓ ମଦ୍ୟପାନ
- ମୋଟାପଣ (ମେଦବହୁଳତା)
- କମ୍ ଶାରିରୀକ ପରିଶ୍ରମ (ଆଳସ୍ୟ)
- ଅତ୍ୟଧିକ ମାନସିକ ଚାପ

**ଲକ୍ଷଣ :**
- ହଠାତ୍ ମୁଖର ଗୋଟିଏ ପାର୍ଶ୍ୱ ମାଂଶପେଶୀ ଦୁର୍ବଳ ହେବା କିମ୍ବା ଝିମ୍‌ଝିମ୍ ଲାଗିବା
- ଗୋଟିଏ ପାର୍ଶ୍ୱ ହାତ/ଗୋଡ ଦୁର୍ବଳ କିମ୍ବା ଅଚଳ ହୋଇଯିବା, ମାଂସପେଶୀ ଟାଣ ହୋଇଯିବା
- ଖନେଇ ଖନେଇ କଥାହେବା ବା କଥାବାର୍ତ୍ତା କରିନପାରିବା
- ବାଉଳିଉଉଳି ହେବା, ଝାପ୍‌ସା ଦେଖାଯିବା, ହଠାତ୍ ଅସହ୍ୟ ମୁଣ୍ଡବିନ୍ଧା ହେବା

**ପ୍ରତିରୋଧ ଓ ନିୟନ୍ତ୍ରଣ :**
- ନିୟମିତ ରକ୍ତଚାପ ଓ ମଧୁମେହର ପରୀକ୍ଷା ଏବଂ ତାର ନିୟନ୍ତ୍ରଣ
- ଧୂମପାନ ଓ ମଦ୍ୟପାନ ବର୍ଜନ
- ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା
- ପ୍ରାତଃ ଭ୍ରମଣ ଓ ଶାରିରୀକ ପରିଶ୍ରମ କରିବା
- ନିୟମିତ ଯୋଗ ବା ବ୍ୟାୟାମ କରିବା
- ମାଛ, ମାଂସ, ତେଲ ତଥା ଚର୍ବିଜାତୀୟ ଖାଦ୍ୟର ନିୟନ୍ତ୍ରଣ
- ୩୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ

OIPR-10003/13/0106/2223

**ସୁସ୍ଥ ଜୀବନଶୈଳୀ ଆପଣାନ୍ତୁ ଓ ମସ୍ତିଷ୍କାଘାତ (ଷ୍ଟ୍ରୋକ୍)କୁ ପ୍ରତିରୋଧ କରନ୍ତୁ।**

facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**SOPHITORIUM GROUP OF INSTITUTIONS**
SOPHITORIUM CAMPUS, COLLEGE ROAD, JATNI, KHURDA, ODISHA, PIN - 752050
Visit us at: www.sophitorium.net,
Mail us at: job.sophitorium@gmail.com
Call us at : 0674-2491300 / 2491400 / 2492614
Contact : 9437286554 / 9777533653

**ADVERTISEMENT**

Sophitorium Group of Instititutions, one of the premier group of Educational Institutions invite applications from academically brilliant candidates only for different positions in its academics and Research & Development positions

**POSITIONS:**
Professor/Associate Professor/Asst Professor/Research Associates/ Senior Research Fellow/Junior Research Fellow.

**DEPARTMENTS:**
Mathematics / Economics / English / Hotel Management / Tourism / MCA / MBA / Sociology / Engineering (Civil / Computer Sc. / Electrical / Electronics / Mechanical / Physics / Chemistry / Biotechnology / Social Work / Journalism and Mass Communication / M.Com.

**NON-TEACHING POSITIONS:**
Librarian / Office Asst. / Hardware & Networking / Lab Asst. (Physics / Chemistry / Mechanical / Civil / Electrical / Electronics / Comp.Sc / Biotechnology / Food Production)

**ELIGIBILITY & SALARY :**
As per AICTE / UGC / R & D Organizations norms
Interested candidates are advised to mail their applications along with resume & copy of Certificates

**PRASHANTI HOSPITAL**
(A UNIT OF PRASHANTI SUPER SPECIALIST HOSPITAL PVT.LTD)
An upcoming 300 bedded Super Speciality Hospital in Bhubaneswar invites applications for Part time / Full time Consultants for morning & evening session in the field of
CARDIOLOGY, GENERAL MEDICINE, GENERAL SURGERY, NEUROLOGY, UROLOGY, GYNAECOLOGY, PEDIATRIC, RADIOLOGY, ORTHOPEDICS, DENTAL, OPHTHALMOLOGY & ENT

**Applications are invited for the following posts.**
Physiotherapist / Occupational Therapist / Rehabilitation Therapist / Nursing Superintendent / Staff Nurse / Paramedical Staff-All Departments Pathology-Radiology-Nursing-Admin. / Staff-Guest Relation Executive, Receptionist-Hospital Administration- X-Ray Technician-MRI/CT Scan/Cath Lab/ OT Technician / Security Officer/Security Supervisor/Security Guard / Security Gunman/Garden Supervisor/ Transport Supervisor/Ambulance Driver/ Driver / Ward Boy / Nursing Asst. / Compounder / Pharmacists / Billing Asst./ Accounts Asst. / Electrical Supervisor / Electrician/Plumber/ Oxygen Plant Operator / ICU In-charge / ICU Attendants / Bio-Medical Engineer

*Attractive Salary & Packages as per company norms.*

Drop/Send your CV by 15TH NOVEMBER 2022
-Walk-in- interview on-
29 & 30th October 2022 & 5th & 6th, 12th & 13,19 & 20 Nov 2022
Venue: **Hotel Park Premium**
Tosali Apartment, Near Durgamandap,Satyanagar ,Bhubaneswar-751007
E.mail: hospitalprashanti@gmail.com, info@prashantihospital.com

ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। **–ଶ୍ରୀମା**



# ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରକୃତ କଥା ହେଉଛି, ସରକାର ଆଗାମୀ ବଜେଟକୁ ଶେଷ ଓ ପ୍ରଭାବୀ ବୋଲି ବିଚାର କରି ଫାଇନାନ୍ସ ସର୍ଭିସ ସେକ୍ରେଟାରି ସଞ୍ଜୟ ମାଲହୋତ୍ରାଙ୍କୁ ନୂଆ ରାଜସ୍ୱ ସଚିବ ଭାବେ ନିଯୁକ୍ତ କରିଛନ୍ତି। ରାଜସ୍ଥାନ କ୍ୟାଡର ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମାଲହୋତ୍ରା ନଭେମ୍ବର ଶେଷରେ କାର୍ଯ୍ୟରତ ପଦାଧିକାରୀ ତରୁଣ ବଜାଜଙ୍କ ଅବସର ପରେ ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ଭାରତ ଖାଦ୍ୟ, ଇନ୍ଧନ ଏବଂ ସାର ସବ୍‌ସିଡି ଜନିତ ବୋଝକୁ ସାମ୍ନା କରୁଛି ଓ ଡଲାର ତୁଳନାରେ ଭାରତର ମୁଦ୍ରା ମୂଲ୍ୟ ହ୍ରାସପାଉଛି। ଏଭଳି ସ୍ଥିତିରୁ ଦେଶକୁ ଉଦ୍ଧାର କରିବା ଲାଗି ଅତିରିକ୍ତ ଶକ୍ତିଗୁଡ଼ିକ ତ୍ୱରିତ୍ ପଦକ୍ଷେପ ନେଉଛନ୍ତି। ଏ କ୍ଷେତ୍ରରେ ରାଜସ୍ୱ ବିଭାଗର ଶୀର୍ଷରେ ରହି ମାଲହୋତ୍ରା ବଜେଟ ସହ ସମ୍ବନ୍ଧ ଥିବା ଟିକସ ସମ୍ପର୍କିତ ବିଷୟଗୁଡ଼ିକୁ ଶେଷ ସ୍ପର୍ଶ ଦେବାର ଉତ୍ତରଦାୟିତ୍ୱ ବହନ କରିବେ। ତାଙ୍କୁ ଟିକସ ସଂଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ରହିବ। ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ(ଏସିସି) ନିର୍ଦ୍ଦେଶକ୍ରମେ ଏବକାର ଅଦଳବଦଳରେ ମାଲହୋତ୍ରାଙ୍କ ନିଯୁକ୍ତି ସହ ବହୁ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇଥିବା ଜଣାଶୁଣା ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ୧୯୮୮ ବ୍ୟାଚ୍ ଆନ୍ଧ୍ରପ୍ରଦେଶ କ୍ୟାଡର ଅଧିକାରୀ ଗିରିଧର , ଯିଏ କି ପରବର୍ତ୍ତୀ ପ୍ରତିରକ୍ଷା ସଚିବ ହେବେ। ମଧ୍ୟପ୍ରଦେଶ କ୍ୟାଡର ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅଲକା ଉପାଧ୍ୟାୟ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ନୂଆ ସଚିବ ହୋଇଛନ୍ତି ଏବଂ ଝାଡ଼ଖଣ୍ଡ କ୍ୟାଡର ଅଧିକାରୀ ନଗେନ୍ଦ୍ର ସିହ୍ନା ପରବର୍ତ୍ତୀ ଇସ୍ପାତ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାର କାର୍ଯ୍ୟକାଳର ଶେଷ ବର୍ଷରେ ପ୍ରବେଶ କରିବାକୁ ଯାଉଥିବାରୁ ବଜେଟ ଓ ଆଗାମୀ କିଛି ମାସ ସରକାରଙ୍କ ପାଇଁ ଭାଗ୍ୟ ନିର୍ଦ୍ଧାରକ ହୋଇପାରେ।

### ଆଇପିଏସ୍ ଅଧିକାରୀ ଅଭାବ

ଜମ୍ମୁ କଶ୍ମୀରରେ ଆଇପିଏସ୍ ଅଧିକାରୀମାନଙ୍କର ଅଭାବକୁ ଲକ୍ଷ୍ୟ କରି ସରକାର ଏବେ ୧୩ ଏସ୍‌ଏସ୍‌ପି ଅଧିକାରୀଙ୍କୁ କାର୍ଯ୍ୟନିର୍ବାହୀ ଡିଆଇଜି ଭାବେ ପଦୋନ୍ନତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉଚ୍ଚସ୍ତରରେ ଖାଲି ଥିବା ପଦବୀ ଲାଗି ୧୪ ବର୍ଷ ଚାକିରି ପୂରଣ କରିବା ବାଧ୍ୟତାମୂଳକ ଥିବାବେଳେ ଏହା ବିନା ଏମାନଙ୍କୁ ପଦୋନ୍ନତି ଦିଆଯାଉଛି। ସୂତ୍ରରୁ ପ୍ରକାଶ , ମଞ୍ଜୁରିପ୍ରାପ୍ତ ୨୯ଟି ଡିଆଇଜି ପଦବୀ ମଧ୍ୟରୁ ୨୦ଟି ଖାଲି ରହିଛି। ତିନିଜଣ ଆଇପିଏସ୍ ଡିଆଇଜି ର୍‍ୟାଙ୍କ୍ ଅଧିକାରୀ ଅମିତ କୁମାର, ତେଜିନ୍ଦର ସିଂ ଏବଂ ଅବଦୁଲ ଜବ୍ବାର ଏବେ ସେଣ୍ଟ୍ରାଲ ଡେପୁଟେଶନରେ ଅଛନ୍ତି। କୁହାଯାଉଛି ଯେ,୨୦୦୯ ବ୍ୟାଚ୍‌ର ୩ ଜଣ ଏବଂ ୨୦୧୦ ବ୍ୟାଚ୍‌ର ୧୦ ଜଣ ଅଧିକାରୀ କାର୍ଯ୍ୟବାହକ ଡିଆଇଜି ଭାବେ ପଦୋନ୍ନତି ପାଇବାର ବେଶି ସମ୍ଭାବନା ରହିଛି। ସମ୍ଭାବ୍ୟ ପଦୋନ୍ନତି ତାଲିକାରେ ଥିବା ୨୦୧୦ ବ୍ୟାଚ୍ ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ଆର୍.ଏମ୍. ଭଟ୍ଟ, ଏସ୍‌ଏସ୍‌ପି ବରମୁଲ୍ଲା ; ଶ୍ରୀଧର ପାଟିଲ,ଏଆଇଜି ଟେକ୍‌ନିକାଲ ହେଡ୍‌କ୍ୱାର୍ଟର୍ସ ; ଅଲ୍‌ତାଫ ଅହମ୍ମଦ ଖାନ୍,ଏସ୍‌ଏସ୍‌ପି ସିଆଇଡି ; ବିକାଶ ଗୁପ୍ତା,ଓଏସ୍‌ଡି, ପ୍ରିଜିନ୍ସ ; ନିଶା ନାଥ୍ୟାଲ ଓ ଜାଭିଦ ଇକ୍‌ବାଲ ମାଟ୍ଟୋ, ଏଆଇଜି ବିଲ୍‌ଡିଂ ପୋଲିସ ହେଡ୍‌କ୍ୱାର୍ଟର୍ସ ଏବଂ ଅନ୍ୟମାନେ। ପଦୋନ୍ନତିପାଇବାକୁଥିବା ୨୦୦୯ ବ୍ୟାଚ୍‌ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ଇମ୍‌ତିଆଜ ଇସ୍‌ମାଇଲ ପରାୟେ, ଶୈଳେନ୍ଦ୍ର ମିଶ୍ର ଏବଂ ରାହୁଲ ମଲିକ। ଏହି ଅଧିକାରୀମାନଙ୍କୁ ଯଥାକ୍ରମେ ୧୩ ଓ ୧୨ ବର୍ଷ ଚାକିରି ପରେ କାର୍ଯ୍ୟବାହକ ଡିଆଇଜି ଭାବେ ପଦୋନ୍ନତି ଦିଆଯାଉଛି ଓ ୧୪ ବର୍ଷ ଚାକିରି ପୂରଣ ହେବା ପରେ ଏହି ପଦବୀକୁ ନିଶ୍ଚିତ କରାଯିବ।

### ଯୁବ ଅଧିକାରୀଙ୍କୁ ଏପିଓ

ଜଣେ ଆଇଏଏସ୍ ଅଧିକାରୀଙ୍କ ପାଖରେ ଆୱେଟିଂ ପୋଷ୍ଟାଲ୍ ଅର୍ଡର(ଏପିଓ) ପହଞ୍ଚିବା ଅର୍ଥ ତାହା ତାଙ୍କ କାର୍ଯ୍ୟକାଳର ବିଫଳତା ପାଇଁ ନିଆଯାଇଥିବା ପଦକ୍ଷେପକୁ ସୂଚିତ କରେ। ନିକଟରେ ରାଜସ୍ଥାନର ଯୋଧପୁର ଡେଭ୍‌ଲପମେଣ୍ଟ ଅଥରିଟିରେ କମିଶନର ଭାବେ ଅବସ୍ଥାପିତ ହୋଇଥିବା ୨୦୧୭ ବ୍ୟାଚ୍ ଯୁବ ଅଧିକାରୀ ଅବଧେଶ ମିନା ତାଙ୍କ ଏପିଓ ଅର୍ଡର ଗ୍ରହଣ କରିଥିବାବେଳେ ଏହା ରାଜ୍ୟରେ ଏକ ଆଶ୍ଚର୍ଯ୍ୟଜନକ ସ୍ଥିତି ତଥା ଭୟର ବାତାବରଣ ଖେଳାଇଦେଇଛି। ଏପିଓ ଅର୍ଡର ଗ୍ରହଣ କରିବା ସମୟରେ ମିନା ଅନ୍ୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ରାଜସ୍ଥାନରେ ବାବୁମାନେ ଅସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟିହୋଇଛି। କେତେକେ କହୁଛନ୍ତି, ଅବଧେଶଙ୍କ ପ୍ରଦର୍ଶନ ଆଶାକରାଯାଉଥିବା ସ୍ତରରୁ କମ୍ ଥିଲା। ଅନ୍ୟମାନେ କହୁଛନ୍ତି ଯେ, ଏହି ବାବୁ ଶାସକ କଂଗ୍ରେସ ନେତାମାନଙ୍କ କଲ୍‌ଗୁଡ଼ିକର ଉତ୍ତର ଦେଉ ନ ଥିଲେ କି ଠିକ୍ ଭାବେ ସଞ୍ଚାଳନ କରୁ ନ ଥିଲେ ଏବଂ ଏପିଓ ଅର୍ଡର ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ (ସିଏମ୍‌ଓ) ନିର୍ଦ୍ଦେଶରେ ଆସିଛି। ଏହି କାର୍ଯ୍ୟାନୁଷ୍ଠାନ ଏତେ ଶୀଘ୍ର ନିଆଯାଇଥିଲା ଯେ, ସହର ବିକାଶ ଓ ଗୃହନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ କେ.ଏଲ୍. ମିନା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହ ଅନୁଷ୍ଠିତ ବୈଠକରୁ ଫେରିବା ପରେ ଜାଣିବାକୁ ପାଇଥିଲେ। ଆଶ୍ଚର୍ଯ୍ୟକର ଯେ, ଅଶୋକ ଗେହଲଟ ସରକାରରେ ଅବଧେଶଙ୍କୁ ୫ଥର ବଦଳି କରାଯାଇଛି। ଏବକାର ଦାୟିତ୍ୱରେ ସେ ମାତ୍ର ୩ମାସ ପାଇଁ ରହିଥିଲେ। ସୂତ୍ରରୁ ପ୍ରକାଶ, କମ୍ ସମୟ ଅବଧିରେ ଏହି ପଦବୀରେ ଅବଧେଶ ମିନାଙ୍କ ପୂର୍ବରୁ ତିନି ଜଣ ଅଧିକାରୀ ଗୌରବ ଅଗ୍ରୱାଲା, କ୍ୟୁ. ଚୌଧୁରୀ ଏବଂ ଇନ୍ଦରଜିତ୍ ଯାଦବଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏବକାର ସ୍ଥିତିରୁ ଜଣାପଡୁଛି, ଖୁବ୍ ଶୀଘ୍ର ଉକ୍ତ ପଦବୀରେ ଜଣେ ନୂଆ ବାବୁ ନିଯୁକ୍ତି ପାଇବେ।

Email: dilipcherian@gmail.com

# କୋଟିଆ କାହାର



ଡ. ପ୍ରଫୁଲ୍ଲ କୁମାର ସାହୁ

ଦୀର୍ଘ ସାତ ଦଶନ୍ଧିଧରି କୋଟିଆ ଗ୍ରାମପୁଞ୍ଜକୁ ନେଇ ଓଡ଼ିଶା ଓ ଆନ୍ଧ୍ର ଭିତରେ ଲାଗିରହିଛି ସୀମା ବିବାଦ। ଓଡ଼ିଶା ପ୍ରଶାସନିକ ମାନଚିତ୍ରରେ କୋଟିଆ ପଞ୍ଚାୟତ କୋରାପୁଟ ଜିଲାର ପଟାଙ୍ଗି ବ୍ଲକ ଅଧୀନରେ ଥିଲେ ମଧ୍ୟ ତାକୁ ନିଜର ବୋଲି ଦାବି କରୁଛି ଆନ୍ଧ୍ର। କୋଟିଆ ଗ୍ରାମପଞ୍ଚାୟତ ୨୮ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ ଗ୍ରାମ ବିଜୟନଗରମ୍ ଜିଲାର ସାଲୁର ମଣ୍ଡଳ ଅନ୍ତର୍ଗତ ଫଗୁଣ ସିନେରୀ, ଫାଟୁ ସିନେରୀ ଓ ଗଞ୍ଜେଇପଦର ପଞ୍ଚାୟତ ଭିତରେ ରହିଛି ବୋଲି କହି ଛିଡ଼ା କରୁଛି ବିବାଦ। ପୂର୍ବରୁ ଷଡ଼ଯନ୍ତ୍ର କରି ଓଡ଼ିଶା ହାତରୁ ସେ ପାଟିପେଣ୍ଟା ଓ ଗୋରାମୁଠା ଆଦି ଅଞ୍ଚଳ ଛଡ଼େଇ ନେଇସାରିଛି ଏବଂ ସମାନ ଉପାୟରେ କୋଟିଆ ଦଖଲ ପାଇଁ କେତେବେଳେ ସେଠାରେ ପଞ୍ଚାୟତ ନିର୍ବାଚନ କରୁଛି ତ କେତେବେଳେ ଗାଆଁ ମୁଣ୍ଡରେ ଲାଗିଥିବା ଓଡ଼ିଆ ଭାଷାରେ ଲିଖିତ ନାମ ଫଳକକୁ କାଢ଼ିନେଇ ଲଗାଉଛି ତେଲୁଗୁ ଭାଷାର ନାମଫଳକ।

୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ସହିତ ଅବିଭାଜିତ ଜୟପୁର ଜମିଦାରୀ ଓ ତାହା ବାହାରେ ଥିବା ପଟାଙ୍ଗି ତାଲୁକକୁ ମିଶାଇ ଗଠନ ହେଲା କୋରାପୁଟ ଜିଲା। ଏହି ପ୍ରକ୍ରିୟାରେ ମାନ୍ଦ୍ରାଜ ପ୍ରେସିଡେନ୍‌ସିରୁ ଯେଉଁ ଗାଁଗୁଡ଼ିକ ଓଡ଼ିଶାକୁ ହସ୍ତାନ୍ତର ହେଲା, ତା'ର ଏକ ତାଲିକା ପ୍ରସ୍ତୁତ କରି ଓଡ଼ିଶା ସରକାରଙ୍କୁ ପ୍ରଦାନ କଲେ ଭାଇଜାଗ୍ ପାଟନାମ୍‌ର ଜିଲାପାଳ। ସେହି ତାଲିକାରେ ପାଟିପେଣ୍ଟା ଜମିଦାରୀ ଥିଲା ଏବଂ ୧୯୫୨ରେ ତାହା ଉଚ୍ଛେଦ ହେବା ପରେ ଓଡ଼ିଶାରେ ମିଶିଲା ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା (୨୯।୧୨।୧୯୫୨) ବିଜ୍ଞପ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ନକ୍ସାରୁ ଆଶ୍ଚର୍ଯ୍ୟଜନକ ଭାବରେ ଉଭାନ ହୋଇଗଲା ପ୍ରାଟିପେଣ୍ଟା ଜମିଦାରୀ ଅନ୍ତର୍ଗତ ଗ୍ରାମସମୂହ। କେବଳ ପ୍ରାଟିପେଣ୍ଟା ନୁହଁ, ଜୟପୁର ଜମିଦାରୀ ଅଧୀନରେ ଥିବା ଗୋରାମୁଖାର ୧୩ଟି ଗାଁ ମଧ୍ୟ ନକ୍ସାରେ ସ୍ଥାନ ପାଇଲାନି, ଯେଉଁସବୁ ଗାଁର ଲୋକେ ଆଗ୍ରହର ସହିତ ଓଡ଼ିଶାରେ ମିଶିଥିଲେ ନିଜ ଓଡ଼ିଆତ୍ୱର ପରିଚୟ ନେଇ। ସେମାନଙ୍କ ଭାବାବେଗ ପ୍ରତି ସେତେବେଳେ ଓଡ଼ିଶା ସରକାର ଦୃଷ୍ଟି ନ ଦେବା କାରଣରୁ ସେ ସବୁ ଗ୍ରାମ ଏବେ ଆନ୍ଧ୍ର କବ୍‌ଜାରେ।

ଓଡ଼ିଶା ସ୍ୱତନ୍ତ୍ର ହେବାର ଦୁଇ ଦଶନ୍ଧି ପରେ ଆନ୍ଧ୍ରପ୍ରଦେଶର ଜନ୍ମ। ମାନ୍ଦ୍ରାଜ ପ୍ରେସିଡେନ୍ସିରୁ ଅଲଗା ହୋଇ ତାହା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଚିହ୍ନଟ ହେଲା (୧୯୫୯ ବନ୍ଦୋବସ୍ତ) ଆନ୍ତଃରାଜ୍ୟ ସୀମା। ସେତେବେଳେ ମାନ୍ଦ୍ରାଜର ଅଧିକାରୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ଏହି ସୀମା ନିର୍ଦ୍ଧାରଣ କାର୍ଯ୍ୟରେ ଉପେକ୍ଷିତ ହୋଇଥିଲା ଓଡ଼ିଶାର ପ୍ରତ୍ୟକ୍ଷ ଭାଗୀଦାରି। ତେଣୁ ସୀମାରେ ଯେଉଁ ପଥର ପୋତାଗଲା ତା'ର ଅବସ୍ଥିତିକୁ ଠିକ୍ ଭାବରେ ତର୍ଜମା ନ କରିବା କାରଣରୁ ପଡ଼ିଲା ବିବାଦର ମୂଳଦୁଆ। ଏହି ଅବ୍ୟବସ୍ଥିତ ସୀମା ନିର୍ଦ୍ଧାରଣର ସୁଯୋଗ ନେଇ ଆନ୍ଧ୍ର ଅନୁପ୍ରବେଶ ପାଇଁ ପ୍ରୟାସ କରିବାରୁ ୧୯୬୮ରେ ଆରମ୍ଭ ହେଲା ବିବାଦ। ଆନ୍ଧ୍ରର ଏଭଳି ଅନୁପ୍ରବେଶକୁ ବିରୋଧ କରି ଉଚ୍ଚତମ ନ୍ୟାୟାଳୟରେ ଆଶ୍ରୟ ନେବାକୁ ବାଧ ହେଲେ ଓଡ଼ିଶା ସରକାର। ମାମଲାର ଚୂଡ଼ାନ୍ତ ରାୟ ଅଦ୍ୟାବଧି ପ୍ରକାଶ ପାଇନି ସତ, ହେଲେ ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ବଳବତ୍ତର ରହିଛି ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ। ମାତ୍ର ଏହି ନିର୍ଦ୍ଦେଶକୁ ବେଖାତିର କରି କୋଟିଆ ଗ୍ରାମପୁଞ୍ଜି ଉପରେ ଦଖଲ ସାବ୍ୟସ୍ତ କରିବା ପାଇଁ ଆନ୍ଧ୍ର ପ୍ରୟୋଗ କରିଚାଲିଛି ନୂଆ ନୂଆ କୌଶଳ। ଦଲିଲ୍ ଦସ୍ତାବିଜ୍ ଓ ଅବସ୍ଥିତି ଦୃଷ୍ଟିରୁ କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଏହାର ବଡ଼ ପ୍ରମାଣ ହେଉଛି (କୋରାପୁଟ ଜିଲାର ପୂର୍ବତନ ଜିଲାପାଳ ଗଦାଧର ପରିଡ଼ାଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ) ୧୯୪୫ ରେ ପ୍ରକାଶ ପାଇଥିବା କୋରାପୁଟ ଜିଲାର ପ୍ରଥମ ଗେଜେଟିୟର ଓ ନକ୍ସା। ବିହାରର ପାଟଣାସ୍ଥିତ ସର୍ଭେ ଅଫିସ୍‌ରୁ ପ୍ରକାଶିତ ଏହି ନକ୍ସାରେ ଟର୍ନର ସାହେବଙ୍କ ଦ୍ୱାରା ନିର୍ମିତ (୧୮୭୩) ପଟାଙ୍ଗି–ତାଡ଼ିୱାଲସା ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ଓଡ଼ିଶା ସୀମା ଭିତରେ ରହିଛି ଏବଂ ତାଡ଼ିୱାଲସାଠାରୁ ପ୍ରାୟତଃ ୧୦କି.ମି. ଦୂରରେ ଅବସ୍ଥିତ ଆନ୍ତଃରାଜ୍ୟ ସୀମା। ଏହି ଅନୁସାରେ କେବଳ କୋଟିଆ ଗ୍ରାମପୁଞ୍ଜ ନୁହେଁ, ସାରକାହାଟ, ନନ୍ଦାହାଟ ଓ ତୋଡ଼ମହାଟ ସମେତ ଡାଙ୍କିନୀ, ଏଲେଙ୍ଗାୱାଲ୍‌ସା ଗ୍ରାମ ମଧ୍ୟ ଓଡ଼ିଶା ସୀମା ଭିତରେ ଅବସ୍ଥିତ। ସେଥିପାଇଁ ସେତେବେଳେ ଡାଙ୍କିନୀ ୟଲଙ୍ଗାୱାଲସା ଗ୍ରାମର ଜମି କିଣାବିକା ଜୟପୁର ରେଜିଷ୍ଟ୍ରେଶନ ଅଫିସରେ ହେଉଥିଲା, ଯାହାର ଏକ ନମୁନା ହେଉଛି ୨୪।୦୪।୧୯୫୬ରେ ସମ୍ପାଦିତ ହୋଇଥିବା ଦଲିଲ୍ ନଂ ୫୨/ ୧୯୫୬।




ସତୁରି ଦଶକରେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସର୍ଭେ ଆଧାରରେ ସେଠାରେ ଅବସ୍ଥିତ ଦେଓମାଳି ଓ ଅନ୍ୟାନ୍ୟ ପାହାଡ଼ ତଳେ ରହିଛି ସୀସା, ଲୁହାପଥର, ବକ୍ସାଇଟ୍ ଓ ଅଭ୍ର ଆଦି ବହୁ ମୂଲ୍ୟବାନ ଖଣିଜ ସମ୍ପଦ। ସେଥିପାଇଁ କୋଟିଆ କନ୍ଧଙ୍କ ମନ ଜିଣିବା ପାଇଁ ସେଠାରେ ଆନ୍ଧ୍ର ଅଜାଡ଼ି ଦେଉଛି ଭଳିକି ଭଳି ଲୋଭନୀୟ ପ୍ରତିଶ୍ରୁତି। ମାତ୍ର ଏ ଦିଗରେ ଓଡ଼ିଶା ଆଦୌ ସଫଳ ହୋଇପାରିନି ବୋଲି କହିଲେ ଚଳେ। ଏକଦା ଟର୍ନର ସାହେବଙ୍କ ଦ୍ୱାରା ନିର୍ମିତ ପଟାଙ୍ଗି– ତାଡ଼ିୱାଲସା ଶଗଡ଼ ରାସ୍ତାରେ ଯାତାୟାତ କରୁଥିଲା ଶହଶହ ଶଗଡ଼। ସେଥିରେ ଉପକୂଳ ଅଞ୍ଚଳରୁ ଲୁଣ ଓ ଅନ୍ୟାନ୍ୟ ଜିନିଷ ଆସୁଥିଲା ଏବଂ ଜୟପୁରରୁ ବାହାରକୁ ଯାଉଥିଲା ସେଠାକାର ଉତ୍ପାଦିତ ଶସ୍ୟ ଓ ବନଜାତ ଦ୍ରବ୍ୟ। ମାତ୍ର ସୁଙ୍କି ଓ ସାଲୁର ଘାଟିରାସ୍ତା ନିର୍ମାଣ ପରେ ଏହି ଶଗଡ଼ ରାସ୍ତାଟି କ୍ରମଶଃ ଅବହେଳିତ ହୋଇପଡ଼ିଲା ଏବଂ ତା'ର ରକ୍ଷଣାବେକ୍ଷଣ ପ୍ରତି ଆଦୌ ଦୃଷ୍ଟି ଦେଲେନି ଓଡ଼ିଶା ସରକାର। ରାସ୍ତାଟି ଏଭଳି ପରିତ୍ୟକ୍ତ ହୋଇ ପଡ଼ିଲା ଯେ ବ୍ଲକ ଓ ତହସିଲ ଅଫିସକୁ ଯିବା ପାଇଁ ଆନ୍ଧ୍ର ପ୍ରଦେଶ ଦେଇ ଆସିଥିବା ସାଲୁର ରାସ୍ତା ଉପରେ ନିର୍ଭର କଲେ କୋଟିଆବାସୀ। ପଟାଙ୍ଗିରେ ପହଞ୍ଚିବା ପାଇଁ ୧୫ କି.ମି. ପରିବର୍ତ୍ତେ ବୁଲିବାକୁ ପଡ଼ିଲା ୬୯କି.ମି. ରାସ୍ତା। ଏହି ଅସୁବିଧା ପାଇଁ କୋଟିଆବାସୀ ବିକାକିଣା ପାଇଁ ପଟାଙ୍ଗି ପରିବର୍ତ୍ତେ ନିର୍ଭର କଲେ ସାଲୁର ହାଟ ଉପରେ। ବିକାଶ କଥା ଦେଖିଲେ ଏ ପର୍ଯ୍ୟନ୍ତ କୋଟିଆରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ହୋଇପାରିନି ଏବଂ ପ୍ରାଥମିକ ବିଦ୍ୟାଳୟରେ ପଢ଼ାଯାଉନି ଓଡ଼ିଆ। ସ୍ୱାସ୍ଥ୍ୟ ସେବା ପାଇଁ ଆନ୍ଧ୍ରର ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି କୋଟିଆର ଆଠହଜାର ଆଦିବାସୀ। କୋଟିଆ ପଞ୍ଚାୟତର ଅଧିକାଂଶ ଗାଆଁକୁ ସବୁଦିନିଆ ରାସ୍ତା ନାହିଁ ଏବଂ ସବୁ ଗାଆଁକୁ ଯୋଗେଇ ଦିଆଯାଇ ପାରିନି ପାନୀୟଜଳ।

ଓଡ଼ିଶା ସରକାରଙ୍କ ପକ୍ଷରୁ ଏଠାରେ ଯେଉଁ ପରିମାଣରେ ଚାଉଳ, ଗହମ ଓ ଭତ୍ତା ଦିଆଯାଉଛି ତା'ଠାରୁ ଯଥେଷ୍ଟ ଅଧିକ ଦେଉଛି ଆନ୍ଧ୍ର ସରକାର। ଏଭଳି ଲୋଭ ଦେଖାଇ କେବଳ ଭୂମି ନୁହେଁ ଭାଷାକୁ ବି ଅକ୍ତିଆର କରିବା ପାଇଁ ଆନ୍ଧ୍ର ଆପଣାଇଛି ନୂଆ କୌଶଳ । କୋରାପୁଟ ଜିଲାରେ ସରକାରୀ ସ୍କୁଲ ପରିଚାଳନାରେ ରାଜ୍ୟ ପ୍ରଶାସନର ବିଫଳତାର ସୁଯୋଗ ନେଇ କୋଟିଆରେ ଆରମ୍ଭ କରିଛି ପ୍ରୋତ୍ସାହନ ଭିତ୍ତିକ ଶିକ୍ଷାଦାନ କାର୍ଯ୍ୟକ୍ରମ । ତେଲୁଗୁ ପାଠ୍ୟକ୍ରମ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରାଯାଉଛି, ଯେଉଁ କାର୍ଯ୍ୟକୁ ନିୟମିତ ତଦାରଖ କରୁଛନ୍ତି ଆନ୍ଧ୍ରର ପ୍ରଶାସନିକ ଅଧିକାରୀ । ଆନ୍ଧ୍ରର ଏଭଳି ଷଡ଼ଯନ୍ତ୍ରକୁ ପ୍ରତିହତ କରିବାରେ ଓଡ଼ିଶା ସରକାରଙ୍କ ତତ୍ପରତା ନାହିଁ କହିଲେ ଚଳେ । ଏକଥା କହିବାର କାରଣ କୋଟିଆ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପକୁ ଭୁବନେଶ୍ୱରରୁ ଉଦ୍‌ଘାଟନ କରିବା ପରିବର୍ତ୍ତେ କୋଟିଆବାସୀଙ୍କ ପାଖରେ ପହଞ୍ଚିବା ଦରକାର। ଏଥିପାଇଁ କେବଳ ସରକାର ନୁହନ୍ତି, ଦଳଗତ ନିର୍ବିଶେଷରେ ସବୁ ରାଜନୈତିକ ଦଳ ତଥା ସାଢ଼େ ଚାରିକୋଟି ଓଡିଆଙ୍କ ସ୍ୱର ଏକ ହେବା ଦରକାର। ତା' ନ ହେଲେ ମାତୃଭୂମି ପ୍ରତି ବିଶ୍ୱାସଘାତକତାକୁ କେବେ ବି କ୍ଷମା ଦେବନି ଉତ୍ତରପୁରୁଷ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଷ୍ଟ୍ରୋକ୍‌ର ଆଶଙ୍କା ବଢୁଛି



ଡା. ପ୍ରଦ୍ୟୁତ୍ ରଞ୍ଜନ ଭୂୟାଁ

ଷ୍ଟ୍ରୋକ୍ ଯେକୌଣସି ବ୍ୟକ୍ତିଙ୍କୁ, ଯେକୌଣସି ସମୟରେ ଏବଂ ଯେକୌଣସିଠାରେ ହୋଇପାରେ। ସମ୍ପ୍ରତି ଷ୍ଟ୍ରୋକ୍ ସମଗ୍ର ବିଶ୍ୱରେ ବିକଳାଙ୍ଗତାର ପ୍ରମୁଖ କାରଣ ଏବଂ ମୃତ୍ୟୁର ଦ୍ୱିତୀୟ କାରଣ। ୩୦–୬୯ ବର୍ଷ ବୟସ ଶ୍ରେଣୀ ମଧ୍ୟରେ ୧.୩ ନିୟୁତ ମୃତ୍ୟୁ ହୃଦ୍‌ରୋଗ କାରଣରୁ ହେଉଥିବା ବେଳେ ୦.୪ ନିୟୁତ (୨୮.୦%) ମୃତ୍ୟୁ ଷ୍ଟ୍ରୋକ୍ କାରଣରୁ ହୋଇଥାଏ। ଷ୍ଟ୍ରୋକ୍‌ଜନିତ ସମୟ ପୂର୍ବ ମୃତ୍ୟୁର ଏକ ତୃତୀୟାଂଶ ଉତ୍ତରପୂର୍ବ ରାଜ୍ୟରେ ଘଟିଥାଏ। ଭାରତର ଜନସଂଖ୍ୟାର ଷଷ୍ଠଭାଗ ବାସ କରୁଥିବା ଏହି ଅଞ୍ଚଳରେ ଏହାର ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ହେବା ଦେଖାଯାଉଛି, ଯାହାକି ଜାତୀୟ ହାରଠାରୁ ତିନିଗୁଣ ଅଧିକ। ଭାରତର ବିଭିନ୍ନ ଭାଗରେ ଷ୍ଟ୍ରୋକ୍‌ର କ୍ରମ ବର୍ଦ୍ଧନଶୀଳ ଘଟଣା ବିଗତ ଦୁଇ ଦଶନ୍ଧିରେ ବାର୍ଷିକ ୧୦୫ ରୁ ୧୫୨/୧,୦୦,୦୦୦ ବ୍ୟକ୍ତି ପିଛା ଥିଲା। ବିଶ୍ୱ ଷ୍ଟ୍ରୋକ୍ ସଂଗଠନ ଅନୁସାରେ, ଏବେ ଦୁନିଆର ପ୍ରାୟ ୮୦ ମିଲିୟନ୍ ଲୋକ ଷ୍ଟ୍ରୋକ୍ ଅନୁଭବ କରିଛନ୍ତି ଏବଂ ୫୦ ମିଲିୟନ୍‌ରୁ ଅଧିକ ବଞ୍ଚି ରହୁଥିବା ଲୋକେ ପରିଣାମସ୍ୱରୂପ କୌଣସି ନା କୌଣସି ପ୍ରକାର ସ୍ଥାୟୀ ବିକଳାଙ୍ଗତାର ସମ୍ମୁଖୀନ ହୋଇଥାନ୍ତି। ଯଦିଓ ଲୋକଙ୍କ ପାଇଁ ଷ୍ଟ୍ରୋକ୍ ପର ଜୀବନ ପ୍ରାୟତଃ ସମାନ ହୋଇ ନ ଥାଏ, ଠିକ୍ ଯତ୍ନ ଓ ସହାୟତା ସହିତ ଏକ ସାର୍ଥକ ଜୀବନ ଧାରଣ କରିବା ବି ସମ୍ଭବ ହୋଇଥାଏ।

ଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ସମସ୍ତ ଅଙ୍ଗ ପରି ମସ୍ତିଷ୍କକୁ ରକ୍ତ ଏବଂ ଅମ୍ଳଜାନ ଦ୍ୱାରା ପୋଷକତ୍ୱର ଆବଶ୍ୟକତା ହୋଇଥାଏ। ଯଦି ରକ୍ତର ଯୋଗାଣ ପ୍ରତିବନ୍ଧିତ ହୁଏ ବା ବନ୍ଦ ହୁଏ, ତେବେ ମସ୍ତିଷ୍କର କୋଷିକାଗୁଡ଼ିକ ମରିବାକୁ ଆରମ୍ଭ କରିଥାନ୍ତି। ଏହା ମସ୍ତିଷ୍କରେ କ୍ଷତ, ବିକଳାଙ୍ଗତା ଏବଂ ସମ୍ଭାବ୍ୟ ମୃତ୍ୟୁର କାରଣ ହୋଇପାରେ। ଯେଉଁ ଲୋକମାନେ ଷ୍ଟ୍ରୋକ୍‌ରୁ ବଞ୍ଚି ଯାଆନ୍ତି, ପ୍ରାୟତଃ ସେମାନଙ୍କ ମସ୍ତିଷ୍କରେ ଆଘାତ ଲାଗିବା କାରଣରୁ ଦୀର୍ଘକାଳୀନ ସମସ୍ୟା ଦେଖାଯାଇଥାଏ। କିଛି ଲୋକଙ୍କ ପାଇଁ ପୁନର୍ବାସର ଲମ୍ବା ଅବଧି ଆବଶ୍ୟକ ହେଉଥିବା ବେଳେ କେତେକଙ୍କୁ ଷ୍ଟ୍ରୋକ୍ ପ୍ରଭାବ ସହିତ ରହିବା ପାଇଁ ସମଯୋଜନର ଆବଶ୍ୟକତା ପଡ଼ିଥାଏ। ସ୍ୱାସ୍ଥ୍ୟକର ଜୀବନଶୈଳୀରେ ପରିବର୍ତ୍ତନ ଆପଣଙ୍କୁ ଷ୍ଟ୍ରୋକ୍‌ରୁ ରକ୍ଷା ପାଇବାରେ ଏବଂ ଅନ୍ୟ ଏକକୁ ପ୍ରତିରୋଧ କରିବାରେ ସହାୟକ ହୋଇପାରେ।

ଏକ ଇସ୍କେମିକ୍ ଷ୍ଟ୍ରୋକ୍ ଏବଂ ଅନ୍ୟଟି ଏହେମୋରେଜିକ୍ ଷ୍ଟ୍ରୋକ୍। ଦୁଇ ପ୍ରକାର ଷ୍ଟ୍ରୋକ୍ ମସ୍ତିଷ୍କର କୋଷିକାକୁ କ୍ଷତି ପହଞ୍ଚାଇଥାଏ। ଷ୍ଟ୍ରୋକ୍‌ର ଅନେକ ଆପଦ କାରକ ଅଛି। ଏହା ମଧ୍ୟରୁ କିଛି କାରକ ଏକ ପ୍ରକାର ଷ୍ଟ୍ରୋକ୍‌ର ସମ୍ଭାବନାକୁ ବୃଦ୍ଧି କରୁଥିବା ବେଳେ ଅନ୍ୟଗୁଡ଼ିକ ଉଭୟ ପ୍ରକାର ସମ୍ଭାବନାକୁ ବୃଦ୍ଧି କରେ। ଷ୍ଟ୍ରୋକ୍ ଏପରି ଲୋକଙ୍କୁ ବି ହୋଇପାରେ ଯେଉଁମାନେ ଜାଣନ୍ତି ନାହିଁ କି ସେମାନଙ୍କଠାରେ ବିପଦ ରହିଛି। ଉଚ୍ଚ ରକ୍ତଚାପ ଷ୍ଟ୍ରୋକ୍‌ର ପ୍ରମୁଖ କାରଣ। ଉଚ୍ଚ କୋଲେଷ୍ଟରଲ, ଉଚ୍ଚ ରକ୍ତଶର୍କରା,



ହୃଦୟ ରୋଗ, ମେଦବହୁଳତା, ଅସ୍ୱାସ୍ଥ୍ୟକର ଆହାର ଆଦି ଷ୍ଟ୍ରୋକ୍‌ର ପ୍ରମୁଖ ଆପଦ କାରକ।

ଏକ ଷ୍ଟ୍ରୋକ୍ ଏକ ଚିକିତ୍ସୀୟ ଆପତକାଳ। ଯଦି ଲାଗେ କି ଆପଣଙ୍କୁ ବା ଆପଣଙ୍କ ଆଖପାଖରେ କାହାରିକୁ ଷ୍ଟ୍ରୋକ୍ ହେଉଛି ତେବେ ତୁରନ୍ତ ସହାୟତା ପାଇଁ ଫୋନ୍ କରନ୍ତୁ। ନିଜେ ହସ୍ପିଟାଲ୍ ଯିବାକୁ ପ୍ରୟାସ କରନ୍ତୁ ନାହିଁ। ଆପତକାଳୀନ ଚିକିତ୍ସା ସେବା (ଇଏମ୍‌ଏସ୍)ର କାର୍ଯ୍ୟକର୍ତ୍ତା ଖୁବ୍‌ଶୀଘ୍ର ଉତ୍ତର ପ୍ରଦାନ କରିବେ ଏବଂ ଆପଣଙ୍କୁ ଏକ ହସ୍ପିଟାଲ୍‌କୁ ନେଇଯିବେ ଯିଏ ଷ୍ଟ୍ରୋକ୍ ସମୟରେ ଏବଂ ପରବର୍ତ୍ତୀ ସମୟରେ ଲୋକଙ୍କର ଯତ୍ନ ନେଇପାରେ। ଷ୍ଟ୍ରୋକ୍ ହୋଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରତି ମିନିଟ୍ ମହତ୍ତ୍ୱପୂର୍ଣ୍ଣ।

ଷ୍ଟ୍ରୋକ୍‌ର ଉପଚାର ଷ୍ଟ୍ରୋକ୍‌ର ପ୍ରକାର ଉପରେ ନିର୍ଭର କରେ। ଯଦି ଆପଣଙ୍କୁ ଷ୍ଟ୍ରୋକ୍ ହୋଇଛି, ତେବେ ଆପଣ ଆପଣଙ୍କ ସ୍ୱତନ୍ତ୍ରତାକୁ ପୁନଃ ପ୍ରାପ୍ତ କରିବାରେ ବହୁ ପ୍ରଗତି କରିପାରନ୍ତି। ଏକ ଷ୍ଟ୍ରୋକ୍ ପରେ, ଆପଣଙ୍କୁ ଠିକ୍ ହେବାରେ ସାହାଯ୍ୟ କରିବା ପାଇଁ ପୁନର୍ବାସ (ପୁନର୍ବସନ)ର ଆବଶ୍ୟକତା ହୋଇପାରେ। ଷ୍ଟ୍ରୋକ୍ କାରଣ ଜାଣିବା ପାଇଁ ଏବଂ ପରବର୍ତ୍ତୀ ଷ୍ଟ୍ରୋକ୍‌କୁ ରୋକିବା ଲାଗି ପଦକ୍ଷେପ ନେବା ନିମନ୍ତେ ସ୍ୱାସ୍ଥ୍ୟ ଯତ୍ନ ଟିମ୍ ସହିତ କାମ କରିବା ମହତ୍ତ୍ୱପୂର୍ଣ୍ଣ।

ଏବେ ଆମେ ଯେଉଁ ବିକଳ୍ପ ବାଛିବା ତାହା ବୟସ ଅନୁସାରେ ଷ୍ଟ୍ରୋକ୍‌କୁ ରୋକିବାରେ ସାହାଯ୍ୟ କରିପାରେ। ଏହା ଧ୍ୟାନ ଦେବା ମହତ୍ତ୍ୱପୂର୍ଣ୍ଣ ଯେ ଷ୍ଟ୍ରୋକ୍‌କୁ ରୋକାଯାଇପାରେ ଏବଂ ଷ୍ଟ୍ରୋକ୍ ପାଇଁ ଆପଣଙ୍କ ଅସୁବିଧାକାରକକୁ ଜାଣିବା ଷ୍ଟ୍ରୋକ୍‌କୁ ରୋକିବାର ପ୍ରଥମ ପଦକ୍ଷେପ। ନିୟମିତ ଭାବେ ଚିକିତ୍ସକୀୟ ଯାଞ୍ଚ ଏବଂ ଆପଣଙ୍କ ଅସୁବିଧାକୁ ଜାଣି, ଆପଣ ଏହିବିଷୟ ଉପରେ ଧ୍ୟାନକେନ୍ଦ୍ରିତ କରିପାରିବେ କି ଆପଣ କ'ଣ ବଦଳାଇ ପାରିବେ ଏବଂ ଆପଣଙ୍କ ଷ୍ଟ୍ରୋକ୍‌ର ଆପଦକୁ କମ୍ କରିପାରିବେ। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋଲୋଜିକାଲ୍ ଡିସ୍‌ଅର୍ଡର ଆଣ୍ଡ ଷ୍ଟ୍ରୋକ୍ ଅନୁସାରେ ଏହି ପ୍ରମୁଖ ଲକ୍ଷଣ ପ୍ରତି ଧ୍ୟାନ ଦିଆଯିବା ଉଚିତ। ମୁହଁ, ବାହୁ ବା ଗୋଡ଼ରେ ହଠାତ୍ ବଧିରା ବା ଦୁର୍ବଳତା। ଅଚାନକ ଭ୍ରମ ବା ଅନ୍ୟକୁ କହିବା ବା ବୁଝିବାରେ ଅସୁବିଧା। ଅଚାନକ ଏକ ବା ଦୁଇ ଆଖିକୁ ଦେଖିବାରେ ଅସୁବିଧା। ଅଚାନକ ଚାଲିବାରେ ଅସୁବିଧା, ମୁଣ୍ଡ ବୁଲାଇବା ବା ସନ୍ତୁଳନ ବା ସମନ୍ୱୟର ଅଭାବ। ବିନା କୌଣସି ଜ୍ଞାତ କାରଣରେ ଅଚାନକ ତୀବ୍ର ମୁଣ୍ଡବ୍ୟଥା।

ଦୁଇ ପ୍ରକାରର ଷ୍ଟ୍ରୋକ୍ ରହିଛି। ଏକ ଇସ୍କେମିକ୍ ଷ୍ଟ୍ରୋକ୍ ସେତେବେଳେ ହୋଇଥାଏ ଯେତେବେଳେ ରକ୍ତ ଥକ୍କା ବା ଅନ୍ୟ କଣିକାଗୁଡ଼ିକ ମସ୍ତିଷ୍କକୁ ଆସୁଥିବା ରକ୍ତବାହିକାଗୁଡ଼ିକୁ ଅବରୁଦ୍ଧ କରିଦେଇଥାଏ। ପ୍ଲାକ୍ ନାମକ ଫ୍ୟାଟିଜମା ବି ରକ୍ତବାହିକାରେ ଜମି ଅବରୁଦ୍ଧ ବା ବ୍ଲକେଜ୍‌ର କାରଣ ହୋଇପାରେ। ରକ୍ତସ୍ରାବୀ ଷ୍ଟ୍ରୋକ୍ ସେତେବେଳେ ହୋଇଥାଏ ଯେତେବେଳେ ମସ୍ତିଷ୍କରେ ରକ୍ତବାହିକା ଫାଟି ଯାଇଥାଏ, ରକ୍ତ ଜମି ଥାଏ ଏବଂ ମସ୍ତିଷ୍କର ପାର୍ଶ୍ୱବର୍ତ୍ତୀ କୋଷିକାକୁ କ୍ଷତି ପହଞ୍ଚାଇଥାଏ।

ଷ୍ଟ୍ରୋକ୍‌ର ଆଶଙ୍କାକୁ କମ୍ କରନ୍ତୁ ଓ ଏଥିପାଇଁ ଷ୍ଟ୍ରୋକ୍ ପ୍ରତିରୋଧର ଏବିସିଏସକୁ ଜାଣିବା ଆବଶ୍ୟକ। ଆସ୍ପିରିନ୍ ଆପଣଙ୍କ ଷ୍ଟ୍ରୋକ୍ ଆପଦକୁ ନିମ୍ନତର କରିବାରେ ସାହାଯ୍ୟ କରିପାରେ। ରକ୍ତକୁ ନିୟନ୍ତ୍ରଣ କରନ୍ତୁ। କୋଲେଷ୍ଟରଲ୍ ନିୟନ୍ତ୍ରଣ କରନ୍ତୁ ଓ ଧୂମପାନ ତ୍ୟାଗ କରନ୍ତୁ।

**ସିନିୟର କନ୍‌ସଲଟାଣ୍ଟ ନ୍ୟୁରୋଲୋଜିଷ୍ଟ,**
**ଆମ୍ରି ହସ୍ପିଟାଲ, ଭୁବନେଶ୍ୱର**
**ମୋ: ୯୯୩୭୭୭୯୭୭୩**

## ଏଇ ଭାରତରେ

ପେସାରେ ବ୍ୟବସାୟୀ, କିନ୍ତୁ ପ୍ରାଣୀ ଉଦ୍ଧାର ତାଙ୍କ ନିଶା। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଗୋଆର ଅତୁଲ ସରିନ। ସେ ବୁଲାଗୋରୁ, କୁକୁର, ବିଲେଇ ଏପରି କି ପକ୍ଷୀମାନଙ୍କୁ ମଧ୍ୟ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ସେ ୧୫,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ଅତୁଲ ଉତ୍ତର ଗୋଆର ସିଓଲିମ୍ ଟାଉନ୍‌ରେ ସେ ରହନ୍ତି। ପ୍ରଥମେ ତାଙ୍କ ପରିବାର କେନିଆରେ ରହୁଥିଲେ ଏବଂ ପରେ ଇଂଲଣ୍ଡକୁ ଯାଇଥିଲେ। ସେଠାରେ ସେ ମଧ୍ୟ ପାରିବାରିକ ବ୍ୟବସାୟରେ ନିଜକୁ ସାମିଲ କରିଥିଲେ। କିନ୍ତୁ ୨୦୦୫ରେ ପରିବାର ସହ ସେ ଭାରତ ଫେରି ସିଓଲିମ୍‌ରେ ରହିଲେ। ସେଠାରେ ବୁଲା କୁକୁରଙ୍କୁ ପ୍ରତିଦିନ ଖାଇବାକୁ ଦେବା ସହ ଆହତ ପ୍ରାଣୀଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ୨୦୧୨ରେ ସେ ୱେଲ୍‌ଫେୟାର ଫର୍ ଆନିମଲ ଇନ୍ ଗୋଆ(ଡବ୍ଲ୍ୟୁଏଜି) ଏନ୍‌ଜିଓ ପଞ୍ଜୀକରଣ କରିବା ପରେ ବୁଲା କୁକୁରଙ୍କ ସହ ଗୋରୁ, ବିଲେଇ ଓ ପକ୍ଷୀମାନଙ୍କୁ ଉଦ୍ଧାର କରୁଛନ୍ତି। ସେ ୫,୦୦୦ ଗାଈଙ୍କୁ ନେଇ ଆଶ୍ରୟସ୍ଥଳରେ ରଖିଛନ୍ତି। ଡବ୍ଲ୍ୟୁଏଜି ଗୋରୁ, କୁକୁର, ଛେଳି, ଘୁଷୁରି, ବିଲେଇ ଓ ପକ୍ଷୀ ଆଦି ପ୍ରାୟ ୧୫,୦୦୦ ପଶୁପକ୍ଷୀଙ୍କୁ ଉଦ୍ଧାର ସହ ବିଭିନ୍ନ ସ୍ଥାନରେ 'ଅତୁଲ ହାଉସ' ନିର୍ମାଣ କରି ସେଥିରେ ରଖିଛନ୍ତି। ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ଭେଟେରିନାରି ରେସ୍‌କ୍ୟୁ କ୍ଲିନିକ୍ ଖୋଲିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୭

- ଆର୍ଜେଣ୍ଟିନା ରାଷ୍ଟ୍ରପତି କାର୍ଲୋସ ମେନେମଙ୍କ ଶାସକ ପେରୋନିଷ୍ଟ ପାର୍ଟିର ପ୍ରଥମ ଥର ପାଇଁ ଜାତୀୟ ନିର୍ବାଚନରେ ପରାଜୟ।
- ହିମାଚଳ ପ୍ରଦେଶର ରାଜଧାନୀ ଶିମ୍‌ଲାଠାରୁ ୪୦ କିମି ଦୂର ୨୨ ନମ୍ବର ଜାତୀୟ ରାଜପଥ ଉପରେ ଧ୍ଳୋଟା ଗ୍ରାମ ନିକଟ ବ୍ୟାସନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ି ୪୦ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ବୀଣାବାଦକ ତଥା ପଦ୍ମଭୂଷଣରେ ସମ୍ମାନିତ ଭି. ଦୋରାଇସ୍ୱାମୀ ଆୟାଙ୍ଗାରଙ୍କ ୭୭ ବର୍ଷ ବୟସରେ ପରଲୋକ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 3 | | 6 | | 4 |
| | | 7 | 9 | | | 2 | | |
| 8 | | | | 7 | | | | |
| | | | | 4 | | 5 | | |
| | 1 | | | | 7 | | | |
| 3 | | | | | | 1 | 9 | |
| 5 | | | | | | | | |
| 9 | 2 | | 4 | 1 | | | 6 | |
| | | 3 | 8 | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 4 | 7 | 9 | 6 | 1 | 3 |
| 4 | 6 | 7 | 3 | 1 | 2 | 9 | 5 | 8 |
| 3 | 1 | 9 | 8 | 5 | 6 | 4 | 7 | 2 |
| 5 | 8 | 1 | 2 | 6 | 3 | 7 | 4 | 9 |
| 2 | 9 | 4 | 1 | 8 | 7 | 5 | 3 | 6 |
| 6 | 7 | 3 | 9 | 4 | 5 | 2 | 8 | 1 |
| 9 | 3 | 5 | 7 | 2 | 8 | 1 | 6 | 4 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 2 | 6 | 5 | 3 | 4 | 8 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଡିକାଲ କଲେଜ ପ୍ରତିଷ୍ଠାରେ ଓଡ଼ିଶା ପଛୁଆ

ମହାଶୟ,

ନ୍ୟାଶନାଲ ମେଡିକାଲ କମିଶନଙ୍କ ତଥ୍ୟ ଅନୁସାରେ ଏବେ ଓଡ଼ିଶାରେ ୧୩ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ରହିଛି। ସରକାରୀ ୯ଟି ଓ ଘରୋଇ ୪ଟି। ମୋଟ ସିଟ୍ ସଂଖ୍ୟା ୨୧୨୫। ସରକାରୀ କଲେଜରେ ୧୩୭୫ ଓ ଘରୋଇ କଲେଜରେ ୭୫୦। ତୁଳନାତ୍ମକ ଦୃଷ୍ଟିରୁ ଦେଖିବାକୁ ଗଲେ ଏବେ ସମଗ୍ର ଦେଶରେ ୬୧୨ଟି ମେଡିକାଲ କଲେଜ ରହିଛି। ମୋଟ୍ ସିଟ୍ ସଂଖ୍ୟା ୯୧,୯୭୭। ଓଡ଼ିଶାର ଲୋକସଂଖ୍ୟା ଦେଶର ମୋଟ ଲୋକ ସଂଖ୍ୟାର ୪ ପ୍ରତିଶତ। ଲୋକସଂଖ୍ୟା ଅନୁପାତରେ ଓଡ଼ିଶାରେ ଅନ୍ୟୁନ ୨୪ଟି ମେଡିକାଲ କଲେଜ ଓ ୩୬୭୯ ସିଟ୍ ରହିବା କଥା। ଏହାଛଡ଼ା ଓଡ଼ିଶାରେ ଡାକ୍ତରଙ୍କ ଘୋର ଅଭାବ ରହିଛି। ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରେ ୪୨ ପ୍ରତିଶତ ଡାକ୍ତରୀ ପଦବୀ ଏବେ ଖାଲି ପଡ଼ିଛି। ଏଣୁ ଓଡ଼ିଶାରେ ଅଧିକ ମେଡିକାଲ କଲେଜ ଖୋଲିବାର ଆବଶ୍ୟକତା ରହିଛି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଚାଲାଣ ବେଳେ ୮ ଗାଈ ଉଦ୍ଧାର**

**ରାଉରକେଲା ଅଫିସ:** ଏକ ଟାଟା ଏସିଇରେ ଚାଲାଣ ହେଉଥିବା ବେଳେ ରାଉରକେଲା ବଜରଙ୍ଗ ଦଳର କର୍ମୀମାନେ ୮ଟି ଗାଈଙ୍କୁ ଉଦ୍ଧାର କରିଛନ୍ତି। ଜୋରଡା ଥାନା ଅନ୍ତର୍ଗତ ଖଡକୋଲା ଛକ ନିକଟରେ ଏକ ଗାଡି ଯୋଗେ ଉକ୍ତ ଗାଈ ଶୁକ୍ରବାର ଭୋର୍ ୪ଟାରେ ଚାଲାଣ ହେଉଥିବା ଖବର ପାଇ ବଜରଙ୍ଗ ଦଳ କର୍ମକର୍ତ୍ତାମାନେ ସ୍ଥାନୀୟ ଥାନାକୁ ଜଣାଇଥିଲେ। ପୋଲିସ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରି ଉକ୍ତ ଗାଈଙ୍କୁ ଉଦ୍ଧାର କରିଥିଲା।

# ୬୫ ବର୍ଷରେ ରାଇମା କାଳୀପୂଜା

**ରାଉରକେଲା ଅଫିସ,୨୮।୧୦**

ରାଉରକେଲା ସେକ୍ଟର-୭ ସ୍ଥିତ ରାଉରକେଲା ୟଙ୍ଗମ୍ୟାନ୍ସ ଆସୋସିଏଶନ (ରାଇମା) ପକ୍ଷରୁ କାଳିପୂଜା ଅନୁଷ୍ଠିତ ହୋଇଛି। ଏଥିରେ ଆରଏସ୍‌ପିର ଏକ୍ଜିକେଟିଭ ଆସୋସିଏଶନ ସଭାପତି ଅବକାଶ ମଲ୍ଲିକ ଯୋଗ ଦେଇଥିଲେ। ଚଳିତ ବର୍ଷ ଉକ୍ତ ପୂଜାର ୬୫ ବର୍ଷ ପୂର୍ତ୍ତି ଅବସରରେ ରାଇମା ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତାଇକୋଣ୍ଡୋରେ ଏସିଆନ ମେଡାଲିଷ୍ଟ ଆନନ୍ଦ କୁମାର ସୁନା, ମାର୍ସଲ ଆର୍ଟରେ ବ୍ରୋଞ୍ଜ ମେଡାଲିଷ୍ଟ ଅନଞ୍ଜଳି ସାହୁ, ନୃତ୍ୟ ଗୁରୁ ତନୁଶ୍ରୀ ମଲ୍ଲିକ ଏବଂ ସହରର ବହୁ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲାରେ କ୍ରୀଡା, କଳାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ବାସୁ ବାନାର୍ଜୀ, ସାବାଜ ଖାନ, କନଞ୍ଜିତ କନସାରି, ଈଶ୍ୱର ନାୟକ, ସୁମନ୍ତ ତନ୍ତୀ, ଦୀପକ ସାହୁ, ସୂର୍ଯ୍ୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସେଲ୍ ଓ ଏଏଆଇ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

**ରାଉରକେଲା ଅଫିସ,୨୮।୧୦**



ସେଲ୍ ଓ ଏଏଆଇ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି।

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ୍) ଓ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ମଧ୍ୟରେ ଶୁକ୍ରବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଫଳରେ ରାଉରକେଲାରେ ବିମାନ ସେବା ଆରମ୍ଭର ପଥ ପରିଷ୍କାର ହୋଇଛି। ସେଲ୍‌ର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ଓ ଏଏଆଇ ପକ୍ଷରୁ ଜେଭିସି/ପିପିପି ଇଡି-୨ର ଏନ୍. ସୁବ୍ବାରାୟୁଡୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ରାଉରକେଲାରେ ଆଗାମୀ ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ଜରୁରୀକାଳୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେଲ୍ ଅଧ୍ୟକ୍ଷା ସୋମା ମଣ୍ଡଳ ଓ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ ବିମାନବନ୍ଦର ସ୍ୱତ୍ତ୍ୱାଧିକାର ଗ୍ରହଣ ପୂର୍ବକ ବିମାନବନ୍ଦର ବୃହତ ଖର୍ଚ୍ଚ ବହନ କରିବା ନିମନ୍ତେ ପଦକ୍ଷେପ ନେଇଛି। ସେଲ୍ ଆରଏସ୍‌ପି ପକ୍ଷରୁ ଏଏଆଇ ବିମାନବନ୍ଦର ପରିଚାଳନା ଓ ପ୍ରବନ୍ଧନ ଦାୟିତ୍ୱ ନିର୍ବାହ କରୁଥିବାବେଳେ ରାଜ୍ୟ ସରକାର ସୁରକ୍ଷା, ଅଗ୍ନିଶମ ଓ ଆମ୍ବୁଲାନ୍ସ ସେବା ପ୍ରଦାନ କରିବେ। ସେଲ୍ ୨୦୧୮ରେ ଉଡାନ ଯୋଜନା ଅଧୀନରେ ଏହାର ନିଜସ୍ୱ ବିମାନ ବନ୍ଦରରେ ବାଣିଜ୍ୟକ ବିମାନ ସେବା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା।

# ନୀତି ପରିବର୍ତ୍ତନ ନ ହେଲେ ଆନ୍ଦୋଳନ

**ସମ୍ବଲପୁର,୨୮।୧୦(ବ୍ୟୁରୋ)**

ଏକଦା ସମ୍ବଲପୁର ଜିଲା ଧାନ ସଂଗ୍ରହରେ ରେକର୍ଡ ସୃଷ୍ଟି କରୁଥିଲା। ଚାଷୀମାନେ ଉତ୍ପାଦିତ ଫସଲ ସୁବିଧାରେ ବିକ୍ରି କରି ପାରୁଥିଲେ। ହେଲେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ଚାଷୀଙ୍କୁ ତଳିତଳାନ୍ତ କରିଦେଲାଣି। ବଳକା ଧାନ ହେଉଥିବା ଜିଲାର ଚାଷୀ ଏବେ ଅଭାବି ବିକ୍ରିର ଶିକାର ହେଉଛନ୍ତି। ଏହି ନୀତି ପରିବର୍ତ୍ତନ ନ କଲେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ। ଚାଷୀଙ୍କ ଐତିହାସିକ ନଭେମ୍ବର ୬ତାରିଖର ଆନ୍ଦୋଳନକୁ ପୁଣି ଦୋହରାଯିବ। ଏହି ଦିନଠାରୁ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ବରେଇପାଲି ମାର୍କେଡ ୟାର୍ଡଠାରେ ଆୟୋଜିତ କୃଷକ ସଂଘ ବୈଠକରେ ଚାଷୀମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଜିଲା କୃଷକ ସଂଗଠନ ସଭାପତି ମୁରାରି ପୁରୋହିତଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଜିଲାର ୪୦ରୁ ଉର୍ଦ୍ଧ୍ୱ ଚାଷୀ ସଂଗଠନ ଯୋଗ ଦେଇଥିଲେ। ଧାନ ସଂଗ୍ରହ ନୀତିରେ ସରକାରୀ ଏଜେନ୍ସି, ସମବାୟ ସମିତି ଲ୍ୟାମ୍ପ୍ସ, ଏସ୍ଏଚ୍‌ଜିକୁ ନିୟୋଜିତ କରାଯାଉଛି। ହେଲେ ବାସ୍ତବରେ ବଜାରର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ମିଲରଙ୍କ ହାତରେ ରହୁଛି। ଧାନ କଟ୍‌ନୀଛଟ୍‌ନୀରୁ ଆରମ୍ଭ କରି ଗାଡ଼ି ଭଡ଼ା, ବସ୍ତା ଦେବା ଭଳି କାର୍ଯ୍ୟରେ ଚାଷୀମାନଙ୍କୁ ହଇରାଣ କରାଯାଉଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। କିଛିଦିନ ତଳେ ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ଜିଲାପାଳ ଚାଷୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ଜିଲା କୃଷକ ସଂଗଠନ ନିନ୍ଦା କରି ପ୍ରସ୍ତାବ ଗୃହୀତ କରିଥିଲା। ଜିଲା ସଂଗଠନ ସମ୍ପାଦକ ବ୍ୟୋମକେଶ ଠାକୁର ବୈଠକ ପରିଚାଳନା କରିଥିଲେ।


ବୈଠକରେ ଯୋଗଦେଇଥିବା କୃଷକ ସଂଗଠନର କର୍ମକର୍ତ୍ତା।

# ଏନ୍ଆଇଟିରେ ବାର୍ଷିକ କ୍ରୀଡା ଦିବସ


ଛାତ୍ରୀଛାତ୍ରମାନେ କ୍ରୀଡା ପ୍ରଦର୍ଶନ କରୁଛନ୍ତି।

**ରାଉରକେଲା ଅଫିସ,୨୮।୧୦**

ରାଉରକେଲା ଏନ୍ଆଇଟି ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ପଞ୍ଚମ ୩ ଦିବସୀୟ କ୍ରୀଡା ଉତ୍ସବ ବ୍ରିଦ୍ଧି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବକୁ ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ରାଜ୍ୟର ବିଭିନ୍ନ କଲେଜରୁ ୫୫୦ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ଏଥିରେ ଫୁଟବଲ, ଦୌଡ, କ୍ରିକେଟ, କବାଡି, ଚେସ୍ ଭଳି ୨୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଫେସର ରୋହନ ଧୀମାନ, ପ୍ରଫେସର ସିଦ୍ଧାର୍ଥ ଶଙ୍କର ଜେନା, ପ୍ର. ପୂର୍ଣ୍ଣିମ ସିଂ, ପ୍ର. ରମେଶ କୁମାର ମହାପାତ୍ର, ଡ. ମୟଙ୍କ ଯାଦବ, କୌସ୍ତୁବ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏନ୍ଆଇଟିର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ହକି ଷ୍ଟାଡିୟମ କାର୍ଯ୍ୟ ସମୀକ୍ଷା କଲେ କ୍ରୀଡ଼ା ସଚିବ

**ରାଉରକେଲା ଅଫିସ,୨୮।୧୦**

ରାଉରକେଲା ବିପିୟୁଟି କ୍ୟାମ୍ପସରେ ଚାଲିଥିବା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟକୁ ରାଜ୍ୟ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ଶୁକ୍ରବାର ବୁଲି ଦେଖିଛନ୍ତି। ତାଙ୍କ ସହିତ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଗ୍ରୀଡ୍‌କୋର ସିଇଓ ଭୁପେନ୍ଦ୍ର ସିଂ ପୁନିଆ ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୨୦୨୩ ହକି ବିଶ୍ୱକପରେ ସମୁଦାୟ ୪୪ଟି ମ୍ୟାଚ୍‌ରୁ ଭୁବନେଶ୍ୱରରେ ୨୪ଟି ଓ ରାଉରକେଲାରେ ୨୦ଟି ମ୍ୟାଚ୍ ଖେଳା ଯିବାର ଲକ୍ଷ୍ୟ ରହିଛି। ତେଣୁ ଉକ୍ତ ମ୍ୟାଚ୍‌ଗୁଡିକୁ ରାଉରକେଲାରେ କିଭଳି ସୂଚାରୁ ରୂପେ ପରିଚାଳନା କରାଯାଇ ପାରିବ ସେ ନେଇ କ୍ରୀଡା ସଚିବ ଭିନିଲ କ୍ରିଷ୍ଣା ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହକି ବିଶ୍ୱକପ୍‌କୁ ସଫଳ କରିବା ପାଇଁ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ଜିଲା ତଥା ସହରବାସୀଙ୍କ ସହଯୋଗ କାମନା କରିଥିଲେ। ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ତରାଇ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀରାମଚରିତ ମାନସ ପ୍ରବଚନ ସମ୍ପନ୍ନ


ସେକ୍ଟର-୧୯ରେ ଶ୍ରୀରାମଚରିତ ମାନସ ପାରାୟଣ କରାଯାଉଛି।

**ରାଉରକେଲା ଅଫିସ,୨୮।୧୦**

ରାଉରକେଲା ସେକ୍ଟର-୧୯ ସ୍ଥିତ 'ଏ' ବ୍ଲକର ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଓ ପ୍ରବଚନ ଶୁକ୍ରବାର ସମ୍ପନ୍ନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ରାମଚରିତ ମାନସ ଶ୍ରବଣ କରିବା ସହ ପାରାୟଣ କରିଥିଲେ। ପରେ ସମସ୍ତ ଶ୍ରଦ୍ଧାଳୁ ସାମୂହିକ ଦୀପ ଜାଳି ପ୍ରଭୁ ଶ୍ରୀରାମଙ୍କ ଆରତୀ କରିଥିଲେ। ପ୍ରବଚନ କାର୍ଯ୍ୟକ୍ରମରେ କଥାବ୍ୟାସ ପଣ୍ଡିତ ଶ୍ରୀଧର ଦାସ, ମମତା ପଟ୍ଟନାୟକ, ଦିବ୍ୟଜୀବନ ସଂଘର ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ମହାରାଜ, ବ୍ରହ୍ମଚାରୀ ପ୍ରଣବ ଚୈତନ୍ୟ, ବ୍ରହ୍ମଚାରିଣୀ ସୁଷମା ପ୍ରମୁଖ ଉପସ୍ଥିତ ଥିଲେ।

# ଡା. ଜନାର୍ଦ୍ଦନ ପୂଜାରୀଙ୍କ ୧୩୦ତମ ଜୟନ୍ତୀ

**ସମ୍ବଲପୁର,୨୮।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ଆୟୋଜନରେ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ୧୩୦ତମ ଜୟନ୍ତୀ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ରାମ୍ ଚେତନା ପରିଷଦର ସଂସ୍ଥାପକ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ସମାଜ ସଭାପତି ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ୍ତର ଜନାର୍ଦ୍ଦନଙ୍କ ଲାଗି ଡାକ୍ତରୀସେବା ବୃତ୍ତି ନ ଥିଲା, ସମାଜ କାର୍ଯ୍ୟରେ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଗରିକ ସମାଜ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।


## ପୂର୍ବ ତଟ ରେଳପଥ

କାର୍ଯ୍ୟର ନାମ : ବାଣିଜ୍ୟିକ ବିଜ୍ଞାପନ ଉଦ୍ଦେଶ୍ୟ ପାଇଁ ଭିଡିଓ ୱାଲ୍ (VIDEO WALL)ର ସଂସ୍ଥାପନ ଏବଂ ପରିଚାଳନା। (ପ୍ରତ୍ୟେକ ଷ୍ଟେସନରେ 100 ବର୍ଗଫୁଟ ସ୍ଥାନ ଯୋଗାଇ ଦିଆଯିବ)।

ସ୍ଥାନ : (1) ସମ୍ବଲପୁର (SBP), (2) ସମ୍ବଲପୁର ସିଟି (SBPY), (3) କେସିଙ୍ଗା (KSNG), (4) ବରଗଡ଼ ରୋଡ଼ (BRGA), (5) ବଲାଙ୍ଗୀର (BLGR), (6) ମୁନିଗୁଡ଼ା (MNGD), (7) ଟିଟିଲାଗଡ଼ (TIG), (8) ମହାସମୁନ୍ଦ (MSMD) ଏବଂ (9) କଣ୍ଟାବାଞ୍ଜି (KBJ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା. 11.11.2022ରିଖ 1200 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।

ନିଲାମ ଶେଷ ହେବା ତାରିଖ ଓ ସମୟ : ତା.11.11.2022ରିଖ 1230 ଘଟିକା (କ୍ରମ ସଂ. 1 ପାଇଁ), ତା.11.11.2022ରିଖ 1240 ଘଟିକା (କ୍ରମ ସଂ. 2 ପାଇଁ), ତା.11.11.2022ରିଖ 1250 ଘଟିକା (କ୍ରମ ସଂ. 3 ପାଇଁ), ତା.11.11.2022ରିଖ 1300 ଘଟିକା (କ୍ରମ ସଂ. 4 ପାଇଁ), ତା.11.11.2022ରିଖ 1310 ଘଟିକା (କ୍ରମ ସଂ. 5 ପାଇଁ), ତା.11.11.2022ରିଖ 1320 ଘଟିକା (କ୍ରମ ସଂ. 6 ପାଇଁ), ତା.11.11.2022ରିଖ 1330 ଘଟିକା (କ୍ରମ ସଂ. 7 ପାଇଁ), ତା.11.11.2022ରିଖ 1340 ଘଟିକା (କ୍ରମ ସଂ. 8 ପାଇଁ) ଏବଂ ତା.11.11.2022ରିଖ 1350 ଘଟିକା (କ୍ରମ ସଂ. 9 ପାଇଁ)।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ http://www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-644/N/22-23

## ODISHA PUBLIC SERVICE COMMISSION
CUTTACK
NOTICE

No. 9781/P.S.C. Dt.27.10.2022
1E-09-2022/23 (DR-III)

**Corrigendum to Advertisement No. 09 of 2022-23 for Recruitment to the Posts of Assistant Director of Handicrafts in Class - II (Group-B)**

No. D-201: It is for information of all concerned that at Sub-para - 2 of Para - 4 of Advertisement No. 09 of 2022-23 relating to age relaxation in respect of recruitment ot the Post of Assistant Director of Handicrafts, Class-II, Group-B the words **"and Ex-Servicemen"** is inserted after the word **"Women"** for upper age relaxation upto 05 (Five) years. The last date for submission of online application is extended from 26.10.2022 to 04.11.2022.
All other terms and conditions of the advertisement shall remain unchanged.
The concerned candidates are advised to visit the website of the Commission at **www.opsc.gov.in** for any further information.

OIPR-12002/11/0187/2223 Sd./- Secretary

## Shailabala Women's Autonomous College, Cuttack
Accredited with "A Grade" by N.A.A.C. (2006, 2017)

**ADMISSION NOTICE 2022 - 23**

Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
|---|---|---|
| **B. Sc. ITM** (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website **www.shailabalawomenscollege.ac.in.** Last date to apply 25.11.2022, E-mail: sfcshailabalawac2022@gmail.com

*Sd /- Principal*

**For Details, Call: 8249864218, 9439964289**

## BHUBANESWAR MUNICIPAL CORPORATION
E-Mail Id: ee2@bmc.gov.in

No. C-1465 **E-Procurement Notice**

1. Bid Reference No. : BMC-EED-II-13/2022-23 Dt.26.10.2022
2. Tender Call Notice No. : No. 50152 Dt.26.10.2022
3. No. of Works : 1 No.
4. Bid Value : Rs.29,60,046.00
5. Period of Completion : 90 days

Date and time Schedule

| Start | End | Opening |
|---|---|---|
| 11.00 A.M. of 28.10.22 | 5.00 P.M. of 07.11.22 | 11.00 A.M. of 09.11.22 |

6. Tender details can be seen for the Procurement portal **https://www.tendersodisha.gov.in.** BMC website: **https://www.bmc.gov.in**

Sd./- Executive Engineer, Div-II
OIPR-13002/11/0141/2223 Bhubaneswar Municipal Corporation

## GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA WORKS DEPARTMENT**

**Tender Call Notice**

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-16/2022-23 Memo No - 1986 Dt.20.10.2022**

No. B-743:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No. of Work : 6 Nos.
3. Tender Cost : Rs.10000.00 (On-Line)
4. Class of Contractor : Special Class, B Class & A Class
5. Available of Bid document in the Website : From 10.00 AM of Dt.28.10.2022 up to 05.00 PM of Dt.09.11.2022
6. Date of opening of Bid : Dt. 10.11.2022 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Chief Construction Engineer,
OIPR-34127/11/0025/2223 Khordha (R&B) Circle, Khordha

## OFFICE OF THE NOTIFIED AREA COUNCIL, GANJAM
NO.2000 DATED 26.10.2022

**QUOTATION CALL NOTICE**

No.C-1458:- Sealed quotatins are invited from the intending authorized suppliers / agencies for supply of fountain its platform, illumination and steel railing with granite ploes to Ganjam N.A.C. The prescribed designed and schedule can be obtained from the Office of the N.A.C., Ganjam during the office hours on payment of Rs.6000/- (Rupees six thousand) only + GST 18% in shape of Bank Draft / Banker Cheque in favour of the Executive Officer, N.A.C., Ganjam from dt.27.10.2022 to 4.11.2022 upto 5.30 P.M. The quotation will be received at the office of undersigned on or before 11.00 A.M. of 05.11.22. The quotation will be opened on dtd.05.11.2022 at 3.00 P.M. in presence of the quotationer or their authorized representative. All terms and conditions are printed in the quotation schedule for information of the quotationer. The authority reserves the right to reject or cancel all quotations without assigning any reason thereof.

Sd./- Executive Officer, N.A.C., Ganjam
OIPR-13164/11/0010/2223

## GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
OFFICE OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar,Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com

No.3002/NAC Dt.26.10.2022

**National Competitive Bidding through e-procurement**
**Bid Identification No. NAC-PDP-05/2022-23**

**No.C-1455:**The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

Nature of the Work : Civil Construction works as mentioned in website

1. No. of works : 01 no.
2. Estimate Cost : Rs.6,47,150/-
3. Class of Contractor : "D"
4. Date & Time of availability of Bid Documents in the portal : 10.00 AM on dt.27.10.2022 upto 05.30 PM on dt.05.11.2022
5. Last date & time for receipt of Bids in the portal. : 05.11.2022 at 05.30 PM.
6. Original Bids document received shall be : Before 1.00 PM on dt.07.11.2022
7. Bid opening : Dt.09.11.2022 at 11.30 AM

The bidders have to participate in online bidding only.
Further details can be seen from the website https:// www.tendersodisha.gov.in.

Sd./- Executive Officer, N.A.C., Padampur
OIPR-13118/11/0007/2223

## OFFICE OF THE EXECUTIVE ENGINEER MINOR IRRIGATION DIVISION, PADAMPUR
Phone No-(06683)-223418 (Off) E-mail:-eemipad@yahoo.co.in

**'e'- Procurement Notice**
**Bid Reference No- EE-MID-PDP-05/2022-23**
**No-1949/MID // Date-26-10-2022**

**No.A-652:**Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

1- Name of the works : Re-Construction of 2 Nos. of Head Regulator in Kantheswarpur MIP at RD- 250.00 mtr. (Left) & 465.00 mtr. (Right) in Padampur Block of Bargarh District.
2- No. of Works : 01 (One) No. of Single cover.
3- Estimated cost : Rs. 23.91 Lakh Only
4- Period of completion : 05 (Five) Calendar months.
5- Date and Time of availability of bid documents in the portal : From Dt.05.11.2022 at 10.00 AM to Dt.21.11.2022 upto 5.00 P.M.
6- Last date / time of receipt of bids in the portal : Dt.21.11.2022 upto 5.00 P.M.
7- Date of opening of Bid : Dt.22.11.2022 at 10.00 AM onwards
8- Date of lottery scheduled to be held (If required) : Dt.28.11.2022 at 12.00 AM in the O/o. E.E.M.I.Division,Padampur.
9- Name and address of the OIT : O/o. Executive Engineer, M.I. Division,Padampur At-Padampur, PO-Raj Bora Sambar Dist- Bargarh, PIN-768036 (Odisha) Ph-06683-223418
10- Further details can be seen from the e-Procurement market place : http://tendersodisha.gov.in.

Executive Engineer, M.I.Division, Padampur
OIPR-32037/11/0005/2223

## PANCHAYAT SAMITI, BODEN DIST: NUAPADA
**BID IDENTIFICATION No: PS, BDN / 02/2022-23**
**No.3969//DEV/Dtd.28.10.22**

The **Block Development Officer, Boden** on behalf of Governor of Odisha invites **Percentage Rate** bids in single cover system for the construction of works as detailed in the table, from the Class of eligible contractors as mentioned in column-6 (six) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of Works | Approx. Estimated Cost in (Amount in Rs.) | Cost of tender paper in Rs. | EMD/BID Security | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of SC-Cum- HWC At-Karangamal, Karangmal GP | 31,84,228 + 18% GST | 6000/- | Only the Bid Security Declaration to be furnished in-stead of EMD/Bid Security | 'B' & 'C' | 09 (Nine) Calendar Months |
| 2 | Construction of SC-Cum-HWC At Sunapur, Sunapur GP | 31,84,228 + 18% GST | 6000/- | Only the Bid Security Declaration to be furnished in-stead of EMD/Bid Security | 'B' & 'C' | 09 (Nine) Calendar Months |

1.The sale of the Bid document shall start from Dt 29. 10.2022 and close on Dt 14.11.2022 at 5.00P.M. in the office of the undersigned. Bids shall be received by this office up to 5.00 PM on date 14.11.2022 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.2.The details Bid documents will also be available in the district website http://nuapada.nic.in from 29.10.2022 to 14.11.2022, specification the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours every day except on Sunday & public Holidays till last date of sale and receipt of tender papers.3.The Bid will be opened on Dt 15.11.2022 at 11.30 AM in the office of the undersigned in presence of the bidders or their authorized representative. 4.The authority reserves right to reject any or all the bids without assigning any reason thereof.

Sd./- Block Development Officer, Boden

## OFFICE OF THE MUNICIPAL COUNCIL, BHAWANIPATNA
No. 4048/BPM Date: 21.10.2022

**Expression of Interest (EOI) to lease out the shop room of Smart Park at Bhawanipatna Municipality.**

No.C-1461:- Bhawanipatna Municipality invites Expression of Interest (EOI) in the prescribed Format (Annexure-I) in sealed cover from the intending Person/Mission Shakti Group (MSG)/ Agency to lease out the shop rooms of Smart Park at Bhawanipatna on monthly rental basis. The detail of shop rooms as given below

| SHOP ROOM | AREA (Sq. ft.) | UPSET PRICE FIXED IN RUPEES | RESERVATION STATUS |
|---|---|---|---|
| Shop Room No.-1 | 200 | 150000 | Reserved for MSG |
| Shop Room No.-2 | 200 | 150000 | Reserved for MSG |
| Shop Room No.-3 | 200 | 150000 | Reserved for MSG |
| Shop Room No.-4 | 200 | 150000 | Reserved for MSG |
| Shop Room No.-5 | 200 | 150000 | Open to All Individual/MSG/Agency |
| Shop Room No.-6 | 200 | 150000 | Open to All Individual/MSG/Agency |
| Shop Room No.-7 | 200 | 150000 | Open to All Individual/MSG/Agency |
| Shop Room No.-8 | 200 | 150000 | Open to All Individual/MSG/Agency |

Sealed offers are therefore invited from the interested Person/ **Mission Shakti Group (MSG)**/Agency who are required to quote the details of the shop room number and rate in the format given in the **Annexure I**. Application form required for the applicant can be downloaded from the website **http:/www.kalahandi.nic.in. The Application Form must be submitted with the cost of Application for an amount of Rs 2000/-. (Rupees Two Thousand) only and EMD for an amount of Rs 10,000/- (Rupees Ten Thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna. The EMD is exempted for the Mission Shakti Group irrespective of all Shop Rooms. One Intending person/Mission Shakti Group/Agency can be allotted Maximum One number of shops. If the Applicant is applying for more than one Shop, he/she shall submit separate application form for each shop with application cost and EMD. In case any applicant gets selected in more than one shop he/she shall be allotted the shop where the applicants have quoted the highest price. The monthly rent of the shop is 2000/- (Two Thousand) Only per month**. The Application should reach to Executive Officer, Bhawanipatna Municipality by Registered Post/ Speed post only on or before 10.11.2022 at 5.00 PM. The application received beyond the date and time mentioned above shall not be taken into consideration. The Application form must be accompanied with relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.

The sealed application will be opened on 11/11/2022 at 11 AM in the office of the undersigned in presence of the applicants or their authorized agents and members of the tender committee.

OIPR-13100/11/0020/2223 Sd./- Executive Officer, Bhawanipatna Municipality

See Career Appointment on every Wednesday & Saturday

## ସଂକ୍ଷେପରେ

### ଝାରସୁଗୁଡ଼ା ଗ୍ରୀଡ୍ ସବ୍‌ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥଗିତ

**ସମ୍ବଲପୁର,୨୮।୧୦(ବ୍ୟୁରୋ):** ଓପିଟିସିଏଲ୍ ଦ୍ୱାରା ଅକ୍ଟୋବର ୨୯ ତାରିଖରେ ହେବାକୁ ଥିବା ୧୩୨/୩୩ କେଭି ଝାରସୁଗୁଡ଼ା ଗ୍ରୀଡ ସବଷ୍ଟେଶନରେ ସ୍ୱିଚୟାର୍ଡ ରକ୍ଷଣାବେକ୍ଷଣ କାର୍ଯ୍ୟ ଅପରିହାର୍ଯ୍ୟ କାରଣ ଯୋଗୁ ସ୍ଥଗିତ ରଖାଯାଇଛି। ପୂର୍ବରୁ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଥିବା ସକାଳ ୭ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ନ ହୋଇ ପୂର୍ବଭଳି ଚାଲୁରହିବ ବୋଲି ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ,୨୮।୧୦:** ଝାରସୁଗୁଡା ଟାଉନ ଥାନା ତାଳପଟିଆ ନିକଟରେ ଗୁରୁବାର ରାତିରେ ଏକ କୋଇଲା ବୋଝେଇ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ସେ ହେଲେ ଲଇକେରା ଥାନା ଗୁଲାମାଲର ସନ୍ତୋଷ ପ୍ରଧାନ। ତାଳପଟିଆ ଫାଣ୍ଡି ପୋଲିସ୍ ମୃତଦେହ ଜବତ କରିଥିଲା । ଏ ନେଇ ଝାରସୁଗୁଡା ଟାଉନ୍ ଥାନାରେ ପୋଲିସ ଏକ ମାମଲା (ନଂ.୬୨୯/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ପୋଲିସ୍ ଦୁର୍ଘଟଣା ଘଟାଇ ଫେରାର୍ ଥିବା ସିଜି ୧୫ଏସି-୭୭୨୦ନଂ. କୋଇଲା ବୋଝେଇ ଟ୍ରେଲରକୁ ଜବତ କରିବା ସହ ଚାଳକ ବିଜୟ କୁମାର ସାହାଙ୍କୁ ଗିରଫ କରିଛି।

### ଆର୍‌ପିଏଫ୍ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା ଅଫିସ,୨୮।୧୦:** ଗତ ବୁଧବାର ବେଙ୍ଗାଲୁରୁ-ହଟିଆ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ମହିଳା ଯାତ୍ରୀ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ଝାରସୁଗୁଡା ଜଙ୍କ୍‌ଶନ୍‌ରେ ଉକ୍ତ ଟ୍ରେନ୍ ରହଣି ପରେ ଆର୍‌ପିଏଫ୍ କର୍ମଚାରୀ ଉକ୍ତ ମହିଳା ଓ ନବଜାତ ଶିଶୁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆର୍‌ପିଏଫ୍‌ର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ଏ ନେଇ ଝାରସୁଗୁଡ଼ା ଏଇତ ଜୀବନ ଭି ଫାଉଣ୍ଡେଶନ ତରଫରୁ ଶୁକ୍ରବାର ଆର୍‌ପିଏଫ୍ କନଷ୍ଟେବଲ ମନୋରମା ମହାପାତ୍ର ଓ ଲଳିତା କୁମାରୀଙ୍କୁ ପୁଷ୍ପଗୁଚ୍ଛ ଓ ମୋମେଣ୍ଟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ବରିଷ୍ଠ ନାଗରିକ ବାଳଗୋବିନ୍ଦ ମିଶ୍ର, ଅଞ୍ଜଳି ପ୍ରଭା ପଟ୍ଟନାୟକ, ମାନସୀ ପଣ୍ଡା, ଜ୍ୟୋତିର୍ମୟୀ ବେହେରା, ମଞ୍ଜୁଳା ବେହେରା, ହରପ୍ରିତ ସିଂହ, ବ୍ରଜ ରାୟ, କବିତା ନାୟକ, ପବିତ୍ର ସ୍ୱାଇଁ, ଆଶିଷ ଅଗ୍ରୱାଲ ଓ ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

**ଝାରସୁଗୁଡ଼ା ଅଫିସ,୨୮।୧୦:** ଝାରସୁଗୁଡା ପୌରାଞ୍ଚଳ ୱାର୍ଡ ନଂ୪ ଚୌକିପଡାରେ ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶୁକ୍ରବାର ଭୂମି ପୂଜନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଚୌକିପଡା ପୋଖରୀ କୂଳରେ ମନ୍ଦିର ନିର୍ମାଣ ହେବା ଏଥିପାଇଁ ପୋଖରୀର ପୁନଃଉଦ୍ଧାର କରାଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ଅଶୋକ ଯାଦବ, ପବନସିଂହ ଯାଦବ, ଅମିତ ଯାଦବ, ବେଣୁ ଗୋପାଳ ପାଣିଗ୍ରାହୀ, ଦାନିୟାଲ ଲାକ୍ରା, ରବି ସିଂହ, ପିଣ୍ଟୁ ପାଢୀଉପସ୍ଥିତ ଥିଲେ।

# ଦେଶ ପରିବର୍ତ୍ତନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସମ୍ବଲପୁର,୨୮।୧୦(ବ୍ୟୁରୋ)**

ଦେଶ ପରିବର୍ତ୍ତନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ବ୍ରିଟେନକୁ ପଛରେ ପକାଇ ଭାରତ ପୃଥିବୀର ଆର୍ଥିକ ଶକ୍ତି ଭାବରେ ଉଭା ହୋଇଛି। ଏବେ ନୀତି, ଅର୍ଥନୀତି, ରାଜନୀତି ଓ ସଂସ୍କୃତି ଦୃଷ୍ଟିରୁ ବିଶ୍ୱବାସୀ ଭାରତକୁ ଚାହୁଁଛନ୍ତି। ଇଂରେଜ ଆସିବା ପୂର୍ବରୁ ଦେଶ ପୃଥିବୀ ଅର୍ଥନୀତିରେ ୩୦ପ୍ରତିଶତ ଅଂଶର ଅଧିକାରୀ ଥିଲା। ଆଗାମୀ ୫ବର୍ଷ ମଧ୍ୟରେ ଦେଶ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ। ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶୁକ୍ରବାର ଭାରତୀୟ ପେସାଦାର ସାମ୍ବାଦିକ ମହାସଂଘ (ଆଇଏଫ୍‌ଡବ୍ଲ୍ୟୁଜେ)ର ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଏହା କହିଥିଲେ।



ଆଇଆଇଏମ୍ ନିର୍ଦ୍ଦେଶକ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସେ ଆହୁରି କହିଥିଲେ, ଏହି ସମୟରେ ଦେଶର ସମ୍ବଳ ଯୁବପିଢିଙ୍କୁ ଗୁଣାତ୍ମକ ମାନର ଶିକ୍ଷା ସହିତ ପ୍ରଶିକ୍ଷଣ ପ୍ରଦାନ କରି ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ନାଗରିକଙ୍କ ମଧ୍ୟରେ ଥିବା ଇଂରେଜ ସମୟର ମନୋଭାବକୁ ବଦଳାଇ ଉଦ୍ୟୋଗୀ ଓ ମାଲିକ ହେବାର ମନୋବୃତ୍ତି ଜାଗୃତ କରିବାକୁ ହେବ। ଅନ୍ତର୍ଭୁକ୍ତୀକରଣ ସହିତ ଶିଳ୍ପ ବିକାଶର ରୂପରେଖ ତିଆରି କରିବା ସମୟର ଆହ୍ୱାନ। ଏହି ସମୟରେ ଗଣମାଧ୍ୟମର ଦାୟିତ୍ୱ ଗୁରୁତ୍ୱ ବହନ କରୁଛି। ଭାରତର କୋଣ ଅନୁକୋଣରେ ଥିବା ନିଜସ୍ୱ କଳା କୌଶଳକୁ ଅନ୍ୱେଷଣ

### ଆଇଏଫ୍‌ଡବ୍ଲ୍ୟୁଜେର ପ୍ରତିଷ୍ଠା ଦିବସ

ଓ ନୂଆ ପ୍ରୟୋଗ ଜରିଆରେ ସୁଦୃଢ କରାଗଲେ ସାମଗ୍ରିକ ବିକାଶ ସମ୍ଭବ। କାରଣ ଗଣତନ୍ତ୍ର ହେଉଛି ଦେଶର ବଡ଼ ସାମର୍ଥ୍ୟ। ସମ୍ବଲପୁରୀ ହସ୍ତତନ୍ତର ସୂକ୍ଷ୍ମ କଳାକୁ ବିଶ୍ୱ ଦରବାରରେ ସୁଦୃଢ କରିବା ସହିତ ଏଥିରେ ସମ୍ପୃକ୍ତ ଶିଳ୍ପୀମାନଙ୍କ ମଧ୍ୟରେ ଉଦ୍ୟମିତା ମନୋବୃତ୍ତି ଆଣିବା ପାଇଁ ଆଇଆଇଏମ୍ ସମ୍ବଲପୁର କାର୍ଯ୍ୟ ଆରମ୍ଭ କରିଛି ବୋଲି ସେ କହିଥିଲେ। ସଂଘ ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡିଶା ସିଟିଜେନ ଆୱାର୍ଡ ବିଜୟିନୀ ସାମାଜିକ କର୍ମୀ ଡ. ନାରାୟଣୀ ପଣ୍ଡା କହିଥିଲେ, ଖବରଦାତାମାନେ ଗୋଟିଏ ପରିବାର ଓ କମ୍ୟୁନିଟି। ଏହି ଭାବନା ବଜାୟ ରଖି ପରସ୍ପର ମଧ୍ୟରେ ସହଯୋଗ ମନୋଭାବ ରଖିବାକୁ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଖବରଦାତାମାନେ ସମ୍ମିଳିତ ଓ ଆହୁରି ସଫଳ ହୋଇପାରିବେ ବୋଲି ସେ କହିଥିଲେ। ସଭାରେ ସଂଘର ସଦସ୍ୟ ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ବରଗଡ଼ର ସୁରେନ୍ଦ୍ର ହୋତା ଏବଂ ରାଜେଶ ଅଗ୍ରୱାଲ ଓ ସମ୍ବଲପୁରର ପ୍ରହ୍ଲାଦ ଦାଶଙ୍କୁ ଉତ୍ତରୀୟ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାର ସାମ୍ବାଦିକ ଗୋରେଖ ନାଥ ସାହୁ, ଆଦିତ୍ୟ ପ୍ରସାଦ ମିଶ୍ର, ବାସୁଦେବ ପଣ୍ଡା ଏବଂ ସ୍ୱୟଂମ୍ଭୁନାଥ ଖଣ୍ଡଗିରିଙ୍କୁ ସେମାନଙ୍କ ଅନୁପସ୍ଥିତିରେ ସମ୍ମାନିତ କରାଯାଇଛି। ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ଶିବ ଶଙ୍କର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ଶଙ୍କର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସବିତା ମିଶ୍ର ଗୀତା ଆବୃତ୍ତି କରିଥିଲେ।

### ସ୍ତ୍ରୀଙ୍କୁ ନିର୍ଯାତନା, ଜେଲ ଗଲେ ସ୍ୱାମୀ

**ରେଢାଖୋଲ,୨୮।୧୦(ଡି.ଏନ.ଏ.)**

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀ ଜେଲ ଯାଇଛନ୍ତି। ଏଭଳି ଘଟଣା ଘଟିଛି ଚାରମାଳ ଥାନା ଝାଙ୍କରପଡା ଗ୍ରାମରେ। ସ୍ତ୍ରୀ ଚନ୍ଦ୍ରିକା ବାରିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୧୪୮ ଆଇପିସି ଦଫା ୪୯୮ (କ), ୩୨୩, ୨୯୪, ୫୦୬ରେ ଅଭିଯୁକ୍ତ ସ୍ୱାମୀ ଜଗଦିଶ ବାରିକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚନ୍ଦ୍ରିକାଙ୍କ ଅଭିଯୋଗ ଆନୁଯାୟୀ ସେ ୫ ବର୍ଷ ତଳେ ଝାଙ୍କରପଡା ଗ୍ରାମର ଜଗଦିଶଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୪ବର୍ଷର ପୁଅ ମଧ ଅଛି। ତେବେ ବିବାହର କିଛିବର୍ଷ ପରେ ଜଗଦିଶ ତାଙ୍କୁ ବିଭିନ୍ନ ସମୟରେ ମାରପିଟ କରିବା ସହ ନିର୍ଯାତନା ଦେଇଆସୁଥିଲେ। ତେବେ ଗତ ୨୬ ତାରିଖରେ ଜଗଦିଶ ମାଡ ମାରିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

**ଝାରସୁଗୁଡ଼ା ଅଫିସ,୨୮।୧୦**

ଝାରସୁଗୁଡା ମରାକୁଟାସ୍ଥିତ ବନ୍ଦ ଥିବା ଏମ୍‌ଏସ୍‌ପି ମେଟାଲିକ୍ ପ୍ରକଳ୍ପ ପୁନଃ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏଥିରେ ପୂର୍ବରୁ କାର୍ଯ୍ୟ କରୁଥିବା ସ୍ଥାନୀୟ କର୍ମଚାରୀଙ୍କୁ କମ୍ପାନୀ ଉପେକ୍ଷା କରି ବାହାର କର୍ମଚାରୀଙ୍କୁ ନେଇ ପ୍ରକଳ୍ପ କାର୍ଯ୍ୟ ଚଳାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। ଏହାକୁ ସ୍ଥାନୀୟ କର୍ମଚାରୀ ବିରୋଧ କରି ଜିଲାପାଳ, ଏସ୍‌ପି, ଶ୍ରମ ବିଭାଗକୁ ଅବଗତ କରିଥିଲେ। ହେଲେ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଝାରସୁଗୁଡ଼ା ବଞ୍ଚାଅ ସମିତି ତରଫରୁ ପ୍ରକଳ୍ପ ସମ୍ମୁଖରେ ଶୁକ୍ରବାର ଧାରଣା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏ ନେଇ ୧ସପ୍ତାହ ତଳେ ଜିଲାପାଳ, ଏସ୍‌ପି ଓ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଏହାକୁ ପ୍ରକଳ୍ପ କର୍ତ୍ତୃପକ୍ଷ ବିଚାରକୁ ନେଇ ସମସ୍ୟା ସମାଧାନ ପାଇଁ ୧୫ଦିନ ସମୟ ନେଇଛନ୍ତି। ଫଳରେ ଧାରଣା କାର୍ଯ୍ୟକ୍ରମକୁ ସମିତି ସ୍ଥଗିତ ରଖିଛି।

ଏହି ପରିପ୍ରେକ୍ଷୀରେ ସମିତି ତରଫରୁ ଝାରସୁଗୁଡା ସହରର ଏକ ହୋଟେଲରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ସମିତି ସଭାପତି ଜଗନ୍ନାଥ ଭୋଇ, ସମ୍ପାଦକ ମିତ୍ରଭାନୁ ସାହୁ, ପୂର୍ବ କର୍ମଚାରୀ ଦେବାନନ୍ଦ ବାରିକ, କମଳ ଅଗ୍ରୱାଲ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମିତି କର୍ମକର୍ତ୍ତା କହିଥିଲେ, ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଘରଦ୍ୱାର, ଜମିବାଡି ହରାଇ ବିସ୍ଥାପିତ ହେଲେ। ସେମାନେ


ଖବରଦାତା ସମ୍ମିଳନୀରେ ଝାରସୁଗୁଡା ବଞ୍ଚାଅ ସମିତିର କର୍ମକର୍ତ୍ତା।

### ଏମ୍‌ଏସ୍‌ପି ମେଟାଲିକ୍ ପ୍ରକଳ୍ପରେ ନିଯୁକ୍ତି ପ୍ରସଙ୍ଗ

ପ୍ରକଳ୍ପରେ ନିଯୁକ୍ତିପାଇ ପରିବାର ପ୍ରତିପୋଷଣ କରିବେ ବୋଲି ଆଶା ରଖିଥିଲେ। ହେଲେ ପ୍ରକଳ୍ପ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ଉପେକ୍ଷାକରି ବାହାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରୁଛି। ଏହାକୁ ସମିତି କେବେ ବରଦାସ୍ତ କରିବ ନାହିଁ। ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ରକ୍ଷା କରିନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ଭରସା ରହୁନାହିଁ। ଏବେ କର୍ତ୍ତୃପକ୍ଷ ୧୫ଦିନ ସମୟ ନେଇଛନ୍ତି। ଏହା ଭିତରେ ସମସ୍ୟା ସମାଧାନ ନ ହେଲେ ସମିତି ରାଜରାସ୍ତାକୁ ଓହ୍ଲାଇବ। ଯଦି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ଏଥିପାଇଁ ଜିଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ ପ୍ରକଳ୍ପ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସମିତି ଚେତାବନୀ ଦେଇଛି ।

# ରେଙ୍ଗାଲିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରେଙ୍ଗାଲି,୨୮।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଜୋନ ୧ ଠାରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ତହସିଲ ଛକରୁ ପଦଯାତ୍ରା ଆରମ୍ଭ ହୋଇ ରେଙ୍ଗାଲି ସହର ଭ୍ରମଣ କରି ପଞ୍ଚାୟତ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗ ଦେଇଥିଲେ। ପରେ ରେଙ୍ଗାଲି ପଞ୍ଚାୟତ ଛକରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଜୋନ ୧ ସଂଯୋଜକ ମହେନ୍ଦ୍ର ଓରାମ, ମହିଳା ଉପସଭାପତି ରୀନା ତନ୍ତୀ, ରାଜ୍ୟ ଯୁଗ୍ମସମ୍ପାଦକ ଦିଲୀପ ଧୁରିଆ, ରାଜ୍ୟ ଯୁଗ୍ମ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ଶୈଳେଶ ଦାନି, ଜିଲା ଏସ୍‌ସିଏସ୍‌ଟି ସଭାପତି ମୋତିଲାଲ ତନ୍ତୀ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ଭଇଁସାଲ, ରେଙ୍ଗାଲି ପୂର୍ବତନ ବିଧାୟକ ରମେଶ ପଟୁଆ ପ୍ରମୁଖ ଉପସ୍ଥିତ ଥିଲେ।


ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଓ କର୍ମକର୍ତ୍ତା ।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

**କୁଚିଣ୍ଡା,୨୮।୧୦(ଡି.ଏନ.ଏ.)**

ଏମ୍‌ଜିଏନ୍‌ଆର୍‌ଇଜିଏସ୍ କୁଚିଣ୍ଡା ବ୍ଲକସ୍ତରୀୟ ଜନଶୁଣାଣି ଶୁକ୍ରବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜନଶୁଣାଣିରେ ଜିଲା ସୋସିଆଲ ଅଡିଟର ଆର୍ତ୍ତତ୍ରାଣ ଶତପଥି, ଅମ୍ବୁଶ ବ୍ରଜେନ୍ଦ୍ର କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଅତିରିକ୍ତ ବିଡିଓ ସହଦେବ ନନ୍ଦ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ପ୍ରମୁଖ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୨୧-୨୨ରେ କୁଚିଣ୍ଡା ବ୍ଲକର ୧୭ ପଞ୍ଚାୟତ ସମେତ ଉଦ୍ୟାନ ବିଭାଗ, ଜଙ୍ଗଲ ବିଭାଗ, ମୃତ୍ତିକା



ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀ।

ସଂରକ୍ଷଣ ବିଭାଗରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ଜିଲା ଅଧିକାରୀଗଣ ସମୀକ୍ଷା କରି ଶୁଣାଣି କରିଥିଲେ। ବ୍ଲକରେ ୧୬୧୦୭ ଜବ୍‌କାର୍ଡଧାରୀ ରହିଥିବା ସ୍ଥଳେ ୧୧୮୧୬ଜଣ କାମ କରିଛନ୍ତି। ଏହି ଯୋଜନାରେ ୨୯୧ ପ୍ରକଳ୍ପ ହାତକୁ ନିଆଯାଇ ୭୦ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୩୬କୋଟି ୧୪ଲକ୍ଷ ୧୨ହଜାର ଟଙ୍କା ବ୍ୟୟ ଅଟକଳ ରହିଥିବାବେଳେ ୧୦କୋଟି ୭୦ ଲକ୍ଷ ୩୯ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୯୨୩ ଜବକାର୍ଡଧାରୀ ୧୦୦ଦିନର କାମ ସମ୍ପୂର୍ଣ୍ଣ କରିଥିବା ସମୀକ୍ଷାରୁ ଜଣାଯାଇଛି। ବ୍ଲକ ସହକାରୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରିଚାଳକ ନରେନ୍ଦ ନାୟକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ସମସ୍ତ ପଞ୍ଚାୟତ ପିଇଓ, ଯନ୍ତ୍ରୀ, ଜିଆର୍‌ଏସ୍, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ଗାଁ ସାଥି ଓ ଜବକାର୍ଡଧାରୀ ଉପସ୍ଥିତ ଥିଲେ।

# ପୋଲିସ ଶହୀଦ ସପ୍ତାହରେ ଚମ୍ପେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି

**ରେଢାଖୋଲ,୨୮।୧୦(ଡି.ଏନ.ଏ.)**

ପୋଲିସ ଶହୀଦ ସପ୍ତାହରେ ରେଢାଖୋଲ ପୋଲିସ ପକ୍ଷରୁ ଶହୀଦ ଚମ୍ପେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏ ଅବସରରେ କଦଳିଗଡ ରାଜୀବ ଭବନଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଥାନା ଅଧିକାରୀ ଜୟରଶ୍ମି ସେଠୀ, ସରପଞ୍ଚ ସରୋଜ ସେଠୀ, ଜିଲାପରିଷଦ ସଭ୍ୟ ଶରତ ପ୍ରଧାନ, ଶହୀଦ ଚମ୍ପେଶ୍ୱର ସ୍ମୃତିକମିଟି ସଭାପତି ଧର୍ମେନ୍ଦ୍ର କହଁର, ସମ୍ପାଦକ ଅଶୋକ କୁମାର ମହାକୁଡ, ଦଧିବାମନ କୃଷକ ସଂଗଠନ ସଭାପତି ବୃଷକେତୁ ପ୍ରଧାନ, ଶହୀଦ ଚମ୍ପେଶ୍ୱରଙ୍କ ଭାଇ ପଞ୍ଚାନନ ମହାଖୁଡ ଓ ବିଘ୍ନେଶ୍ୱର ମହାଖୁଡ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ପରେ ଶହୀଦଙ୍କ ଗ୍ରାମ ଧଉରାଖମଣ ଯାଇ ତାଙ୍କ ପିତା ସୁରଞ୍ଜି ପ୍ରଧାନ ଓ ମାତା ଲକ୍ଷ୍ମୀ ମହାକୁଡଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।


ଶହୀଦ ଚମ୍ପେଶ୍ୱରଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଦଧିବାମନ ମନ୍ଦିରରେ ନାଗଚତୁର୍ଥୀ ପୂଜା

**ସମ୍ବଲପୁର,୨୮।୧୦(ବ୍ୟୁରୋ)**

ସମ୍ବଲପୁର ମହାନ୍ତିପଡ଼ାସ୍ଥିତ ଦଧିବାମନ ମନ୍ଦିରରେ ଶୁକ୍ରବାର ନାଗଚତୁର୍ଥି ପୂଜା ସମ୍ପନ୍ନ ହୋଇଛି। ବିଗତ ୪୦ବର୍ଷ ହେବ ବିବାହିତା ମହିଳା ଓ ଝିଅମାନେ ଏହି ପୂଜା କରିଆସୁଛନ୍ତି। ଚଳିତବର୍ଷ ନିର୍ଜଳା ଉପବାସ ରହି ସେମାନେ ନାଗ ନାଗୁଣୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। କଳା ରାଶି ଓ ଅରୁଆ ଚାଉଳ ଚୁନାରେ ବ୍ରତଧାରୀମାନେ ନାଗ ନାଗୁଣୀ ପ୍ରତିମା ତିଆରି କରି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ପୂଜାର୍ଚ୍ଚନା ପରେ ଚୁଡ଼ା ଭୋଗ ଅର୍ପଣ କରିଥିଲେ। ମନସ୍କାମନା ପୂରଣ ପାଇଁ ମହିଳା ଓ ଝିଅମାନେ ପୂଜା କରୁଥିବା ଜ୍ୟୋତି ମଞ୍ଜରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଭାତି ବଡ଼େଇ, କାନନବାଳା ପଟ୍ଟନାୟକ, ବନ୍ଦିତା ସ୍ୱାଇଁ, ଲଭଲି ପଟ୍ଟନାୟକ, ନିସୀମା ପଟ୍ଟନାୟକ, ସିଦ୍ଧିଶ୍ରୀ ପୃଷ୍ଟେଠ, ରିଙ୍କିମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଅପରାଧ ସଚେତନତା କର୍ମଶାଳା

**ନାକଟିଦେଉଳ,୨୮।୧୦(ଡ଼ି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ମୋ କଲେଜ ଅଭିଯାନ ଆନୁକୂଲ୍ୟରେ ଶୁକ୍ରବାର ସାଇବର ଅପରାଧ ଓ ଆଣ୍ଟି ରାଗିଂ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ସାଇବର ଥାନା ଅଧିକାରୀ ଦେବଦ ବସ୍ତିଆ ଓ ନାକଟିଦେଉଳ ଥାନା ଅଧିକାରୀ କୃପାସିନ୍ଧୁ ବାଗ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ଏବଂ କଲେଜରେ ବୃଦ୍ଧି ହେଉଥିବା ରାଗିଂ ସମ୍ପର୍କରେ ଆଲୋଚନା କରି ଏଥିପାଇଁ ରହିଥିବା ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍‌ଲାଇନ ଠକେଇରୁ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଶେଷଦେବ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ପଦଯାତ୍ରାରେ ନେତା, ମନ୍ତ୍ରୀଙ୍କ ପତିଆରା ଜାହିର

**ସମ୍ବଲପୁର,୨୮।୧୦(ବ୍ୟୁରୋ)**

ସମ୍ବଲପୁର ଜିଲାରେ ବିଜେଡି ବିଭିନ୍ନ ସମୟରେ ସମାନ୍ତରାଳ କାର୍ଯ୍ୟକ୍ରମ କରି ଚର୍ଚ୍ଚାରେ ରହିଆସିଛି। ଅକ୍ଟୋବର ୨ରୁ ଦଳ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଏହାକୁ ନେଇ କେତେଜଣ ଦଳୀୟ ନେତା ଓ କର୍ମକର୍ତ୍ତା ଅସନ୍ତୋଷ ବ୍ୟକ୍ତ କରୁଥିଲେ ବି ସାଧାରଣରେ ମୁହଁ ଖୋଲୁନାହାନ୍ତି। ଜିଲା ବିଜେଡି ଦଳର ଶୃଙ୍ଖଳା ଭଙ୍ଗକରି ଅନିୟନ୍ତ୍ରିତ ହୋଇପଡିଥିବା କୁହାଯାଉଛି। ଜିଲାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ପଦଯାତ୍ରାରେ ବାହାର ଜିଲାର ମନ୍ତ୍ରୀ ଓ ନେତାଙ୍କ ଉପସ୍ଥିତି ରହୁଛି। ଦଳରେ ବାହାର ନେତା ଓ ମନ୍ତ୍ରୀ ନିଜ ସମର୍ଥକଙ୍କୁ ନେଇ ପତିଆରା ଜାହିର କରୁଥିବା ଆଲୋଚନା ହେଉଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗୋଷ୍ଠୀ କାର୍ଯ୍ୟକ୍ରମ କରୁଥିବା ବେଳେ ଏବେ ଜିଲାର ରେଢ଼ାଖୋଲ

### ଅନିୟନ୍ତ୍ରିତ ଜିଲା ବିଜେଡି

ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରୁଛନ୍ତି। କେତେକ ସ୍ଥାନରେ ମନ୍ତ୍ରୀ ପୂଜାରୀଙ୍କୁ ଅଣଦେଖା କରାଯାଉଛି। ସେହିପରି କେତେକ ସ୍ଥାନରେ ଦଳର ସଭାପତି ସିଦ୍ଧାର୍ଥ ଦାଶଙ୍କୁ ମଧ୍ୟ କୋଣଠେସା କରାଯାଉଛି। ଜିଲା ପର୍ଯ୍ୟବେକ୍ଷକ ନଳିନୀ ପ୍ରଧାନ ମଧ୍ୟ ଅଧିକାଂଶ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହୁଛନ୍ତି। ଶୁକ୍ରବାର ରେଙ୍ଗାଲି ବ୍ଲକରେ ଆୟୋଜିତ ପଦଯାତ୍ରାରେ ଏହାର ଉଦାହରଣ ଦେଖିବାକୁ ମିଳିଥିଲା। ଏଥିରେ ମନ୍ତ୍ରୀ ପୂଜାରୀ ଓ ରାଜ୍ୟସ୍ତରୀୟ ନେତାମାନଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ଆଲୋଚନା ହେଉଛି।

ସମ୍ବଲପୁର ଜିଲାର ଚାରୋଟି ବିଧାନସଭା ମଧ୍ୟରୁ କୁଚିଣ୍ଡା ଓ ରେଢ଼ାଖୋଲରେ ବିଜେଡି ବିଜୟୀ ହୋଇଥିବା ବେଳେ ରେଙ୍ଗାଲି ଓ ସମ୍ବଲପୁରରେ ଭାଜପା ବିଜୟୀ ହୋଇଛି। କୁଚିଣ୍ଡାରେ କିଶୋର ନାଏକଙ୍କ ନେତୃତ୍ୱରେ ପଦଯାତ୍ରା କରାଯାଉଥିଲା। ଏଥିରେ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସମର୍ଥକ ଗୋଶାଳାରେ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ମନ୍ତ୍ରୀ ପୂଜାରୀ ଯୋଗଦେଇଥିବା ବେଳେ ଜିଲା ସଭାପତି ସିଦ୍ଧାର୍ଥ ଦାଶ ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ନେତାମାନେ ଅନୁପସ୍ଥିତ ରହିଥିଲେ। ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହୀରାକୁଦରେ ପଦଯାତ୍ରା ହୋଇଥିଲା। ଏଥିରେ ଜିଲା ପର୍ଯ୍ୟବେକ୍ଷକ ପ୍ରଧାନ ଉପସ୍ଥିତ ରହିଥିବା ବେଳେ ଅନେକ ନେତାଙ୍କ ଦେଖା ମିଳି ନ ଥିଲା। ଅନ୍ୟପଟେ ମନ୍ତ୍ରୀ ପୂଜାରୀ ନିଜ ଅଞ୍ଚଳରେ ପଦଯାତ୍ରା କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମଧ ଜିଲା ପର୍ଯ୍ୟବେକ୍ଷକ, ଜିଲା ସଭାପତି, ରାଜ୍ୟସ୍ତରୀୟ ନେତା ଅନୁପସ୍ଥିତ ରହୁଛନ୍ତି। ଜଣେ ରାଜ୍ୟସ୍ତରୀୟ ନେତା କହିଛନ୍ତି, ଜିଲାରେ ଦଳର ନେତା, କର୍ମକର୍ତ୍ତାଙ୍କ ସମନ୍ୱୟ ଅଭାବ ରହୁଛି। ନିୟନ୍ତ୍ରଣ ଭିତରେ କେହି ରହୁନାହାନ୍ତି। ଏଥିରେ ରାଜ୍ୟ ନେତୃତ୍ୱ ହସ୍ତକ୍ଷେପ କରି ଶୀଘ୍ର ସମାଧାନ କରନ୍ତୁ, ନ ହେଲେ ଆଗାମୀ ଦିନରେ ଦଳପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଲା ବିଜେଡି ସଭାପତି ଦାଶ କହିଛନ୍ତି, ଦଳରେ କୌଣସି ସମସ୍ୟା ନାହିଁ, ପଦଯାତ୍ରା କାର୍ଯ୍ୟକ୍ରମରେ ବ୍ୟକ୍ତିଗତ କାରଣରୁ କେତେଜଣ ନେତା ଓ ମନ୍ତ୍ରୀ ଅନୁପସ୍ଥିତ ରହୁଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଉଛି। ବ୍ୟକ୍ତିଗତ କାର୍ଯ୍ୟ ଥିବା କାରଣରୁ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସମ୍ଭବପର ନୁହେଁ। ଦଳର ଶୃଙ୍ଖଳା ଓ ନୀତି ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି ବୋଲି ସେ କହିଥିଲେ।

# ସ୍କୁଲର ଉନ୍ନତି ପାଇଁ ମିଳିବ ସ୍ୱତନ୍ତ୍ର ଅନୁଦାନ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

■ ପ୍ରଥମ ପର୍ଯ୍ୟାୟରେ ୩୨ହଜାର ସ୍କୁଲ୍‌କୁ ଦିଆଯିବ
■ ୨୦୨୪ରୁ ରାଜ୍ୟର ସମସ୍ତ ସ୍କୁଲ୍ ସାମିଲ ହେବ

ରାଜ୍ୟରେ ଥିବା ସରକାରୀ ସ୍କୁଲଗୁଡ଼ିକରେ ନାନା ସମସ୍ୟା ଓ ଅଭାବ ଅସୁବିଧା ଲାଗି ରହିଛି। ଏଥିରେ ସୁଧାର ଆଣିବା ଲାଗି ଗଣଶିକ୍ଷା ବିଭାଗ ଯୋଜନା କରିବା ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ରାଜ୍ୟର ସମସ୍ତ ୫୮ହଜାର ୮୯ଟି ସରକାରୀ ସ୍କୁଲର ଉନ୍ନତିକୁ ଫୋକସରେ ରଖାଯାଇଛି। ଏସବୁ ସ୍କୁଲକୁ ବିଭାଗ ପକ୍ଷରୁ ବାର୍ଷିକ ଅନୁଦାନ ମିଳୁଥିବାବେଳେ ଆସନ୍ତାବର୍ଷଠାରୁ ସରକାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବେ। ବିଶେଷକରି ସ୍କୁଲଗୁଡ଼ିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ବାଳିକା ବିଦ୍ୟାଳୟରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ଏହି ସ୍ୱତନ୍ତ୍ର ଅନୁଦାନ ଖର୍ଚ୍ଚ କରାଯିବ। ଏହାଦ୍ୱାରା ପ୍ରାୟ ୬୦ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବା ସହିତ ପିଲାଙ୍କ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ। ତେବେ ପ୍ରଥମ ପର୍ଯ୍ୟାୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିବାବେଳେ ୨୦୨୪ରୁ ରାଜ୍ୟର ସବୁ ସରକାରୀ ସ୍କୁଲ ଏହି ଯୋଜନାରେ ସାମିଲ ହେବାର ଯୋଜନା ରହିଛି।

ମିଳିଥିବା ସୂଚନାନୁସାରେ, ପ୍ରତି ସ୍କୁଲକୁ ୩ବର୍ଷରେ ଥରେ ସ୍ୱତନ୍ତ୍ର ଅନୁଦାନ ବାବଦକୁ ୨୧ହଜାର ୫୦୦ ଟଙ୍କା ଦିଆଯିବ। ବିଜ୍ଞାନ ଉପକରଣ ଲାଗି ୫ହଜାର ଟଙ୍କା, ପାଠ୍ୟପୁସ୍ତକ ଲାଗି ୮ହଜାର ଟଙ୍କା, ଖେଳ ସରଞ୍ଜାମ ଲାଗି ଅଢ଼େଇ ହଜାର ଟଙ୍କା, ବାଳିକା ବିଦ୍ୟାଳୟଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଲାଗି ୬ହଜାର ଟଙ୍କା ଦିଆଯିବ। ପ୍ରତି ୩ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମେଣ୍ଟେନାନ୍ସ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ଅତିରିକ୍ତ ୫ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯିବ। ଏଥିରେ ଶିକ୍ଷକଙ୍କ ଲାଗି ତାଲିମ, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀର ଆୟୋଜନ ଲାଗି ଖର୍ଚ୍ଚ କରାଯିବ। ସରକାରୀ ସ୍କୁଲଗୁଡ଼ିକରେ ପିଲାଙ୍କୁ କେବଳ ପାଠ୍ୟପୁସ୍ତକରେ ସୀମିତ ରଖାଯାଉଛି। କିନ୍ତୁ ଆସନ୍ତା ଶିକ୍ଷା ବର୍ଷରୁ ସରକାରୀ ସ୍କୁଲଗୁଡ଼ିକରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ବାଣିଜ୍ୟସ୍ତରର ପ୍ରଶିକ୍ଷଣ ପ୍ରଦାନ କରାଯାଇ ସେମାନଙ୍କ ମଧ୍ୟରେ ସବୁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ପ୍ରୟାସ କରାଯିବ। ଏଥିପାଇଁ ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ଅଣାଯିବ। ଏଥିସହ କ୍ରୀଡ଼ା, କଳା, ସଙ୍ଗୀତ, ବିଜ୍ଞାନ ଆଦି ଯେଉଁ କ୍ଷେତ୍ରରେ ପିଲାଙ୍କର ରୁଚି ରହିଛି, ସମ୍ପୃକ୍ତ ବିଷୟରେ ଅଧିକ ଦକ୍ଷତା ବଢ଼ାଇବା ଲାଗି ଅତିରିକ୍ତ ପ୍ରୟାସ କରାଯିବ। ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକରେ ପିଲାଙ୍କୁ ଯେପରି ଭାବେ ପ୍ରସ୍ତୁତ କରାଯାଉଛି ସେହିଭଳି ସୁବିଧା ଯୋଗାଇ ଦିଆଯିବ। ସେଥିପାଇଁ ଅତିରିକ୍ତ ବ୍ୟୟ ବରାଦ ଯୋଜନା କରାଯିବ। ସମଗ୍ରଶିକ୍ଷାରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଛି, ଆସନ୍ତାବର୍ଷଠାରୁ ଅନୁଦାନ ରାଶି ବଢ଼ାଇବା ଲାଗି ସ୍ୱତନ୍ତ୍ର ପ୍ରସ୍ତାବ ଦିଆଯିବ। ଏନେଇ ଜିଲାସ୍ତରରେ ପିଲାଙ୍କ ଦକ୍ଷତା ଏବଂ ସ୍କୁଲର ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରିବା ପରେ ରିପୋର୍ଟ ପ୍ରସ୍ତୁତ କରାଯିବ। ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଥିବା ସୂଚନା ଦିଆଯାଇଛି।

# କଣ୍ଟେନର କାର୍ଗୋ ଯାଞ୍ଚ ପାଇଁ ମୋବାଇଲ ଏକ୍ସ-ରେ ସ୍କାନର ବ୍ୟବସ୍ଥା

ପାରାଦୀପ,୨୮।୧୦(ସ୍ୱ.ପ୍ର.)

■ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର
■ ଚୋରା ସାମଗ୍ରୀ, ମାଦକଦ୍ରବ୍ୟ, ଗୋଳାବାରୁଦର ଅଟୋମେଟିକ ଯାଞ୍ଚ ହେବ

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବନ୍ଦର ମଧ୍ୟରେ କାରବାର ହେଉଥିବା କଣ୍ଟେନର କାର୍ଗୋକୁ ଯାଞ୍ଚ କରିବା ପାଇଁ ମୋବାଇଲ ଏକ୍ସରେ ସ୍କାନର ବ୍ୟବସ୍ଥା ଲାଗୁ କରାଯିବ। କଷ୍ଟମ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯିବ। ସେଥିପାଇଁ ପ୍ରଶାସନିକ ଭବନର ବୋର୍ଡ ରୁମରେ ଶୁକ୍ରବାର ବୈଠକ ହୋଇଥିଲା। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ଉପାଧ୍ୟକ୍ଷ ଏ.କେ ବୋଷଙ୍କ ଉପସ୍ଥିତିରେ କଷ୍ଟମ୍ ଡେପୁଟି କମିଶନର ତରୁଣ କୁମାର ପଣ୍ଡା, ବନ୍ଦର ଟ୍ରାଫିକ ମ୍ୟାନେଜର ଜି.ଏଡିଶନ ଓ ଏକ୍ସରେ ଯୋଗାଇଥିବା କମ୍ପାନୀ ସ୍ମିଥସ ଡିଟେକ୍ସନ ପିଟିଇ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ବିକ୍ରାନ୍ତ ତ୍ରିଲୋକେକର ଏହି ଅବସରରେ ଚୁକ୍ତିନାମାରେ ଦସ୍ତଖତ କରିଥିଲେ। ୨୯.୬୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ମୋବାଇଲ ଏକ୍ସରେ ସ୍କାନର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରେ ଲଗାଯିବ। ସୂଚନାଯୋଗ୍ୟ, ଗୁଜରାଟର ଏକ ଘରୋଇ ବନ୍ଦରକୁ ଗତ କିଛି ବର୍ଷ ମଧ୍ୟରେ ଏକାଧିକ ବାର ବିପୁଳ ପରିମାଣର ମାଦକଦ୍ରବ୍ୟ ଆସିଥିଲାବେଳେ ଧରାପଡ଼ିଛି। ସେଭଳି ଘଟଣାକୁ ଏଡ଼ାଇବା ପାଇଁ ପାରାଦୀପ ବନ୍ଦର ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିବା କୁହାଯାଇଛି।


**Bhubaneswar Municipal Corporation**
*Progress through Partnership for better Bhubaneswar*

Notice No. 50491 Date: 27.10.2022
XXII(L) 18/22

**Addendum Notice No. 1 to short tender for the work "Dismantling and removal of illegal advertisements hoardings on Pvt./Govt. Land, rooftops of high-rise buildings etc. within jurisdiction of BMC"**

No. C-1474: In reference to the Tender No. 49072, dated 18.10.2022 for the work "Dismantling and removal of illegal advertisements hoardings on Pvt./Govt. Land, rooftops of high-rise buildings etc. within jurisdiction of BMC, a few clauses have been added in the tender in regard to the scope of work. Interested bidders are required to go through the addendum notice before submitting the proposal. The details of the Addendum-1 are available in BMC website: **http://bmc.gov.in**.

By Order
Sd./- Deputy Commissioner (Revenue)
Bhubaneswar Municipal Corporation
OIPR-13002/11/0143/2223



GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, ROURKELA IRRIGATION DIVISION, ROURKELA**
email Id: seridrkl@gmail.com

**e-PROCUREMENT NOTICE**
**BID IDENTIFICATION No. SERID-RKL-02/2022-23**

No. A-653: BID documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tenderorissa.gov.in** complete online process only.

| | | | |
|---|---|---|---|
| 1 | Nature of Work | : | Canal Work |
| 2 | Total Number of Works | : | 06 (Six) Nos. |
| 3 | Bid Identification No. | : | SERID-RKL-02/2022-23 **(Online)** |
| 4 | Estimated Cost | : | Rs.15.24 lakhs to 24.21 lakhs |
| 5 | Class of Contractor | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Earnest Money Deposit | : | Referred to DTCN |
| 8 | Period of Completion | : | Referred to DTCN |
| 9 | Date & time of availability of Bid documents in the portal | : | From Dt.01.11.2022 at 10.00 A.M. to Dt.11.11.2022 upto 05.30 P.M. |
| 10 | Last Date/time for receipt of bids in the portal | : | Dt.11.11.2022 at 05.30 P.M. |
| 11 | Date and time of Opening of Bids | : | Dt.14.11.2022 at 11.00 hours |
| 12 | Last date & time of seeking of clarification | : | Dt.05.11.2022 at 1.00 P.M. |
| 13 | Date of Lottery (in case of situation arise) | : | 16.11.2022 at 11.00 hours |
| 14 | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 15 | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017.
Further details can be seen from the Govt. website **www.tendersorissa.gov.in**.

Sd./- Superintending Engineer
Rourkela Irrigation Division, Rourkela
OIPR-32018/11/0006/2223


# ସମୁଦ୍ର ମଝିରୁ ୩ ବାଂଲାଦେଶୀ ଧୀବର ଉଦ୍ଧାର



ଉଦ୍ଧାର ହୋଇଥିବା ବାଂଲାଦେଶୀ ଧୀବର।

■ ୪ ଦିନ ହେବ ନ ଖାଇ, ନ ଶୋଇ ଭାସୁଥିଲେ
■ ବାତ୍ୟା ପ୍ରଭାବରେ ବୋଟ୍ ବୁଡ଼ିଯାଇଥିଲା
■ ଦେବଦୂତ ସାଜିଲେ ବାଲେଶ୍ୱର ମତ୍ସ୍ୟଜୀବୀ

ପାରାଦୀପ,୨୮।୧୦(ସ୍ୱ.ପ୍ର.)

ବୋଟ୍ ବୁଡ଼ିଯିବା ପରଠାରୁ ୪ ଦିନ ହେବ ସମୁଦ୍ର ମଝିରେ ଅତଳ ଗର୍ଭରେ ଭାସୁଥିଲେ ୩ ବାଂଲାଦେଶୀ ଧୀବର। ଗୁରୁବାର ଦେବଦୂତ ସାଜି ବାଲେଶ୍ୱର ଜିଲାର କେତେଜଣ ମତ୍ସ୍ୟଜୀବୀ ସେମାନଙ୍କୁ ଉଦ୍ଧାର କରି ଶୁକ୍ରବାର ପାରାଦୀପ ମାଛଧରା ବନ୍ଦର ପରିସରରେ ପହଞ୍ଚିଛନ୍ତି। ରଘୁନାଥ ନାମକ ମାଛଧରା ବୋଟରେ ୨ ଓ ତ୍ରିଶକ୍ତି ନାମକ ବୋଟରେ ଜଣେ ଧୀବରଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ମହମ୍ମଦ ମିରାଜ, ମହମ୍ମଦ ନାର୍ଜି ଓ ହବିସ ମେହମୁଦ ପଣ୍ଡିତ। ଅବସ୍ଥା ଗୁରୁତର ଥିବାରୁ ପାରାଦୀପ ମତ୍ସ୍ୟ ବିଭାଗ ଓ ମେରାଇନ୍ ପୋଲିସ ସେମାନଙ୍କୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି।

ଏ ସମ୍ପର୍କରେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କୁହନ୍ତି, ବାତ୍ୟା ସିତ୍ରାଙ୍ଗ ପ୍ରଭାବରେ ଅକ୍ଟୋବର ୨୪ରେ ଉକ୍ତ ବାଂଲାଦେଶୀ ବୋଟ ସମୁଦ୍ରରେ ବୁଡି ଯାଇଥିଲା। ସେବେଠାରୁ ମତ୍ସ୍ୟଜୀବୀମାନେ ପାଣିରେ ଭାସୁଥିଲେ। ଏମିତି ୪ ରୁ ୫ ବୋଟ୍ ବୁଡ଼ିଯାଇଥିଲା। କୋଷ୍ଟଗାର୍ଡ ପକ୍ଷରୁ ଦୁଇଦିନ ତଳେ ୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଏହାବ୍ୟତୀତ ବାଲେଶ୍ୱର ବୋଟ ମଧ୍ୟ କେତେଜଣ ବାଂଲାଦେଶୀଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। ପାରାଦୀପରେ ପହଞ୍ଚିଥିବା ଜଣେ ମତ୍ସ୍ୟଜୀବୀଙ୍କ ମତରେ ତାଙ୍କ ବୋଟ୍‌ରେ ୨୪ ଜଣ ଥିଲେ। ଅନ୍ୟମାନଙ୍କ ଖବର ସେ ଜାଣିନାହାନ୍ତି। ଉଦ୍ଧାର ଧୀବରମାନଙ୍କ ପ୍ରାଥମିକ ଚିକିତ୍ସା ପରେ ମେରାଇନ ପୋଲିସକୁ ହସ୍ତାନ୍ତର କରାଯିବ। ପୋଲିସ, ଇମିଗ୍ରେଶନ ପରେ ବୈଦେଶିକ ନିୟମାନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଉଦ୍ଧାର କରିଥିବା ରଘୁନାଥ ନାମକ ବୋଟ୍‌ର ଡ୍ରାଇଭର ବିଶ୍ୱନାଥ ଗାରୁ କୁହନ୍ତି, ଆମେ ମାଛ ଧରିବାବେଳେ ପାଣିରେ ୨ ଜଣଙ୍କୁ ଭାସୁଥିବା ଦେଖି ସେମାନଙ୍କୁ ଉଦ୍ଧାର କରିଥିଲୁ।


**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR- 751022
Tel: 91 -0674-2542983,2542802,2545526, Fax- 2542102,
e-mail - ohpc.co@gmail.com
CIN : U40101OR1995SGC003963
No. OHPC: TECH: C&P: 18/2022-23/7510 Date: 27.10.2022

**NOTICE INVITING TENDER No. 21 /2022-23**

**No.CAD-2299:**ODISHA HYDRO POWER CORPORATION LIMITED invites sealed tenders in two parts i.e. (i) Techno Commercial Bid & (ii) Price bid in separate sealed envelopes from all General Insurance Companies approved by IRDA, who meet the eligibility criteria for Industrial All Risk Insurance Policy and Stand Alone Terrorism Policy for its Hydro Power Generating units at BHEP Balimela, UKHEP Bariniput, UIHEP Mukhiguda, HHEP Burla, CHEP Chiplima and RHEP Rengali as stated in the Invitation to bid.
For details of the tender documents, terms & conditions please visit/ refer our website www.ohpcltd.com from 31.10.2022.

OIPR-04012/11/0025/2223 **Contract & Procurement Head**



GOVERNMENT OF ODISHA No.B-746:-
OFFICE OF THE CHIEF CONSTRUCTION ENGINEER
SOUTHERN (R&B) CIRCLE, BERHAMPUR
Phone: 0680- 2281582, e-mail: ccescbam@gmail.com
INVITATIONS FOR BIDS (IFB) [e-PROCUREMENT]
Bid Identification No.CCE, S.C. (R&B)- BAM-12/2022-23 No.3998/ Dated: 14.10.2022

| | | | |
|---|---|---|---|
| 1 | The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building / Road / Bridge Works as detailed in the table below. | | |
| 2 | Nature of work | : | Building / Road / Bridge works |
| 3 | No. of work | : | 07 Nos. |
| 4 | Tender cost | : | Rs.10,000/- (Online) |
| 5 | Class of contractor | : | 'B' Class & 'A' Class |
| 6 | Availability of bid document in the website | : | From 31.10.2022 10.00 A.M. to 15.11.2022 4.00 P.M. |
| 7 | Date of opening of bid | : | 16.11.2022 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website https://tendersodisha.gov.in | | |
| 9 | Any addendum / corrigendum / cancellation of tender can also be seen in the said website only. | | |

Sd./- (D.C. Behera)
Chief Construction Engineer, Southern (R&B) Circle, Berhampur
OIPR-34103/11/0014/2223



**SHORT TENDER CALL NOTICE**
**Tender Notice No. 6124/Jls, Bhubaneswar Date: 28.10.2022**

No. D-202: Sealed tenders in plain papers are invited from the intended firms/contractors/Co-operative organisations registered under GST Act having PAN Card and up-to-date GST Clearance Certificate with TIN/ SRIN for supply of Shoddy Wool for making of Prison Blankets and supply of Raw materials for preparation of phenyl for the year 2022-2023 as per the quantity given below. The rates should be quoted in Kg./Litre inclusive of all taxes and free delivery at the Jail Gate of Special Jail, Bhubaneswar at Jharpada, Laxmisagar. The rates should be accompanied with sample to be certified by the purchase committee confirming the required specification. All the tenderers must be present either in person or through their authorized agents/representatives with samples on the day of opening of tender papers. The selected samples may be put to auction, if necessary. Firms/Contractors/Co-operative Organisations should enclose the copy of certificate showing the dealership of the shoddy wool/ raw materials of phenyl. Every tenderer will be required to deposit along with his tender an earnest money @ 2.5% of the estimated value of the articles tendered for in shape of N.S.C./Postal Savings Pass Book Account duly pledged in favour of the Superintendent of Special Jail, Bhubaneswar. Successful tenderers or bidders will be required to enter into stamped agreement with the Superintendent of Special Jail, Bhubaneswar within seven days from the date of receipt of intimation by them that their rates have been accepted for the supply of the articles at the Jail Gate in such quantities and at such time may be required. In addition, they should before entering such agreements, deposit security money @ 10% of the cost of supplies undertaken, in form of Postal Savings Bank Account or in shape of National Savings Certificate duly pledged to the undersigned. Failing compliance within the time specified the earnest money be confiscated. The earnest money deposited by the tenderers whose tenders have not been accpeted will be refunded to them after the final acceptance of the tender by the purchase committee. The rate fixed by purchase committee is final. The Chairman, purchase committee reserves the right in the public interest to reject any or all tender without assigning any reason thereof. The sealed tenders quoting rates to be submitted directly to the Superintendent, Special Jail, Bhubaneswar **on or before 5.00 P.M. of 18.11.2022**. Sealed tenders will be opened **at 4.00 P.M. of 25.11.2022** or in consultation with the Chairman of the Purchase Committee.
**E-mail ID: bhubaneswarjail.od@nic.in**
**Phone No.: 0674-2578077**

**LIST OF ARTICLES TO BE PURCHASED DURING THE YEAR 2022-23**

| Sl. No. | Name of Articles | Quantity |
|---|---|---|
| 1 | 2 | 3 |
| 1 | Shoddy Wool | 70 Qntls. |
| 2 | Acid Slurry | 45 Litres |
| 3 | Pine Oil | 675 Litres |
| 4 | Essence (Jasmine) | 14 Litres |
| 5 | Rosin | 325 Kg. |
| 6 | Castrol Oil | 145 Litres |
| 7 | L.C.O. | 900 Litres |
| 8 | Carbolic Acid | 25 Litres |
| 9 | M.C.P. | 25 Litres |

Sd./- Superintendent
Special Jail, Bhubaneswar
OIPR-12012/11/0002/2223


## ସୈନିକ ସ୍କୁଲରେ ନାମଲେଖା

# ଜାନୁୟାରୀ ୮ରେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା

**ନଭେମ୍ବର ୩୦ ପର୍ଯ୍ୟନ୍ତ ଆବେଦନ**

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା (ଏଆଇଏସ୍ଏସ୍ଇଇ) ୨୦୨୩ ଜାନୁୟାରୀ ୮ରେ ଅନୁଷ୍ଠିତ ହେବ। ଏଥିପାଇଁ ଗତ ୨୧ ତାରିଖରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହା ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଛାତ୍ରୀଛାତ୍ର https://aissee.nta.nic.in ୱେବ୍‌ସାଇଟରେ ଆବେଦନ କରିପାରିବେ। ଅନ୍‌ଲାଇନରେ ଆବେଦନ କରାଯାଇ ନ ଥିଲେ ଆବେଦନପତ୍ରକୁ ଗ୍ରହଣ କରାଯିବ ନାହିଁ। ତେବେ ଭୁବନେଶ୍ୱର ସୈନିକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମଲେଖା ଲାଗି ଉଭୟ ଝିଅ ଓ ପୁଅ ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିପାରିବେ। ପୁଅଙ୍କ ପାଇଁ ୧୦୩ ଏବଂ ଝିଅଙ୍କ ପାଇଁ ୧୨ଟି ସିଟ୍‌ରେ ନାମ ଲେଖାଯିବ। ୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ନିମନ୍ତେ ଛାତ୍ରୀଛାତ୍ରଙ୍କ ବୟସ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ୧୦ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

ସୂଚନାଯୋଗ୍ୟ, ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ପରିବାରର ଛାତ୍ରୀଛାତ୍ରଙ୍କୁ ସୈନିକ ସ୍କୁଲରେ ପାଠପଢ଼ା ନିମନ୍ତେ ଟ୍ୟୁଶନ ଫି' ବାବଦରେ ସହାୟତା ଯୋଗାଇ ଦେବା ଲାଗି ଓଡ଼ିଶା ସରକାର ଏକ ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ୨୦୧୯-୨୦ ଶିକ୍ଷା ବର୍ଷଠାରୁ ଆରମ୍ଭ ହୋଇଛି। ସେହିଭଳି ସୈନିକ ସ୍କୁଲରେ ପଢୁଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ୨୦୨୨-୨୩ ଶିକ୍ଷାବର୍ଷଠାରୁ ଖାଦ୍ୟ ସବ୍‌ସିଡି ଯୋଜନା ଆରମ୍ଭ କରିଛନ୍ତି। ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ (ଅଣ ସ୍ୱଚ୍ଛଳ ବର୍ଗ), ପ୍ରତିରକ୍ଷା ଓ ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କୁ ଦିନକୁ ୭୫ ଟଙ୍କା ଲେଖାଏ ୨୯୫ଟି କାର୍ଯ୍ୟ ଦିବସ ପାଇଁ ବର୍ଷକୁ ୨୨,୧୨୫ ଟଙ୍କା ଯୋଗାଇ ଦିଆଯିବ। ଏଥିସହିତ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆର୍ଥିକ ସହାୟତା କାରଣରୁ ସାଧାରଣ ପରିବାରର ଛାତ୍ରୀଛାତ୍ରଙ୍କ ପାଇଁ ସୈନିକ ସ୍କୁଲରେ ପାଠ ପଢ଼ିବା ସହଜ ହୋଇପାରିଛି। ଏଭଳି ଏକ ପ୍ରୋତ୍ସାହନ ବ୍ୟବସ୍ଥା କାରଣରୁ ଓଡ଼ିଶାର ଆର୍ଥିକ ଦୁର୍ବଳ ପରିବାରର ଛାତ୍ରୀଛାତ୍ରଙ୍କ ସୈନିକ ସ୍କୁଲରେ ପଢ଼ିବାର ସ୍ୱପ୍ନ ସାକାର ହୋଇପାରିବ। ଭୁବନେଶ୍ୱର ସୈନିକ ସ୍କୁଲରେ ସ୍ମାର୍ଟ ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର, କ୍ରୀଡ଼ା ସୁବିଧା, ଉନ୍ନତ ସୁବିଧା ଥିବା ଛାତ୍ରାବାସ ଓ କ୍ୟାଡେଟ୍ ମେସ୍ ସମେତ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି। ଏଠାରେ ନାମ ଲେଖାଇବା ପାଇଁ ଅଭିଭାବକମାନେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଆବେଦନ କରିବାକୁ ଭୁବନେଶ୍ୱର ସୈନିକ ସ୍କୁଲ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି।


ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-1179 Bid Identification No. Online Tender / 53-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 53-2022-23/ BPR | Road Works under Transferred Road Improvement Programme (TRIP) | 16 Nos. | From Rs.121.97 lakhs to Rs.452.35 lakhs | "B" Class, "A" as applicable | 06 (Six) & 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 53-2022-23/BPR | 03.11.2022 at 10.00 A.M. | 18.11.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
OIPR-25071/11/0088/2223 Sd./- Chief Construction Engineer, R.W. Circle, Berhampur



Ref. No: SO/IV/2022-23/84/569 Date: 28.10.2022
Startup Odisha
(2nd Floor, Tower-A, Odisha Startup Incubation Centre (O-Hub) Special Economic Zone, Infocity, Patia, Bhubaneswar-751024)

**REQUEST FOR PROPOSAL**

**No.CAD-2303:**Sealed proposals are invited from reputed firms for "Selection of an agency for Toll-free Operations for Startup Odisha". The details of tender/RFP documents and other details can be downloaded from www.startupodisha.gov.in w.e.f. 29.10.2022. Important dates are as follows:

| Date of Commencement of RFP | Date & time of Pre-bid meeting | Last Date & Time for Submission of Proposal | Date and time for Technical Presentation | Date for Financial Bid opening (Tentative) |
|---|---|---|---|---|
| 29.10.2022 | 07.11.2022 3.30 PM | 21.11.2022 11 AM | 21.11.2022 1 PM | 21.11.2022 5 PM |

The last date of receipt of proposal is 21.11.2022,11 AM, which will be opened on the same day. All the Prospective Bidders are also advised to kindly keep referring Startup Odisha website (www.startupodisha.gov.in) for any updates in reference to the RFP/Tender.
OIPR-43007/11/0018/2223 **Evangelist, Startup Odisha**



**OFFICE OF THE EXECUTIVE ENGINEER MINOR IRRIGATION DIVISION, KHARIAR**
Dist.: Nuapada, PIN - 766107
E-mail: eemidivision_khariar@rediffmail.com
Letter No. 2058/MID/Khariar the dated 28.10.2022

**QUOTATION CALL NOTICE**

No. A-661: Sealed quotations/tenders are invited from interested reputed Travel Agencies/Tour Operators or private individuals for providing 1 No. of AC Diesel driven vehicles (Bolero/TUV-300/Sumo Gold/Ertiga) having sitting capacity not more than ten including driver, which shall conform to the terms and conditions (Annexure-II) for official of the Executive Engineer, M.I. Division, Khariar (For use of staffs of NAFCC Work) for financial year 2022-23 (Upto March - 2023) on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage permit, proof of uptodate tax payment etc. which are mandatory for plying of vehicle.
2. The Deiver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the Executive Engineer, M.I. Division, Khariar and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 10 Kms per litre.
7. The details of the make and year of manufacture of the vehicle, registration no., mileage (Kms covered per litre) and name of the driver with Driving Licence No. and period of validity should be specifically provided in the general bid information to be furnished with the Quotation/Tender (Annexure - III).
8. The quotation completed in all respect should reach the undersigned on or before 05.11.2022 by 1.00 P.M. and shall be opened on same day at 3.00 P.M. in presence of the bidders or their authorized representatives.
9. The application form of quotation containing General Bid Information & terms and conditions for hiring of vehicles etc. will be available in O/o. the Executive Engineer, M.I. Division, Khariar & NAFCC Office, Nuapada from 29.10.2022 to 05.11.2022 upto 1.00 P.M. the applicant on Rs.100/- (Rupees one hundred) only towards the cost of application along with the application.

Sd./- Executive Engineer, M.I. Division, Khariar
OIPR-32090/11/0005/2223

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଅକ୍ଟୋବର, ୨୦୨୨



**ମିଶନ ଶକ୍ତି ଗୃହ ଉଦ୍‌ଘାଟିତ**

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଓ ଶିଶୁ ବିକାଶ ଅଫିସ ଠାରେ ୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି ଗୃହ ଗୁରୁବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଜିଲାପାଳ ଅବୋଲି ସୁନିଲ ନରୱେଣେ, ବ୍ଲକ ଅଧକ୍ଷା ଦିପ୍ତୀରେଖା ନନ୍ଦ, ନଗରପାଳ ସୁବାସ ଚନ୍ଦ୍ର ଭୁଏ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଏକ ସାଧାରଣ ସଭା ସିଡିପିଓ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଙ୍ଗନବାଡି କର୍ମୀ, ସୁପରଭାଇଜର,ଏସଏଚଜି ଗ୍ରୁପର ମହିଳା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାରକୋଟରେ କାଳୀପୂଜା ଧୁମଧାମରେ ପାଳିତ



ଦେବଗଡ଼,୨୮।୧୦(ଡି.ଏନ.ଏ.): ଦେବଗଡ଼ ଜିଲାର ପ୍ରସିଦ୍ଧ ବାରକୋଟ କାଳୀପୂଜା ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଜାରି ରହିଛି। ବାରକୋଟ କାଳୀପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପୂଜା ୨୮ବର୍ଷରେ ପଦାର୍ପଣ କରିଛି। ବିଗତ ଦୁଇବର୍ଷ କରୋନା କଟକଣା ଯୋଗୁଁ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଦର୍ଶନରୁ ବଞ୍ଚିତ ହେବାକୁ ପଡିଥିବାରୁ ଚଳିତବର୍ଷ କଟକଣା ମୁକ୍ତ ମେଳା ଯୋଗୁ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଛି। ୧୦ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ଓ ମେଳାରେ ମା'ଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସମାଗମ ପୂଜା ମଣ୍ଡପରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ଆୟୋଜକ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ମୀନାବଜାର, ଦୋଳି, ଅପେରା ଓ ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖୁଥିବା ଦେଖିବାକୁ ମିଳିଛି। ସେହିପରି ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାକୁ ରାସ୍ତାରେ ଯାଉଥିବା ଯାତ୍ରୀ କିଛି ସମୟ ଅଟକି ଉପଭୋଗ କରୁଥିବା ଦେଖିବାକୁ ମିଳିଛି।

### ଜିଲା ଅନୁସୂଚିତ ଜାତି, ଜନଜାତି ସଂଘ ପକ୍ଷରୁ ଦାବିପତ୍ର



ଦେବଗଡ଼,୨୮।୧୦(ଡି.ଏନ୍.ଏ.): ଦେବଗଡ଼ ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଘ ପକ୍ଷରୁ ଶୁକ୍ରବାର ୩ଦଫା ଦାବିନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ସଂଘର ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ପୌରାଞ୍ଚଳ ଅନ୍ତର୍ଗତ ନୀଳବେର୍ଣ୍ଣି ସାହି ଓ ରାଜା ମୁଣ୍ଡା ଛକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ନାମକରଣ ଯଥାକ୍ରମେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଓ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ନାମରେ ନାମିତ କରିବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମୁକୁନ୍ଦ ପ୍ରାଥମିକ ବିଦ୍ୟାଳୟ ଓ ପତ୍ରାପାଲି ପ୍ରାଥମିକ ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ଦାବି କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତିର ଦୁଇ ମହାପୁରୁଷଙ୍କ ନାମରେ ଜାତୀୟ ରାଜପଥର ଛକଗୁଡିକୁ ନାମିତ କରିବାକୁ ସଂଘ ଅନୁରୋଧ କରିଥିବା ଜଣା ପଡିଛି।

### ଦେବଗଡ଼ ଜିଲା କୃଷକ ସଂଘର ବୈଠକ

ଦେବଗଡ଼ ୨୮।୧୦(ଡି.ଏନ୍.ଏ.): ସ୍ଥାନୀୟ ସେଣ୍ଟର ଫର କଲଚର କଲ୍ୟାଣ ମଣ୍ଡପରେ ଜିଲା କୃଷକ ସଂଘ ପକ୍ଷରୁ କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରମୋଦ କୁମାର ଝାଙ୍କରଙ୍କ ନେତୃତ୍ୱରେ ହୋଇଥିବା ଏହି ବୈଠକରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ଚାଷୀ ଯୋଗଦେଇଥିଲେ । ଏହି ଅବସରରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଏବେ ଜିଲାର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ବଢି ଚାଲିଥିବା ବେଳେ ବନବିଭାଗର ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଅମଳ ସମୟ ହୋଇଯାଇଥିବାବେଳେ ଚଳିତ ବର୍ଷ ଚାଷୀ କିଭଳି ଧାନବିକ୍ରୀ ସମସ୍ୟା ନ ଭୋଗିବେ ସେନେଇ ବିଶେଷ ଆଲୋଚନା ହୋଇଥିଲା। ଏଥିସହ ଚାଷୀ ଧାନ ବିକ୍ରି ସମୟରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟାର କିପରି ସମାଧାନ ହୋଇପାରିବ ନେଇ ଆଲୋଚନା କରିଥିଲେ। ଜିଲା କୃଷକ ସଂଘକୁ କିଭଳି ସୁଦୃଢ଼ କରାଯାଇ ପାରିବ ସେନେଇ ମଧ ଆଲୋଚନା ହୋଇଥିଲା। ସଂଘର ସମ୍ପାଦକ ଯଯାତି ବିଶ୍ୱାଲ, ଇଂ ରାଜକିଶୋର ନାଏକ, ବିଭୂତି ଗଙ୍ଗଦେବ, ତରଣୀସେନ ପ୍ରଧାନ, ଭୁପେନ୍ଦ୍ର ପ୍ରସାଦ ନାଏକଙ୍କ ସମେତ ୩ ବ୍ଲକର ସଭାପତି ସମ୍ପାଦକ ଏବଂ ବହୁ ଚାଷୀ ଏହି ବୈଠକରେ ସାମିଲ ରହିଥିଲେ।

# ଅନିର୍ଦ୍ଧିଷ୍ଟ କାଳ ପାଇଁ ଅନଶନ

## ବଳପୂର୍ବକ ଜମି ଅଧିଗ୍ରହଣ ପ୍ରତିବାଦ

କୁତ୍ରା,୨୮।୧୦(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବେଆଇନ ତଥା ବଳପୂର୍ବକ ଜମି ଅଧିଗ୍ରହଣ ପ୍ରତିବାଦରେ ୩ ଦଫା ଦାବି ନେଇ କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର କୁତ୍ରା ଥାନା ନିକଟରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ରିଲେଅନଶନ ଆରମ୍ଭ ହୋଇଛି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ରାଜ୍ୟ ରାଜପଥ ୧୦ ରୁ ଶିବା ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ରାସ୍ତା ପାଇଁ ଜମି ଚିହ୍ନଟ ସମୟରେ ପ୍ରଶାସନ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହାର ସମାଧାନ ପାଇଁ କନ୍ଦେଇମୁଣ୍ଡା ପଂଚାୟତରେ ଏକ ଗ୍ରାମସଭା କରାଯାଇ ପ୍ରଶାସନିକ ଅଧିକାରୀମାନଙ୍କୁ ଆଲୋଚନା ପାଇଁ ଆସିବାକୁ ଅନୁରୋଧ କରାଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ କେହି ନ ଆସିବାରୁ ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିବାକୁ ଗ୍ରାମସଭାରେ ନିଷ୍ପତ୍ତି ନିଆଯାଇ ପ୍ରଶାସନକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ହେଲେ ଏବେ ମଧ୍ୟ କାର୍ଯ୍ୟ ଚାଲୁ ରହିଥିବାରୁ ଏହାକୁ ବିରୋଧ କରାଯାଇଛି। ସେହିପରି କନ୍ଦେଇମୁଣ୍ଡା ପଞ୍ଚାୟତର ଅନୁସୂଚିତ ଜନଜାତିଙ୍କ ରୟତି ଜମିରେ ସେମାନଙ୍କ ବିନା ଅନୁମତିରେ ପୋଲିସ ଫୋର୍ସ ଲଗାଯାଇ ଓପିଟିସିଏଲ ଦ୍ୱାରା ବିଦ୍ୟୁତ ଯୋଗାଣ ପାଇଁ ଟାୱାର ବସେଇବାକୁ ସର୍ଭେ କାର୍ଯ୍ୟ ସହ ଚାଷ ଜମିରେ ଚାଷ ନଷ୍ଟ କରି ଜେସିବି ମେସିନ ଲଗାଇ ଖୋଳି ଦିଆଯାଇଥିବାର ଅଭିଯୋଗ ଆଣିଛନ୍ତି ଅନଶନରତ ଅଂଚଳବାସୀ। ଏହି କ୍ରମରେ ୧୦ ନଂ. ରାଜ୍ୟ ରାଜପଥର କୁତ୍ରା ଥାନା ସମ୍ମୁଖରୁ ଜିନ୍ଦାଟୋଲି ପର୍ଯ୍ୟନ୍ତ ହେଉଥିବା ବେଆଇନ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ, ଓପିଟିସିଏଲ ଦ୍ୱାରା ବେଆଇନ ଭାବେ ହେଉଥିବା ବିଦ୍ୟୁତ୍ ଟାୱାର କାର୍ଯ୍ୟ ବନ୍ଦ ଏବଂ ଇଡକୋକୁ ବେଆଇନ ଭାବେ ହସ୍ତାନ୍ତର କରାଯାଇଥିବା ଜମିର ଗ୍ରାମ ପଞ୍ଚାୟତକୁ ଫେରସ୍ତ କରିବା ଆଦି ୩ ଦଫା ଦାବି ପୂରଣ ପାଇଁ ଜିଲା ପଞ୍ଚାୟତରାଜ ବିଭାଗ ଏବଂ ପ୍ରଶାସନକୁ ପତ୍ର ପ୍ରଦାନ କରି ଏହି ଅନଶନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନରେ କନ୍ଦେଇମୁଣ୍ଡା ସରପଞ୍ଚ ସୁଧିର ମିଂଜ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପ୍ରେମଚାନ୍ଦ ଲାକଡା, ଯୋସେଫ ତିର୍କୀ, ଦୁବରାଜ ସମାଧିଆ, ରେଶମା ମିଂଜ, ପ୍ରମିଳା ମିଂଜ, ବିଶ୍ରାମ ସମାଧିଆଙ୍କ ସହ ଅନେକ ଅଞ୍ଚଳବାସୀ ଏହି ରିଲେ ଅନଶନରେ ଉପସ୍ଥିତ ରହି ସେମାନଙ୍କ ଦାବି ଜଣାଇଛନ୍ତି।



ରିଲେ ଅନଶନରେ ସାମିଲ ଅଞ୍ଚଳବାସୀ।

# ଡାକ୍ତର କହି ଚିକିତ୍ସା କରୁଥିବା କ୍ୱାକ୍ ଗିରଫ

## ଅସ୍ତ୍ରୋପଚାର ସରଞ୍ଜାମ ସମେତ ୩ଲକ୍ଷ ଟଙ୍କାର ଔଷଧ ଜବତ

ଦେବଗଡ଼,୨୮।୧୦(ଡି.ଏନ.ଏ)

ଦେବଗଡ ଆଦର୍ଶ ଥାନା ପୋଲିସ ଶୁକ୍ରବାର ଲଇମୁରା ଫାଣ୍ଡି ଅନ୍ତର୍ଗତ ଟିପେରସିଙ୍ଗା ଗ୍ରାମରୁ ଜଣେ କ୍ୱାକ୍ (ନକଲି ଡାକ୍ତର)ଙ୍କୁ ଗିରଫ କରିଛି। ଏହା ସହ ତାଙ୍କ ନିକଟରୁ ବହୁ ଅସ୍ତ୍ରୋପଚାର ସରଞ୍ଜାମ ସମେତ ୩ଲକ୍ଷ ଟଙ୍କାର ଔଷଧ ଜବତ କରିଛି। ଗିରଫ ହୋଇଥିବା ନକଲି ଡାକ୍ତର ଜଣକ ପଶ୍ଚିମବଙ୍ଗ ନଦିଆ ଜିଲାର ଅର୍ଣ୍ଣବ ମଣ୍ଡଲ ବୋଲି ଜଣାପଡିଛି। ସେ ପ୍ରାୟ ୨ ବର୍ଷ ହେଲା ଆଦିବାସୀ ଅଧୁଷିତ ଲଇମୁରା ଫାଣ୍ଡି ଅନ୍ତର୍ଗତ ଟିପେରସିଙ୍ଗା ଗ୍ରାମରେ ଏକ ବେଆଇନ କ୍ଲିନିକ ଖୋଲି ବିଭିନ୍ନ ରୋଗର ଚିକିତ୍ସା କରୁଥିଲେ। ଏପରିକି ବିପଜ୍ଜନକ ଅସ୍ତ୍ରୋପଚାର ଏବଂ ଗର୍ଭପାତ କରି ନିରୀହ ଲୋକଙ୍କ ଜୀବନ ସହିତ ଖେଳୁଥିଲେ। ଏନେଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ସୂଚନା ପାଇବା ପରେ ଥାନା ଅଧିକାରୀ ସୁରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅର୍ଣ୍ଣବର ବେଆଇନ କ୍ଲିନକରେ ସଦଳବଳେ ଚଢାଉ କରିଥିଲେ। କ୍ଲିନିକରୁ ପ୍ରାୟ ୩ ଲକ୍ଷ ଟଙ୍କାର ଔଷଧ ଏବଂ ବହୁ ଅସ୍ତ୍ରୋପଚାର ସରଞ୍ଜାମ (ଯନ୍ତ୍ରପାତି) ଆଦି ଜବତ କରିଥିଲା। ସେହିପରି ଅର୍ଣ୍ଣବ କୌଣସି ବୈଧ ସାର୍ଟିଫିକେଟ କିମ୍ବା ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ବିଭିନ୍ନ ଦଫାରେ ଗିରଫ କରିଥିବା ଦେବଗଡ ଆଦର୍ଶ ଥାନା ଅଧିକାରୀ ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯୁକ୍ତଦୁଇ ପର୍ଯ୍ୟନ୍ତ ପାଠ ପଢିଥିବା ଅର୍ଣ୍ଣବ ପ୍ରାୟ ୨ ବର୍ଷ ହେଲା ଟିପେରସିଙ୍ଗା ଗ୍ରାମରେ କ୍ଲିନିକ ଖୋଲି କେବଳ ଥଣ୍ଡା, ସର୍ଦ୍ଦୀ ଓ ଜ୍ୱର ଆଦି ରୋଗର ଚିକିତ୍ସା କରୁଥିବା ଦର୍ଶାଇ ରୋଗୀମାନଙ୍କ ନିକଟରୁ ଫିସ୍ ବଦଳରେ କେବଳ ଔଷଧ ବାବଦକୁ ଅଧିକ ମୂଲ୍ୟ ନେଉଥିଲା ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।



# ପୌରାଧ୍ୟକ୍ଷାଙ୍କ ଆହାର କେନ୍ଦ୍ର ପରିଦର୍ଶନ, ଖାଦ୍ୟର ମାନ ଯାଞ୍ଚ

ଦେବଗଡ଼,୨୮।୧୦(ଡି.ଏନ.ଏ)

ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ଦେବଗଡ ସହର ମଧ୍ୟରେ ଥିବା ଦୁଇଟି ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାସହ ପରିବେଷଣ କରାଯାଉଥିବା ରନ୍ଧାଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହ ଆହାର କେନ୍ଦ୍ରର ସ୍ୱଚ୍ଛତା ଏବଂ ପରିଚ୍ଛନ୍ନତା ମଧ୍ୟ ପରଖିଥିବା ଜଣାପଡିଛି। ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଆହାର କେନ୍ଦ୍ର ଦ୍ୱୟ ପରିଦର୍ଶନ କରିବା ସମୟରେ କାଉଣ୍ଟରରୁ ଟିକେଟ କାଟି ନିଜେ ଖାଇ ଖାଦ୍ୟର ମାନ ଯାଞ୍ଚ କରିଥିଲେ । ଖାଦ୍ୟ ଖାଇବାରେ ଯେମିତି ଗରିବ ତଥା ଶ୍ରମିକ ଶ୍ରେଣୀର ଲୋକଙ୍କର କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପୌର ପରିଷଦ ଅଧ୍ୟକ୍ଷାଙ୍କ ଏହି ପରିଦର୍ଶନ ସମୟରେ ୫ ନମ୍ବର ୱାର୍ଡର କାଉନଶିଲର ଯତିନ କୁମାର ନାୟକ ଓ ପୌର ପରିଷଦର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ପ୍ରତିଯୋଗିତା: ଦୁଧିଆନାଳୀ ଚାମ୍ପିୟନ




ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼,୨୮।୧୦(ଡି.ଏନ.ଏ)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମ ପଞ୍ଚାୟତ ମଧ୍ୟପୁର ଗ୍ରାମରେ ବୀର ସୁରେନ୍ଦ୍ର ସାଏ କ୍ଲବ ଆନୁକୂଲ୍ୟରେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଦ୍ୱି' ଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ତୁଲବ ଫୁଟବଲ ଦଳକୁ ପରାସ୍ତ କରି ଦୁଧିଆନାଳୀ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳୀ ସାମଲ ଓ ସମ୍ମାନିତ ଅତିଥି ଭାବେ ଦୁଧିଆନାଳୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଉଦୀତ କୁମାର ନାୟକ ଯୋଗଦେଇ ଚାମ୍ପିୟନ ଦୁଧିଆନାଳୀ ଫୁଟବଲ ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ଓ ରନର୍ସ ଅପ ତୁଲବ ଫୁଟବଲ ଦଳକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

# ବୋଲେରୋ ଦୁର୍ଘଟଣା: ଜଣେ ମୃତ

ବଡ଼ଗାଁ,୨୮।୧୦(ଡି.ଏନ୍.ଏ.)

ରାଜ୍ୟ ରାଜପଥ -୧୦ ବିଜୁ ଏକ୍ସପ୍ରେସ ୱେର ବଡଗାଁ ଥାନା ଅନ୍ତର୍ଗତ ଟିଙ୍କିଲିପଡା ଓଭରବ୍ରିଜଠାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ବେଳେ ଏକ ବୋଲେରୋ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଡ୍ରାଇଭରଙ୍କ ସମେତ ୨ଜଣ ଆହତ ହୋଇଥିଲାବେଳେ ସନ୍ଧ୍ୟାରେ ଆହତଙ୍କ ମଧ୍ୟରୁ ଜିତେନ୍ଦ୍ର ପଣ୍ଡାଙ୍କ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକଙ୍କ ଘର ବୀରମିତ୍ରପୁର ନିକଟ ଲାସେ ଗ୍ରାମରେ। ସେ ନିଜ ବୋଲେରୋ ଗାଡିରେ ନିଜ ପୁଅକୁ ସ୍କୁଲରେ ଛାଡି ଫେରୁଥିବାବେଳେ ଟିଙ୍କିଲିପଡା ଓଭରବ୍ରିଜରେ ନିୟନ୍ତ୍ରଣ ହରାଇ ବୋଲେରୋ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଲେଇ ମେଶିନ, କମ୍ପ୍ୟୁଟର ବଣ୍ଟନ

ଟେନ୍‌ସା,୨୮।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ଅନ୍ତର୍ଗତ ଓରାଘାଟ ଗ୍ରାମରେ ଥିବା ଓରାଘାଟ ଲୌହ ଖଣି, ମେସର୍ସ ରୁଙ୍ଗଟା ସନସ ପ୍ରା.ଲିଃ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ଦିଆଯାଇଛି। ଓରାଘାଟ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇ ରୁଙ୍ଗଟା ଖଣିର ଔଦ୍ୟୋଗିକ ସାମାଜିକ ଦାୟୀତ୍ୱବୋଧ ବିଭାଗ ତରଫରୁ ସିଲେଇ ମେଶିନ ଏବଂ କମ୍ପ୍ୟୁଟର ସେଟ ଓରାଘାଟ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀକୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓରାଘାଟ ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସି.ଏସ.ଆର. ମ୍ୟାନେଜର ଅଞ୍ଜନ କୁମାର ଲେଙ୍କା, ବରିଷ୍ଠ କାରମିକ ପ୍ରବନ୍ଧକ ଅଜୟ କୁମାର କର ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ ପାଠପଢା ସୁଗମ ହୋଇପାରିବ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ନିଜର ରୋଜଗାରକ୍ଷମ ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସମସ୍ତ କର୍ମୀ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଲେଇ ମେଶିନ ପ୍ରଦାନ କରାଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ନରୋତ୍ତମ



@ ଲିପୁନ



@ ଉତ୍ତମ



@ ଅଜିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷୀଙ୍କୁ ଫସଲବୀମା ରାଶି ତୁରନ୍ତ ପ୍ରଦାନ କରାଯାଉ



ଜିଲା କୃଷକ ସଂଘର୍ଷ ସଂଘର କର୍ମକର୍ତ୍ତା ଫସଲ ବୀମା ରାଶି ପ୍ରଦାନ ଲାଗି ଦାବି କରୁଛନ୍ତି।

ଦେବଗଡ଼,୨୮।୧୦ (ଡି.ଏନ୍.ଏ.)

କେନ୍ଦ୍ର ସରକାର ଉପରେ ଭରସା ତୁଟାଇଲେ ଚାଷୀ। ଚାଷୀଙ୍କୁ ଫସଲ ବୀମା ପ୍ରଦାନ ନେଇ ବୀମା କମ୍ପାନୀ ସହ ମିଶି ଚାଷୀଙ୍କ ସହ ଖେଳ ଖେଳୁଛି କେନ୍ଦ୍ର । ଏଭଳି ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ବୀମା କମ୍ପାନୀଙ୍କୁ ରଖି ଚାଷୀଙ୍କ ଫସଲ ବୀମା ପ୍ରଦାନ ନେଇ ରାଜ୍ୟ ସରକାର ବ୍ୟବସ୍ଥା କରିବାକୁ ଦାବି କରିଛି ଜିଲା କୃଷକ ସଂଘର୍ଷ ସଂଘ। ଦେବଗଡ଼ ଜିଲା ରିଆମାଳ ବ୍ଲକର ପଲସମା, କରଲଗା, ନୂଆଡିହି ଖିଲେଇ ଓ ବାରକୋଟ ବ୍ଲକର ଦନ୍ତାରୀବାହାଳ ଆଦି ପାଞ୍ଚଟି ପଞ୍ଚାୟତର ଚାଷୀଙ୍କୁ ଗତବର୍ଷର ଫସଲ ବୀମା କ୍ଷତି ପୂରଣ ଏଯାଏଁ ମିଳିନାହିଁ। ଚାଷୀ ବିଭିନ୍ନ ସମୟରେ କ୍ଷତି ପୂରଣ ଅର୍ଥ ପାଇଁ ବହୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଆନ୍ଦୋଳନ କରିବା ଏବଂ ପ୍ରଶାସନ ଓ ବୀମା କମ୍ପାନୀଙ୍କ ପ୍ରତିଶ୍ରୁତି ପରେ ସରଳ ବିଶ୍ୱାସୀ ଚାଷୀ ଭରସା କରି ଆନ୍ଦୋଳନରୁ ନିବୃତ ହୋଇଥିଲେ ମଧ୍ୟ ଏଯାଏଁ ପ୍ରତିଶ୍ରୁତି ପୂରଣ ହୋଇପାରି ନାହିଁ। ଗତ ୨୬ ତାରିଖ ଆନ୍ଦୋଳନରତ ଚାଷୀଙ୍କୁ ବୀମା କମ୍ପାନୀ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ଉପସ୍ଥିତିରେ ସାତ ଦିନ ମଧ୍ୟରେ ସମସ୍ୟାର ସମାଧାନ ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଆଜି ପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ବୀମା ଅର୍ଥ ପ୍ରଦାନ ନ କରି ପୁଣି ଥରେ ପ୍ରତାରଣା କରିଛି। ଏହି ଅଭିଯୋଗ କରି ଶୁକ୍ରବାର ପୁଣି ଥରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ବିଭିନ୍ନ ସ୍ଲୋଗାନ ଦେଇ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅନ୍ୟ ପକ୍ଷରେ କ୍ଷତିଗ୍ରସ୍ତ ଚାଷୀ କେନ୍ଦ୍ର ସରକାର ଓ ବୀମା କମ୍ପାନୀର ମଧୁଚନ୍ଦ୍ରିକାରେ ନିଜ ପ୍ରାପ୍ୟ ଅର୍ଥ ହରାଇବା ଆଶଙ୍କା ପ୍ରକାଶ କରି ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

**ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍‌ର କ୍ଷମତା ବୃଦ୍ଧି ଲକ୍ଷ୍ୟ**

**ନୂଆଦିଲ୍ଲୀ:** ଦେଶର ଅଗ୍ରଣୀ ବିଲ୍ଡିଂ ଉପକରଣ ନିର୍ମାତା ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ପକ୍ଷରୁ ୟୁପିଭିସି ଡିଭିଜନର ଅଭିବୃଦ୍ଧି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ବଟୁପାଲିଠାରେ ତା'ର ନୂଆ ଉତ୍ପାଦନ ଲାଇନ୍‌ର ଶୁଭାରମ୍ଭ ସହ ଆଗକୁ ବଢ଼ିଛି। ଅପର୍ଣ୍ଣା ଏଣ୍ଟରପ୍ରାଇଜେସ୍‌ର ୟୁପିଭିସି ବ୍ରାଣ୍ଡ-ଅପର୍ଣ୍ଣା ଭେନ୍‌ଷ୍ଟର୍ ଓ ଓକୋଟେକ୍‌ର ପିଭିସି ପ୍ରୋଫାଇଲ୍ ଏବଂ ଝରକା ଓ କବାଟ ସିଷ୍ଟମ୍‌ର ଆବଶ୍ୟକତାକୁ ପୂରଣ କରିବ। ଏହି ନୂଆ ପ୍ରଡକ୍ସନ ଲାଇନ୍ ମୋଟ ୟୁପିଭିସି ପ୍ରୋଫାଇଲ୍ ଉତ୍ପାଦନ କ୍ଷମତାକୁ ୫୦%ରୁ ଅଧିକ ବୃଦ୍ଧି କରି ମୋଟ କ୍ଷମତାକୁ ମାସିକ ୪୫୦ ଟନ୍‌ରୁ ୭୦୦ ଟନ୍‌ରେ ପହଞ୍ଚାଇବ। ୨୦୨୩ ସୁଦ୍ଧା କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୧୧୦୦ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

# ଓଡ଼ିଶା ଟ୍ରାଭେଲ ବଜାର ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୧୦




ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ଆନୁକୂଲ୍ୟରେ ୩ ଦିନିଆ ଓଡ଼ିଶା ଟ୍ରାଭେଲ ବଜାର (ଓଟିବି)ର ୪ର୍ଥ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ଓଟିବିର ଫ୍ଲାଗ୍‌ଶିପ୍ ପ୍ରଦର୍ଶନୀକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ପର୍ଯ୍ୟଟନ ବିଭାଗର ଓଏସ୍‌ଡି ଅଂଶୁମାନ ରଥ, ସ୍ୱସ୍ତି ହୋଟେଲ୍ସର ସିଏମ୍‌ଡି ଜେ.କେ. ମହାନ୍ତିଙ୍କ ସମେତ ବିଭିନ୍ନ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଘରୋଇ ଟୁର୍ ଅପରେଟର୍ସ (ଡିଟିଓ) ଏବଂ ବିଦେଶୀ ଟୁର୍ ଅପରେଟର୍ସ (ଏଫ୍‌ଟିଓ) ଙ୍କ ସହ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଓଡ଼ିଶାର ବିଭିନ୍ନ ଟୁର୍ ଅପରେଟର,ହୋଟେଲିୟରଙ୍କ ମଧ୍ୟରେ ବି୨ବି ଓ ବି୨ଡି ବୈଠକ ମଧ୍ୟ ହେବା କାର୍ଯ୍ୟକ୍ରମ ରହିଛି। ଏହା ସହିତ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ସବୁ ସ୍ତରରେ ପରିଚିତ କରାଇବା ପାଇଁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ଭ୍ରମଣ ବ୍ୟବସ୍ଥା ମଧ୍ୟ ରହିଛି। ଏହି ଇଭେଣ୍ଟ ସମୟରେ ନିବେଶକ ଏବଂ ଏୟାରଲାଇନ୍ସ ଅପରେଟର୍ସ ସହ ମଧ୍ୟ ବି୨ଜି ମିଟିଂ ଆୟୋଜନର ମଧ୍ୟ ଯୋଜନା କରାଯାଇଛି। ଦେଶ ଓ ବିଦେଶର ବିକ୍ରେତାମାନେ ଏହି ୩ ଦିନିଆ ପ୍ରଦର୍ଶନୀରେ ସେମାନଙ୍କ ପର୍ଯ୍ୟଟନ ସମ୍ବନ୍ଧୀୟ ଉତ୍ପାଦ ପ୍ରଦର୍ଶନ କରିବା ସୁଯୋଗ ପାଇବେ। ଉଲ୍ଲେଖଯୋଗ୍ୟ, ଏହି ପ୍ରଦର୍ଶନୀରେ ୨୫ରୁ ଅଧିକ ଏଫ୍‌ଟିଓ ଏବଂ ୮୦ରୁ ଅଧିକ ଡିଟିଓ ସଂସ୍ଥା ସାମିଲ ହୋଇଥିବା ଜଣାପଡିଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୮।୧୦

କ୍ରମାଗତ ୩ୟ ଦିନ ଲାଗି ଭାରତୀୟ ଶେୟାର ମାର୍କେଟର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୦୩ (୨୦୩.୦୧) ପଏଣ୍ଟ ବଢ଼ି ୫୯,୯୬୦ (୫୯,୯୫୯.୮୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୫୦ (୪୯.୮୫) ପଏଣ୍ଟ ବୃଦ୍ଧି ଘଟି ୧୭,୭୮୭ (୧୭,୭୮୬.୮୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଦଲାଲ ଷ୍ଟ୍ରିଟ୍‌ରେ ବ୍ୟାଙ୍କ, ଆଇଟି, ଏଫ୍‌ଏମ୍‌ସିଜି ଏବଂ ଅଟୋଶିଳ୍ପ ଓ ମେଟାଲ ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା।

## ଏସ୍‌ବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୮।୧୦

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ର ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପାରଳା ମହାରାଜ ବୈଷୟିକ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଏକ ବିଶାଳ ବୃକ୍ଷରୋପଣ ଓ ଆମ୍ବୁଲାନ୍ସ ମଧ୍ୟ ଭିନ୍ନ ଭିନ୍ନ ସଂସ୍ଥାକୁ ପ୍ରଦାନ କରାଯାଇଛି। ବିଶେଷକରି ବ୍ରହ୍ମପୁର ପାରଳା ମହାରାଜ ବୈଷୟିକ ମହାବିଦ୍ୟାଳୟ ପରିସରରେ ପ୍ରାୟ ୧ହଜାର ଔଷଧୀୟ ଚାରାରୋପଣ ମଧ୍ୟ କରାଯାଇଥିଲା। ଏହିଅବସରରେ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅପର ପକ୍ଷରେ ବ୍ୟାଙ୍କର ବ୍ରହ୍ମପୁର ପ୍ରଶାସନିକ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲୋକ ସେବକ ମଣ୍ଡଳର ବ୍ରହ୍ମପୁର ଶାଖାକୁ ଏକ ନୂତନ ଆମ୍ବୁଲାନ୍ସ ଦିଆଯାଇଥିଲା। ଏପରିକି ଲୋକ ସେବକ ମଣ୍ଡଳର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଜେନାଙ୍କୁ ଶର୍ମା ଆମ୍ବୁଲାନ୍ସର ଚାବି ହସ୍ତାନ୍ତର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବ୍ରହ୍ମପୁର କାର୍ଯ୍ୟାଳୟର ସହ ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା) ସନ୍ଦିପ କୁମାର ଚୌବେଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଭାରତପେର ନୂତନ କ୍ୟାମ୍ପେନ ଅଭିଯାନ

ନୂଆଦିଲ୍ଲୀ,୨୮।୧୦

ଦେଶର ପ୍ରମୁଖ ଫିନ୍‌ଟେକ୍ କମ୍ପାନୀ ଭାରତପେ ପକ୍ଷରୁ ଏକ ନୂତନ କ୍ୟାମ୍ପେନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ନୂଆ ପ୍ରକାରର ମାର୍କେଟିଂ କ୍ୟାମ୍ପେନ 'ମାଇଁ ଶପ ମାଇଁ ଆଡ୍' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ଭାରତରେ ଫିନ୍‌ଟେକ୍ ଉଦ୍ୟୋଗ ମଧ୍ୟରେ ଏକ ବଡ ପରିବର୍ତ୍ତନ ଆଣିପାରିବ ବୋଲି ଆକଳନ କରାଯାଉଛି। ଏପରିକି ଭାରତରେ ଫିନ୍‌ଟେକ ଉଦ୍ୟୋଗଗୁଡିକରେ ଏହି ଅଭିଯାନ ବହୁ ଅଫ୍‌ଲାଇନ ବ୍ୟବସାୟୀଙ୍କୁ ନିଜର ଭିଡିଓ ବିଜ୍ଞାପନ ସୃଷ୍ଟି କରିବାକୁ ସୁଯୋଗ ଦେଇଥାଏ। ଯେଉଁଥିରେ ରୋହିତ ଶର୍ମା ଓ କେ.ଏଲ୍. ରାହୁଲଙ୍କ ପ୍ରୋତ୍ସାହନ ମଧ୍ୟ ରହିଛି। ଅପରପକ୍ଷରେ ବ୍ୟବସାୟୀମାନେ ଏହାଦ୍ୱାରା ନିଜ ଦୋକାନ ପାଇଁ ମଧ୍ୟ ଗ୍ରାହକ ସୃଷ୍ଟି କରିପାରିବେ। ବିଜ୍ଞାପନ ସୃଷ୍ଟି କରିବା ପ୍ରକ୍ରିୟା ବହୁତ ସରଳ । ୩ଟି ସରଳ ଉପାୟରେ ଦୋକାନ ମାଲିକମାନେ ଭାରତ ପେ ଆପ୍ ଜରିଆରେ ନିଜର ବ୍ୟକ୍ତିଗତ ବିଜ୍ଞାପନ ସୃଷ୍ଟି କରିପାରିବେ। ଏପରିକି ବ୍ୟବସାୟୀମାନେ ଭାରତ ପେ ଆପ୍‌କୁ ଯାଇ 'ମାଇଁ ଶପ୍ ମାଇଁ ଆଡ୍' ବିଭାଗ ପରିଦର୍ଶନ କରିପାରିବେ। ଦୋକାନର ନାମ, ଯୋଗାଯୋଗ ଓ ବ୍ୟବସାୟ ବର୍ଗ ବିବରଣୀ ଦାଖଲ କରିବା ଆବଶ୍ୟକ। ଏହାକୁ ପୋଷ୍ଟ କରି ସେମାନଙ୍କୁ ଦୋକାନ ସମ୍ମୁଖ ପୋଟ୍ରେଟ ମୋଡ୍‌ରେ ଏକ ଚିତ୍ରକୁ ଅପ୍‌ଲୋଡ୍ କରିବାକୁ ହେବ। ବ୍ୟକ୍ତିଗତ ବିଜ୍ଞାପନ ୪୮ଘଣ୍ଟା ମଧ୍ୟରେ ବିତରଣ କରାଯାଇଥାଏ। ଏ ସମ୍ପର୍କରେ ଭାରତ ପେର ମୁଖ୍ୟ ମାର୍କେଟିଂ ଅଧିକାରୀ ପାର୍ଥ ଜୋଷୀ କହିଛନ୍ତି, ମାଇଁ ଶପ ମାଇଁ ଆଡ୍'ଅଭିଯାନ ଶୁଭାରମ୍ଭ କରି ଆମେ ବେଶ୍ ଆନନ୍ଦିତ । ଏହି ପଦକ୍ଷେପ ଖୁଚୁରା ଦୋକାନୀଙ୍କୁ ପରବର୍ତ୍ତୀ ମାର୍ଗ ପ୍ରଦାନ କରିବ ଓ ପ୍ରସିଦ୍ଧ କ୍ରିକେଟରଙ୍କ ସହ ନିଜର ବିଜ୍ଞାପନ ପ୍ରସାରିତ ହେବାକୁ ସୁଯୋଗ ଦେବ। ମୁଁ ନିଶ୍ଚିତ ଯେ ଏହି ପଦକ୍ଷେପ ସେମାନଙ୍କ ବ୍ୟବସାୟ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଏପରିକି ପାଇଲଟ ପର୍ଯ୍ୟାୟରେ ବ୍ୟବସାୟୀଙ୍କୁ ଏକ ସୀମିତ ସେଟ୍ ସହିତ ଆମେ ଏହାକୁ ଚେଷ୍ଟାକରି ଭଲ ପ୍ରତିକ୍ରିୟା ପାଇଥିଲୁ।

## ଇଏସ୍‌ଆଇସି ସହ ବେଦାନ୍ତ ଲାଞ୍ଜିଗଡ଼ର ଏମ୍‌ଓୟୁ

ଭୁବନେଶ୍ୱର,୨୮।୧୦




ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ୟୁନିଟ୍ ସହ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଏପରିକି ଉକ୍ତ ସହଭାଗିତାର ଏକ ଅଂଶ ଭାବେ କଳାହାଣ୍ଡିର ଲାଞ୍ଜିଗଡ଼ଠାରେ ଥିବା ବେଦାନ୍ତ ଡାକ୍ତରଖାନା ବର୍ତ୍ତମାନ ଇଏସ୍‌ଆଇସିର ଏକ ନିଯୁକ୍ତିଦାତା ଡିସ୍‌ପେନସାରି ଭାବେ ମାନ୍ୟତା ହାସଲ କରିଛି। ଏହି ମାନ୍ୟତା ପାଇବା ଦ୍ୱାରା ବେଦାନ୍ତ ହସ୍ପିଟାଲରେ ଇଏସ୍‌ଆଇସିର ହିତାଧିକାରୀମାନେ ମାଗଣାରେ ଚିକିତ୍ସା ସେବା ଓ ସୁବିଧା ପାଇପାରିବେ। ବିଶେଷକରି ଇଏସ୍‌ଆଇସି ସାଧାରଣ ସ୍ୱାସ୍ଥ୍ୟଜନିତ ଆପଦକୁ ତିନିସ୍ତରୀୟ ସହାୟତା ଯଥା ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ଶ୍ରେଣୀରେ ବିଭକ୍ତ କରିଛି, ଯେଉଁଥିରେ ଜଣେ ଇଏସ୍‌ଆଇସିର ହିତାଧିକାରୀ ଚିକିତ୍ସା ପାଇପାରିବେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ଡେପୁଟି ସିଇଓ (ଆଲୁମିନା ବିଜ୍‌ନେସ) ଜି. ଜି. ପାଲ କହିଛନ୍ତି, ଆମ କର୍ମଚାରୀ ଓ ବ୍ୟବସାୟିକ ଭାଗୀଦାରିଙ୍କ କଲ୍ୟାଣ ଆମ ପାଇଁ ସବୁଠାରୁ ମୂଲ୍ୟବାନ। ଇଏସ୍‌ଆଇସି ସହ ଏହି ସହଭାଗିତା ଆମର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଇଏସ୍‌ଆଇସିର କଲ୍ୟାଣକାରୀ ଯୋଜନାରୁ ସୁବିଧା ଓ ଲାଭ ମିଳିବ। ଲାଞ୍ଜିଗଡ ବେଦାନ୍ତ ହସ୍ପିଟାଲ ଲୋକମାନଙ୍କୁ ଦୀର୍ଘ ୧୫ବର୍ଷ ହେଲା ଚିକିତ୍ସା ସେବା ଯୋଗାଇ ଦେଇ ଆସୁଛି। ଏହି ହସ୍ପିଟାଲ ଦ୍ୱାରା ଆମେ ଏବେ ଇଏସ୍‌ଆଇସିର ଅତିରିକ୍ତ ଚିକିତ୍ସା ସେବା ମଧ୍ୟ ପ୍ରଦାନ କରିବୁ।

ସେହିଭଳି ଇଏସ୍‌ଆଇସିର ଆଞ୍ଚଳିକ ନିର୍ଦ୍ଦେଶକ ଓଡ଼ିଶା ଭୁବନେଶ୍ୱରର ପାର୍ଥସାରଥି ପଣ୍ଡା କହିଛନ୍ତି, ଆମେ ଖୁସି ଯେ ବେଦାନ୍ତ ତା'ର ହସ୍ପିଟାଲ ସହିତ ଇଏସ୍‌ଆଇସିକୁ ସାମିଲ କରାଇଛି, ଯାହାଦ୍ୱାରା ସ୍ଥାନୀୟ ଗୋଷ୍ଠୀ ବହୁ ଲାଭବାନ ହେବେ। ଏହି ପଦକ୍ଷେପ ଦ୍ୱାରା ବେଦାନ୍ତର କର୍ମଚାରୀମାନେ ବିଶେଷ ଭାବେ ଉପକୃତ ହେବେ। ବେଦାନ୍ତ ଲାଞ୍ଜିଗଡ଼ କର୍ମଚାରୀ ଓ ସ୍ଥାନୀୟ ଜନବର୍ଗଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି।

## ଆପୋସ ବୁଝାମଣାରେ ହେବ କାରବାର

କଟକ,୨୮।୧୦(ନି.ପ୍ର.)

ଦୀର୍ଘଦିନ ଧରି କୁକୁଡ଼ା ଚାଷ କରୁଥିବା ଚାଷୀ ଓ ଚାଷୀଙ୍କୁ କୁକୁଡା ଛୁଆ, ଦାନା ଓ ଔଷଧ ଆଦି ଯୋଗାଉଥିବା କମ୍ପାନୀମାନଙ୍କ ମଧ୍ୟରେ ଲାଭାଂଶକୁ ନେଇ ଉପୁଜିଥିବା ବିବାଦର ସମାଧାନ ପାଇଁ ଶୁକ୍ରବାର ସ୍ଥାନୀୟ ବାଦାମବାଡିସ୍ଥିତ ବିସାଲ ଇନ୍ ହୋଟେଲରେ କୁକୁଡ଼ା ବିକ୍ରେତା ସଂଘର ବରିଷ୍ଠ ସଦସ୍ୟ ପ୍ରବୋଧ କୁମାର ସାହାଣୀଙ୍କ ନେତୃତ୍ୱରେ ଏକ ବୈଠକର ଆୟୋଜନ କରାଯାଇଥିଲା। ବିଶେଷକରି କୁକୁଡା ଚାଷ କରୁଥିବା ଚାଷୀଙ୍କ ପାଖରୁ କମ୍ପାନୀମାନେ କୁକୁଡା ଉଠାଣ କରି ଗାଡି ମାଧ୍ୟମରେ ବିକ୍ରେତାଙ୍କ ପାଖରେ ପହଞ୍ଚାଇଥାନ୍ତି । ହେଲେ ଗାଡ଼ି ଯୋଗେ କୁକୁଡା ଆସୁଥିବା ବେଳେ କିଛି ଚାଷୀ ଓ ଅସାମାଜିକ ବ୍ୟକ୍ତି ରାସ୍ତା ମଝିରେ ଗାଡିକୁ ଅଟକାଇ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରିଥାନ୍ତି । ଯାହାଦ୍ୱାରା କୁକୁଡା ବିକ୍ରେତାଙ୍କ ପାଖରେ କୁକୁଡା ଠିକ୍ ଭାବରେ ପହଞ୍ଚ ପାରି ନ ଥାଏ। ଫଳରେ ଗ୍ରାହକମାନେ ଏହା ଦ୍ୱାରା ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରାଜ୍ୟ କୁକୁଡା ବିକ୍ରେତା ସଂଘ ପକ୍ଷରୁ ଏକ ବୁଝାବଣା ହୋଇଥିବା ଜଣାପଡିଛି। ମୁଖ୍ୟତଃ ଚାଷୀଙ୍କ ଲାଭାଂଶକୁ ନେଇ ଏହି ବିବାଦ ଦେଖା ଦେଇଥିଲା । ଏହି ବିବାଦର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଚାଷୀ ଓ କମ୍ପାନୀ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣାରେ କାରବାର ହେବ ବୋଲି ବୈଠକରେ ସହମତି ପ୍ରକାଶ ପାଇଛି। ଏଥିରେ ସୁଗୁଣା ଆଇବି, ପଶୁପତି, ସାଲିମାର, ଇଷ୍ଟର୍ଣ୍ଣ, ପୋଲଟେକ୍, ଜେକେ, ଭୈରବୀ, ବାରାମତୀ, ସାହୁ ଟ୍ରେଡର ଓ ସୌରୀ ଫିଡ୍ ଆଦି କୁକୁଡା କମ୍ପାନୀ ଏବଂ ଚାଷୀଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା।

ଫୁରସତ୍

## ମିସ୍ ୟୁନିଭର୍ସ ଅର୍ଗାନାଇଜେଶନର ନୂଆ ମାଲିକାଣୀ ଆନେ



ବ୍ୟାଙ୍କକ୍

ଥାଇଲାଣ୍ଡର ଟ୍ରାନ୍ସଜେଣ୍ଡର ମହିଳା ବ୍ୟବସାୟୀ ଆନେ ଜାକାପୋଙ୍ଗ ଜାକ୍ରାଜୁଟାଟିପ୍ ୨୦ ନିୟୁତ ଡଲାର ମୂଲ୍ୟରେ ମିସ୍ ୟୁନିଭର୍ସ ଅର୍ଗାନାଇଜେଶନ୍ କିଣି ଇତିହାସ ସୃଷ୍ଟି କରିଛନ୍ତି। ମିସ୍ ୟୁନିଭର୍ସିଟିର ପ୍ରତିଯୋଗିତାର ୭୧ ବର୍ଷ ମଧ୍ୟରେ ପ୍ରଥମ କରି ଜଣେ ମହିଳା ଏହି ଅର୍ଗାନାଇଜେଶନ୍‌ର ମାଲିକାଣୀ ହୋଇଛନ୍ତି। ଆନେଙ୍କ କମ୍ପାନୀ ଜେକେଏନ୍ ଗ୍ଲୋବାଲ୍ ଗ୍ରୁପ୍ ପ୍ରାରମ୍ଭିକ ସମୟରେ ଥାଇଲାଣ୍ଡରେ ପ୍ରୋଜେକ୍ଟ ରନ୍‌ୱେ ଏବଂ ସାର୍କଟାଙ୍କ୍ କାର୍ଯ୍ୟକ୍ରମ ପ୍ରସାରଣ କରୁଥିଲା। ମିସ୍ ୟୁନିଭର୍ସ ଅର୍ଗାନାଇଜେଶନ୍ କିଣିବା ଆନେଙ୍କ ବ୍ୟବସାୟରେ ଅନେକ ବୃଦ୍ଧି ଘଟାଇବ ବୋଲି ସେ କହିଛନ୍ତି। ଇଣ୍ଟରନ୍ୟାଶନାଲ ମ୍ୟାନେଜ୍‌ମେଣ୍ଟ ଗ୍ରୁପ୍ ୨୦୧୫ରେ ଏହି ଅର୍ଗାନାଇଜେଶନ୍‌କୁ କିଣିଥିଲା। ଏହା ପୂର୍ବରୁ ଆମେରିକାର ପ୍ରାକ୍‌ପୂର୍ବ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ୧୯୯୬ରୁ ୨୦୧୫ ପର୍ଯ୍ୟନ୍ତ ଏହାର ସହମାଲିକାନା ଥିଲା। ଜେକେଏନ୍ ଗ୍ଲୋବାଲ୍ ଗ୍ରୁପ୍ ମାଲିକାନା ଅଧିକାର କରିବା ପରେ ପଉଲା ଶୁଗାର୍ଟ ଅର୍ଗାନାଇଜେଶନ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ରହିବା ସହ ଏମି ଇମେରିଚ୍ ଏହାର ସିଇଓ ପଦରେ ରହିଛନ୍ତି। ଆନେଙ୍କ କମ୍ପାନୀ ମିସ୍ ୟୁନିଭର୍ସ ଅର୍ଗାନାଇଜେଶନ କିଣିବା ଦ୍ୱାରା ସୁନ୍ଦରୀ ପ୍ରତିଯୋଗିତା କ୍ଷେତ୍ରରେ ଆସନ୍ତା ଦିନମାନଙ୍କରେ ଅଧିକରୁ ଅଧିକ ଉନ୍ନତି ଓ ନୂଆ ଜିନିଷ ଦେଖିବାକୁ ମିଳିବ ବୋଲି ଏଣ୍ଡଇଭୋର କମ୍ପାନୀ ସଭାପତି ମାର୍କ ଶାପିରୋ କହିଛନ୍ତି। ଆନେ ଜଣେ ଟ୍ରାନ୍ସଜେଣ୍ଡର ମହିଳା ହୋଇଥିବାବେଳେ ସେ ନିଜ ସମ୍ପର୍କରେ ସବୁବେଳେ ସ୍ପଷ୍ଟ ମନ୍ତବ୍ୟ ରଖିଥାନ୍ତି। ଏଥିସହ ଟ୍ରାନ୍ସେଜେଣ୍ଡରଙ୍କ ଅଧିକାର ଓ ହିତ ସାଧନ ପାଇଁ ସେ ସବୁବେଳେ ସ୍ୱର ଉତ୍ତୋଳନ କରିଥାନ୍ତି। ଅନେକ ଟ୍ରାନ୍ସଜେଣ୍ଡର ଆନେଙ୍କୁ ନିଜ ପ୍ରେରଣା ବୋଲି ଭାବିଥାନ୍ତି।

## 'ବିଶ୍ୱାସ ସ୍ୱରୂପମ୍'ର ଅନାବରଣ ଆଜି



**ଜୟପୁର:** ରାଜସ୍ଥାନର ନାଥଦ୍ୱାରା ସହରରେ ତିଆରି ହୋଇଥିବା ୩୬୯ ଫୁଟ ଶିବ ମୂର୍ତ୍ତିର ଅନାବରଣ ଶନିବାର କରାଯିବ। ଏହି ମୂର୍ତ୍ତିର ନାମ 'ବିଶ୍ୱାସ ସ୍ୱରୂପମ୍' ରଖାଯାଇଛି। ସନ୍ଥ ମୋରାରି ବପୁ ଏହି ମୂର୍ତ୍ତୀର ଅନାବରଣ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏଥିରେ ସାମିଲ ହେବେ। ତତ୍ ପଦମ ସଂସ୍ଥାନ ପକ୍ଷରୁ ଏହି ବିଶାଳ ମୂର୍ତ୍ତି ତିଆରି କରାଯାଇଛି। ତେବେ ଏହା ବିଶ୍ୱର ସବୁଠୁ ଉଚ୍ଚତମ ଶିବମୂର୍ତ୍ତି ହେବାକୁ ଥିବାବେଳେ ୨୫୦ କି.ମି ପବନର ବେଗକୁ ଏହା ସମ୍ଭାଳି ପାରିବ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି । ମୂର୍ତ୍ତି ଅନାବରଣ ପରେ ୯ ଦିନ ଧରି ସ୍ଥାନୀୟ ଅଞ୍ଚଳରେ ପ୍ରବଚନ, ସତ୍‌ସଙ୍ଗ ଭଳି କାର୍ଯ୍ୟକ୍ରମ କରାଯିବ।

## ଅକାମୀ ହୋଇଯିବ ଇନ୍‌ସାଇଟ୍ ଲ୍ୟାଣ୍ଡର



ୱାଶିଂଟନ୍

ମଙ୍ଗଳ ଗ୍ରହର ଆଭ୍ୟନ୍ତରୀଣ ସ୍ଥିତି ବିଷୟରେ ଜାଣିବା ପାଇଁ ନାସା ୨୦୧୮ରେ ଇନ୍‌ସାଇଟ୍ (ଇଣ୍ଟେରିଅର୍ ଏକ୍ସପ୍ଲୋରେଶନ୍ ୟୁଜିଙ୍ଗ୍ ସେସ୍‌ମିକ୍ ଇନ୍‌ଭେଷ୍ଟିଗେଶନ୍ସ, ଜିଓଡେସି ଆଣ୍ଡ ହିଟ୍ ଟ୍ରାନ୍ସପୋର୍ଟ) ଲ୍ୟାଣ୍ଡରକୁ ମଙ୍ଗଳ ଭୂପୃଷ୍ଠରେ ଅବତରଣ କରାଯାଇଥିଲା। ପାଖାପାଖି ୪ ବର୍ଷ ପରେ ଏହି ଲ୍ୟାଣ୍ଡର ଅକାମୀ ହେବାକୁ ଯାଉଛି। ଆସନ୍ତା ୪ରୁ ୮ ସପ୍ତାହ ମଧ୍ୟରେ ଇନ୍‌ସାଇଟ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ବନ୍ଦ କରିଦେବ ବୋଲି ନାସା ପକ୍ଷରୁ କୁହାଯାଇଛି। ଏହାର ସୋଲାର ପ୍ୟାନେଲ୍‌ରେ ଧୂଳି ଜମିଯାଇଛି କାରଣରୁ ଆମେରିକା ସ୍ପେସ୍ ଏଜେନ୍ସିର ଷ୍ଟେଶନାରି ଲ୍ୟାଣ୍ଡରରୁ ଇନ୍‌ସାଇଟ୍ ଶକ୍ତି ସଂଗ୍ରହ କରିବା କମାଇ ଦେଇଛି। ଏହାର ବ୍ୟାଟେରି ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଦୁଇ ବର୍ଷୀୟ ମିଶନରେ ଏହି ଲ୍ୟାଣ୍ଡରକୁ ମଙ୍ଗଳ ପ୍ରେରଣ କରାଯାଇଥିବାବେଳେ ଦୁଇବର୍ଷ ଅଧିକ ଅର୍ଥାତ୍ ୪ ବର୍ଷ ମଙ୍ଗଳ ଭୂଭାଗରେ ରହି କାର୍ଯ୍ୟ କରୁଛି।

## ହଲ୍ ଛାତରେ ନାଚିଲେ କ୍ରିତି



ମୁମ୍ବାଇ

ନିଜର ଅପ୍‌କମିଂ ଫିଲ୍ମ 'ଭେଡିଆ'ର ପ୍ରମୋଶନ୍‌ରେ ଏବେ ବ୍ୟସ୍ତ ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍। ଶୁକ୍ରବାର ଫିଲ୍ମର ପ୍ରମୋଶନ୍ କରିବା ସମୟରେ କ୍ରିତି ମୁମ୍ବାଇର ଗେଟି ଗାଲାକ୍ସି ଥିଏଟର ଛାତ ଉପରେ ନାଚୁଥିବାର ଦେଖିବାକୁ ମିଳିଛି। ତେବେ ଖାଲି କ୍ରିତି ନୁହେଁ ଫିଲ୍ମର ଅଭିନେତା ବରୁଣ ଧୱନ ମଧ୍ୟ କ୍ରିତିଙ୍କ ସହ ତାଳ ମିଶାଇ ନାଚୁଥିବାର ଦେଖିବାକୁ ମିଳିଛି। ଫିଲ୍ମର ଗୀତ 'ଠୁମ୍‌କେଶ୍ୱରୀ'ରେ ଦୁହେଁ ନାଚୁଥିବାବେଳେ ସେମାନଙ୍କ ନାଚ ଦେଖିବା ପାଇଁ ଥିଏଟର ବାହାରେ ଅନେକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହା ଏକ ହରର-କମେଡି ଫିଲ୍ମ ହୋଇଥିବାବେଳେ ଅମର କୌଶିକ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ଉନ୍ନତମାନର ଭିଏଫ୍‌ଏକ୍ସର ବ୍ୟବହାର କରାଯାଇଥିବାବେଳେ ଦର୍ଶକ ଫିଲ୍ମକୁ ପସନ୍ଦ କରିବେ ବୋଲି ନିର୍ଦ୍ଦେଶକଙ୍କ ଆଶା ରହିଥିବା ସେ କହିଛନ୍ତି। ନଭେମ୍ବର ୨୫ରେ ଫିଲ୍ମଟି ପ୍ରେକ୍ଷାଳୟକୁ ଓହ୍ଲାଇବାକୁ ଥିବାବେଳେ ଏହା ହିନ୍ଦୀ, ତେଲୁଗୁ ଓ ତାମିଲ ଭାଷାରେ ମୁକ୍ତିଲାଭ କରିବ ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
0674-2580385
8637280816
7894447167, 9338226625

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount
under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୁମାରେଶ ସାମଲ
୧୩୨ ବାପୁଜୀ ନଗର, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ।
ଧ-୧୮୭୪

# ଧଳାପାରା

## ଗଳ୍ପ

**ପ୍ରତାପ ବିଶ୍ୱାଳ**

"ମୁଁ ବାପାଙ୍କୁ ପେପର ଓ ରଙ୍ଗବୁଡ଼ା ତୂଳୀଟା ଦେଇ ଫୋନ୍‌ଟା ଧରି ବାହାରି ଆସିଲି ବାହାରକୁ। କହିଲି, ବାପା ଆଜି କାହିଁ ଏଣୁତେଣୁ ଗପୁଛନ୍ତି। ଝର୍କାଆଡ଼କୁ ଚାହିଁ କହୁଛନ୍ତି ଧଳାପାରାଟାଏ ବସିଛି। ମୋତେ କାଗଜ, ତୂଳୀ ଦେ', ମୁଁ ତା' ଚିତ୍ର ଆଙ୍କିବି। ଭାଇ କହିଲା- ମୁଁ ବି କାଲିରାତିରେ ଧଳାପାରାର ସ୍ୱପ୍ନ ଦେଖିଛି।"

କୋଠରିର ସେଇ ଦରମେଲା ଦ୍ୱାର ଏବେ ବି ସେମିତି ଦରମେଲା। ଖଟ ଉପରକୁ ଚାହିଁଲେ ଦିଶିଯାଏ ସୂର୍ଯ୍ୟ ଚନ୍ଦ୍ର ପରି ଦୁଇଟି ଆଖି। ଯେମିତି ପଚାରନ୍ତି କେମିତି ଅଛୁରେ? ତାଙ୍କର ଏ ପ୍ରଶ୍ନଟା ମୋତେ ଲାଗେ ସେ ଜାଣିବାକୁ ଚାହୁଁଛନ୍ତି କେମିତି ଅଛି ଆଜିର ଏ ପୃଥିବୀ। ବର୍ଷେ ହେଲା ସେ ଦେଖିନାହାନ୍ତି ତାଙ୍କ କୋଠରି ବାହାରର ପୃଥିବୀକୁ। ହାତ ପାଦରେ ଶିକୁଳି ନ ଥାଇ ବି କୋଠରିରେ ସେ ବନ୍ଦୀ। ଗୋଟିଏ ପାରାଲିସିସ୍ ଆକ୍ରାନ୍ତ ବିଛଣାରୁ ଉଠିପାରୁ ନ ଥିବା ରୋଗୀକୁ କ'ଣ ବା କୁହାଯାଇପାରିବ। ସକାଳ ସୂର୍ଯ୍ୟର ଆଲୋକ ସ୍କାଏଲାଇଟ୍ ବାଟେ କୋଠରିକୁ ଆସିଲେ କୁହନ୍ତି ଖୋଲି ଦିଅରେ ସେ ଝର୍କା ଟିକିଏ। କେବେ କିଏ ଖୋଲନ୍ତି ତ କେବେ ଖୋଲନ୍ତି ନାହିଁ।

ସେ କୁହନ୍ତି ତାଙ୍କ ପରିଚିତ ପୃଥିବୀ କଥା। ତାଙ୍କ ପାଇଁ ଖରା, ବର୍ଷା, ଶୀତ, କାକର ସବୁ ସମାନ ହେଲେ ବି ସେ ପଚାରନ୍ତି ଏବେ ବି ଋତୁସବୁ ଆସୁଛନ୍ତି ନା ଆମ ଏ ପୃଥିବୀକୁ? କାହିଁ ତ କାଉ ରାବୁନି, କୋଇଲି ଗାଉନି। ବଦଳିଯାଇଛି ତା'ହେଲେ ପୁରୁଣା ପୃଥିବୀ। ଆଉ କ'ଣ ଯୋଗୀ ଗୀତ ଗାଉଛି? ଗଛର ସବୁଜ ପତ୍ରସବୁ ସୂର୍ଯ୍ୟରଶ୍ମିରେ ଭୋକ ତିଆରି କରୁଛନ୍ତି। ଉତୁରି ପଡୁଛି ଗାଁ ବିଲ ମାର୍ଗଶିରର ଡାଆଣିଆ ଖରାରେ। ଏବେ କ'ଣ ମନ୍ଦିରରେ ଆଳତି ହେଉଛି? ଫୁଲମାନେ ହସୁଛନ୍ତି ଗଛରେ ଗଛରେ?

ମୁଁ ହଁ କହିଲେ ସେ କହନ୍ତି- ଆଃ, କେଉଁଠି ତା'ହେଲେ ଛିଣ୍ଡିଗଲା ଯୋଗୀ କେନ୍ଦରାର ତାର ଟିକକ! କେମିତି ଖସିଲା ବଡ଼ଦେଉଳରୁ ପଥର। କେମିତି ଖଣ୍ଡିତ ହୋଇଗଲା କୋଣାର୍କର ମୂର୍ତ୍ତି। ମୋତେ ଯିବାକୁ ହେବ, ଯାଇ ତା'ର ଫଟୋ ଉଠାଇବାକୁ ପଡ଼ିବ।

ବାପା ଚିତ୍ରଶିଳ୍ପୀ। ଫଟୋଗ୍ରାଫର୍ ବି। ତାଙ୍କର ଏ ଘରେ ଅଛି ଅନେକ ଫଟୋର ଆଲବମ୍। ଅନେକ ସାଇତା ଚିତ୍ରର ଇତିହାସ ଅଛି ସେସବୁ ଆଲବମ୍‌ରେ। କେବେକେବେ କୁହନ୍ତି- ବାପାରେ, ସେ ଥାକରୁ ଏତେ ନମ୍ବର ଆଲବମ୍‌ଟା ଆଣେ ତ। ଅଣ୍ଟାଠାରୁ ପାଦଯାଏଁ ଉଠାଇ ପାରୁ ନ ଥିବା ଅବୟବକୁ ଦୁଇ ହାତରେ ଭରାଦେଇ ଉଠାଇ ଖଟବାଡ଼ାରେ ତକିଆକୁ ଆଉଜାଇ ବସି ଦେଖନ୍ତି। ଦେଖାନ୍ତି ମୋତେ। ବାଙ୍କି ଯାଇଥିବା ଓଠରେ ଖନେଇ ଖନେଇ କୁହନ୍ତି ଫଟୋର ଇତିହାସ। ଆଙ୍ଗୁଠି ବୁଲାଇ ଆଣନ୍ତି ଫଟୋ ଉପରେ। ଲୁହ ପଡ଼ି ଓଦା ହୋଇଯାଏ ଫଟୋ। ଚିହ୍ନାଇ ଦିଅନ୍ତି ଆମ ପିଲାବେଳର ଫଟୋକୁ ଦେଖାଇ, ଆମ ତିନି ଭାଇଭଉଣୀ ଓ ବୋଉକୁ। କେତେବେଳେ ଆମ ଭିତରୁ କିଏ ବାପାଙ୍କ ପିଠିରେ ନାଉ ହୋଇଛୁ। କେତେବେଳେ ସାଇକେଲ୍‌ରେ ବସିଛୁ। ପୁଣି କେତେବେଳେ



ଠାକୁର ଘରେ ବସି ପ୍ରାର୍ଥନା କରୁଛୁ। ବୋଉ କେମିତି ଲକ୍ଷ୍ମୀ ପୂଜା କରୁଛି, କାନ୍ଥରେ ଝୋଟି ପକାଉଛି, ଲୁଗା କାଚୁଛି, ରୋଷେଇ କରୁଛି।

ବୋଉ ସେପୁରକୁ ଗଲାଣି ଅନେକ ଦିନରୁ। ବଡ଼ଭାଇର ଚାକିରି ବାଙ୍ଗାଲୋରରେ। ସେ ତା' ସ୍ତ୍ରୀ ସହ ସେଠି। ଭଉଣୀ ରହୁଛି ଯାଇ ଦିଲ୍ଲୀରେ। ବାପାଙ୍କ ଏ ଅବସ୍ଥା ଜାଣି ବର୍ଷକ ଭିତରେ ଭାଇଭଉଣୀ ଦୁଇ ଥର ଆସି ସାରିଲେଣି। ନିକଟରେ ଆସିବା ବୋଧେ ତିନି ମାସରୁ ଊର୍ଦ୍ଧ୍ୱ ହୋଇସାରିଲାଣି। ଭାଉଜଙ୍କ ଡେଲିଭରି ଡେଟ୍ ବୋଧେ ଏଇ ପାଖାପାଖି କିଛି ଦିନରେ, ଯାହା ମୁଁ ଭଉଣୀ ପାଖରୁ ଶୁଣିଛି।

ବାପା ଆମ ଦୁଇ ଭାଇଙ୍କୁ ନାଁ ନ ଧରି ଡାକନ୍ତି 'ବାପା'। ଭଉଣୀକୁ ଡାକନ୍ତି 'ମା'। କୁହନ୍ତି ବାପରେ, ଅମୁକ କାମଟା କରିଦିଅ ତ। ଭଉଣୀକୁ କୁହନ୍ତି ମା'ରେ, ଭାତ ମୁଠାଏ ବାଢ଼ିଲୁ। ବାପାଙ୍କ ଏପରି ଡାକରେ ଥରେ ପଡ଼ିଶା ଘର ଅଜା ହିସାବ ହେବ ଜଣେ କହିଥିଲେ, "ଆରେ ପୁଅକୁ ନାଁ ନ ଧରି ଡାକି, ବାପା କ'ଣ ଡାକୁଛୁ? ସିଏ କ'ଣ ତୋ' ବାପା?" ମୋର ମନେଅଛି ବାପା ସେଦିନ କହିଥିଲେ- "ପୁଅ ଦିନେ ବାପ ହେବ ନା! ଏବେ ବାପା ଡାକିଲେ କ୍ଷତି କ'ଣ? ବାପାର କର୍ତ୍ତବ୍ୟ ନିଭାଇ ସାରିଲା ପରେ ବର୍ତ୍ତମାନ ତାଙ୍କ କର୍ତ୍ତବ୍ୟ ସେ କରୁଛନ୍ତି। ସେତେବେଳେ ସେମାନେ ବାପା ଉପରେ ନିର୍ଭରଶୀଳ ଥିଲେ। ବର୍ତ୍ତମାନ ମୁଁ ତାଙ୍କ ଉପରେ ନିର୍ଭରଶୀଳ। ପିଲାଙ୍କ ହାନିଲାଭ, ଭଲମନ୍ଦ, ଦୁଃଖକଷ୍ଟ, ରୋଗବୈରାଗ୍ୟ କଥା ବୁଝିବା ହିଁ ବାପାର କର୍ତ୍ତବ୍ୟ। ବୁଢ଼ା ହେଲା ପରେ ସେ ଆମର ହାନିଲାଭ, ଭଲମନ୍ଦ, ଦୁଃଖସୁଖ, ରୋଗବୈରାଗ୍ୟରେ ଚିନ୍ତିତ। ସେମାନେ ବାପା ନୁହନ୍ତି ତ ଆଉ କ'ଣ?"

ଅଜା ଚୁପ୍ ହୋଇଯାଇଥିଲେ। ମୋତେ କିନ୍ତୁ ପ୍ରେରଣାଦାୟୀ ଲାଗିଥିଲା ବାପାଙ୍କର ଏହି କଥା କେଇପଦ।

ଆଜି କହିଲେ- "ବାପାରେ ଭାଇ ଆଉ ଫୋନ୍ କରିନି?" ମୁଁ କହିଲି- "ହଁ କାଲି କରିଥିଲେ। ମୁଁ ଦୋକାନରେ ଥିଲି। ତୁମ କଥା ପଚାରୁଥିଲେ।" : ତୁ ତାକୁ ମୋ' ବିଷୟରେ ବିଶେଷ କିଛି କହିବୁନି। ମୁଁ ତ ଶୁଖିଲା ଗଛଟାଏ। ଟିକିଏ ପବନରେ ଉପୁଡ଼ି ପଡ଼ିବି। କ'ଣ ଅଳପ ବାଟ ହୋଇଛି ଚାଲିଆସିବ। ତେଣେ ପୋରୁହାଁ ପୋଖତି ବୋହୂଟାକୁ ଛାଡ଼ି ଆସିଲେ କେତେବେଳେ କେଉଁ କଥା।

ମୁଁ ହୁଁ କହିଲି। ବାହୁଡ଼ାଯାତ୍ରା ଦିନ ବାପା ସ୍ପଷ୍ଟ କଥା କହିଲା ଭଳି ଆମେ ସମସ୍ତେ ଅନୁଭବ କଲୁ। ବନ୍ଦ ହୋଇଥିବା ଝର୍କାଆଡ଼କୁ ହାତ ଦେଖାଇ କହିଲେ ଧଳାପାରାଟିଏ ଆସି ଝର୍କା ବନ୍ଧରେ ବସିଛି। ତାକୁ ମୁଠାଏ ଚାଉଳ ଆଣି ଦେ ଆଉ ମୋ' କ୍ୟାମେରାଟା ଦେ, ମୁଁ ଫଟୋ ଉଠାଇବି। ପୁଣି କହିଲେ- ନା ନା କ୍ୟାମେରା ନୁହେଁ, ମୋ' ତୂଳୀଟା, ନ ହେଲେ ପେପରଖଣ୍ଡେ ଦେ' ତ ମୁଁ ତା' ଚିତ୍ର ଆଙ୍କିବି। କେମିତି ଲୋଭାଣିଆ ଦୃଷ୍ଟିରେ ଚାହିଁଛି ମୋତେ!

ମୁଁ ଝର୍କା ଖୋଲି ଦେଖେ ତ ସମୟ ଅପରାହ୍ଣରୁ ଗଡ଼ିଯାଇଛି। ମେଘାଚ୍ଛନ୍ନ ଆକାଶ। ବଡ଼ ଝଙ୍କାଳିଆ ଆମ୍ବଗଛଟା ତା'ର ସବୁଜ ପତ୍ର ଧରି ଛିଡ଼ାହୋଇଛି। କହିଲି- ବାପା, ପାରା କାହିଁ? ବାପା କିନ୍ତୁ କହିଲେ, ତୁ ପେପର୍ ଖଣ୍ଡେ ତୂଳୀଟା ଦେ' ନା। ମୁଁ ବାପାଙ୍କୁ ଖଟବାଡ଼ାରେ ଆଉଜାଇ ବସାଇ ତାଙ୍କ ହାତକୁ ପେପର ଓ ତୂଳୀଟା ଦେଉ ଦେଉ ଭାଇର ଫୋନ୍ ଆସିଲା। ପଚାରିଲା ବାପାଙ୍କ ଦେହ କଥା। ମୁଁ ବାପାଙ୍କୁ ପେପର ଓ ରଙ୍ଗବୁଡ଼ା ତୂଳୀଟା ଦେଇ ଫୋନ୍‌ଟା ଧରି ବାହାରି ଆସିଲି ବାହାରକୁ। କହିଲି, ବାପା ଆଜି କାହିଁ ଏଣୁତେଣୁ ଗପୁଛନ୍ତି। ଝର୍କାଆଡ଼କୁ ଚାହିଁ କହୁଛନ୍ତି ଧଳାପାରାଟାଏ ବସିଛି। ମୋତେ କାଗଜ, ତୂଳୀ ଦେ', ମୁଁ ତା' ଚିତ୍ର ଆଙ୍କିବି। ଭାଇ କହିଲା- ମୁଁ ବି କାଲିରାତିରେ ଧଳାପାରାର ସ୍ୱପ୍ନ ଦେଖିଛି। ଆଜି ଦୁଇଟାବେଳଠାରୁ ଭାଉଜର ପେନ୍ ଆରମ୍ଭ ହୋଇଯାଇଛି ଯେ, ମୁଁ ବର୍ତ୍ତମାନ ଅଫିସ୍‌ରୁ ଆସି ତାକୁ ହସ୍ପିଟାଲ୍ ନେବାକୁ ବାହାରିଛି। ତୁ କିନ୍ତୁ ବାପାଙ୍କ କଥା ବୁଝୁଥିବୁ।

ରାତି କିନ୍ତୁ ପାହିଲା ନାହିଁ କି ବାପା ଚିତ୍ର ଆଙ୍କି ପାରିଲେନି। ଧରି ପାରିଲେନି ତୂଳୀ। କହିଲେ- "ବାପା, ପାରାଟା ଉଡ଼ିଗଲା। ଦେଖ୍, ସେ ଯାଇ ବେଙ୍ଗାଲୁରୁରେ ମୋ' ବାପା ପାଖରେ ପହଞ୍ଚିଗଲାଣି। ସେତେବେଳକୁ ମୁଁ ଘଣ୍ଟା ଦେଖେ ତ ରାତି ଏଗାରଟା ପଇଁଚାଳିଶ। ତୂଳୀ ଓ କାଗଜ ପଡ଼ିଥିଲା ବିଛଣାରେ। ସେ ସବୁଦିନ ପାଇଁ ଆମଠାରୁ ଚାଲିଗଲେ। ଏହାର ପ୍ରାୟ ଦଶ ମିନିଟ୍ ଯାଇ ନାହିଁ, ମୁଁ ଭାଇ ପାଖକୁ ଫୋନ୍ କରି ଦୁଃସମ୍ବାଦ କହିବାକୁ ଗଲାବେଳେ ଭାଇର ଫୋନ୍ ପୁଣି ଆସିଲା। ଭାଉଜ ଲେବର ରୁମ୍‌ରେ ଅଛି ବୋଲି କହିଲା। ମୁଁ ତାକୁ ଦୁଃସମ୍ବାଦଟା ଜଣାଇ ଦେଲାମାତ୍ରେ ସେ କାନ୍ଦି ଉଠିଲା। ମୁଁ ସାନ ହେଲେ ବି ମୋତେ ବାପାଙ୍କ କ୍ରିୟାକର୍ମ କରିବାକୁ ପଡ଼ିଲା। ଭାଉଜଙ୍କୁ ଛାଡ଼ି ଭାଇ ଆସିବା ସମ୍ଭବ ନ ଥିଲା।

ଦାହ କାମ ସାରି ଫେରିଲାବେଳକୁ ତା' ପରଦିନ ଆଠଟା ହୋଇସାରିଥିଲା। ମୁଁ ଶ୍ମଶାନରୁ ଆସି ଘର ଦୁଆରମୁହଁ ପାଖରେ ପହଞ୍ଚି ଦେଖେ ତ ଘରଠାରୁ ଟିକିଏ ଦୂରରେ ଥିବା ଆମ ଭାଗବତ ଘର ଉପରେ ବସିଛି ଧଳାପାରାଟିଏ। ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲି କିଛିକ୍ଷଣ। ମନେହେଲା ସେ ବି ମୋତେ ଚାହିଁଛି, ବିଳମ୍ବ ନ କରି ଘରୁ ମୁଠାଏ ଚାଉଳ ଆଣି ପକାଇ ଦେଲି ଭାଗବତ ଘର ଆଗରେ। ଡାକିଲି ଆସ ବାପା, ଖାଇଦିଅ ଏତକ। ପାରାଟି ମୋ' କଥାରୁ କ'ଣ ବୁଝିଲା କେଜାଣି ନ ଖାଇ ଉଡ଼ିଗଲା। ମନଦୁଃଖ ହେଲେ ବି ଦାହକାମ ସରିଗଲା ବୋଲି ଭାଇକୁ ଫୋନ୍ କଲାବେଳେ ଭାଇ କହିଲା- ଏଇ କିଛି ସମୟ ହେଲା ତାଙ୍କ ବେଡ୍ ପାଖ ଝର୍କା ପାଖରେ ଧଳାପାରାଟିଏ ଆସି ବସିଥିଲା। ଏଇ ଟିକିଏ ଆଗରୁ ଉଡ଼ିଗଲା। ମୁଁ ଭାଉଜଙ୍କ ଅବସ୍ଥା ପଚାରିବାକୁ ଗଲାବେଳେ ଜଣେ ନର୍ସଙ୍କ କଣ୍ଠସ୍ୱର ଶୁଭିଲା- "ଆପଣଙ୍କର ପୁଅଟିଏ ହୋଇଛି।" ଭାଇ ମୋତେ କହିଲେ- ବାପା ମରିନାହାନ୍ତିରେ କେବଳ ସିଏ ଘଟ ପରିବର୍ତ୍ତନ କରିଛନ୍ତି ଯାହା। ବାପା ବୋଧେ ପୁଣି ଆମ ପୁଅ ହୋଇ ଜନ୍ମ ହୋଇଛନ୍ତି। ବାପାମାନେ କ'ଣ କେବେ ମରନ୍ତି! ଆମ ବାପା ଆମକୁ ସବୁବେଳେ ବାପା ଡାକୁଥିଲେ। ଆମେ ବି ଆମ ପୁଅକୁ ବାପା ବୋଲି ଡାକିବା ସ୍ୱାଭାବିକ। ଆମ ପୁଅ ବି ତା' ପୁଅକୁ ବାପା ବୋଲି ଡାକିବ। ମୁଁ ସ୍ତବ୍ଧ ହୋଇ ଶୁଣୁଥିଲି ଭାଇର କଥା। ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାଯାଏ ମୁଁ କିନ୍ତୁ ଖୋଜୁଥିଲି ସେ ଧଳାପାରାକୁ।

ମୋ: ୯୪୩୭୭୪୫୯୮୩

## ଅନ୍ତର୍ଦାହ

**ଡା. ମନୋରଞ୍ଜନ ଦାଶ**

ନୀରବତା ପୁଣି ଦୂରତା
ସମ୍ପର୍କର ଅତୁଆ ସୂତାରେ
ହୃଦୟର ଆକୁଳତା...
ଅଦୃଶ୍ୟ ପ୍ରେମର ନିର୍ଲିପ୍ତ ସ୍ୱାକ୍ଷର,
ମୋ' ପାଇଁ ବାଙ୍ମୟତାର ଆହ୍ୱାନ
ମନ ଅଗଣାରେ ବାରମ୍ବାର ପଶିଆସେ
ଲାଜୁକୀ ମୁହଁଟା...

ବିଭୋରପଣକୁ ଲଗାମ ନ ଦେଇ
ଛଟପଟ ମୋ' ମନ ଓ ପ୍ରାଣ
ଦେଖିଲେ ବି ସେଇ ଉଦାସୀ ଚାହାଣି
ଦୀର୍ଘଶ୍ୱାସରେ ପରଶେ ମୁଁ ଉତ୍ତର
ସ୍ୱପ୍ନରେ ସ୍ନାନ କରି ଜୀବନକୁ ଉଣ୍ଡାଳେ,
ଦୁଃଖ ଭୋଗିବା ପୁଣି ପ୍ରେମ ସାଉଁଟିବା ତ
ମୋର ମହାର୍ଘ ଜୀବନ!

ତୁମଠୁଁ ଚିମୁଟାଏ ଆତ୍ମୀୟତା ପାଇଚି ବୋଲି
ଅସ୍ୱୀକାର କରିବିନି ମୁଁ।
ଅନ୍ତର୍ଦାହରେ ମୋ' ତପସ୍ୟା
ମୋ' ଉଡ଼ନ୍ତା ସ୍ୱପ୍ନକୁ ପଞ୍ଜୁରିରେ
ରଖି ମୁଁ ପାରୁନି
ମୋ' ଅଧାସିଝା ଆକାଂକ୍ଷାରେ
ପ୍ରତ୍ୟୟକୁ ଯୋଡୁଚି।
ତୁମର ମେଞ୍ଚାଏ ଅଭିଶାପକୁ
ଆପଣାର କରିପାରେ ଛାତି ମୋର।
ଯାଅ ଏବେ ତୁମେ!
ଶୁଭ ମନାସୁଚି ମୁଁ ତୁମ ପାଇଁ
ତୁମ ଖୁସି ମୋ' ପାଇଁ ବି ଖୁସିଟିଏ।

ମୋ: ୯୪୩୭୩୧୭୭୨୨

## କଣ୍ଢେଇ ନାଚ

**ସତ୍ୟନାରାୟଣ ଗନ୍ତାୟତ**

କାଚ କଣ୍ଢେଇଟେ ପରି
ଦିଶେ କୁନିଝିଅ
କଣ୍ଢେଇ ତା ନଚାଉ ଥାଏ
ରିମୋଟରେ ॥

ସେଇ କୁନିଝିଅ
ନିଜେ ବେଶ୍ ଭଲ ନାଚେ
ଆମେ ତାକୁ ଟିକେନାକୁ
ଫୁସୁଲାଇ ଦେଲେ ॥

ଠିକ୍ ଯେମିତି ଆମେ ବି ନାଚୁ
ନାଚି ଚାଲିଥାଉ
ଅବିକଳ କଣ୍ଢେଇଟେ ପରି
କାହାରି ନା କାହାରି ଇସାରାରେ
କେବେ ଗୋଚରରେ ତ'
ବହୁବେଳେ
ଆମ ଅଗୋଚରରେ !!

ମୋ: ୯୪୩୭୯୦୯୬୭୫

କବିତା

## ସ୍ମୃତି ତୁମେ !

**ସୁରେନ୍ଦ୍ର ନାଥ ସାହୁ**

ସ୍ମୃତି ତୁମେ!
ଅନୂଢ଼ା ବାଳିକାର
ହାତେ ଲମ୍ବ ଓଢ଼ଣା।
ପୁଷ୍କରରୁ ସ୍ନାହାନ ସାରି ଫେରୁଥିବା
ନବ ତରୁଣୀ ଦିହର
ଓଦା ସରସର ଝୀନ ଦେଶୀ କନା।
ମୋ' ତରୁଣ ଘଟର ଦରୋଟି ପ୍ରେମ
ଅଙ୍କୁଶିତ ପରାଗ ରେଣୁ
ଅସହାୟ ସାହସର ଛୁପାଛୁପି ଖେଳ
ଏକ ଦରଦୀ ବାହାନା।

ସ୍ମୃତି ତୁମେ!
ମନ ବାଇଚଢ଼େଇର ଝୁଲା ଭାଗ୍ୟ
ତଳେ ଖସିପଡ଼ିଥିବା ବସା।
ଏକ ଭରସାର ଅପମୃତ୍ୟୁ
ଅଥକ ପରିଶ୍ରମର
ଅଭିଶାପିତ ଝଡ଼ା ଆୟୁ
ଅକାରଣେ ଲୋକହସା।
ବୃଷ୍ଟି ହୀନତାରୁ ତଳି ଜାଳି ଦେଇଥିବା
ଉଦଣ୍ଡ ଖରାର ଉତ୍ତପ୍ତ ତାଣ୍ଡବ
ଶୋକ ସନ୍ତପ୍ତ କୃଷିଜୀବୀ
ଆତ୍ମାହୁତି ଦେଇଥିବା ଋଣୀ ଚଷା।

ସ୍ମୃତି ତୁମେ!
ବାପା କାନ୍ଧେ ବସି
ବୁଲି ଆସିଥିବା ଯାନିଯାତରା
ସୁବିଧାରେ ଦେଖିଥିବା ନାଟ।
ମୋ' ପୀଡ଼ା ପତନେ
ମୋ'ଠାରୁ ଅଧିକ
ଝରିଥିବା ମାଆ ଆଖିର ଲୁହ
ମୋତେ ଭୋକ ହେଲେ
ମୋ'ଠାରୁ ଅଧିକ କାଟୁଥିବା
ମୋ' ମାଆର ପେଟ।
ବୁଲି ପଡ଼ି ଖେଳି ଯାଇ
ଫେରିବା ବିଳମ୍ବ ହେଲେ
ତା' ହୃଦୟ ମନ ମସ୍ତିଷ୍କରେ
ଉପୁଜିଥିବା ଅସ୍ଥିତାର ତୀବ୍ର କଷ୍ଟ।

ସ୍ମୃତି ତୁମେ!
ବିକାଶ ଆଉ ଆଧୁନିକତା ନାମରେ
ରାସ୍ତାରୁ ତଡ଼ାଖାଇ
ଶଢ଼ି ଯାଇଥିବା ଶଗଡ଼ ଗାଡ଼ି।
ଦଣ୍ଡମୁକ୍ତ ଶିକ୍ଷା ନାମରେ ପ୍ରତିବନ୍ଧିତ ହୋଇ
ଶିକ୍ଷକଙ୍କ ହାତୁ ହଜିଯାଇଥିବା
ଅନୁଶାସନର ନିର୍ଦ୍ଦୋଷ ବାଡ଼ି।
ମାଆ ରନ୍ଧାଶାଳର
ମୋ' ଅଭୁଲା ଅଫେରା ଜୀବନ ସ୍ୱାଦ
ଅହ୍ୟ ସବାରିରେ ନୀରବରେ ବସି
ସେ ପାରିକୁ ଫେରିଥିବା
ତା' ଡହଡହ ସିନ୍ଦୂରୀ ମଥା
ପିନ୍ଧିଥିବା ନାଲି ଶଙ୍ଖା ଚୁଡ଼ି
ଦେଶୀ ନାଲି ପାଟ ଶାଢ଼ି।
ସ୍ମୃତି ତୁମେ!

ମୋ: ୮୧୨୮୯୧୯୨୫୬

### କାଳକାଳକୁ



**"ଶୁଭୁଥିବା ଗୀତ ମଧୁର, କିନ୍ତୁ ଶୁଭୁ ନ ଥିବା ଗୀତ ମଧୁରତର।"**

**-ଜନ୍ କୀଟ୍‌ସ**

ଜନ୍ କୀଟ୍‌ସଙ୍କ ଜନ୍ମ ୩୧ ଅକ୍ଟୋବର ୧୭୯୫ରେ, ଇଂଲଣ୍ଡରେ ଓ ପରଲୋକ ୨୩ ଫେବୃୟାରୀ ୧୮୨୧ରେ ରୋମ୍‌ରେ। ଯକ୍ଷ୍ମାରୋଗରେ ପୀଡ଼ିତ ହୋଇ ମାତ୍ର ୨୫ ବର୍ଷ ବୟସରେ କବି ମୃତ୍ୟୁବରଣ କରିଥିଲେ ବି ସ୍ୱଳ୍ପ ଆୟୁଷ୍କାଳରେ ସେ ଲେଖିଥିବା କବିତା ତାଙ୍କୁ ଭୁବନବିଦିତ କରିଛି। ଇଂଲିଶ୍ କବିତାରେ ସେ ଦ୍ୱିତୀୟ ପ୍ରଜନ୍ମର ରୋମାଣ୍ଟିକ୍ କବି। ତାଙ୍କ ରଚିତ ସମ୍ବୋଧନ ଗୀତିକାଗୁଡ଼ିକ ମଧ୍ୟରେ 'ଓଡେ ଟୁ ନାଇଟିଙ୍ଗେଲ' ହେଉଛି ସର୍ବପ୍ରଧାନ। ୧୮୧୭ରେ ଜେ.ବି. ରେନୋଲ୍ଡସଙ୍କୁ ଏକ ଚିଠିରେ କୀଟ୍‌ସ ଲେଖିଥିଲେ- 'କବିତା ବିନା ମୁଁ ବଞ୍ଚିପାରିବି ନାହିଁ।' ଏହି କବିଙ୍କର କବିତାରେ ଯାହା ସବୁଠୁଁ ଉପଭୋଗ୍ୟ ଥିଲା, ତାହା ହେଉଛି ତାଙ୍କ କବିତାରେ ନିହିତ ଇନ୍ଦ୍ରିୟସ୍ୱାଦ।

## ଭଲ ବାପ

**ରାମଚନ୍ଦ୍ର ସେଠୀ**

ରମ୍ୟ ଗଳ୍ପ

ଥରେ ଦୁଇଜଣ ଅପାଠୁଆ ସାଙ୍ଗ ଜଣେ ପାଠୁଆ ସାଙ୍ଗକୁ ପଚାରିଲେ- ତୁ ସେଦିନ କହୁଥିଲୁ ଏ ଦୁନିଆରେ ଦୁଇ ପ୍ରକାର ବାପ ଅଛନ୍ତି ବୋଲି। ଜଣେ ଭଲ ଆଉ ଜଣେ ମନ୍ଦ। କହ, କୋଉ ବାପ ଭଲ ଆଉ କୋଉ ବାପ ମନ୍ଦ?

ପାଠୁଆ ସାଙ୍ଗ କହିଲା- ଯୋଉ ବାପ ତା' ପିଲାମାନଙ୍କୁ ସୁଖରେ ରଖିବା ପାଇଁ ପାଠଶାଠ ପଢ଼େଇ ମଣିଷ କଲା, ସେଇ ବାପ ଭଲ ଆଉ ଯୋଉ ବାପ ଭାବିଲା- ପର ଦୁଆରେ, ଆଉ ଖରା ବରଷା ଶୀତ କାକରରେ ମୁଁ ଜୀବନସାରା ଖଟି ଖଟି ମଲି, ମୋ' ପୁଅ ପାଠଶାଠ ପଢ଼ି ବାବୁ ହବ! ନାଇଁ, ସିଏ ମଧ୍ୟ ମୋ' ପରି ମୂର୍ଖ ହେଉ। ମୋ' ପରି ପରଦୁଆରେ କି ବିଲବାଡ଼ିର ଧୂଳିମାଟି, ପଙ୍କ କାଦୁଅରେ ଘାଣ୍ଟି ହେଇ ହେଇ କଲବଲ ହେଉ। ସେଇ ବାପଟା ମନ୍ଦ।

ପାଠୁଆ ସାଙ୍ଗ ପଳେଇଲା ପରେ ଏଥର ଦୁଇ ମୂର୍ଖସାଙ୍ଗ ପରସ୍ପର ମୁହଁକୁ ଖାଲି ଅନାଅନି ହେଲେ। ବୋଧହୁଏ ସେମାନେ ଭାବୁଥିଲେ ଆମ ବାପ ଆମକୁ ପାଠ ନ ପଢ଼େଇ ମୂର୍ଖ କରିଦେଲା, ତେବେ ଆମ ବାପ କ'ଣ ଭଲ ବାପ ନୁହଁ!

ମୋ: ୯୮୬୧୭୦୯୮୮୦

## ପୁସ୍ତକ ପରିଚୟ

## ପୂଜା ପତ୍ରିକା: ୨୦୨୨

### ଅପୂର୍ବା



**ସମ୍ପାଦକ:** କ୍ଷୀରୋଦ ଚନ୍ଦ୍ର ପତି
୧/୪ ଡିମାଇ ସାଇଜ୍, ପୃ: ୧୬୮, **ମୂଲ୍ୟ:** ଟ. ୧୦୦/-

'ପବନ ପାଣିର କାହାଣୀ' ଶୀର୍ଷକ ସମ୍ପାଦକୀୟରେ କ୍ଷୀରୋଦ ନିଜ ଜୀବନରେ ଘଟିଥିବା ଏକ ଅନୁଭୂତିର ବର୍ଣ୍ଣନା ଦେଇଛନ୍ତି, ଯାହା ସେ କରନ୍ତି ତାଙ୍କର ସବୁ ସମ୍ପାଦକୀୟରେ। 'ସ୍ମରଣୀୟ କାହାଣୀ'ରେ ଯଶୋଧାରା ମିଶ୍ର, 'କଥା ଓ କାହାଣୀ'ରେ ଆନନ୍ଦ ଚନ୍ଦ୍ର ପହି, ବୈଜୟନ୍ତୀ ମିଶ୍ର, ନିଖିଳାନନ୍ଦ ପାଣିଗ୍ରାହୀ, ବିରଜା ରାଉତରାୟ, ରଞ୍ଜନ ପ୍ରଧାନ ଓ ସୈରିନ୍ଧ୍ରୀ ସାହୁ; 'ଅନୁବାଦ'ରେ ସୂର୍ଯ୍ୟମଣି ଖୁଣ୍ଟିଆ ଓ କନକ ମଞ୍ଜରୀ ସାହୁ; 'ସ୍ମୃତି କାହାଣୀ'ରେ ବିଜୟ କେତନ ପଟ୍ଟନାୟକ; 'ଭ୍ରମଣ କାହାଣୀ'ରେ ରୁମ୍‌ଝୁମ୍ ନାୟକ; 'ପୁରାଣ କାହାଣୀ'ରେ ତ୍ରିନାଥ ପଟ୍ଟନାୟକ ଏବଂ କବିତାରେ ସୀତାକାନ୍ତ ମହାପାତ୍ର, ପ୍ରତିଭା ଶତପଥୀ, ନୃସିଂହ ତ୍ରିପାଠୀ, ନୀଳାଦ୍ରିଭୂଷଣ ହରିଚନ୍ଦନ, ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି, ଗାୟତ୍ରୀବାଳା ପଣ୍ଡା ଓ ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ସ୍ଥାନିତ କରି ପତ୍ରିକାଟିର ମାନ ବୃଦ୍ଧିରେ ସମ୍ପାଦକ ସମର୍ଥ ହୋଇଛନ୍ତି। 'ପ୍ରଚ୍ଛଦ'ରେ ଦୃଷ୍ଟିକୋଣର ଭିନ୍ନତା ରହିଛି।

### କାବ୍ୟଲୋକ



**ସମ୍ପାଦକ:** ଭିକାରୀ ଧଳ
୧/୮ ଡିମାଇ ସାଇଜ୍, ପୃ:୨୮୮, **ମୂଲ୍ୟ:** ଟ.୧୫୦/-

ସଂପାଦକୀୟରେ ଭିକାରୀ ସାହିତ୍ୟସ୍ରଷ୍ଟାଙ୍କ ଶଠପଣ ଓ ବହିକିଣାରେ ସରକାରୀ ଅନୁଦାନର ବାଟମାରଣା ପ୍ରତି ତର୍ଜନୀ ନିର୍ଦ୍ଦେଶ କରିଛନ୍ତି। ଏହା ତାଙ୍କ ସତ୍ୟନିଷ୍ଠାର ପ୍ରମାଣଦିଏ। 'କାବ୍ୟ-ଚିନ୍ତନ', 'କାବ୍ୟଚର୍ଚ୍ଚା', 'କାବ୍ୟଆଲୋଚନା', 'ବିମୁଗ୍ଧ ବାଙ୍ମୟତା', 'ଗୀତିକବିଓକବିତା' ତଥା 'କାବ୍ୟ ମୂଲ୍ୟାୟନ'ରେ ବହୁ ପ୍ରବୀଣ ଓ ନୂତନ ଲେଖକଙ୍କ ସ୍ୱାକ୍ଷର ରହିଛି ପତ୍ରିକାଟିରେ। 'ସେ ଦେଶର କବି' ଶୀର୍ଷକରେ ମାୟା ଏଞ୍ଜେଲୋଙ୍କ କବିତା ଏବଂ ଓମର ଖାୟାମ୍‌ଙ୍କ ରୁବାଇୟତ୍‌ର ଓଡ଼ିଆ ଅନୁବାଦ କରିଛନ୍ତି ଯଥାକ୍ରମେ ସଞ୍ଜିବନୀ ସୁଧା ରଥ ଓ ଆଶାରାଣୀ ବେଉରା।

### ବାଟୋଇ



**ସମ୍ପାଦକ:** ଶତ୍ରୁଘ୍ନ ତରାଇ
୧/୪ ଡିମାଇ ସାଇଜ୍, ପୃ:୨୦୪, **ମୂଲ୍ୟ:** ଟ.୧୨୦/-

'ପ୍ରବନ୍ଧ ଓ ସମାଲୋଚନା'ରେ ସର୍ବେଶ୍ୱର ସେଣ, ଭରତ ବେହେରା, ବିଷ୍ଣୁପ୍ରିୟା ଓତା ଓ ଦେବାଶିଷ ମହାପାତ୍ର; 'ଗପ'ରେ କୃପାସାଗର ସାହୁ, ତରୁଣ କୁମାର ସାହୁ, ଗିରୀଶ ସାହୁ, କାର୍ତ୍ତିକ ସ୍ୱାଇଁ, ଲକ୍ଷ୍ମୀ ଚାନ୍ଦ ଓ ଲିପ୍‌ସା ପଟେଲ; 'ଫିଚର'ରେ ରଞ୍ଜନ ପ୍ରଧାନ; 'ସାକ୍ଷାତ୍‌କାର'ରେ ଶତ୍ରୁଘ୍ନ ପାଣ୍ଡବଙ୍କ ସହ ନୃସିଂହ ତରାଇ; 'ରମ୍ୟ ରଚନା'ରେ ରାଧାଶ୍ୟାମ ରାଉଳ ଏବଂ 'କବିତା'ରେ ଫନୀ ମହାନ୍ତି, ହର ପ୍ରସାଦ ଦାସ, ପ୍ରତିଭା ଶତପଥୀ, ଭଗବାନ ଜୟସିଂହ, ହୃଷୀକେଶ ମଲ୍ଲିକ, ଆଶୁତୋଷ ପରିଡ଼ା, ପ୍ରଭାକର ଶତପଥୀ, ହୁସେନ ରବୀ ଗାନ୍ଧୀ, ସୂର୍ଯ୍ୟ ମିଶ୍ର ଓ ରକ୍ଷକ ନାୟକ ପ୍ରମୁଖଙ୍କ ଲେଖା ସ୍ଥାନିତ। ଅଧିକାଂଶ ଲେଖାରେ ଲେଖକଙ୍କ ପ୍ରଜ୍ଞା ଓ ପ୍ରତିଭାର ଝଲକ ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା।

### ବିଶ୍ୱମୁକ୍ତି



**ସମ୍ପାଦକ:** ଶଶାଙ୍କ ଚୂଡ଼ାମଣି
୧/୪ ଡିମାଇ ସାଇଜ୍, ପୃ:୨୩୨, **ମୂଲ୍ୟ:** ଟ.୧୨୦/-

ପତ୍ରିକାର ଶେଷ ରଚନା ଭାବେ ସ୍ଥାନିତ ହୋଇଛି ସଂପାଦକୀୟ। ସଂପାଦକୀୟର ଶେଷବାକ୍ୟରେ ଶଶାଙ୍କ କହନ୍ତି: "ମା'... ଆମକୁ କ୍ଷମାକର। ଆମେ ସବୁ ଅକାଳ କୁଷ୍ମାଣ୍ଡ। ଏ ମାଟିର ପବିତ୍ରତା ପାଇଁ ଆମକୁ ବଳିଦେଇପାର।" ପତ୍ରିକାରେ ସ୍ଥାନିତ ପ୍ରବନ୍ଧ, ଗଳ୍ପ, ଫିଚର, ସ୍ୱତନ୍ତ୍ର ଗଳ୍ପ, ଅନୁବାଦ, ଭ୍ରମଣ କଥା, ନାଟକ, ଉପନ୍ୟାସିକା, ଅର୍ଥନୀତି ଓ ଚିତ୍ରକଥା। ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ପତ୍ରିକାଟିକୁ ବୌଦ୍ଧିକତା ଓ ସୃଜନରେ ଗରୀୟାନ କରିଛନ୍ତି ଜ୍ଞାନୀ ଦେବାଶିଷ ମିଶ୍ର, ସଦାନନ୍ଦ ତ୍ରିପାଠୀ, ପରେଶ କୁମାର ପଟ୍ଟନାୟକ, ଭୀମ ପୃଷ୍ଟି, ବିପିନ ବିହାରୀ ମିଶ୍ର, ସୁଭାଷ ଶତପଥୀ ପ୍ରମୁଖ ବହୁ ଜଣାଶୁଣା ଲେଖକ। 'କରୋନା କାଳରେ ରାଧା' ଉପନ୍ୟାସିକା ଲେଖିଛନ୍ତି ପ୍ରସନ୍ନ ପାଟଶାଣୀ। 'ଚିତ୍ରକଥା'ରେ 'ଭାରତର ପ୍ରଥମ ଆଧୁନିକ ନାରୀ ଚିତ୍ରଶିଳ୍ପୀ' ଉପରେ ଆଲେଖ୍ୟ ରଚନା କରିଛନ୍ତି ରମାକାନ୍ତ ସାମନ୍ତରାୟ। ପ୍ରଚ୍ଛଦ ଆଙ୍କିଛନ୍ତି ବଳଦେବ ମହାରଥା।

### ସୃଜନ ସ୍ୱପ୍ନ



**ସମ୍ପାଦିକା:** ଦେବଶ୍ରୀ ଧଳ(ଜେନା)
୧/୪ ଡିମାଇ ସାଇଜ୍, ପୃ:୨୧୬, **ମୂଲ୍ୟ:** ଟ.୧୫୦/-

'ସତ୍ ସାହିତ୍ୟ ଓ ସତ୍ ମଣିଷ' ଶୀର୍ଷକରେ ସମ୍ପାଦକୀୟ ବକ୍ତବ୍ୟ ରଖିଛନ୍ତି ଦେବଶ୍ରୀ ଧଳ। ସେ ଏଥିରେ ପତ୍ରିକା ସମ୍ପାଦନା କ୍ଷେତ୍ରରେ ସାମ୍ନା କରୁଥିବା କେତେକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି, ଯାହାର ଔଚିତ୍ୟକୁ ଉପେକ୍ଷା କରାଯାଇପାରିବ ନାହିଁ। 'ସୃଜନ ସଂସ୍କୃତି', 'ସୃଜନ ସମ୍ଭାର', 'ସୃଜନ ସ୍ମୃତି ଓ ଅନୁଭୂତି', 'କାବ୍ୟ ସୃଜନ', 'କଥା ସୃଜନ', 'ଗୀତି ସୃଜନ', 'ସୃଜନ ଅନୁସୃଜନ', 'ସୃଜନ ଭାବ ଜଣାଣ' ଓ 'ସୃଜନ ସମୀକ୍ଷା' ଆଦି ବିଭାଗରେ ବହୁ ପରିଣତ ଓ ନବାଗତ ଲେଖିକାଲେଖକ ଆପଣା ପ୍ରତିଭାର ଝଲକ ଦେଖାଇଛନ୍ତି। 'ପ୍ରଚ୍ଛଦ'ରେ ରହିଛି ଶିଳ୍ପୀଙ୍କ କଳ୍ପନାର ଅକଳ୍ପିତ ଅଭିନବତା।

### ଚିରନ୍ତନୀ



**ସମ୍ପାଦିକା:** ସଂଯୁକ୍ତା ମହାପାତ୍ର
୧/୪ ଡିମାଇ ସାଇଜ୍, ପୃ:୧୧୬, **ମୂଲ୍ୟ:** ଟ.୧୦୦/-

ସଂପାଦକୀୟ ବ୍ୟତୀତ ପ୍ରତିକାଟିରେ ସ୍ଥାନିତ ହୋଇଛି ପ୍ରବନ୍ଧ, ଗଳ୍ପ, ଅନୁବାଦ, ବ୍ୟଙ୍ଗ ରଚନା, କବିତା, ବିଜ୍ଞାନ, ପର୍ଯ୍ୟଟନ, ଶିଶୁକିଶୋର ଚିରନ୍ତନୀ, 'ସ୍ୱାସ୍ଥ୍ୟ ଓ ଆମ ବଗିଚା' ଆଦି ବିଭାଗ। 'ଓଡ଼ିଶାର ସପ୍ତମାତୃକା ଉପାସନା' ଶୀର୍ଷକ ପ୍ରବନ୍ଧ ଲେଖିଛନ୍ତି ଡ. ଅନ୍ତର୍ଯ୍ୟାମୀ ମିଶ୍ର। 'ବିଜ୍ଞାନ ଓ ଛଦ୍ମବିଜ୍ଞାନ' ଶୀର୍ଷକ ନିବନ୍ଧରେ ଡ. ଚିତ୍ତରଞ୍ଜନ ମିଶ୍ର ନୋବେଲ ବିଜେତା ପଦାର୍ଥ ବିଦ୍ୟାବିତ୍ ରିଚାର୍ଡ ଫେନ୍‌ମ୍ୟାନ୍‌ଙ୍କ ନିର୍ଦ୍ଧାରଣରେ ପ୍ରାଚୀନକାଳର ଅନ୍ଧବିଶ୍ୱାସ, କଳାଯାଦୁ, ଗୁଣିଗାରେଡ଼ି, କୁହୁକବିଦ୍ୟା, ବିମୋହନ ଶକ୍ତି ଓ ପ୍ରେତାତ୍ମା ପ୍ରଭୃତି ଧାରଣାଗୁଡ଼ିକ କିପରି ଛଦ୍ମବିଜ୍ଞାନ ତାହା ବୁଝାଇଛନ୍ତି। ଏହିସବୁ ବିଦ୍ୟାକୁ ଫେନ୍‌ମ୍ୟାନ୍ ନାଁ ଦେଇଛନ୍ତି 'କାର୍ଗୋ କଲ୍ଟ ସାଇନ୍ସ'। ପତ୍ରିକାଟିରେ ସ୍ଥାନିତ ପ୍ରାୟ ଲେଖା ମୌଳିକ ଓ ଚିନ୍ତା ଉଦ୍ରେକକାରୀ।

### ଅମୃତାୟନ



**ସମ୍ପାଦିକା:** ଗୀତା ହୋତା
୧/୪ ଡିମାଇ ସାଇଜ୍, ପୃ: ୧୮୦, **ମୂଲ୍ୟ:** ଟ.୧୦୦/-

ଆଧ୍ୟାତ୍ମିକ ସାହିତ୍ୟ, ଚର୍ଚ୍ଚାରେ, ଧାରାବାହିକ ଉପନ୍ୟାସ, ମାନସ ମନ୍ଥନ, ନବପର୍ବ, ଗଳ୍ପ ସମ୍ଭାର, କବିତା, ଭ୍ରମଣ କାହାଣୀ, ଅନୁବାଦ ଗଳ୍ପ, ପୁସ୍ତକ ସମୀକ୍ଷା ଓ ରମ୍ୟ ରଚନା ଆଦି ନିୟମିତ ବିଭାଗରେ ସମୃଦ୍ଧ ହୋଇ ପ୍ରକାଶ ପାଇଛି 'ଅମୃତାୟନ' ଶାରଦୀୟ ବିଶେଷାଙ୍କ। ସମ୍ପାଦକୀୟରେ ସମ୍ପାଦିକା ହୋତା ମାତୃଶକ୍ତିର ମହନୀୟତା ସମ୍ପର୍କରେ ଅଭିବ୍ୟକ୍ତି ରଖିଛନ୍ତି। ସାତକଡ଼ି ହୋତା, ଅନ୍ତର୍ଯ୍ୟାମୀ ମିଶ୍ର, ଶରତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଅଧ୍ୟାପକ ବିଶ୍ୱରଞ୍ଜନ, ମମତାମୟୀ ଚୌଧୁରୀ, ଇନ୍ଦିରା ଦାଶ, ଭାସ୍କର ଜେନା, ଶକୁନ୍ତଳା ବଳିୟାରସିଂହ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ବନଜ ଦେବୀ, ପ୍ରତିଭା ଶତପଥୀ, ହୃଷୀକେଶ ମଲ୍ଲିକ ଓ ଦେବେନ୍ଦ୍ର କୁମାର ବାଉରୀ ପ୍ରମୁଖ ବହୁ ବରିଷ୍ଠ ଲେଖକଙ୍କ ଅବଦାନରେ ପୁଷ୍ପିତ ହୋଇଉଠିଛି ପତ୍ରିକାଟି। ଅନୁବାଦ ଗଳ୍ପଗୁଡ଼ିକ ସୁନିର୍ବାଚିତ ଓ ଦକ୍ଷ ଅନୁବାଦକଙ୍କ ଦ୍ୱାରା ଅନୂଦିତ। ପୀତବାସ ରାଉତରାୟଙ୍କ ରମ୍ୟ ରଚନା 'ଗରଳେ କଲୁ ଅଧିକାରୀ' ଅବଶ୍ୟ ପଠନୀୟ।

### ପାହାଚ



**ସମ୍ପାଦକ:** କମଳ କୁମାର ମହାନ୍ତି
୧/୪ ଡିମାଇ ସାଇଜ୍, ପୃ:୨୫୨, **ମୂଲ୍ୟ:** ଟ.୧୮୦/-

'ଭାଗବତ' କିପରି ସମ୍ପାଦକ କମଳଙ୍କ ବ୍ୟକ୍ତି ଜୀବନକୁ ଆବାଲ୍ୟରୁ ପ୍ରଭାବିତ କରିଛି, ତାକୁ ନେଇ ଲେଖିଛନ୍ତି ସେ ଏଥରର ସମ୍ପାଦକୀୟ। ଅନ୍ୟ ବର୍ଷଭଳି ନିୟମିତ ବିଭାଗ 'ଫିଚର ପାହାଚ', 'ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚ', 'ଫକୀରମୋହନ କଥା ପାହାଚ', 'ସଚ୍ଚି ରାଉତରାୟ କବିତା ପାହାଚ', 'ଗଡ଼ନାୟକ କବିତା ପାହାଚ', 'ଜୀବନାନନ୍ଦ ଗୀତି ପାହାଚ', 'ଗ୍ରନ୍ଥ ସମୀକ୍ଷା ପାହାଚ', 'ଗୋଦାବରୀଶ କଥା ପାହାଚ' ଓ 'ମାନସିଂହ କବିତା ପାହାଚ' ଆଦି ବହୁ ବିଶିଷ୍ଟ ଓ ନବୀନ ଲେଖକଙ୍କ ଲେଖାରେ ସମୃଦ୍ଧ ହୋଇଛି। କବିତାରେ ଅଛନ୍ତି ଅପର୍ଣ୍ଣା ମହାନ୍ତି, ହୃଷୀକେଶ ମଲ୍ଲିକ, ଅମରେଶ ପଟ୍ଟନାୟକ, ଅଶ୍ୱିନୀ କୁମାର ମିଶ୍ର, ଭଗବାନ ଜୟସିଂହ, ସ୍ୱରୂପ ମହାପାତ୍ର, ଅଭୟ ନାୟକ, ତୁହିନାଂଶୁ ରଥ, ରକ୍ଷକ ନାୟକ, ଆଶୁତୋଷ ପରିଡ଼ା, ମମତା ଦାଶ, ବିପିନ୍ ନାୟକ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ପ୍ରହଲ୍ଲାଦ ଶତପଥୀ, ସୌଭାଗ୍ୟବନ୍ତ ମହାରଣା, ପ୍ରବାସିନୀ ମହାକୁଡ଼; 'କଥା'ରେ ରଜନୀକାନ୍ତ ମହାନ୍ତି, ରମେଶ ପଟ୍ଟନାୟକ, କ୍ଷୀରୋଦ ଦାଶ, କାଶୀନାଥ ନନ୍ଦୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର; 'ଗୀତି କବିତା'ରେ ଅଛନ୍ତି ଧନଞ୍ଜୟ ସ୍ୱାଇଁ ଓ 'ଫିଚର'ରେ ହିମାଂଶୁ ପରିଡ଼ା, ବୀଣାପାଣି ଦେବତା ଓ କେ. ଶ୍ୟାମବାବୁ ଦୋରା । କବି ଅମରେଶ ପଟ୍ଟନାୟକଙ୍କ ସହ ସାକ୍ଷାତ୍‌କାର ପତ୍ରିକାଟିକୁ ଭବ୍ୟ କରିପାରିଛି। ପରିଚ୍ଛନ୍ନ ମୁଦ୍ରଣ ପରିପାଟୀ ସାଙ୍ଗକୁ 'ପ୍ରଚ୍ଛଦ'ରେ ପରିକଳ୍ପନାଗତ ଭିନ୍ନତା ଉଲ୍ଲେଖନୀୟ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅକ୍ଟୋବର ୨୯/୨୦୨୨ Sambalpur, Saturday, October 29/ 2022



କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ର ଉଦ୍‌ଘାଟନୀ ଦିବସରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ ଭାରତୀୟ ହକି ଦଳ ସହ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ

**ସୁଲ୍‌ତାନ ଅଫ୍ ଜୋହର କପ୍ ହକି**

ଜୋହର (ମାଲେସିଆ), ୨୮।୧୦ (ପି.ଟି.)

ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟର ଫାଇନାଲ ଶନିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ। ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟ ଶେଷ ପରେ ଟେବୁଲରେ ଅଷ୍ଟ୍ରେଲିଆ ପ୍ରଥମ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଭାରତୀୟ ଜୁନିୟର ପୁରୁଷ ହକି ଟିମ୍ ଶୁକ୍ରବାର ଏହାର ଅନ୍ତିମ ରାଉଣ୍ଡ ରବିନ ଲିଗ୍ ମ୍ୟାଚ୍‌କୁ ୫-୫ ଗୋଲ୍‌ରେ ଡ୍ର ରଖି ଥିଲା। ଦଳ ତରଫରୁ ପୁଭାନା ସି.ବି (୭ମ ମିନିଟ), ଅମନଦୀପ (୫୦ତମ), ଅରାଇଜିତ୍ ସିଂ ହୁଣ୍ଡାଲ (୫୩ତମ) ଓ ଶାରଦା ନନ୍ଦ ତିୱାରୀ (୫୬ ଓ ୫୮ତମ) ପ୍ରମୁଖ ଗୋଲ ଦେଇଥିଲେ। ଗ୍ରେଟ୍ ବ୍ରିଟେନ ତରଫରୁ ମାକ୍ସ ଆଣ୍ଡରସନ (୧ମ, ୪୦ତମ), ହାରିସନ ଷ୍ଟୋନ୍ (୪୨ତମ) ଓ ଜାମି ଗୋଲ୍ଡେନ (୫୪ତମ ଓ ୫୬ତମ) ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଶୁକ୍ରବାର ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲରେ ହରାଇ ଦେଇଛି। ରାଉଣ୍ଡ ରବିନ ଲିଗ୍‌ରେ ଭାରତ ୫ ମ୍ୟାଚରୁ ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ଅଷ୍ଟ୍ରେଲିଆ ୫ଟି ଗେମ୍‌ରୁ ୧୩ ପଏଣ୍ଟଅର୍ଜନ କରିଛି। ଗ୍ରେଟ୍ ବ୍ରିଟେନ ଓ ଜାପାନ ପ୍ରତ୍ୟେକ ୭ ପଏଣ୍ଟ ସହ ସେମାନଙ୍କ ଅଭିଯାନ ଶେଷ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ସଂଗ୍ରହ କରିଥିଲା। ୬ଟି ଦଳକୁ ନେଇ ଟେବୁଲରେ ମାଲେସିଆ ଏକ ପଏଣ୍ଟ ସହ ଅନ୍ତିମ ସ୍ଥାନରେ ରହିଛି।

# ମନଦୀପଙ୍କ ଡବଲରେ ଜିତିଲା ଭାରତ

**ପ୍ରୋ ହକି ଲିଗ୍**

ଭୁବନେଶ୍ୱର, ୨୮।୧୦ (ସ୍ପୋର୍ଟ୍ସବ୍ୟୁରୋ)

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ପ୍ରୋ ହକି ଲିଗର ଉଦ୍‌ଘାଟନୀ ମୁକାବିଲାରେ ବିଜୟୀ ହୋଇଛି ଭାରତ। ଅନ୍ତିମ କ୍ୱାର୍ଟରରେ ଷ୍ଟ୍ରାଇକର ମନଦୀପ୍ ସିଂଙ୍କ ଡବଲ ଗୋଲ ବଳରେ ଭାରତ ୪-୩ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତ ୩-୨ରେ ପଛୁଆ ରହିଥିବା ବେଳେ ମନଦୀପ(୫୧ ଓ ୫୬ ମିନିଟ) ଦୁଇଟି ଗୋଲ ସ୍କୋର କରି ଭାରତକୁ ବିଜୟୀ କରିଥିଲେ। ପ୍ରଥମ ଦୁଇ କ୍ୱାର୍ଟରରେ ଭାରତ ଏବଂ ନ୍ୟୁଜିଲାଣ୍ଡ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ତୃତୀୟ କ୍ୱାର୍ଟରରେ ୨-୧ର ଅଗ୍ରଣୀ ସହିତ ନ୍ୟୁଜିଲାଣ୍ଡ ଭାରତୀୟ ଶିବିରରେ ଭୀତି ସଞ୍ଚାର କରିଥିଲା। ଅନ୍ତିମ କ୍ୱାର୍ଟରରେ ଭାରତୀୟ ଡିଫେନ୍ସ ଭଲ ପ୍ରଦର୍ଶନ କରିଥିବା ବେଳେ ମନଦୀପ୍‌ଙ୍କ ଡବଲ ଗୋଲ ବଳରେ ଭାରତ ମ୍ୟାଚ ଜିତି ନେଇଥିଲା। ଭାରତ ୪ ଗୋଲ ମଧ୍ୟରୁ ୩ଟି ଫିଲ୍ଡ ଗୋଲ ଏବଂ ଗୋଟିଏ ପେନାଲ୍ଟି ଷ୍ଟ୍ରୋକରୁ ଆସିଥିଲା। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଗୋଟିଏ ଲେଖାଏ ଫିଲ୍ଡ ଗୋଲ, ପେନାଲ୍ଟି ଷ୍ଟ୍ରୋକ୍ ଓ ପେନାଲ୍ଟି କର୍ନରରୁ ଗୋଲ କରିଥିଲା।

ଭାରତ ଓ ନ୍ୟୁଜିଲାଣ୍ଡ ଆରମ୍ଭରୁ ସତର୍କତାର ସହିତ ଖେଳ ଆରମ୍ଭ କରିଥିଲେ। ଭାରତ ପକ୍ଷରୁ ମନଦୀପ୍ ମୋର୍ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଫିଲ୍ଡ ଗୋଲରୁ ମନଦୀପ୍ ସ୍କୋର କରିବା ସହିତ ଭାରତକୁ ୧-୦ରେ ଅଗ୍ରଣୀ ପ୍ରଦାନ କରିଥିଲେ। ପ୍ରଥମ କ୍ୱାର୍ଟରରେ ପଛୁଆ ରହିବା ପରେ ୨୨ତମ ମିନିଟରେ ଗୋଲ ପରିଶୋଧ କରିଥିଲା ନ୍ୟୁଜିଲାଣ୍ଡ। ପେନାଲ୍ଟି ଷ୍ଟ୍ରୋକରୁ ଲେନ୍ ସାମ୍ ଏହି ଗୋଲଟି ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ଉଭୟ ଦଳ ୧-୧ରେ ରହିଥିଲେ। ତେବେ ତୃତୀୟ କ୍ୱାର୍ଟରରେ ଦୁଇଟି ଗୋଲ ସହିତ ନ୍ୟୁଜିଲାଣ୍ଡ ଅଗ୍ରଣୀ ହାସଲ କରିଥିଲା। ତୃତୀୟ କ୍ୱାର୍ଟରରେ ମାତ୍ର ୨ ମିନିଟ ମଧ୍ୟରେ ଦୁଇ ଗୋଲ ସ୍କୋର କରିଥିଲା ନ୍ୟୁଜିଲାଣ୍ଡ। ସ୍ମିଥ୍ ଜେକ୍(୩୪) ଓ ଲେନ୍ ସାମ୍(୩୫) ନ୍ୟୁଜିଲାଣ୍ଡ ପକ୍ଷରୁ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ୍ ସିଂ ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ମନଦୀପ୍ ସିଂଙ୍କ ଡବଲ ଗୋଲ ବଳରେ ଭାରତ ୪-୩ରେ ଏହି ମ୍ୟାଚକୁ ଜିତି ନେଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ସଚିବ ଭି.କେ ପାଣ୍ଡିଆନ୍ ଓ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।




ବିଜୟ ସୂଚକ ଗୋଲ୍ ସ୍କୋର ପରେ ସାଥୀଖେଳାଳିଙ୍କ ସହ ଉଲ୍ଲସିତ ଭାରତର ମନଦୀପ ସିଂ। (ଫଟୋ: ବିକାଶ ନାୟକ)

# ଅଷ୍ଟ୍ରେଲିଆ ପାଇଁ ବଢ଼ିଲା ସଙ୍କଟ

ମେଲବୋର୍ନ,୨୮।୧୦(ପି.ଟି.)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ଦୁଇଟି ମ୍ୟାଚ୍ ବର୍ଷା ପାଇଁ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ ଓ ଆୟର୍ଲାଣ୍ଡ ବନାମ ଆଫଗାନିସ୍ତାନ ମ୍ୟାଚ୍ ବାତିଲ ହୋଇଯାଇଛି। ଉଭୟ ମ୍ୟାଚ୍ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାର ଥିଲା। ତେବେ ନିରନ୍ତର ବର୍ଷା କାରଣରୁ ଟସ୍ ମଧ୍ୟ ପଡ଼ିବା ସମ୍ଭବ ହୋଇ ନ ଥିଲା। ଏହାସହିତ ଆୟୋଜକ ଅଷ୍ଟ୍ରେଲିଆର ସେମିଫାଇନାଲ ରାସ୍ତା ମଧ୍ୟ ସଙ୍କୀର୍ଣ୍ଣ ହେବାରେ ଲାଗିଛି। ପ୍ରତି ଗ୍ରୁପ୍‌ରୁ ଦୁଇଟି ଦଳ ସେମିଫାଇନାଲ ମୁକାବିଲା ଖେଳିବେ। ତେବେ ବର୍ଷା ଯୋଗୁ ଶୁକ୍ରବାର ମୁକାବିଲା ଧୋଇଯାଇଥିବା ବେଳେ ଏହା ଅଷ୍ଟ୍ରେଲିଆ ପାଇଁ ସଙ୍କଟ ବଢ଼ାଇଛି। ଅଦ୍ୟାବଧି ୩ ମ୍ୟାଚ୍ ଖେଳିସାରିଥିବା ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ବିଜୟ ସହିତ ପଏଣ୍ଟ ଟେବୁଲର ୪ ନମ୍ବର ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟ ସମାନ ସଂଖ୍ୟକ ବିଜୟ ହାସଲ କରିଛନ୍ତି। ଏହାସହିତ ନେଟ୍ ରନ୍‌ରେଟ୍ ଆଧାରରେ ଉଭୟ ଦଳ ଅଷ୍ଟ୍ରେଲିଆ ଉପରେ ରହିଛନ୍ତି। ସେହିପରି ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ମଧ୍ୟରେ ଥିବା ମ୍ୟାଚ୍ ବାତିଲ ହେବା କାରଣରୁ ଉଭୟ ଦଳ ନିରାଶ ହୋଇଛନ୍ତି। ଆଫଗାନିସ୍ତାନ ୩ ମ୍ୟାଚ୍ ଖେଳିଥିବା ବେଳେ ଏଥିରୁ ୨ଟି ମ୍ୟାଚ୍ ବର୍ଷାରେ ବାତିଲ ହୋଇଯାଇଛି। ଶନିବାର ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।



ବର୍ଷା ସମୟରେ ଛତା ତଳେ ଆୟର୍ଲାଣ୍ଡ ଖେଳାଳି।

**ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା**

ଗ୍ରୁପ୍ ଏ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ |
| ଇଂଲଣ୍ଡ | ୩ | ୧ | ୧ | ୧ | ୩ |
| ଆୟର୍ଲାଣ୍ଡ | ୩ | ୧ | ୧ | ୧ | ୩ |
| ଅଷ୍ଟ୍ରେଲିଆ | ୩ | ୧ | ୧ | ୧ | ୩ |
| ଶ୍ରୀଲଙ୍କା | ୨ | ୧ | ୧ | ୦ | ୨ |
| ଆଫଗାନିସ୍ତାନ | ୩ | ୦ | ୧ | ୨ | ୨ |

ଗ୍ରୁପ୍ ବି

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ |
|---|---|---|---|---|---|
| ଭାରତ | ୨ | ୨ | ୦ | ୦ | ୪ |
| ଦ. ଆଫ୍ରିକା | ୨ | ୧ | ୦ | ୧ | ୩ |
| ଜିମ୍ବାୱେ | ୨ | ୧ | ୦ | ୧ | ୩ |
| ବାଂଲାଦେଶ | ୨ | ୧ | ୧ | ୦ | ୨ |
| ପାକିସ୍ତାନ | ୨ | ୦ | ୨ | ୦ | ୦ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | ୦ |

# ଶଙ୍କର ମୁଥୁସାମି ସେମିଫାଇନାଲରେ

**ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**



ସାଣ୍ଟାଣ୍ଡର (ସ୍ପେନ୍), ୨୮।୧୦ (ପି.ଟି.): ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଶଙ୍କର ମୁଥୁସାମି ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ ସହ ପଦକ ପକ୍କା କରିଛନ୍ତି। ଶୁକ୍ରବାର ୧୯ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ଚାଇନାର ହୁ ଝି ଆନ୍‌ଙ୍କୁ ୨୧-୧୮, ୮-୨୧, ୨୧-୧୬ରେ ପରାସ୍ତ କରିଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୧ ଘଣ୍ଟା ୩୧ ମିନିଟ୍ ଧରି ଚାଲିଥିଲା। ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ପଦକ ହାସଲ କରିବାରେ ମୁଥୁସାମି ୯ମ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ଲକ୍ଷ୍ୟ ସେନ୍ ୨୦୧୮ରେ ଏକ ବ୍ରୋଞ୍ଜ ପାଇଥିଲେ। ମୁଥୁସାମି ସେମିଫାଇନାଲରେ ଥାଇଲାଣ୍ଡର ପନିଟ୍‌ଚାଫନ୍ ଟିରାରାଟ୍‌ସକୁଲଙ୍କୁ ଭେଟିବେ। ମୁଥୁସାମି ଗୁରୁବାର ପ୍ରି-କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡର ନାଚାକୋର୍ନ ପୁସ୍‌ରିଙ୍କୁ ୨୧-୧୦, ୨୧-୧୨ରେ ହରାଇ ଦେଇଥିଲେ।

# ଡବଲ୍ସ ସେମିରେ ସାତ୍ୱିକ, ଚିରାଗ

ପ୍ୟାରିସ୍,୨୮।୧୦(ପି.ଟି.): ଭାରତୀୟ ସଟଲ ଷ୍ଟାର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଡବଲ୍ସ ଯୋଡ଼ି ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୁପର ୭୫୦ ଇଭେଣ୍ଟର ଏହି ଟୁର୍ନାମେଣ୍ଟରେ ସପ୍ତମ ସିଡ୍‌ର ମାନ୍ୟତା ପାଇଥିବା ଚିରାଗ-ସାତ୍ୱିକ ଟପ୍ ସିଡେଡ୍ ଯୋଡ଼ି ଟାକୁରୋ ହୋକି ଓ ୟୁଗୋ କୋବାୟାଶୀଙ୍କୁ ପରାସ୍ତ କରିଛନ୍ତି। ଶୁକ୍ରବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ଭାରତୀୟ ଯୋଡ଼ି ୨୧-୧୨, ୨୧-୧୬ ରେ ମାତ୍ର ୪୯ ମିନିଟ୍ ମଧ୍ୟରେ ଜିତିନେଇଥିଲେ।

# ଦଳ ଚୟନକୁ ପୂର୍ବତନ ଖେଳାଳିଙ୍କ ସମାଲୋଚନା

କରାଚି,୨୮।୧୦(ପି.ଟି.): ଜିମ୍ବାୱେ ବିପକ୍ଷ ଲଜ୍ଜାଜନକ ପରାଜୟ ପରେ ଖରାପ ଦଳ ଚୟନକୁ କାରଣ ଦର୍ଶାଇଛନ୍ତି ଏକାଧିକ ପୂର୍ବତନ ଖେଳାଳି। ଅପେକ୍ଷାକୃତ ଦୁର୍ବଳ ଦଳ ଜିମ୍ବାୱେ ବିପକ୍ଷରେ ୧୩୦ ରନ୍ ଲକ୍ଷ୍ୟର ପିଛା କରିବାରେ ପାକିସ୍ତାନ ବିଫଳ ହୋଇଥିଲା। ଏହା ସହିତ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ପରାଜୟ ପରେ କେବଳ ଆଜମ ନୁହନ୍ତି, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ୍ ରମିଜ୍ ରାଜା, ମୁଖ୍ୟ ଚୟନକର୍ତ୍ତା ମହମ୍ମଦ ୱାସିମ୍ ଓ କୋଚ୍ ସାକ୍ଲିନ୍ ମୁସ୍ତାକ୍‌ଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଜିମ୍ବାୱେ ବିପକ୍ଷ ପରାଜୟ ଅତ୍ୟନ୍ତ ଅପମାନଜନକ ବୋଲି କହିଛନ୍ତି ପୂର୍ବତନ ପାକିସ୍ତାନୀ ପେସ୍ ବୋଲର ସୋଏବ୍ ଅଖ୍‌ତର। ଜିମ୍ବାୱେ ଭଳି ଦଳକୁ ହରାଇବା ପାଇଁ ମଧ୍ୟ ସଂଘର୍ଷପୂର୍ଣ୍ଣ କ୍ରିକେଟ ଖେଳିବାକୁ ପଡ଼ିଥାଏ ବୋଲି ଏହି ମ୍ୟାଚ୍ ପ୍ରମାଣ କରିଦେଲା। ଆମର ଦଳ ଚୟନ ଓ ମାନସିକତା ଅତ୍ୟନ୍ତ ସାଧାରଣ ରହିଥିବା ପାକିସ୍ତାନ କ୍ରିକେଟ୍‌ର ଅଧୋପତନ ପାଇଁ ଦାୟୀ ବୋଲି ଅଖ୍‌ତର କହିଛନ୍ତି। ୧୩୦ ରନ୍ ଲକ୍ଷ୍ୟର ପିଛା କରିବାରେ ଦଳ ବିଫଳ ହୋଇଥିବା ବେଳେ ଏହି ବ୍ୟାଟିଂ ଲାଇନ୍‌ଅପ୍‌କୁ କେବଳ ଭଗବାନ ଉଦ୍ଧାର କରିପାରିବେ ବୋଲି କହିଛନ୍ତି ପୂର୍ବତନ ଓପ୍‌ନର ମୋହସିନ୍ ଖାନ୍।

# ଆକାଂକ୍ଷାଙ୍କ ଦ୍ୱାରା ୩ ନୂଆ ଜାତୀୟ ରେକର୍ଡ

ଗାଜିଆବାଦ, ୨୮।୧୦ (ପି.ଟି.)

ଖେଲୋ ଇଣ୍ଡିଆ ନ୍ୟାଶନାଲ ଓମେନ୍ସ ୱେଟ୍‌ଲିଫ୍ଟିଂ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟରେ ମହାରାଷ୍ଟ୍ରର ଆକାଂକ୍ଷା ବ୍ୟବହାରେ ୪୦କେଜି କାଟେଗୋରିରେ ତିନୋଟି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ଅଂଶବିଶେଷ ଏହି ୱେଟ୍‌ଲିଫ୍ଟର ସ୍ନାଚ୍, କ୍ଲିନ୍ ଓ ଜର୍କ ଏବଂ ଟୋଟାଲରେ ରେକର୍ଡ ସୃଷ୍ଟି କରିଛନ୍ତି। ଆକାଂକ୍ଷା ୬୦କେଜି ଉତ୍ତୋଳନ କରି ତାଙ୍କ ନାମରେ ରହିଥିବା ସ୍ନାଚ୍ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ସେ ୭୧ କେଜି ଉଠାଇ କ୍ଲିନ୍ ଓ ଜର୍କ ଏବଂ ଟୋଟାଲ ୧୩୧ କେଜି ଓଜନ ଉଠାଇ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜୟିନୀ ମୀରାବାଈ ଚାନୁ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରଥମ ଭାଗରେ ହିମାଚଳ ପ୍ରଦେଶରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱେଟ୍ ଲିଫ୍ଟିଂର ପ୍ରଥମ ପର୍ଯ୍ୟାୟରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।



ପଦକ ଗ୍ରହଣ ଉତ୍ସବରେ ଆକାଂକ୍ଷା ବ୍ୟବହାରେ (ମଝି)।




ପ୍ରୋ କବାଡ଼ି ଲିଗ୍‌ରେ ଶୁକ୍ରବାର ଜୟପୁର ପିଙ୍କ୍ ପାନ୍ଥର୍ସ ଓ ତାମିଲ ଥାଲାଇଭାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପାନ୍ଥର୍ସ ବିପକ୍ଷରେ ଥାଲାଇଭାସ୍ ବିଜୟୀ

**ପ୍ରୋ କବାଡି ଲିଗ୍**

ବେଙ୍ଗାଲୁରୁ,୨୮।୧୦

ପ୍ରୋ କବାଡି ଲିଗ୍‌ରେ ଶୁକ୍ରବାର ଜୟପୁର ପିଙ୍କ ପାନ୍ଥର୍ସକୁ ପରାସ୍ତ କରିଛି ତାମିଲ ଥାଲାଇଭାସ୍। ରେଡର୍ ନରେନ୍ଦରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ୩୮-୨୭ରେ ମ୍ୟାଚକୁ ଜିତି ନେଇଛି ଥାଲାଇଭାସ୍। ଏହା ସହିତ ଚଳିତ ଟୁର୍ନାମେଣ୍ଟରେ ନିଜର ଦ୍ୱିତୀୟ ବିଜୟ ହାସଲ କରିଛି ଦଳ। ଥାଲାଇଭାସ୍ ପକ୍ଷରୁ ରେଡର୍ ନରେନ୍ଦର ଏକାକୀ ୧୩ ପଏଣ୍ଟ ସ୍କୋର କରି ମ୍ୟାଚର ହିରୋ ରହିଥିଲେ। ଅନ୍ୟତମ ରେଡର ଅଜିଙ୍କ୍ୟ ପୱାର ମଧ୍ୟ ୬ ପଏଣ୍ଟ ସ୍କୋର କରିଥିଲେ। ପାନ୍ଥର୍ସ ପକ୍ଷରୁ ଅର୍ଜୁନ୍ ଦେଶୱାଲ ସର୍ବାଧିକ ୯ ପଏଣ୍ଟ ସ୍କୋର କରିଥିବା ବେଳେ ଭବାନୀ ରାଜପୁତ ୪ ଓ ଷ୍ଟାର ରେଡର ରାହୁଲ ଚୌଧୁରୀ ଫେଲ ମାରିଥିଲେ। ପରାଜୟ ସହିତ ୮ ମ୍ୟାଚରୁ ୨୬ ପଏଣ୍ଟ ପାଇ ଜୟପୁର ପିଙ୍କ ପାନ୍ଥର୍ସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଥାଲାଇଭାସ୍ ଦଶମ ସ୍ଥାନରେ ରହିଛି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ମା'ଙ୍କ ଲୋନ୍ ଟଙ୍କାରେ ୩ ପତି ଖେଳି ୩୫ ହଜାର ଟଙ୍କା ହାରିଲେ ପୁଅ

**ଅମରପାଲି,୨୮।୧୦(ଡି.ଏନ.ଏ.):** ମା'ଙ୍କ ଲୋନ ଟଙ୍କାରେ ଜଣେ ଯୁବକ ଅନ୍‌ଲାଇନରେ ୩ ପତି(ଜୁଆ)ଖେଳି ୩୫ ହଜାର ଟଙ୍କା ହାରି ଯାଇଛନ୍ତି। ପରିବାର ଲୋକଙ୍କ ଭୟରେ ସେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ଟଙ୍କା ଲୁଟ କରି ନେଇଥିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅନୁସନ୍ଧାନ ପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଛି। ଏହି ଘଟଣା ଏବେ ବୀରମହାରାଜପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ସୁବଲୟା ଥାନା ଅଧୀନସ୍ଥ ଜଟେସିଂହା ଗାଁର ସ୍ୱାଧୀନ ସାହୁ ନାମକ ଜଣେ ଯୁବକ ବୀରମହାରାଜପୁରରୁ ଘରକୁ ଫେରୁଥିବା ସମୟରେ ବାଗବର ନିକଟରେ ତାଙ୍କୁ କେତେକ ମୁଖାଧାରୀ ଅଟକାଇ ଆକ୍ରମଣ କରି ତାଙ୍କ ନିକଟରୁ ୩୫ ହଜାର ଲୁଟ କରିଥିବା ଅଭିଯୋଗ କରିଥିଲେ।

**ଧରାପଡିବା ଭୟରେ ଆକ୍ରମଣ କରି ଲୁଟ ହୋଇଥିବା ନେଇ ଥାନାରେ ମିଥ୍ୟା ଅଭିଯୋଗ**

ଅଭିଯୋଗକୁ ଆଧାର କରି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଲୁଟେରାକୁ ଧରିବାକୁ ପ୍ରୟାସ କରିବା ସହ ସ୍ୱାଧୀନଙ୍କ ଘର ଜଟେସିଂହାକୁ ଯାଇ ପଚରାଉଚୁରା କରିଥିଲେ। କିନ୍ତୁ ପୋଲିସକୁ ଟଙ୍କା ଲୁଟ ନେଇ ସନ୍ଦେହ ହୋଇଥିଲା। ଯୁବକ ଜଣକ ଏଟିଏମରୁ ଟଙ୍କା ବାହାର କରିଥିବା କଥା କହୁଥିବା ବେଳେ ବିଭିନ୍ନ ସମୟରେ କଥାର ତାଳମେଳ ରହୁ ନ ଥିଲା। ଶୁକ୍ରବାର ବ୍ୟାଙ୍କ ଖୋଲିବା ପରେ ପାସବୁକ ଅପଡେଟ କରିବା ପରେ ଘଟଣା ମିଥ୍ୟା ବୋଲି ଜଣାପଡିଛି। ସ୍ୱାଧୀନ ଜୁଆ (୩ ପତି) ଖେଳି ଟଙ୍କା ତକ ହାରି ଦେଇଥିବାରୁ ଘରେ ଧରା ପଡିଯିବା ଭୟରେ ମିଥ୍ୟା ମାମଲା ଦାୟର କରିଥିବା କଥା ପୋଲିସକୁ କହିଛନ୍ତି। ବୀରମହାରାଜପୁର ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସ୍ୱାଧୀନଙ୍କ ମା' କିଛିଦିନ ପୂର୍ବରୁ ୫୦ହଜାର ଟଙ୍କାର ଲୋନ କରିଥିଲେ। ସେଥିରୁ ସ୍ୱାଧୀନ ୧୦ହଜାର ଟଙ୍କା ଉଠାଇ ତାଙ୍କ ମା'ଙ୍କୁ ଦେଇଥିଲେ। ବାକି ଟଙ୍କା ନିଜ ପାଖରେ ରଖିଥିବା ବେଳେ ଗୁରୁବାର ଅନ୍‌ଲାଇନରେ ୩ପତି(ଜୁଆ) ଖେଳି ୩୫ ହଜାର ଟଙ୍କା ହାରି ଯାଇଥିଲେ। ଏନେଇ ଥାନା ଅଧିକାରିଣୀ ପଦ୍ମାସିନୀ ମେହେର ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ସୁରଭି ମହୋତ୍ସବ

**ଟିଟିଲାଗଡ଼,୨୮।୧୦(ଡି.ଏନ.ଏ.):** ସ୍ଥାନୀୟ ଧବଳେଶ୍ୱର ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଟିଟିଲାଗଡ ବ୍ଲକସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ବିକାଶ ପାଇଁ ରାଜ୍ୟ ସରକାର ବିଦ୍ୟାଳୟଗୁଡିକୁ ୫-ଟି ରୂପାନ୍ତରଣ କରି ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ଆଦି ନୂତନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷକ ସମାଜ ତଥା ଅଭିଭାବକଙ୍କ ସହଯୋଗ ତଥା ଛାତ୍ରଛାତ୍ରୀ ନିଜ ଭବିଷ୍ୟତ ଗଠନ ନେଇ ଅଧିକ ନିଷ୍ଠାବାନ ହୋଇ ସରକାରଙ୍କ ଉଦ୍ୟମକୁ ସାକାର କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, କାର୍ଯ୍ୟକ୍ରମ ସଂଯୋଜକ ତଥା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିରାମ ମାଝୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିଳୋନି ବେହେରା, ପରିଚାଳନା କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ଡିଏଭି କଲେଜ ଅଧ୍ୟକ୍ଷ ରାମହରି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସିଆରସିସି ରମେଶ ପାର୍ଡିଆ ସ୍ୱାଗତ ଭାଷଣ ତଥା ସିଆରସିସି ବଚ୍ଚୁ ଜାଳ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସିଆରସିସି ଅନଙ୍ଗ ବିଶି, ଶାଳିନୀ ଶତପଥୀ, ଅରୁଣ ପଟ୍ଟନାୟକ, ସୁଶାନ୍ତ ରଥ, ଗୋପାଳ ସୁନା, ଆଲୋକ ମେକପ୍, ଉମେଶ ଚନ୍ଦ୍ର ସାହୁ, କିଶୋର ବନଛୋର, ଲିଙ୍ଗରାଜ ନାଗ, ଗୌରୀ ମୁଣ୍ଡା ତଥା ଧବଳେଶ୍ୱର ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ବ୍ଲକ ଅନ୍ତର୍ଗତ ୧୪ଟି କ୍ଲଷ୍ଟରର ୨୦୦ ଛାତ୍ରୀଛାତ୍ର କନିଷ୍ଠ ଓ ବରିଷ୍ଠ ବିଭାଗରେ ଭାଗ ନେଇଥିଲେ। ୫୧ ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ସ୍ଥାୟୀ ନିଯୁକ୍ତି ପାଇଁ ଅସ୍ଥାୟୀ ପୌର କର୍ମଚାରୀଙ୍କ ଦାବି

**ସୋନପୁର,୨୮।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣପୁର ପୌରପରିଷଦ, ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିଛନ୍ତି। କର୍ମଚାରୀମାନେ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ସ୍ଥାୟୀ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ପତ୍ର ସଂଖ୍ୟା୧୬୮୮୦ ତା ୧୫।୫।୧୯୯୯ ଅନୁଯାୟୀ ଯେଉଁ ପୌର କର୍ମଚାରୀମାନେ ୧୦ବର୍ଷ ଅସ୍ଥାୟୀ ଭାବରେ କାର୍ଯ୍ୟ କରିଛନ୍ତି ଓ ସେମାନଙ୍କର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିବେ ସେମାନଙ୍କୁ ସ୍ଥାୟୀ କରାଯିବ। ମାତ୍ର ଏପର୍ଯ୍ୟନ୍ତ ସରକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନି। ସ୍ୱଳ୍ପ ବେତନରେ ଅସ୍ଥାୟୀ ପୌର କର୍ମଚାରୀ ପରିବାର ପ୍ରତିପୋଷଣ ପାଇଁ ଅସୁବିଧା ଭୋଗୁଛି। ନିକଟରେ ରାଜ୍ୟ ସରକାର ୫୭ହଜାର ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିଥିବା ବେଳେ ଅସ୍ଥାୟୀ ପୌର କର୍ମଚାରୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇନି। ତେଣୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। କର୍ମଚାରୀ ସଂଘର ଉପଦେଷ୍ଟା ବଳଦେବ ପ୍ରସାଦ ବେଦବାକଙ୍କ ନେତୃତ୍ୱରେ ସୁବର୍ଣ୍ଣପୁର, ବିନିକା ଓ ତରଭାର ପୌର କର୍ମଚାରୀ ସୁଦାମ ଚନ୍ଦ୍ର ଦାଶ, ପୀତବାସ ସା, କିଶୋର ତରିଆ, ରଞ୍ଜିତ ନାଗ, ବନମାଳୀ ନାଏକ, ରାଜେଶ ପାତ୍ର, ସୌଦାମିନୀ କୁମ୍ଭାର, ଗଣେଶର ସୁନା, ପ୍ରେମନାଥ ସୁରଗୁଜିଆ, ଅର୍ଜୁନ କଲେତ, ରମେଶ ବାଗ, ରାମଦାସ ବାଗ, ଡ଼ମ୍ବରୁ ବାଘ, ରାଜୁ ବାଘ, ବସନ୍ତ କଲେତ ବିରେନ୍ଦ୍ର ସିନ୍ଧ୍ରିଆ, କପିଳାସ ବାଘ, ମିନ ବାଘ ଓ ଗୋପରଞ୍ଜନ ଷାଣ୍ଢ ପ୍ରମୁଖ ଏକ ଶୋଭାଯାତ୍ରାରେ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ।

# କରଣ ସମାଜର ଚିତ୍ରଗୁପ୍ତ ପୂଜା, ସାଧାରଣ ସଭା

**ସୋନପୁର,୨୮।୧୦(ନି.ପ୍ର.)**

ସୋନପୁର ସହର ଘୋଡ଼ାଘାଟପଡ଼ାଠାରେ ସୁବର୍ଣ୍ଣପୁର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ପକ୍ଷରୁ ଚିତ୍ରଗୁପ୍ତ ପୂଜା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଗୁରୁବାର ଅପରାହ୍ଣରେ ମହିଳା ଓ ପୁରୁଷମାନେ ମହାନଦୀରୁ ଏକ କଳସ ଯାତ୍ରାରେ ବାହାରି ପୂଜା ସ୍ଥଳରେ ପହଞ୍ଚି ଥିଲେ। ଚଳିତବର୍ଷ ପୂଜାର କର୍ତ୍ତା ଭାବରେ ସୁବ୍ରତ ମହାନ୍ତି ଓ ତାଙ୍କର ସହଧର୍ମିଣୀ ଅର୍ଚ୍ଚନା ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟାହ୍ନ ସମୟରେ କରଣ ସମାଜର ମହାସଭା ଅନୁଷ୍ଠିତ ହୋଇଥିଲା। ଜିଲା କରଣ ସମାଜର ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଡ. ଜ୍ୟୋତି ରଞ୍ଜନ ବହିଦାର ଯୋଗ ଦେଇଥିଲେ। ସମିତିର ସାଧାରଣ ସମ୍ପାଦକ ଦେବ କିଶୋର ଦାନୀ ବାର୍ଷିକ ବିବରଣୀ ପାଠ କରିବା ସହିତ ଚିତ୍ରଗୁପ୍ତ କଲ୍ୟାଣ ସମିତିର ମୂଳ ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମିତିର ମହିଳା, ବାଳିକା ବାଳକଙ୍କୁ ନେଇ ରଙ୍ଗୋଲି, ମହିଳା ଓ ବାଳିକାଙ୍କୁ ନେଇ ଚିତ୍ରାଙ୍କନ, କୌତୁକ ଓ ମ୍ୟୁଜିକ ଚେୟାର, ନୃତ୍ୟ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୌର ପରିଷଦ ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ଶିକ୍ଷାବିତ ମଦନ ମୋହନ ଦାନୀ ଓ ସଂପାଦକ ଦେବ କିଶୋର୍ ଦାନୀ ଯୋଗଦାନ କରିଥିଲେ। ସଭା କାର୍ଯ୍ୟକୁ ଡ. ଜ୍ୟୋତି ରଞ୍ଜନ ବହିଦାର ପରିଚାଳନା କରିଥିଲେ। ଆଦ୍ୟାଶା ପଟ୍ଟନାୟକ, ରେଣୁବାଳା ଦାସ, ପୁଷ୍ପକ ରାୟ, ଉମେଶ ଚନ୍ଦ୍ର ଦାନୀ ଓ ସଞ୍ଜୟ ପଟ୍ଟନାୟକଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦାରା ସମ୍ବର୍ଦ୍ଧିତ କରା ଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପାତ୍ର ପ୍ରଦାନ କରା ଯାଇଥିଲା।

# ଭିମା ଦେବତାଙ୍କ ବାଲିଯାତ୍ରା ପ୍ରସ୍ତୁତି ବୈଠକ

**କୋକସରା,୨୮।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଗ୍ରାମରେ ଚଳିତବର୍ଷ ଭିମା ଦେବତାଙ୍କ ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ କାଉଡୋଲା ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ଆବାହକ ବୁଟୁନାଥ ସରାବୁଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଉପସ୍ଥିତିରେ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ଗ୍ରାମର ସମସ୍ତ ବର୍ଗର ବୁଦ୍ଧିଜୀବୀ, ଜନପ୍ରତିନିଧି, ଜନସାଧାରଣ ଉପସ୍ଥିତ ରହିଥିଲେ। ସର୍ବସମ୍ମତିକ୍ରମେ ବାଲିଯାତ୍ରା ଗ୍ରାମ୍ୟ କମିଟି ଗଠନ କରାଯାଇଛି। କମିଟି ସ୍ଥାୟୀ ସଦସ୍ୟ ଗ୍ରାମ ଗୌନ୍ତିଆ ଶଶୀଭୂଷଣ ପଣ୍ଡା, ଗ୍ରାମ୍ୟ ପୂଜାରୀ ଦୁଷ୍ମନ୍ତ ପୂଝାରୀ, ଈଶ୍ୱର ମାଝି, କୈଳାଶ ଯାନୀ, ଗଣ୍ଡା ପରିବାରର ସଦସ୍ୟ ପଞ୍ଚାନନ ବେଶ୍ରା, ପୃଷ୍ଠପୋଷକ ସ୍ୱେଚ୍ଛାସେବୀ କାର୍ତ୍ତିକ ମାଝି, ମହେଶ୍ୱର ନାଗ, ଜଗନ୍ନାଥ ମନ୍ଦିର ପୂଜକ ଉମାକାନ୍ତ ଦାସ ରହିଛନ୍ତି। ପରିଚାଳନା କମିଟିରେ କମଳାକାନ୍ତ ପଣ୍ଡା, ବିରଞ୍ଚି ନାରାୟଣ ପୁରୋହିତ, ଶ୍ରୀଧର ମୁଣ୍ଡ, ମନୋଜ କୁମାର ସାହୁ, ବିଶ୍ୱମର ସାହୁ, ଜନ୍ମେଜୟ ସାହୁ, ମାଧବ କୋଟିଆ, ରୂପଧର ମାଝି, ରାମେଶ୍ୱର ଧଙ୍ଗଡା ମାଝି, ସୁଦର୍ଶନ ସେଠି ପ୍ରମୁଖ କର୍ମକର୍ତ୍ତାଙ୍କୁ ବାଲିଯାତ୍ରା ପାଇଁ ଗ୍ରାମ୍ୟ କମିଟିପକ୍ଷରୁ ମନୋନୀତ କରାଯାଇଛି।

# ଶିଶୁ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୨୮।୧୦(ଡି.ଏନ.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାର୍ଲଡ ଭିଜନ ଖଡ଼ିଆଳ ଶାଖା ପକ୍ଷରୁ ଶିଶୁ ସୁରକ୍ଷା ନିମନ୍ତେ ଏକ ସଭା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୀପାବଳି ଅବସରରେ ୱାର୍ଲଡ ଭିଜନ ଇଣ୍ଡିଆର ସଚେତନତା ଶିବିର ଆରମ୍ଭ ହୋଇଛି। ଏଥର ଏହାର ନାରା ରହିଛି ବାଲ୍ୟ ବିବାହ ସମାପ୍ତ କରିବା ପାଇଁ ଦୀପଟିଏ ଜଳାନ୍ତୁ। ଏହି କାର୍ଯ୍ୟକ୍ରମରେ ଶିଶୁ ଓ ବୟସ୍କମାନେ ହାତରେ ମହମବତି ଜଳାଇ ଏକ ରାଲି କରିଥିଲେ। ଖଡ଼ିଆଳ ବ୍ଲକ କେନ୍ଦୁପଟି ସରପଞ୍ଚ ଚନ୍ଦ୍ର ଷଣ୍ଡ ପ୍ରଥମ ପ୍ରଦୀପ ଜଳାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ଖଡ଼ିଆଳସ୍ଥିତ ୱାର୍ଲଡ ଭିଜନ ଇଣ୍ଡିଆର ମିତାଲି ରାଣୀ ପାତ୍ର ଯୋଗଦେଇ ବାଲ୍ୟ ବିବାହର କୁପରିଣତି ଉପରେ ଆଲୋଚନା କରିବା ସହ ଏହା ବନ୍ଦ କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଦିବାକର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚନ୍ଦ୍ରଜିତ ଆଇଜ, ଚିନ୍ମୟ ସାଗର, ଲୋକନାଥ ନିଆଲ ସହାୟତା କରିଥିଲେ। ମୁଖ୍ୟଅତିଥି ସରପଞ୍ଚ ଷଣ୍ଡ ଗ୍ରାମର ସମସ୍ତଙ୍କୁ ଏକ ଶପଥ ପାଠ କରାଇଥଲେ। ଅନ୍ୟତମ ଅତିଥି ଜିତେନ୍ଦ୍ର ସିଂ ବାରିକ ଅବସରପ୍ରାପ୍ତ ବନ ବିଭାଗ ଅଫିସର ବାଲ୍ୟ ବିବାହ ରୋକିବାକୁ କଡାକଡି ଆଇନ ଲାଗୁ କରିବାକୁ ଆହ୍ୱାନ କରିଥିଲେ।


## ପୂର୍ବ ତଟ ରେଳପଥ

କାର୍ଯ୍ୟର ନାମ : ବାଣିଜ୍ୟିକ ବିଜ୍ଞାପନ ଉଦ୍ଦେଶ୍ୟ ପାଇଁ ଭିଡିଓ ୱାଲ୍ (VIDEO WALL)ର ସଂସ୍ଥାପନ ଏବଂ ପରିଚାଳନା। (ପ୍ରତ୍ୟେକ ଷ୍ଟେସନରେ 100 ବର୍ଗଫୁଟ ସ୍ଥାନ ଯୋଗାଇ ଦିଆଯିବ)।

ସ୍ଥାନ : (1) ସମ୍ବଲପୁର (SBP), (2) ସମ୍ବଲପୁର ସିଟି (SBPY), (3) କେସିଙ୍ଗା (KSNG), (4) ବରଗଡ଼ ରୋଡ଼ (BRGA), (5) ବଲାଙ୍ଗୀର (BLGR), (6) ମୁନିଗୁଡ଼ା (MNGD), (7) ଟିଟିଲାଗଡ଼ (TIG), (8) ମହାସମୁନ୍ଦ (MSMD) ଏବଂ (9) କଣ୍ଟାବାଞ୍ଜି (KBJ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା. 11.11.2022ରିଖ 1200 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।

ନିଲାମ ଶେଷ ହେବା ତାରିଖ ଓ ସମୟ : ତା.11.11.2022ରିଖ 1230 ଘଟିକା (କ୍ରମ ସଂ. 1 ପାଇଁ), ତା.11.11.2022ରିଖ 1240 ଘଟିକା (କ୍ରମ ସଂ. 2 ପାଇଁ), ତା.11.11.2022ରିଖ 1250 ଘଟିକା (କ୍ରମ ସଂ. 3 ପାଇଁ), ତା.11.11.2022ରିଖ 1300 ଘଟିକା (କ୍ରମ ସଂ. 4 ପାଇଁ), ତା.11.11.2022ରିଖ 1310 ଘଟିକା (କ୍ରମ ସଂ. 5 ପାଇଁ), ତା.11.11.2022ରିଖ 1320 ଘଟିକା (କ୍ରମ ସଂ. 6 ପାଇଁ), ତା.11.11.2022ରିଖ 1330 ଘଟିକା (କ୍ରମ ସଂ. 7 ପାଇଁ), ତା.11.11.2022ରିଖ 1340 ଘଟିକା (କ୍ରମ ସଂ. 8 ପାଇଁ) ଏବଂ ତା.11.11.2022ରିଖ 1350 ଘଟିକା (କ୍ରମ ସଂ. 9 ପାଇଁ)।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ http://www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର

PR-644/N/22-23

## ODISHA PUBLIC SERVICE COMMISSION
### CUTTACK
### NOTICE

No. 9781/P.S.C. Dt.27.10.2022
1E-09-2022/23 (DR-III)

**Corrigendum to Advertisement No. 09 of 2022-23 for Recruitment to the Posts of Assistant Director of Handicrafts in Class - II (Group-B)**

No. D-201: It is for information of all concerned that at Sub-para - 2 of Para - 4 of Advertisement No. 09 of 2022-23 relating to age relaxation in respect of recruitment ot the Post of Assistant Director of Handicrafts, Class-II, Group-B the words **"and Ex-Servicemen"** is inserted after the word **"Women"** for upper age relaxation upto 05 (Five) years. The last date for submission of online application is extended from 26.10.2022 to 04.11.2022.

All other terms and conditions of the advertisement shall remain unchanged.

The concerned candidates are advised to visit the website of the Commission at **www.opsc.gov.in** for any further information.

OIPR-12002/11/0187/2223 Sd./- Secretary

## Shailabala Women's Autonomous College, Cuttack
Accredited with "A Grade' by N.A.A.C. (2006, 2017)

### ADMISSION NOTICE 2022 - 23

Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
|---|---|---|
| **B. Sc. ITM** (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website www.shailabalawomenscollege.ac.in. Last date to apply 25.11.2022, E-mail: sfcshailabalawac2022@gmail.com

*Sd /- Principal*

**For Details, Call: 8249864218, 9439964289**

## BHUBANESWAR MUNICIPAL CORPORATION
E-Mail Id: ee2@bmc.gov.in

No. C-1465 **E-Procurement Notice**

1. Bid Reference No. : BMC-EED-II-13/2022-23 Dt.26.10.2022
2. Tender Call Notice No. : No. 50152 Dt.26.10.2022
3. No. of Works : 1 No.
4. Bid Value : Rs.29,60,046.00
5. Period of Completion : 90 days

Date and time Schedule

| Start | End | Opening |
|---|---|---|
| 11.00 A.M. of 28.10.22 | 5.00 P.M. of 07.11.22 | 11.00 A.M. of 09.11.22 |

6. Tender details can be seen for the Procurement portal **https://www.tendersodisha.gov.in.** BMC website: **https://www.bmc.gov.in**

Sd./- Executive Engineer, Div-II
OIPR-13002/11/0141/2223 Bhubaneswar Municipal Corporation

## GOVERNMENT OF ODISHA, "e"-PROCUREMENT NOTICE
### OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
### WORKS DEPARTMENT
**Tender Call Notice**

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-16/2022-23 Memo No - 1986 Dt.20.10.2022**

No. B-743:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No. of Work : 6 Nos.
3. Tender Cost : Rs.10000.00 (On-Line)
4. Class of Contractor : Special Class, B Class & A Class
5. Available of Bid document in the Website : From 10.00 AM of Dt.28.10.2022 up to 05.00 PM of Dt.09.11.2022
6. Date of opening of Bid : Dt. 10.11.2022 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Chief Construction Engineer,
OIPR-34127/11/0025/2223 Khordha (R&B) Circle, Khordha

## OFFICE OF THE NOTIFIED AREA COUNCIL, GANJAM

NO.2000 DATED 26.10.2022

**QUOTATION CALL NOTICE**

No.C-1458:- Sealed quotatins are invited from the intending authorized suppliers / agencies for supply of fountain its platform, illumination and steel railing with granite ploes to Ganjam N.A.C. The prescribed designed and schedule can be obtained from the Office of the N.A.C., Ganjam during the office hours on payment of Rs.6000/- (Rupees six thousand) only + GST 18% in shape of Bank Draft / Banker Cheque in favour of the Executive Officer, N.A.C., Ganjam from dt.27.10.2022 to 4.11.2022 upto 5.30 P.M. The quotation will be received at the office of undersigned on or before 11.00 A.M. of 05.11.22. The quotation will be opened on dtd.05.11.2022 at 3.00 P.M. in presence of the quotationer or their authorized representative. All terms and conditions are printed in the quotation schedule for information of the quotationer. The authority reserves the right to reject or cancel all quotations without assigning any reason thereof.

Sd./- Executive Officer, N.A.C., Ganjam
OIPR-13164/11/0010/2223

## GOVERNMENT OF ODISHA
### HOUSING & URBAN DEVELOPMENT DEPARTMENT
### OFFICE OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar,Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com

No.3002/NAC Dt.26.10.2022

**National Competitive Bidding through e-procurement**
**Bid Identification No. NAC-PDP-05/2022-23**

**No.C-1455:**The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

Nature of the Work : Civil Construction works as mentioned in website

1. No. of works : 01 no.
2. Estimate Cost : Rs.6,47,150/-
3. Class of Contractor : "D"
4. Date & Time of availability of Bid Documents in the portal : 10.00 AM on dt.27.10.2022 upto 05.30 PM on dt.05.11.2022
5. Last date & time for receipt of Bids in the portal. : 05.11.2022 at 05.30 PM.
6. Original Bids document received shall be : Before 1.00 PM on dt.07.11.2022
7. Bid opening : Dt.09.11.2022 at 11.30 AM

The bidders have to participate in online bidding only.
Further details can be seen from the website https:// www.tendersodisha.gov.in.

Sd./- Executive Officer, N.A.C., Padampur
OIPR-13118/11/0007/2223

## OFFICE OF THE EXECUTIVE ENGINEER MINOR IRRIGATION DIVISION, PADAMPUR
Phone No-(06683)-223418 (Off) E-mail:-eemipad@yahoo.co.in

**'e'- Procurement Notice**
**Bid Reference No- EE-MID-PDP-05/2022-23**
**No-1949/MID // Date-26-10-2022**

**No.A-652:**Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

1- Name of the works : Re-Construction of 2 Nos. of Head Regulator in Kantheswarpur MIP at RD- 250.00 mtr. (Left) & 465.00 mtr. (Right) in Padampur Block of Bargarh District.
2- No. of Works : 01 (One) No. of Single cover.
3- Estimated cost : Rs. 23.91 Lakh Only
4- Period of completion : 05 (Five) Calendar months.
5- Date and Time of availability of bid documents in the portal : From Dt.05.11.2022 at 10.00 AM to Dt.21.11.2022 upto 5.00 P.M.
6- Last date / time of receipt of bids in the portal : Dt.21.11.2022 upto 5.00 P.M.
7- Date of opening of Bid : Dt.22.11.2022 at 10.00 AM onwards
8- Date of lottery scheduled to be held (If required) : Dt.28.11.2022 at 12.00 AM in the O/o. E.E.M.I.Division,Padampur.
9- Name and address of the OIT : O/o. Executive Engineer, M.I. Division,Padampur At-Padampur, PO-Raj Bora Sambar Dist- Bargarh, PIN-768036 (Odisha) Ph-06683-223418
10- Further details can be seen from the e-Procurement market place : http://tendersodisha.gov.in.

Executive Engineer, M.I.Division, Padampur
OIPR-32037/11/0005/2223

## PANCHAYAT SAMITI, BODEN DIST: NUAPADA
### BID IDENTIFICATION No: PS, BDN / 02/2022-23
### No.3969//DEV/Dtd.28.10.22

The **Block Development Officer, Boden** on behalf of Governor of Odisha invites **Percentage Rate** bids in single cover system for the construction of works as detailed in the table, from the Class of eligible contractors as mentioned in column-6 (six) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building/ Road Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of Works | Approx. Estimated Cost in (Amount in Rs.) | Cost of tender paper in Rs. | EMD/BID Security | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of SC-Cum- HWC At-Karangamal, Karangmal GP | 31,84,228 + 18% GST | 6000/- | Only the Bid Security Declaration to be furnished in-stead of EMD/Bid Security | 'B' & 'C' | 09 (Nine) Calendar Months |
| 2 | Construction of SC-Cum-HWC At Sunapur, Sunapur GP | 31,84,228 + 18% GST | 6000/- | Only the Bid Security Declaration to be furnished in-stead of EMD/Bid Security | 'B' & 'C' | 09 (Nine) Calendar Months |

1.The sale of the Bid document shall start from Dt 29. 10.2022 and close on Dt 14.11.2022 at 5.00P.M. in the office of the undersigned. Bids shall be received by this office up to 5.00 PM on date 14.11.2022 through Registered Post / Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.2.The details Bid documents will also be available in the district website http://nuapada.nic.in from 29.10.2022 to 14.11.2022, specification the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours every day except on Sunday & public Holidays till last date of sale and receipt of tender papers.3.The Bid will be opened on Dt 15.11.2022 at 11.30 AM in the office of the undersigned in presence of the bidders or their authorized representative. 4.The authority reserves right to reject any or all the bids without assigning any reason thereof.

Sd./- Block Development Officer, Boden

## OFFICE OF THE MUNICIPAL COUNCIL, BHAWANIPATNA
No. 4048/BPM Date: 21.10.2022

**Expression of Interest (EOI) to lease out the shop room of Smart Park at Bhawanipatna Municipality.**

No.C-1461:- Bhawanipatna Municipality invites Expression of Interest (EOI) in the prescribed Format (Annexure-I) in sealed cover from the intending Person/Mission Shakti Group (MSG)/ Agency to lease out the shop rooms of Smart Park at Bhawanipatna on monthly rental basis. The detail of shop rooms as given below

| SHOP ROOM | AREA (Sq. ft.) | UPSET PRICE FIXED IN RUPEES | RESERVATION STATUS |
|---|---|---|---|
| Shop Room No.-1 | 200 | 150000 | Reserved for MSG |
| Shop Room No.-2 | 200 | 150000 | Reserved for MSG |
| Shop Room No.-3 | 200 | 150000 | Reserved for MSG |
| Shop Room No.-4 | 200 | 150000 | Reserved for MSG |
| Shop Room No.-5 | 200 | 150000 | Open to All Individual/MSG/Agency |
| Shop Room No.-6 | 200 | 150000 | Open to All Individual/MSG/Agency |
| Shop Room No.-7 | 200 | 150000 | Open to All Individual/MSG/Agency |
| Shop Room No.-8 | 200 | 150000 | Open to All Individual/MSG/Agency |

Sealed offers are therefore invited from the interested Person/ **Mission Shakti Group (MSG)**/Agency who are required to quote the details of the shop room number and rate in the format given in the **Annexure I**. Application form required for the applicant can be downloaded from the website **http:/www.kalahandi.nic.in. The Application Form must be submitted with the cost of Application for an amount of Rs 2000/-. (Rupees Two Thousand) only and EMD for an amount of Rs 10,000/- (Rupees Ten Thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna. The EMD is exempted for the Mission Shakti Group irrespective of all Shop Rooms. One Intending person/Mission Shakti Group/Agency can be allotted Maximum One number of shops. If the Applicant is applying for more than one Shop, he/she shall submit separate application form for each shop with application cost and EMD.** In case any applicant gets selected in more than one shop he/she shall be allotted the **shop where the applicants have quoted the highest price. The monthly rent of the shop is 2000/- (Two Thousand) Only per month**. The Application should reach to Executive Officer, Bhawanipatna Municipality by Registered Post/ Speed post only on or before 10.11.2022 at 5.00 PM. The application received beyond the date and time mentioned above shall not be taken into consideration. The Application form must be accompanied with relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.

The sealed application will be opened on 11/11/2022 at 11 AM in the office of the undersigned in presence of the applicants or their authorized agents and members of the tender committee.

OIPR-13100/11/0020/2223 Sd./- Executive Officer, Bhawanipatna Municipality


See Career Appointment on every Wednesday & Saturday

**ଦିବଂଗତ କଂଗ୍ରେସ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡ଼ା ଗ୍ରାମର ଦିବଂଗତ ଅବସରପ୍ରାପ୍ତ ଶିକ୍ଷକ ତଥା କଂଗ୍ରେସ କର୍ମୀ ସତ୍ୟାନନ୍ଦ ବାଗଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶୋକସନ୍ତାପ ପରିବାରକୁ କଂଗ୍ରେସ ପକ୍ଷରୁ ସମବେଦନା ଜଣାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଘନଶ୍ୟାମ ଜାଲ, ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଚରଣ ଧଙ୍ଗଡାମାଝି, କେଶବ ଚନ୍ଦ୍ର ନାଏକ, କୀର୍ତ୍ତନ ଶବର, ମାର୍କଣ୍ଡ ବେମାଲ, ପୂର୍ବତନ ସଭାପତି ରାଜେନ୍ଦ୍ର ନାଏକଙ୍କ ସମେତ କଂଗ୍ରେସ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ସଂକ୍ଷେପରେ

### ହାତୀପଲ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ପଲମ/ରୁପ୍ରା ରୋଡ଼,୨୮।୧୦ (ଡି.ଏନ.ଏ.): କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ କେସିଙ୍ଗା ଓ ନର୍ଲା ରେଞ୍ଜ ଅଧୀନ ଗାଁଗୁଡ଼ିକରେ ହାତୀଙ୍କ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଉଛି। ନର୍ଲା ନିକଟସ୍ଥ ରେଗିଡିମାଲ, ଡଙ୍ଗରମାଳ, ପାଙ୍ଗା, ତେର୍ଲୋ, ବାଙ୍କେଲ, ଭଟାଙ୍ଗ, ବମକ ଓ ରୁପ୍ରାରୋଡ ସେକ୍ସନରେ ଥିବା ଭଟାଖମାର, ଶ୍ରୀପୁର, ବୁର୍ଡିପଡାରେ ହାତୀ ଉପଦ୍ରବ ଦେଖାଯାଇଛି। ଗୋଟିଏ ପଲରେ ୩ରୁ ୩୨ ହାତୀ ରହିଥିବାରୁ ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ରହିଛି। ଶଶିଦେବ ପୂଝାରୀ, ଚନ୍ଦ୍ର ପୂଝାରୀ, ବିରେନ୍ଦ୍ର ଚାନ୍ଦ, ଅନି ବିଶ୍ୱାଳ ପ୍ରମୁଖ ଚାଷୀଙ୍କ ଧାନ ଫସଲ ହାତୀ ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି। ରୁପ୍ରାରୋଡ ଓ ନର୍ଲା ସେକ୍ସନର ଫରେଷ୍ଟ କର୍ମଚାରୀ ବିଶଜିତ ଠାକୁର, ଭବାନୀ ଶଙ୍କର ନାଏକ ଓ ସତନ୍ତ୍ର ଟିମ ଦିନ, ରାତି ହାତୀ ଘୋଉଡାଇବାରେ ଲାଗିଥିବା ସୂଚନା ଦେଇଛନ୍ତି।

### ଆମ୍ ଆଦ୍ମୀ ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଭବାନୀପାଟଣା,୨୮।୧୦(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଆମ୍ ଆଦ୍ମୀ ପାର୍ଟି (ଏଏପି)ର ଭବାନିପାଟଣା ବିଧାନସଭା ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶୁକ୍ରବାର କର୍ଲାପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ପରିଷଦ ସଦସ୍ୟ କୃତିବାସ ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୨୦୨୪ ନିର୍ବାଚନରେ ଆମ ଆଦମୀ ପାର୍ଟି ଫୁଲ ଦମରେ ଜିଲାରେ ଲଢ଼େଇ କରିବ ବୋଲି ସେ କହିଥିଲେ। ମୁଖ୍ୟ ଜିଲା ପରାମର୍ଶ ଦାତା କୃପାସିନ୍ଧୁ ନାୟକ, ଜିଲା ମହିଳା ଆବାହକ ମମତା ନାୟକ, ଜିଲା ସଭାପତି ବିଘ୍ନରାଜ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଗଣେଶ ବାଗ, ଜିଲା ଉପସଭାପତି ଓ ନର୍ଲା ନିର୍ବାଚନ ମଣ୍ଡଳୀ ସଭାପତି ପି. ଶଙ୍କର ରେଡ୍ଡୀ, ନର୍ଲା ବ୍ଲକ ସଭାପତି ଭୂପିନ୍ଦର ଦୀପ ଉପସ୍ଥିତ ହୋଇ ଜନ ସାଧାରଣଙ୍କୁ ସମ୍ବୋଧନ କରି ୨୦୦ ୟୁନିଟ ଦେୟମୁକ୍ତ ବିଜୁଳି, ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ଅବଗତ କରିଥିଲେ।

### ଶିକ୍ଷା, ଶିକ୍ଷକ ଓ ସମାଜର ମୂଲ୍ୟବୋଧ ଆଲୋଚନାଚକ୍ର

ଖଡ଼ିଆଳ,୨୮।୧୦(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ପ୍ରାଧାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ 'ଶିକ୍ଷା, ଶିକ୍ଷକ ଓ ସମାଜର ମୂଲ୍ୟବୋଧ' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ଡ.ସୁନୀତି ମୁଣ୍ଡ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିହାର ପ୍ରଦେଶର ଭାରତୀୟ ଶିକ୍ଷଣ ମଣ୍ଡଳର ବିସ୍ତାରକ (ଓଡିଶା) ରାଜୀବ ନୟନ ଓଝା ବିଷଦ ଭାବେ ବେଦାନ୍ତ ଶିକ୍ଷାର ମୂଲ୍ୟବୋଧ, ଆବଶ୍ୟକତା ଆଧୁନିକ ଶିକ୍ଷା ନିମନ୍ତେ ଜରୁରୀ ବୋଲି କହିଥିଲେ। ଅନ୍ୟ ଅତିଥି ସାଗର ମଲ୍ଲିକ ଓ ସ୍ୱରାଜ ରାଉତ ବିଷୟ ଭିତ୍ତିକ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ଅଧାପିକା ରାଜଲକ୍ଷ୍ମୀ ରଥ, ଅଧାପିକା ମୀନା ଗୁଜୁରାଟି, ଅଧାପିକା ସୁରଭି ପ୍ରଧାନ, ଅଧାପକ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଅନେକ ଅଧାପକଅଧାପିକା ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ଅଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ପରିଚାଳନା କରିଥିବା ବେଳେ ଅଧାପକ ଡ.ରଣବୀର ସିଂହ ଧନ୍ୟବାଦ ଦେଇଥିଲେ।

# ବଦଳିଲେ ପ୍ରଧାନ ଶିକ୍ଷୟିତ୍ରୀ, ଅନଶନରୁ ଓହରିଲେ ଗ୍ରାମବାସୀ

ବେହେରା,୨୮।୧୦(ଡି.ଏନ.ଏ.)



ଗ୍ରାମବାସୀ ଅନଶନରେ ବସିଛନ୍ତି।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ୩ ଦିନ ଧରି ଚାଲିଥିବା ତାଲାବନ୍ଦ ଆନ୍ଦୋଳନ ଓ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପରେ ଅଭିଭାବକ, ଶିକ୍ଷା କମିଟି ଓ ଗ୍ରାମବାସୀ ଅନଶନରୁ ଶୁକ୍ରବାର ଓହରି ଯାଇଛନ୍ତି। ଗତ ସେପ୍ଟେମ୍ବର ୨୭ ତାରିଖରେ ଅଭିଭାବକ, ଶିକ୍ଷା କମିଟି ଓ ଗ୍ରାମବାସୀ ମିଳିତ ଭାବେ ବେହେରା ନୋଡାଲ ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସହ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷା କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର ଦେବା ଭଳି ସଙ୍ଗୀନ ଅଭିଯୋଗ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାର ୧୫ ଦିନପରେ ଧର୍ମଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୨ ଜଣ ସହ ଶିକ୍ଷା ଅଧିକାରୀ ଓ ସିଆରସିସି ତଦନ୍ତ କରିଥିଲେ। ତଦନ୍ତରେ ସନ୍ତୁଷ୍ଟ ନ ହୋଇ ଗ୍ରାମବାସୀ ସେମାନଙ୍କୁ ଅଟକ ରହିଥିଲେ। ୭ଦିନ ମଧ୍ୟରେ ସମାଧାନ ନ ହେଲେ ତାଲା ବନ୍ଦ ସହ ଆମରଣ ଅନଶନ କରିବାକୁ

**ବେହେରା ନୋଡାଲ ଉଚ୍ଚ ବିଦ୍ୟାଳୟ**

ଚେତାଇ ଦେଇ ଛାଡି ଦେଇଥିଲେ। କିନ୍ତୁ ୭ ଦିନପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ବେହେରା ନୋଡାଲ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଆମରଣ ଅନଶନରେ ବସିଥିଲେ। ଖବର ପାଇ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚୋପଦାର, ବ୍ଲକ ଶିକ୍ଷା ଅଧିକାରୀ ନବକିଶୋର ସାହୁ, କୋକସରା ଆଇଆଇସି ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ୩ ଦିନ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯିବା ସହ ଘଟଣାର ତଦନ୍ତ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀ ରାଜି ନ ହୋଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଧିବଦ୍ଧ ଭାବେ ବଦଳି ପରେ ହିଁ ଅନଶନ ଭାଙ୍ଗିବେ ବୋଲି ଜିଦରେ ଅଡି ବସିଥିଲେ। ଅନଶନର ୨ ଦିନ ପରେ ଶୁକ୍ରବାର ସହଶିକ୍ଷା ଅଧିକାରୀ ଅରୁପାନନ୍ଦ ଭୋଇ, ସାରଙ୍ଗଧର ମୁଣ୍ଡ, ବେହେରା ସିଆରସିସି ମାର୍କଣ୍ଡ ନାଗ ଅନଶନ ସ୍ଥାଳକୁ ଆସି ବଦଳି ଆଦେଶ ଦେଖାଇବା ପରେ ଗ୍ରାମବାସୀ ଅନଶନରୁ ଓହରିଯାଇ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଜକୁମାରୀ ନାଏକଙ୍କୁ ଛିଲିପା ପଞ୍ଚାୟତସ୍ଥ କୁଟରୁ ସ୍କୁଲକୁ ବଦଳି କରାଯାଇଛି। ବେହେରା ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ମଧୁସ୍ମିତା ଗୋପଲଙ୍କୁ ଦିଆଯାଇଛି।

# ପ୍ରାୟ ସମୟରେ ଅଫିସ୍‌ରେ ଝୁଲୁଛି ତାଲା

କୁନାଗଡ,୨୮।୧୦(ଡି.ଏନ.ଏ.)

**ଜୁନାଗଡ଼ ବୈଧମାପ ନିରୀକ୍ଷକ ବିଜ୍ଞାନଙ୍କ କାର୍ଯ୍ୟାଳୟ**




କଳାହାଣ୍ଡି ଜିଲା ଜୁନାଗଡ ସହର ଇନ୍ଦିରା ଗାନ୍ଧୀ ଛକ ନିକଟରେ ଥିବା ବୈଧମାପ ନିରୀକ୍ଷକ ବିଜ୍ଞାନଙ୍କ କାର୍ଯ୍ୟାଳୟ ଅବ୍ୟବସ୍ଥାରେ ଚାଲିଥିବା ଦେଖିବାକୁ ମିଳିଛି। ଏଠାରେ ଓଡିଶା ସରକାରଙ୍କ ପକ୍ଷରୁ ବିଭାଗୀୟ ନିରୀକ୍ଷକଙ୍କ ପାଇଁ ଅଫିସ ମଧ୍ୟ ରହିଛି। ହେଲେ ଏହି ଅଫିସ ପ୍ରାୟ ସମୟରେ ତାଲା ପଡ଼ିଥିବା ଦେଖିବାକୁ ମିଳୁଛି। ଏପରିକି ସ୍ଥାନୀୟ ଲୋକେ ମଧ୍ୟ ଅଫିସ ଖୋଲାଯିବା କେବେ ଦେଖି ନ ଥିବା ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ ଏହି ବିଭାଗ ଥିଲା ନ ଥିଲା ବୋଲି ମନେହେଉଛି। ସୂଚନା ଅନୁଯାୟୀ, ଦାୟିତ୍ୱରେ ଥିବା ନିରୀକ୍ଷକ ଜଣକ ଦୋକାନ, ବଜାର ତଥା ବିଭିନ୍ନ ମାପ ଓଜନ ହେଉଥିବା ସ୍ଥାନରେ ମାପ, ଓଜନର ଯାଞ୍ଚ ତଥା ରେନୁଆଲ ଯାଞ୍ଚ କରିବାର ନିୟମ ରହିଛି। ସେହିପରି ଯେଉଁମାନେ ମାପ ଓଜନର ବ୍ୟବସାୟ କରୁଛନ୍ତି ସେମାନେ ବର୍ଷକୁ ଥରେ ମାପ ଓଜନ ସାମଗ୍ରୀର ରେନୁଏଲ କରିବା ପାଇଁ ଏହି ଅଫିସକୁ ଆସିଥାନ୍ତି। ହେଲେ ଏଠାରେ ଅଫିସରେ ପ୍ରାୟ ସମୟରେ ତାଲା ପଡ଼ି ରହୁଥିବାରୁ କେମିତି ଏହି ବିଭାଗ ଚାଲିଛି ତାହା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଆମ୍ ଆଦ୍‌ମୀ ପାର୍ଟିର ପ୍ରସ୍ତୁତି ବୈଠକ

ନୂଆପଡ଼ା ଅଫିସ,୨୮।୧୦

ନୂଆପଡା ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ତଥା ମିଶ୍ରଣ ପର୍ବ ପୋଲିସ ପଡିଆ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଏପି ଜିଲା ଆବାହକ ଅଶୋକନାଥ ସେନାପତିଙ୍କ ନେତୃତ୍ୱରେ ବିଧାନ ସଭା ପ୍ରଭାରୀ ଚକ୍ରଧର ବାରିକଙ୍କ ଅଧ୍ୟକ୍ଷତାରେ ଧର୍ମଗଡ ବିଧାନସଭା ପ୍ରଭାରୀ ଭୋଦେବ ବେହେରା ମୁଖ୍ୟଅତିଥି, ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, କଳାହାଣ୍ଡି ଜିଲା ଉପସଭାପତି ପ୍ରଫୁଲ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିକାଶ ଧାରାକୁ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ। ଜାତୀୟ ସଂସ୍ଥାପକ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କରଜ୍ରିୱାଲଙ୍କ ସ୍ୱଚ୍ଛ ଶାସନ ଯୋଗୁ ଗୁଜୁରାଟରେ ଏଏପି ସରକାର ହେବାକୁ ଯାଉଛି। ବର୍ତ୍ତମାନ ଓଡିଶାକୁ ଦିଲ୍ଲୀ ମଡେଲ କରିବା ପାଇଁ ସମସ୍ତେ ଏକାଠି ହୋଇ ଶଥ ନେବା ବୋଲି ଆହ୍ୱାନ କରିଥିଲେ। ରାଜ୍ୟ ସରକାର ୨୨ ବର୍ଷରେ ରାଜ୍ୟରେ ଆଖି ଦୃଶିଆ ପରିବର୍ତ୍ତନ ହୋଇ ନ ଥିବା ବେଳେ ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କେବଳ ଏକ ମତ୍ର ବିକଳ୍ପ ଆମ ଆଦମୀ ପାର୍ଟି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୨୦୨୪ ନିର୍ବାଚନରେ ଏଏପି ୧୪ ବିଧାନ ସଭା ଆସନରେ ପ୍ରାର୍ଥୀ ଦିଆଯାଇ ନିର୍ବାଚନ ଲଢିବେ। ସତ୍ୟସାଥି ଗହିର ମଞ୍ଚ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀକାନ୍ତ ତାଣ୍ଡି ଧନ୍ୟବାଦ ଦେଇଥିଲେ। ହିତେଶ ପାଣ୍ଡେ, ରୁକ୍ସନା ବେଗମ, ଚମ୍ପେଶ୍ୱର, ନିତ୍ୟାନନ୍ଦ ଷଣ୍ଢ, ମୁଖ ସୁନା, ଆରିଫ ବେଗ, ପ୍ରଦୀପ ତାଣ୍ଡି, ଭାଗ୍ୟଶ୍ରୀ ବିଶି, ଲକ୍ଷ୍ମୀ ତାଣ୍ଡି, ନିତା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଲାଞ୍ଜିଗଡ଼,୨୮।୧୦(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଲୋଚନ ସୁନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧଅଁରାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ କ୍ଷୀରେଶ୍ୱର ପ୍ରଧାନ, ଲାଞ୍ଜିଗଡ଼ରୋଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, ସୁଶୀଲ କୁମାର ବାଗ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୧୩ଟି ସାଧନକେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ସ୍କୁଲ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିବାବେଳେ ଶିକ୍ଷାବିତ୍ ତପନ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ନିହାର ରଞ୍ଜନ ସାହୁ, ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ ଯୋଗଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ବ୍ଲକର ବିଭିନ୍ନ ସ୍କୁଲର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଉପରେ ନୃତ୍ୟ, ସଙ୍ଗୀତ ଓ ଏକାଙ୍କିକା ପରିବେଷଣ କରିଥିଲେ।

# ଚିତ୍ରଗୁପ୍ତ ପୂଜା ଉପଲକ୍ଷେ ଘୁମୁରା ପ୍ରତିଯୋଗିତା

କୋକସରା,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ଗ୍ରାମରେ ଚିତ୍ରଗୁପ୍ତ ଦେବଙ୍କ ପୂଜନୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମଗଡ ଉପଖଣ୍ଡ ଆଞ୍ଚଳିକ କୋକସରା ବ୍ଲକ କାୟସ୍ଥ କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା କର୍ତ୍ତା ଭାବେ ଶ୍ୟାମ ସୁନ୍ଦର ପଟ୍ଟନାୟକ ଓ ଆହ୍ଲାଦିନି ପଟ୍ଟନାୟକ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଛନ୍ତି। ଚିତ୍ରଗୁପ୍ତ ଦେବଙ୍କ ପୂଜା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ମଧ୍ୟରେ ଝୋଟି, ହୁଳହୁଳି, ରେକର୍ଡ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୁମୁରା ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲା। ବାନେର ଦଳ ପ୍ରଥମ, ଅନ୍ତର୍ଲା ୨ୟ ଓ ଡାଲଗୁମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ରାମକୃଷ୍ଣ ପଟ୍ଟନାୟକ, ଅତୁଲ୍ୟ ପଟ୍ଟନାୟକ, ଅଶୋକ ମହାନ୍ତି, ଲକ୍ଷ୍ମୀଧର ପଟ୍ଟନାୟକ ରହିଥିଲେ। ଏହି ଅବସରରେ ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ସମିତି ସଭ୍ୟ ମୁକ୍ତେଶର ନାଏକ, ପିଇଓ ବିରଞ୍ଚି ଖରସେଲ, କେତନ ପାତ୍ର ସାମାଜିକ କର୍ମକର୍ତ୍ତା ବଦ୍ରି ନାରାୟଣ ପଟ୍ଟନାୟକ, ନିର୍ମଳ ମହାନ୍ତି, ଅଶୋକ ମହାନ୍ତି, ଅକ୍ଷୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଚିତ୍ରଗୁପ୍ତ ପୂଜା କମିଟି ସଭାପତି ବିକାଶ ପଟ୍ଟନାୟକ, ଉପସଭାପତି ସୁବ୍ରତ ପଟ୍ଟନାୟକ, ସମ୍ପାଦକ ଆକାଶ ପଟ୍ଟନାୟକ, ସହସମ୍ପାଦକ ସୁଧୀର ପଟ୍ଟନାୟକ, କୋଷାଧକ୍ଷ ସଞ୍ଜୟ ପଟ୍ଟନାୟକ, ଶୁଭେନ୍ଦୁ ପଟ୍ଟନାୟକ ରହିଥିଲେ। ଉପଦେଷ୍ଟା କମିଟି ରାମକୃଷ୍ଣ ପଟ୍ଟନାୟକ, ଘନଶ୍ୟାମ ପଟ୍ଟନାୟକଙ୍କ ସମେତ ବ୍ଲକ କରଣ ସମାଜର ସଭାପତି ସହଦେ ପଟ୍ଟନାୟକ, ସମ୍ପାଦକ ନାରାୟଣ ପଟ୍ଟନାୟକ, କୋଷାଧକ୍ଷ ପୀତାମ୍ବର ପଟ୍ଟନାୟକଙ୍କ ସମେତ କୋକସରା କରଣ ସମାଜ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ରିର୍ପୋଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ଭବାନୀପାଟଣା,୨୮।୧୦(ସ୍ୱ.ପ୍ର.)

**ମୌଳିକ ସୁବିଧାରୁ ବଞ୍ଚିତ ମନସ୍ତରା ଗାଁ ସମ୍ପର୍କରେ**

କଳାହାଣ୍ଡି ଜିଲାର ବଣପାହାଡ ଘେରା ଲାଞ୍ଜିଗଡ ବ୍ଲକ ବେଡାଗାଁ ପଞ୍ଚାୟତ ମନସ୍ତରା ଗାଁର ବାସିନ୍ଦା ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଖବର ଗତ ମାର୍ଚ୍ଚରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଗାଁ ବାବଦରେ ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କଳାହାଣ୍ଡି ଜିଲାପାଳଙ୍କୁ ୨ ଥର ନୋଟିସ କରି ୩ ମାସ ମଧ୍ୟରେ କାର୍ଯ୍ୟର ଅଗ୍ରଗତି ନେଇ ରିର୍ପୋଟ ତଲବ କରିଛନ୍ତି। ପ୍ରକାଶ ଯେ, ଗତ ମାର୍ଚ୍ଚ ୧୮ରେ କଳାହାଣ୍ଡିର ମାନବଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲା (ନଂ.୭୬୮/୨୨)ର ବିଚାର କରି ମାନବଧିକାର କମିଶନ ଗତ ମେ ୫ରେ ନୋଟିସ ଜାରି କରି ରିର୍ପୋଟ ମାଗିଥିଲେ। ଏହାପରେ ପୁର୍ନବାର ୨୨ ଅଗଷ୍ଟରେ ଏକ ରିର୍ପୋଟ ତଲବ କରିଥିଲେ। କମିଶନଙ୍କ ନୋଟିସ ପରେ ଜିଲାପାଳଙ୍କ ପକ୍ଷରୁ ରିର୍ପୋଟ ଦାଖଲ ହୋଇଥିଲା। ଏଥିରେ ଦର୍ଶାଯାଇଛି ଯେ, ଗାଁରେ ବାସ କରୁଥିବା ୧୩ଟି ପରିବାର ପାଇଁ ସରଗଲେଫା ଗାଁଠାରୁ ୫ଲକ୍ଷ ଟଙ୍କା ବ୍ୟୟରେ ଏକ ରାସ୍ତା ନିର୍ମାଣ ହେଉଛି। ଗାଁରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଅଛି ଓ ଏହାର ପାଚେରି କାମ ୨ ଲକ୍ଷ ଟଙ୍କା ବ୍ୟୟରେ ୧୪ତମ ସିଏଫସି ଫଣ୍ଡରୁ କରାଯାଉଛି। ବିଦ୍ୟାଳୟର ୨୪ଜଣ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ସେହିପରି ୧୨ଟି ପରିବାରକୁ ବିଜୁଳି ସଂଯୋଗ ହୋଇପାରିଛି। ପିଇବା ପାଣି ବାବଦରେ ସରକାରଙ୍କ ପକ୍ଷରୁ ଏକ କୂଅ ଓ ନଳକୂପ କରାଯାଇଛି। ଆଗାମୀ ୩ ମାସ ମଧ୍ୟରେ ଜଳ ଜୀବନ ମିଶନ ଜରିଆରେ ସୋଲାର ଶକ୍ତି ସଂଯୋଗ ସହିତ ପାଇପ ଜଳର ବ୍ୟବସ୍ଥା ହେବ। ପ୍ରଶାସନ କିନ୍ତୁ ଅଙ୍ଗନୱାଡି କେନ୍ଦ୍ର ବାବଦରେ ନକରାତ୍ମକ ରିର୍ପୋଟ ଦାଖଲ କରିଛନ୍ତି ଯେ, ଗାଁରେ ଆବଶ୍ୟକ ସଂଖ୍ୟକ ଶିଶୁ ଓ ମା' ନ ଥିବାରୁ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ହୋଇପାରୁନାହିଁ। ଗ୍ରାମବାସୀ ୨ କି.ମି. ଦୂର ଦେହେଡା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ବାଧ ହେଉଛନ୍ତି। ଏହି ରିର୍ପୋଟ ପାଇବା ପରେ କମିଶନ ପରବର୍ତ୍ତୀ ପଦକ୍ଷେପ ପିଇବା ପାଣି ବ୍ୟାବସ୍ଥା, ଜଳ ଜୀବନ ମିଶନ କାର୍ଯ୍ୟକ୍ରମ ଅଗ୍ରଗତି ବାବଦରେ ଜାଣିବାକୁ ଚାହିଁଛନ୍ତି। ତେଣୁ ପୁଣି ଥରେ ବୁଧବାର ନୋଟିସ ଜାରିକରି ଜିଲାପାଳଙ୍କୁ ୩ମାସ ମଧ୍ୟରେ ଏହାର ସାନି ରିର୍ପୋଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମା' ଫୁଲମତୀ ଦେବୀଙ୍କ ଯାତ୍ରା ସମ୍ପନ୍ନ


ମା' ଫୁଲମତୀ ଦେବୀଙ୍କ ପୂଜା।

ପଲମ,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନସ୍ଥ ପଲମ ପଞ୍ଚାୟତସ୍ଥିତ ପଲମ ମା' ଫୁଲମତୀ ଦେବୀଙ୍କ ମନ୍ଦିର ପୀଠରେ ମା'ଙ୍କ ପୂଜା ସମ୍ପନ୍ନ ହୋଇଯାଇଛି। ପୂଜା କାର୍ଯ୍ୟରେ ଆଦିବାସୀ ତଥା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ କାର୍ତ୍ତିକ ଶୁକ୍ଳପକ୍ଷ ୨୮ତାରିଖରେ ମା'ଙ୍କ ମନ୍ଦିର ପୀଠରେ ପରମ୍ପରାମତେ ପାଳିତ ହୋଇଥାଏ। ଏହି ଯାତ୍ରାରେ ପଲମ, ଟକର୍ଲା, ଯୋରାଡବରା, ଗିଗିନା, ମୁଡିଙ୍ଗ ଆଦି ପଞ୍ଚାୟତର ଭକ୍ତମାନେ ଯୋଗଦେଇ ମା'ଙ୍କ ପୂଜା କରିଥାନ୍ତି। ଏହି ପୂଜା କାର୍ଯ୍ୟରେ ମାନସିକ କରିଥିବା ବ୍ୟକ୍ତିମାନେ ବୋଦା, କୁକୁଡା, ପାରା, ନଡିଆ ଇତ୍ୟାଦି ଭୋଗ ଦେଇଥାନ୍ତି। ମନ୍ଦିର ପୀଠରେ ସମସ୍ତ ଭକ୍ତଙ୍କ ଉପସ୍ଥିତି ଏବଂ ଦେଖଣାହାରୀଙ୍କ ମଧ୍ୟରେ ପଲମ ଗ୍ରାମର ଚୈତନ ଜାନୀଙ୍କୁ କାଳସୀ ଲାଗି ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥାନ୍ତି। ପଲମ ଗ୍ରାମର ଗୋକୁଳ ଜାନୀ ମା'ଙ୍କ ପୂଜା କରିଥାନ୍ତି। ଏହି ପୂଜାରେ ଶତାଧିକ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଥାଏ। ସମସ୍ତ ଆଦିବାସୀ ତଥା ଗ୍ରାମବାସୀ ମିଳିତ ଭାବେ ମା'ଙ୍କ ଭୋଗକୁ ଗୋଟିଏ ଜାଗାରେ ରନ୍ଧନ କରି ରାତିରେ ଏକତ୍ର ବସି ଭୋଗ ଗ୍ରହଣ କରିଥାନ୍ତି। ଏହି ପୂଜା କାର୍ଯ୍ୟକ୍ରମରେ ଲୋକଙ୍କ ଭୀଡକୁ ନିୟନ୍ତ୍ରଣ କରିବା ପାଇଁ ପଲମ ଏଏସଆଇ ଅକ୍ଷୟ କୁମାର ପଟ୍ଟନାୟକଙ୍କ ସହ ତାଙ୍କ ସଦଳବଳ ମିଶି ସୁରକ୍ଷା ପ୍ରଦାନ କରିଥିଲେ।

# ଗୋଚର ଜମି ଜବରଦଖଲ ନେଇ ତହସିଲଦାରଙ୍କୁ ଫେରାଦ

ବେହେରା,୨୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତସ୍ଥ ଦଲସର୍ଗି ଗ୍ରାମବାସୀ ଗୋଚର ଜମି ଜବରଦଖଲ ନେଇ ଶୁକ୍ରବାର ତହସିଲଦାରଙ୍କଠାରେ ଫେରାଦ ହୋଇଛନ୍ତି। ଦଲସର୍ଗିର ୨୦ ଏକର ଗୋଚର ଜମିରୁ ୧୮ ଏକରରୁ ଅଧିକ ଜମିକୁ ବାଙ୍କୀମୁଣ୍ଡା ଗ୍ରାମର କେତେଜଣ ବ୍ୟକ୍ତି ଜବରଦଖଲ କରି ଆସୁଛନ୍ତି। ସେହି ବାଟ ଦେଇ ଶ୍ମଶାନ ଭୂଇଁ, ଗାଧୁଆ ଘାଟ ଯିବାକୁ ପଡୁଥିବା ବେଳେ ରୋକଠୋକ ମନାକରିବା ସହ ଝଗଡା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗତବର୍ଷ ତହସିଲଦାରଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ତହସିଲଦାର ତଦନ୍ତରେ ଆସି ଉକ୍ତ ଗୋଚର ଜମିରେ ୧୪୪ ଧାରାରେ ଲାଲ ପତାକା ଲଗାଇ ନିଷିଦ୍ଧ ଘୋଷଣା କରିଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିମାନେ ୧୪୪ ଧାରାକୁ ଅବମାନନା କରି ପୁଣି ଥରେ ଜବରଦଖଲ କରି ଗୋଚର ଜମି ଅକ୍ତିଆର କରିଥିଲେ। ଏ ନେଇ ତହସିଲଦାରଙ୍କୁ ଗ୍ରାମବାସୀ ପୁଣିଥରେ ଅବଗତ କରିଥିଲେ ହେଁ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଜବରଦଖଲ କରୁଥିବାରୁ ଗ୍ରାମବାସୀ ପୁଣି ଥରେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଧର୍ମଗଡ଼ ତହସିଲଦାର ହରେକୃଷ୍ଣ ବରିହାଙ୍କୁ ପଚାରିବାରୁ ଏହାର ଶୀଘ୍ର ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବେହେରା ସମିତି ସଭ୍ୟ କିଶୋରଚନ୍ଦ୍ର ନାଗଙ୍କ ସମେତ ଗ୍ରାମର ଗୋଣ୍ଟିଆ ଚିତ୍ତରଞ୍ଜନ ପୂଝାରୀ ତହସିଲଦାରଙ୍କୁ ଭେଟି ଏହାର ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।


ଗ୍ରାମବାସୀ ତହସିଲଦାରଙ୍କଠାରେ ଫେରାଦ ହେଉଛନ୍ତି।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ନୂଆପଡ଼ା ଅଫିସ,୨୮।୧୦



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ହତ୍ୟା ଘଟଣାର ପର୍ଦ୍ଦାଫାଶ**

ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା ଅଧୀନ ପାରେଗାଁର ବୃଦ୍ଧ କାନ୍ତା କେଉଟ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଦେଓସିଂ କେଉଟ (୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହା ଗୁଣିଗାରେଡି ସନ୍ଦେହରେ ହତ୍ୟା ବୋଲି ନୂଆପଡା ଉପଖଣ୍ଡୀୟ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଶୁକ୍ରବାର ଏକ ଖବରଦାତା ସମ୍ମିଳନିରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଗତ ୨୩ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ପାରେଗାଁର (ସେଠଜାମପାନି) ଗାଁର ମନୋଜ କେଉଟ ତାଙ୍କ ବାପା କାନ୍ତା କେଉଟ ନିଜ ଜମିକୁ ମାଛ ଧରିବାକୁ ଯାଇ ଫେରି ନ ଥିବା ଧରମବନ୍ଧା ଥାନାରେ ଅଭିଯୋଗ କରିଥିଲେ। ଧରମବନ୍ଧା ଥାନାଧିକାରୀ ଗେନ୍ଦରାମ ସତନାମୀଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଘଟଣାସ୍ଥଳରୁ ମତଦେହ ଜବତ କରିଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଅଭିଯୋଗ ପରେ ସନ୍ଧାନି କୁକୁର ସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଡିପିଓ ପଟ୍ଟନାୟକଙ୍କ ନେତୃତ୍ୱରେ ଜୋଙ୍କ ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଧରମବନ୍ଧା ଥାନା ଅଧିକାରୀ ଗେନ୍ଦରାମ ସତନାମୀ, ଲଖନା ଥାନା ଅଧିକାରୀ ଗୁରୁଦେବ କର୍ମୀଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ତଦନ୍ତ ଜାରି ରହିଥିଲା। ଉକ୍ତ ଗାଁର ଦେଓସିଂଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ଆଣି ପଚାରାଉଚରା କରିବାରେ ସେ ହତ୍ୟା କରିଛି ବୋଲି ସ୍ୱୀକାର କରିବା ସହ ହତ୍ୟାରେ ବ୍ୟବହୃତ ଛୁରି ମଧ୍ୟ ଦେଖାଇଥିଲେ। ଗତ ୫ ବର୍ଷ ତଳେ ଦେଓସିଂଙ୍କ ବଡଭାଇ ପରମାନନ୍ଦଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ୧୮ରେ ଦେଓସିଂଙ୍କ ସ୍ତ୍ରୀ କମଳାଙ୍କ ମୃତ୍ୟୁ ହୋଇଥିଲା। ୨୨ରେ ଦେଓସିଂ ଶୋଇଥିବା ବେଳେ କିଏ ତାଙ୍କ ତଣ୍ଟିକୁ ଚାପି ଦେଉଥିବା ସେ ଅନୁଭବ କରିଥିଲେ। ଏସବୁ ଘଟଣାକୁ ନେଇ ଦେଓସିଂ ମନରେ ସନ୍ଦେହ ଜାତ ହୋଇଥିଲା ଯେ କାନ୍ତା କେଉଟ ଗୁଣି ଗାରେଡି କରି ଆମ ପରବାରକୁ ଧ୍ୱଂସ କରୁଛି ବୋଲି ପ୍ରତିଶୋଧ ପରାୟଣ ହୋଇଥିଲେ। ୨୩ ତାରିଖ ସକାଳୁ ଏକ ଛୁରା ନେଇ ଜମିକୁ ଯାଇଥିଲେ। କାନ୍ତା ମାଛ ଧରିବା ସମୟରେ ପଛପଟୁ ଛୁରିରେ ଗଳା କାଟି ଦେଇଥିଲେ। ଏ ନେଇ ଧରମବନ୍ଧା ଥାନାରେ ଧାରା ୩୦୨ରେ ଏକ ମାମଲା (ନଂ.୬୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଳାଣ କରାଯାଇଛି।

## ସଂକ୍ଷେପରେ

### ଟାଙ୍ଗରପାଲିରେ ରକ୍ତଦାନ ଶିବିର

ଜାମଟିକ୍ରା, ୨୮।୧୦(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଟାଙ୍ଗରପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପୂର୍ବତନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସନ୍ତୋଷ କୁମାର ପଥି ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩ ମହିଳାଙ୍କ ସମେତ ମୋଟ ୭୧ ଜଣ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସଂକଳ୍ପ ପରିବାର ଓ ଟାଙ୍ଗରପାଲି ଯୁବକ ସଂଘର ମିଳିତ ସଂଯୋଜନାରେ ଶିବିର ପରିଚାଳିତ ହୋଇଥିଲା। ଟାଙ୍ଗରପାଲି ଯୁବକ ସଂଘର ଆକାଶ ଖେତ୍ରି, ରୀଙ୍କୁ ସାହୁ, ଡୋଲାମଣି ପଧାନ, ଦେବାଶିଷ ସାହୁ , ଅମିତ ବିଶାଳ ଓ ସଂକଳ୍ପ ପରିବାର ସଭାପତି ରୋହିତ ଜୟସ୍ୱାଲ, ନିଲେଶ ପ୍ରଧାନ, ଶେଷଦେବ ପଧାନ, ଆକାଶ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

### ନୃସିଂହନାଥରେ ଗିରି ଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ

ପାଇକମାଳ,୨୮।୧୦(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ବ୍ଲକ ଯାଦବ ସମାଜ ତରଫରୁ ନୃସିଂହନାଥ ସମଲେଶ୍ୱରୀ ମନ୍ଦିରଠାରେ ଚାଲିଥିବା ଗିରି ଗୋବର୍ଦ୍ଧନ ପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଭରତ ଛତର ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣମୀ ଛତର ପୂଜାକର୍ତ୍ତା ଏବଂ ପଣ୍ଡିତ ଜୟ କୁମାର ଆଚାର୍ଯ୍ୟ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ଗିରି ପୂଜନ, ଗୋ ଭୋଜନ, ଗଉଡ ବାଡି ଖେଳ ଅନୁଷ୍ଠିତ ହୋଇଥିଲା। ରାତିରେ କଳାକାର ପଦ୍ମନାଭ ମାହାର ଓ ଗିରିଧାରି ବାଗ ସଞ୍ଚାର ପରିବେଷଣ କରିଥିଲେ। ସେହିପରି ସଂକ୍ରୀ ଓ ପଥରେଲ ଗ୍ରାମର ଗଉଡ଼ ବାଡି ଖେଳ ପ୍ରଦର୍ଶନ ବେଶ୍ ଚିତ୍ତାକର୍ଷକ ଥିଲା। ପୂଜା କମିଟି ସଭାପତି ଡୋଲାମଣି ମାହାର, ସମ୍ପାଦକ ଗଙ୍ଗାଧର ବଗାର, ଟିକେଲାଲ ମାହାର, ବନମାଳି ଚନ୍ଦନ, ବାଳକୃଷ୍ଣ ବନଛୋର, ଭାସ୍କର ଭୁଏ, ମଧୁସୂଦନ ପାଣ୍ଡେ, ଲଳନୀ ତପା, ଭୁବନେଶ୍ୱର ବନଛୋର ପ୍ରମୁଖ ସହଯୋଗ କରିଥିଲେ। ସମଲେଶ୍ୱରୀ ମନ୍ଦିର ପୂଜକ ଗୋବର୍ଦ୍ଧନ ମାହାର ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ସୁରଭି ପାଇଁ ପ୍ରସ୍ତୁତି

ବରଗଡ଼ ଅଫିସ୍,୨୮।୧୦: ବରଗଡ଼ ଶିକ୍ଷାଜିଲା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୪ତାରିଖରେ ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ୧୨ଟି ବ୍ଲକରୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ବୈଠକରେ ସମଗ୍ର ଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ପ୍ରଧାନ ଶିକ୍ଷକ ଭାର୍ଗବ ନାଏକ, ଜର୍ଜ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡଃ ଡୋଲାମଣି ଶତପଥି, ସଦାନନ୍ଦ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ଚିନ୍ତା ବିଳମ୍ବିତ ଧାନ ସଂଗ୍ରହ

ବରଗଡ଼ ଅଫିସ୍,୨୮।୧୦



ଜଳସେଚିତ ଭେଡ଼େନ ବ୍ଲକ ବଇପୁର ଗ୍ରାମରେ ଅମଳ ଧାନ ।

- ଆରମ୍ଭରୁ ଅଚଳାବସ୍ଥା ଆଶଙ୍କା
- ବଢ଼ିପାରେ ଅଭାବୀ ବିକ୍ରି
- ଫାଇଦା ଉଠାଇବେ ବେପାରୀ

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ଜିଲାର ଉଭୟ ହୀରାକୁଦ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଧାନ ଅମଳରେ ଲାଗି ପଡ଼ିଛନ୍ତି। ଅନ୍ୟପଟେ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ଅମଳ ଧାନ କେଉଁଠି ବିକିବେ ଏବଂ କେଉଁଠାରେ ସୁରକ୍ଷିତ ରଖିବେ, ତାକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଆଉ ପ୍ରାୟ ମାସେ ପରେ ମଣ୍ଡି ଖୋଲିବ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଫଳରେ ଚାଷୀଙ୍କୁ ଏବେ ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟା ଚିନ୍ତା ଘାରିଛି ।

ବରଗଡ଼ ଜିଲାରେ ସାଧାରଣତଃ ନଭେମ୍ବର ପ୍ରଥମରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଆସୁଥିଲା। କିନ୍ତୁ ଗତବର୍ଷ ଏହି ପ୍ରକ୍ରିୟାକୁ ନଭେମ୍ବର ତୃତୀୟ ସପ୍ତାହ ଅର୍ଥାତ୍ ୨୫ତାରିଖକୁ ବୃଦ୍ଧି କରାଯାଇଥିଲା। ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟା ଯୋଗୁ ଗତବର୍ଷ ଖରିଫ୍ ଧାନ କିଣାବିକାରେ ମଧ୍ୟ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଣ୍ଡି ଖୋଲିବା ପୂର୍ବରୁ ବେପାରୀମାନେ ସକ୍ରିୟ ହୋଇପଡ଼ି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଯଥେଷ୍ଟ କମ୍ ମୂଲ୍ୟରେ ଧାନ କିଣିଲେ ଏବଂ ମଣ୍ଡି ବଦଳରେ ସିଧାସଳଖ କେତେକ ରାଇସ୍ ମିଲ୍‌କୁ ଧାନ ଯାଇଥିବା ନେଇ ସେତେବେଳେ ଚାଷୀମାନେ ଅଭିଯୋଗ କରିଥିଲେ । କେବଳ ସେତିକି ନୁହେଁ, ଧାନ ସଂଗ୍ରହ ପ୍ରକ୍ରିୟାର ନିର୍ଦ୍ଧାରିତ ଅବଧି ମଧ୍ୟରେ ଚାଷୀମାନେ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ ଏବଂ ଆନ୍ଧ୍ର ପ୍ରଦେଶକୁ ଧାନ ଚାଲାଣ ହୋଇଥିବା ପରିଲକ୍ଷିତ ହୋଇଥିଲା ।

ଗତବର୍ଷ ଖରିଫ୍ ଧାନ କିଣାବିକା ସମସ୍ୟାର ଯେଭଳି ପୁନରାବୃତ୍ତି ନ ହେବ, ସେଥିପାଇଁ ଗତ ୨୧ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏଥର ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ଆରମ୍ଭ କରିବାକୁ ଚାଷୀ ପ୍ରତିନିଧିମାନେ ଦାବି କରିଥିଲେ। କିନ୍ତୁ ଜିଲାପାଳ ମୋନିଷା ବାନାର୍ଜୀ ସେତେବେଳେ ନଭେମ୍ବର ପହିଲାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଚାଷୀ ଅସନ୍ତୋଷକୁ ଅନୁଧ୍ୟାନ କରି ନଭେମ୍ବର ୨୫ତାରିଖରେ ଜିଲାର ଅତାବିରା ବ୍ଲକରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏହି ନିଷ୍ପତ୍ତିରେ ମଧ୍ୟ ଜିଲାରେ ଅନେକ ଚାଷୀ ଅସନ୍ତୁଷ୍ଟ ଅଛନ୍ତି। କାରଣ ଜିଲାର ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳରେ ଧାନ ଅମଳ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି ଏବଂ ଆଉ ସପ୍ତାହକ ପରେ ଏହି ପ୍ରକ୍ରିୟା ଜୋର୍ ଧରିବ।

ଏ ନେଇ ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଜିଲାର ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ଅଣଜଳସେଚିତ ପଦ୍ମପୁର ଉପଖଣ୍ଡର ଗାଇସିଲେଟ୍, ପଦ୍ମପୁର, ଝାରବନ୍ଧ, ପାଇକମାଳ, ସୋହେଲା, ବିଜେପୁର ଆଦି ଅଞ୍ଚଳରେ ୧୦ପ୍ରତିଶତ ଧାନ ଅମଳ ଆରମ୍ଭ ହୋଇ ସାରିଲାଣି। ଆଉ ୧୫ଦିନ ମଧ୍ୟରେ ଏହି ଅଞ୍ଚଳରେ ଅମଳ ଧାନ ୫୦ରୁ ୬୦ ପ୍ରତିଶତକୁ ଛୁଇଁବ। କିନ୍ତୁ ଅଣଜଳସେଚିତ ଅଞ୍ଚଳର ସୋହେଲା ବ୍ଲକରେ ଡିସେମ୍ବର ୨ତାରିଖରୁ ମଣ୍ଡି ଖୋଲିବ। ଫଳରେ ଏତେଦିନ ଧରି ଚାଷୀ କେଉଁଠି ଧାନ ରଖିବେ ଏବଂ କିଭଳି ଅମଳ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ପ୍ରଦାନ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ନଭେମ୍ବର ୧୫ତାରିଖ ସୁଦ୍ଧା ମଣ୍ଡି ଖୋଲା ନ ଗଲେ ସବୁ ଅଫିସ୍‌ରେ ଧାନ ଗଦା କରାଯିବ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି ।

ସେହିପରି ହୀରାକୁଦ ଜଳସେଚିତ ଭେଡ଼େନ ବ୍ଲକ ବଇପୁର, ଗାଲିମା, ଖୁଣ୍ଟୁଲିପାଲି, ଅତାବିରା ବ୍ଲକ ସିନ୍ଧୁରବାହାଲ ଆଦି ଅଞ୍ଚଳରେ ମଧ୍ୟ ଚାଷୀମାନେ ଧାନ ଅମଳ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ମଧ୍ୟ ଧାନ ବିକ୍ରି ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଭେଡ଼େନ ବ୍ଲକ ଦେଶଭଟଲିର ଜଣେ ଚାଷୀ ବୁଦ୍ଧଦେବ ସେଣ କହିଛନ୍ତି, ସେ ଜଣେ କ୍ଷୁଦ୍ରଚାଷୀ। ୧ଏକର ଜମିର ଧାନ ଅମଳ କରି ସାରିଲେଣି। ମାସେ ପରେ ମଣ୍ଡି ଖୋଲିବ। ସେତେଦିନ ଅପେକ୍ଷା କଲେ ସେ ଶ୍ରମିକଙ୍କୁ ପାରିଶ୍ରମିକ ଦେଇପାରିବେ ନାହିଁ। ଫଳରେ ବେପାରୀ ହାତରେ ଧାନ ବିକିବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି। ଜୟ କିଶାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି, ଧାନକିଣାକୁ ସଙ୍କୁଚିତ କରିବା ପାଇଁ ପ୍ରଶାସନ ଧାନ ସଂଗ୍ରହ ପ୍ରକ୍ରିୟାକୁ ବିଳମ୍ବ କରିଛନ୍ତି। ଏଭଳି ହେଲେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ। ତେଣୁ ନଭେମ୍ବର ୧୫ ସୁଦ୍ଧା ଜିଲାର ସବୁ ମଣ୍ଡି ଖୋଲାଯାଉ ବୋଲି ବଣିଆ ଦାବି କରିଛନ୍ତି।

### କେନାଲରେ ଭାସି ଯୁବକ ମୃତ

ବରଗଡ଼ ଅଫିସ୍,୨୮।୧୦

ବରଗଡ଼-ଭେଡ଼େନ କେନାଲ ପାଣିରେ ଭାସିଯାଇ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଡ୍ୟାମ କଲୋନୀର ପ୍ରକାଶ କୁଲୁ(୨୬)। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରାଇଛି। ପ୍ରକାଶ ଯେ, ଯୁବକ ଜଣକ କେନାଲକୁ ଯାଇଥିବାବେଳେ କୌଣସିକ୍ରମେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ପରେ ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ଖୋଜାଖୋଜି କରିବାରୁ ତାଙ୍କ ମୃତଦେହ ମିଳିଥିଲା।

### ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମ ଉପରେ ସଚେତନତା

ବରଗଡ଼ ଅଫିସ୍,୨୮।୧୦

ରାଜ୍ୟ ସରକାରଙ୍କ ଦ୍ୱାରା ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଇଚ୍ଛା ଥିବା ସତ୍ତ୍ୱେ କୌଣସି କାରଣରୁ ମାଟ୍ରିକ ପାସ୍ କରିପାରି ନ ଥିବା ହିତାଧିକାରୀଙ୍କ ପାଇଁ ରାଜ୍ୟରେ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ଏହି ପାଠ୍ୟକ୍ରମ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବରଗଡ଼ରେ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜର୍ଜ ହାଇସ୍କୁଲ ମୁକ୍ତ ବିଦ୍ୟାଳୟ କେନ୍ଦ୍ରରେ ସଂଯୋଜକ ଡଃ ଡୋଲାମଣି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ରାଜ୍ୟ କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ସଂକୀର୍ତ୍ତନ ଗୁରୁ ପ୍ରମୋଦ ଦାଶ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ଓ କଳା ପ୍ରଦର୍ଶନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।

## ଯାଦବ ଭବନ ନିର୍ମାଣ ପାଇଁ ଦାବିପତ୍ର

ଅତାବିରା,୨୮।୧୦(ଡି.ଏନ.ଏ.)



ଯାଦବ ସମାଜର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ପଶ୍ଚିମ ଓଡିଶାର ଯାଦବମାନଙ୍କ ସୁବିଧା ପାଇଁ ଭୁବନେଶ୍ୱରଠାରେ ପଶ୍ଚିମ ଓଡିଶା ଯାଦବ ଭବନ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଓ ଆର୍ଥିକ ଅନୁଦାନ ଯୋଗାଇ ଦେବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତାବିରା ବିଡିଓ ପ୍ରମୋଦ ଚନ୍ଦ୍ର ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତାବିରା ବ୍ଲକ ଯାଦବ ସମାଜ ଏହି ଦାବିପତ୍ର ପ୍ରଦାନ କରିଛି। ଏହି ସମୟରେ ଅତାବିରା ବ୍ଲକ ଯାଦବ ସମାଜ ସଭାପତି ପୂର୍ଣ୍ଣଚନ୍ଦ୍ର ସାଲମା, ସମ୍ପାଦକ ସୁରେନ୍ଦ୍ର କଠାର, ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ଭୋଇ, ଜିଲା ଯୁବ ଯାଦବ ସଭାପତି ପ୍ରଦୀପ ଥପା, ମୋହନ କଠାର, ଦାଶରଥି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମପୁରକୁ ଜିଲା ଘୋଷଣା ଦାବି

ପଦ୍ମପୁର,୨୮।୧୦(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁରକୁ ଜିଲା ଘୋଷଣା କରିବା ପାଇଁ ପଦ୍ମପୁର ଓକିଲ ସଂଘ ଦାବି କରିଛି। ଏହି କ୍ରମରେ ଶୁକ୍ରବାର ପଦ୍ମପୁର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଓକିଲମାନେ ଉପଖଣ୍ଡର ସାମଗ୍ରିକ ବିକାଶ ପାଇଁ ମତ ଦେବା ସହ ପଦ୍ମପୁରକୁ ସ୍ୱତନ୍ତ୍ର ଭାବେ ଜିଲା କରିବାକୁ ଦାବି ଉପସ୍ଥାପନ କରିଥିଲେ। ସମ୍ମିଳନୀରେ ସଂଘ ସଭାପତି ଉମେଶ ସାହୁ, ବରିଷ୍ଠ ଆଇନ୍‌ଜୀବୀ ରାଧାବଲ୍ଲଭ ପାଣିଗ୍ରାହୀ, ରାମରତନ ପୁରୋହିତ, ପ୍ରଦୀପ ଯୋଷୀ, ସୁଶାନ୍ତ ରଥ, ଜିତେନ୍ଦ୍ରିୟ ବାରିକ, ମଳୟ ଦାଶ, ପ୍ରଶାନ୍ତ ମାଝି, ଶାନ୍ତନୁ ତ୍ରିପାଠୀ, ହରିଶଙ୍କର ସିଂ, କେଶବ ସାହୁ, ଚିନ୍ମୟ ପଣ୍ଡା, ଦିଲୀପ ଦାନୀ, ସୁଶୀଲ ପ୍ରଧାନ, ରୋହିତ ଭୋଇ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ପଦ୍ମପୁରକୁ ଜିଲା ଘୋଷଣା ପାଇଁ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚା ଦାବି ଜଣାଇଛି। ବରଗଡ଼ ଜିଲା ପଦ୍ମପୁରରେ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ଦ୍ୱିତୀୟ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ମଧ୍ୟ ପଦ୍ମପୁରକୁ ଜିଲା ଘୋଷଣା ଦାବି କରାଯାଇଥିଲା। ଏଥିରେ ରାଜ୍ୟ ସଭାପତି ସାଗର ଚରଣ ଦାସଙ୍କ ସମେତ କୋସଲ ରାଏଜ ମୁକ୍ତିମୋର୍ଚ୍ଚା ଉପ ସଭାପତି ଗଣେଶ ସାହୁ, ଆଇନ ପରାମର୍ଶଦାତାମଣ୍ଡଳୀ ମୁଖ୍ୟ ଅଜିତ ଶତପଥୀ, ଛାତ୍ରମୋର୍ଚ୍ଚା ସଭାପତି ଆକାଶ ପଣ୍ଡା, ଯୁଗ୍ମ ସମ୍ପାଦକ ଗଜପତି ସାହୁ, ଜିଲା ସଭାପତି ଘନଶ୍ୟାମ ସାହୁ, ସଙ୍ଗଠନ ସମ୍ପାଦକ ମହେଶ ପଣ୍ଡା, ଉପଦେଷ୍ଟା ବିରେନ୍ଦ୍ର ପାଣିଗ୍ରାହୀ, ଜଗନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ସୁରଭି ପ୍ରସ୍ତୁତି ବୈଠକ

ଜାମଟିକ୍ରା, ୨୮।୧୦(ଡି.ଏନ.ଏ.)

ଅତାବିରା ବ୍ଲକ ଶିକ୍ଷା କାର୍ଯ୍ୟାଳୟଠାରେ ଗୁରୁବାର ଅପରାହ୍ନ ୪ଟାରେ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଆସନ୍ତା ନଭେମ୍ବର ୩ରେ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଆର୍‌ସିସି କାର୍ତ୍ତିକ ବାଗ, ଏବିଇଓ ତପନ କୁମାର ଦାସ, ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ଅଶୋକ କୁମାର ସାହୁ, ମନୋରଞ୍ଜନ ମିଶ୍ର, ରଶିରଞ୍ଜନ ସାହୁ, ନନ୍ଦିଘୋଷ ଭୁଏ, କୃତାର୍ଥ ଭୁଏ, ରାଜୀବ ବିଶାଳ, ନୃପ ଭୁଏ, ବଳରାମ ସାହୁ, ପଞ୍ଚାନନ ନାଥ, ଲବ ସାହୁ, ଅନୁସୂୟା ଦେବତା, ଅମୃତ ବାରିକ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନ ଉପରେ ଆଲୋଚନା କରିଥିଲେ।

## ଶିଶୁ ଚାଲାଣ ରୋକିବାରେ ଦାୟିତ୍ୱ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପାଇକମାଳ,୨୮।୧୦(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ ବ୍ଲକ ଅଧୀନ ଜାମସେଠ ଓ ଛିନ୍ଦେଇକେଲା ପଞ୍ଚାୟତ କାର୍ଯ୍ୟାଳୟରେ ଏଡ୍ ଆଣ୍ଡ୍ ଆକ୍ସନ, ୟୁନିସେଫ୍, ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବରଗଡ଼ ପୋଲିସର ମିଳିତ ସହଯୋଗରେ ଶିଶୁ ଚାଲାଣ ଉପରେ ଦାୟିତ୍ୱ ଗୋଷ୍ଠୀ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଶିଶୁମିତ୍ର ସଦାଗୋପନ ଗଇଁତା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ଶିଶୁ ଚାଲାଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହାକୁ ରୋକିବା ପାଇଁ ଦାୟିତ୍ୱ ଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦାଦନ ଖଟିଯିବା ସମୟରେ ଲୋକମାନେ ପରିବାରର ପାଠ ପଢୁଥିବା ଶିଶୁମାନଙ୍କୁ ସାଙ୍ଗରେ ନ ନେଇ ନିକଟସ୍ଥ ଋତୁକାଳୀନ ଆବାସିକ କେନ୍ଦ୍ରରେ ଛାଡିଲେ ସେମାନେ କିପରି ଶିକ୍ଷାରୁ ବଞ୍ଚିତ ନ ହେବେ ଓ ଶିଶୁ ଚାଲାଣରୁ ସୁରକ୍ଷିତ ରହିବେ ସେ ନେଇ ଗଇଁତା ସଚେତନ ସୃଷ୍ଟି କରିଥିଲେ। ଶ୍ରମ ବିଭାଗରୁ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ଜରିଆରେ ପଞ୍ଜୀକରଣ କରି ଦାଦନ ଯିବା ପାଇଁ ସଚେତନ କରାଯାଇଥିଲା। ଏଡ ଆଣ୍ଡ ଆକ୍ସନ୍‌ର ଜିଲା ସଂଯୋଜକ ତରୁଣସେନ ପୃଷେଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରପଞ୍ଚ, ପିଇଓ, ୱାର୍ଡ ମେମ୍ବର, ଶିକ୍ଷକ ଓ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଓଡ଼ିଶା ଜୀବିକା ମିଶନ ଏମ୍‌ବିକେ, ସିଆର୍‌ପି, ଏସ୍‌ଏଚ୍‌ଜିର ସଦସ୍ୟାମାନେ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା ମିତ୍ର ପବିତ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କେଛୋଦାଦର ପଞ୍ଚାୟତ କାର୍ଯ୍ୟାଳୟରେ ଶିଶୁ ଚାଲାଣ ଉପରେ ଦାୟିତ୍ୱ ଗୋଷ୍ଠୀଙ୍କ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁମିତ୍ର ପବିତ୍ର ଭୋଇ ସ୍ୱାଗତ ଭାଷଣ ଏବଂ ଏଡ୍ ଆଣ୍ଡ୍ ଆକ୍ସନ୍‌ର ଜିଲା ସଂଯୋଜକ ତରୁଣସେନ ପୃଷେଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ମିତ୍ର ସଦାଗୋପନ ଗାଇଁତା ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୨୮।୧୦



ଜବତ ମଦ ସହିତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ଚୋରାମଦ କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭେଡ଼େନ ଥାନା ମହଲାକଣ୍ଟା ଗ୍ରାମର ରମଣୀ ରଞ୍ଜନ ବେହେରା(୪୪)। ତାଙ୍କ ପାଖରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଛି। ସେଥିରେ ୪୩ ଲିଟର ବିଦେଶୀ ମଦ ରହିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ବିରୋଧରେ ଭେଡ଼େନ ଥାନାରେ ଏକ ମାମଲା (ନଂ.୩୩୫/୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଅଭିଯୁକ୍ତ ମହଲାକଣ୍ଟା ଗ୍ରାମରେ ଏକ ପାନ ଦୋକାନ ଦେଇଛନ୍ତି। ସେ ପାନ ଦୋକାନରେ ମଦ ବିକୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଭେଡ଼େନ ଥାନାର ଏକ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ଅଭିଯୁକ୍ତଙ୍କୁ ଗିରଫ ସହିତ ମଦ ଜବତ କରାଯାଇଥିଲା।

### ମାହେଶ୍ୱରୀ ପୀଠରେ ପାରାୟଣ

ବରଗଡ଼ ଅଫିସ୍,୨୮।୧୦: ବରଗଡ଼ ବ୍ଲକ କୁରୁଆଁସ୍ଥିତ ଶ୍ରୀ ଶ୍ରୀ ମାଁ ଉମା ମାହେଶ୍ୱରୀ ଶକ୍ତିପୀଠ ପ୍ରାଙ୍ଗଣରେ ତୁଳସୀ ରାମାୟଣ ନବାହ୍ନ ପାରାୟଣ ଚାଲିଛି। ଗୁରୁବାର ଜଗବନ୍ଧୁ ମହାପାତ୍ର, ରମାକାନ୍ତ ପଣ୍ଡା ପ୍ରମୁଖ ଯୋ ଗଦାନ କରିଥିଲେ। ପଣ୍ଡିତ ମାଧବ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପ୍ରବଚକ ଯୁଧିଷ୍ଠିର ଭୋଇ ରାମକଥା ଶୁଣାଇଥିଲେ।

## ଗୌରବ ଆଣିଲେ ବରଗଡ଼ ଝିଅ

ବରଗଡ଼ ଅଫିସ, ୨୮।୧୦



ନବ୍ୟା ନବେଲି ଆଚାର୍ଯ୍ୟ।

ବରଗଡ଼ର ଝିଅ ନବ୍ୟା ନବେଲି ଆଚାର୍ଯ୍ୟ ମୁମ୍ବାଇ ସ୍ଥିତ ଭାବା ଆଟମିକ୍ ରିସର୍ଚ୍ଚ ପରିସରରେ ଚାଲିଥିବା ସର୍ବଭାରତୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ୨୫ ହଜାର ଟଙ୍କା ପୁରସ୍କାର ରାଶି ପାଇଛନ୍ତି। ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ୩୪ତମ ସର୍ବଭାରତୀୟ ପ୍ରବନ୍ଧ ପ୍ରତିଯୋଗିତାରେ ନବ୍ୟା ପ୍ରଥମ ୧୦ ଜଣରେ ନିଜର ସ୍ଥାନ ବଜାୟ ରଖିବା ପରେ ମୁମ୍ବାଇରେ ଥିବା ଭାବା ଆଣବିକ ପ୍ରତିଷ୍ଠାନରେ ନ୍ୟୁକ୍ଲିୟର ପାୱାର ସିକିଓର୍ଡ ଏନର୍ଜି ସୋର୍ସ ଟୁୱାର୍ଡସ ଆତ୍ମନିର୍ଭର ଭାରତ" ଶୀର୍ଷକରେ ନିଜର ମୌଖିକ ଉପସ୍ଥାପନା କରି ଏଭଳି ସଫଳତା ପାଇଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ କିରୋରି ମଲ୍ଲ କଲେଜରେ ଯୁକ୍ତ ତିନି ପଦାର୍ଥ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି। ବରଗଡ଼ ଶିବାନନ୍ଦ ନଗର ନିବାସୀ ପ୍ରକାଶ ଆଚାର୍ଯ୍ୟଙ୍କ ଝିଅ ତଥା ବରଗଡ଼ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ରୀ ଥିବା ନବ୍ୟା ନବେଲି ୨୦୧୮ ମାଟ୍ରିକ ପରୀକ୍ଷାରେ ୯୫.୫ ପ୍ରତିଶତ ମାର୍କ ରଖି ସମଗ୍ର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୨୦୨୦ରେ ସେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୯୯ ପ୍ରତିଶତ ମାର୍କ ରଖିଥିଲେ। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିଥିବା ନବ୍ୟା କହିଛନ୍ତି।

## ୮ ଦଫା ଦାବିରେ ତହସିଲ ଅଫିସ ଘେରାଉ

ପାଇକମାଳ,୨୮।୧୦(ଡି.ଏନ.ଏ.)




ତହସିଲଦାର ଚାଷୀଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି ।

ବରଗଡ ଜିଲା ପାଇକମାଳ ବ୍ଲକ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବାହ୍ନରେ ଶତାଧିକ ଚାଷୀ ପାଇକମାଳ ଶିବ ମନ୍ଦିର ନିକଟରୁ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସେମାନେ ସରକାର ଓ ବୀମା କମ୍ପାନୀ ବିରୋଧରେ ସ୍ଲୋଗାନ ଦେଇଥିଲେ। ୨୦୨୧ ଫସଲ ବୀମା ଟଙ୍କା ତୁରନ୍ତ ପ୍ରଦାନ, ଧାନ ମଣ୍ଡି ବ୍ୟବସ୍ଥା ସରଳୀକରଣ, ନଭେମ୍ବର ୧୫ରୁ ଧାନକିଣା, ଚାଷୀଙ୍କ ଋଣଛାଡ, ଚାଷରେ ବ୍ୟବହୃତ ବିଦ୍ୟୁତ୍ ବିଲ୍ ଛାଡ ଆଦି ୮ଦଫା ଦାବି ଚାଷୀମାନେ କରିଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ପରୀକ୍ଷିତ ସାହୁଙ୍କୁ ପ୍ରଦାନ କରିଥିଲେ। ବିଶ୍ୱନାଥ ରଣା, ରାହାସ ବିହାରୀ ସାହୁ, ବାଳକୃଷ୍ଣ ବନଛୋର, ଭଗବାନ ପ୍ରଧାନ, ବିପିନ ବିହାରୀ ଠାକୁର, ପିତାମ୍ବର ସାହୁ, ଯୁଧିଷ୍ଠିର ସାହୁ, ଗୁପତରାମ ବାରିକ, ଭଗବାନ ପ୍ରଧାନ, ନନ୍ଦଲାଲ ତ୍ରିବେଦୀ, ରବି ନାରାୟଣ ସାହୁ, କ୍ଷମାନିଧି ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ଅସୁରଗଡ଼ ଛକରେ ନିକଟରେ ମାଓବାଦୀ ପୋଷ୍ଟର

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଅସୁରଗଡ ଛକ ନିକଟ ଏକ ବରଗଛ ଏବଂ ଯାତ୍ରୀନିବାସ କାନ୍ଥରେ ମାଓବାଦୀ ପୋଷ୍ଟର ଲାଗିଛି। ଗୁରୁବାର ରାତିରେ ମାଓବାଦୀମାନେ ପୋଷ୍ଟର ଲାଗାଇଥିବା ସୂଚନା ମିଳିଛି। ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଗୁଲାମ ଗିରି ଯୋଗୁ ଲୋକମାନେ ସବୁବେଳେ ହଇରାଣ ହେଉଛନ୍ତି। ଅନ୍ୟପଟେ ଜଣେ ଖବରଦାତା ବିଭିନ୍ନ ସମୟରେ ଗରିବ ଲୋକଙ୍କୁ ହଇରାଣ କରୁଥିବା ଯୋଗୁ ଆଗାମୀ ଦିନରେ ତାଙ୍କୁ ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

## ସଂକ୍ଷେପରେ

### ଖପ୍ରାଖୋଲ ପୋଲିସର ଚଢ଼ାଉ: ୫ ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୨୮।୧୦(ଡି.ଏନ.ଏ.):** ଶୁକ୍ରବାର ଖପ୍ରାଖୋଲ ଥାନା ପୋଲିସ ଚଢାଉ କରି ମୋଟର ସାଇକେଲ ଯୋଗେ ଚାଲାଣ ହେଉଥିବା ୫ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି। ସୂଚନା ଅନୁସାରେ, ଖପ୍ରାଖୋଲ ପୋଲିସ ସକାଳେ ପାଟ୍ରୋଲିଂ କରିବା ବେଳେ ମୋଟର ସାଇକେଲରେ ଯାଉଥିବା କେତେଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକାଇ ପଚରାଉଚରା କରିଥିଲା । ସେମାନଙ୍କୁ ସାନ ଉଡ଼େନ ଗାଁର ଦାଦନ ସର୍ଦ୍ଦାର ଘନଶ୍ୟାମ ଜାଲ ଚାଲାଣ କରୁଥିବା ଜାଣି ଶ୍ରମିକମାନଙ୍କୁ ଉଦ୍ଧାର କରି ସେମାନଙ୍କ ନିଜ ଗାଁକୁ ପଠାଇ ଦେଇଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୧୭୪/୨୨ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଘନଶ୍ୟାମଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ପ୍ରମାଣପତ୍ର ମିଳିବାରେ ବିଳମ୍ବ ଅଭିଯୋଗ

**ଲୋଇସିଂହା,୨୮।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ତହସିଲରେ ଜନ୍ମ ମୃତ୍ୟୁ ସମେତ ବିଭିନ୍ନ ପ୍ରମାଣ ପତ୍ର ମିଳିବାରେ ବିଳମ୍ବ ହେଉଛି। ଏହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଓ ଶୁକ୍ରବାର ଦିନ ତହସିଲ ପକ୍ଷରୁ ମିସ କେସଗୁଡିକର ବିଚାର ପାଇଁ ଦିନ ଧାର୍ଯ୍ୟ ହୋଇଛି । ହେଲେ ଏହି ଦିନରେ ଅଧିକାରୀ ଅଫିସରେ ନ ରହି ବିଭିନ୍ନ ଗସ୍ତରେ ଯାଉଥିବାରୁ ମିସ କେସ ନୋଟିସ ପାଇ ତହସିଲକୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର କେତେକ ବ୍ୟକ୍ତି ମିସ କେସ ନୋଟିସ ପାଇ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ । ହେଲେ ତହସିଲଦାର ଓ ଅତିରିକ୍ତ ତହସିଲଦାର ବଲାଙ୍ଗୀରକୁ ରାଜସ୍ୱ ବୈଠକରେ ଯୋଗ ଦେବାକୁ ଯାଇଥିଲେ। ଏନେଇ ସେମାନେ ଅସନ୍ତୋଷ ପ୍ରକାଶ କରି ତହସିଲରେ ହୋ ହାଲ୍ଲା କରିଥିଲେ। ଏହାପରେ ମୁଖ୍ୟ କିରାଣି ରତିକାନ୍ତ ପୁରୋହିତ ସେମାନଙ୍କ ଉପସ୍ଥିତ ଥିବା ସ୍ୱାକ୍ଷର ନେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ବୋଲି ଆଇନଜୀବୀ ଗୌରୀଶଙ୍କର ସାହୁ କହିଛନ୍ତି ।

### ପ୍ରଶାସନିକ ଅବହେଳା ଅଭିଯୋଗରେ ବ୍ଲକ ଘେରାଉ

**ଟିଟିଲାଗଡ,୨୮।୧୦(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ ପ୍ରଶାସନ ସାଧାରଣ ଜନତାଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ କରି ଗରିବ ସେନା ଟିଟିଲାଗଡ଼ ପକ୍ଷରୁ ବ୍ଲକ ଘେରାଉ କରାଯାଇଛି । ସଂଗଠନର ସଭାପତି ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳର ପୀଡିତ ମହିଳା ପୁରୁଷମାନେ ସ୍ଥାନୀୟ ହାଇସ୍କୁଲ ପଡିଆରୁ ଶୋଭାଯାତ୍ରାରେ ବାହାରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଂଗଠନର ସଭାପତି ବାଗ ବ୍ଲକ ପ୍ରଶାସନ କେବଳ ଲାଞ୍ଚ କାରବାର ଏବଂ ଦୁର୍ନୀତିରେ ବୁଡି ରହିଥିବା ଅଭିଯୋଗ କରିଥିଲେ । ଅସହାୟ ଲୋକେ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। ଏମଜିଏନଆରଇଜିଏସ ଯୋଜନାରେ କାମ କରି ଶ୍ରମିକ ପାଉଣା ପାଉନାହାନ୍ତି । ପ୍ରଧାନମନ୍ତ୍ରୀ ଆବାସ ପାଇଁ ପାଉଣା ମାସ ମାସ ହେଲା ବକେୟା ରହିଛି । ଗରିବ ଲୋକେ ବିଭିନ୍ନ ଉପାୟରେ ଶୋଷିତ ହେଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଏହା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି । ପରେ ସଂଗଠନ ପକ୍ଷରୁ ଅତିରିକ୍ତ ବିଡ଼ିଓ ମେନକା ମେହେରଙ୍କୁ ଏସଡ଼ିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ରଞ୍ଜନ ବରିହାଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଥଲା ।



ଗରିବ ସେନା ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି ତେଜିଲା

ଲାଠୋର,୨୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ପାଇଁ ଦୀର୍ଘ ଦୁଇ ବର୍ଷ ହେବ ଜନସାଧାରଣ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଏହାକୁ ନେଇ ଲାଠୋର ଗ୍ରାମରେ କାର୍ଯ୍ୟ କରୁଥିବା ସାବେତ୍ରୀ ବାଇ ଆମ୍ବେଡକର ବିର୍ସା ମୁଣ୍ଡା ସାମାଜିକ ପରିବର୍ତ୍ତନ ସଂଗଠନ(ସାବାସ)ର ବରିଷ୍ଠ ସଦସ୍ୟ ବିଶ୍ୱହରି ନାଗଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଉପରୋକ୍ତ ଦାବି ନେଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ଅନୁପସ୍ଥିତରେ କନିଷ୍ଠ କିରାଣି ସଚିନ ମିଶ୍ରଙ୍କ ଜରିଆରେ ବଲାଙ୍ଗୀର ଜିଲାପାଳ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିବା ନେଇ ସୂଚନା ଦେଇଛନ୍ତି। ବଲାଙ୍ଗୀର ଜିଲା ସଦର ମହକୁମାରୁ ୧୦୦ କିମି ଦୂର ଆଦିବାସୀବହୁଳ ମାଓବାଦୀ ଅଧ୍ୟୁସିତ ଅଞ୍ଚଳ ହେଉଛି ଲାଠୋର। ଏଠିକାର ୭୦ ପ୍ରତିଶତରୁ ଅଧିକ ପରିବାର ଶ୍ରମିକ ଭାବେ କାମ କରି ଜୀବିକା ନିର୍ବାହ କରିଥାନ୍ତି। ବର୍ଷର ୬ ମାସ ଘରେ ରହି ବାକି ୬ ମାସ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବହୁ ପରିବାର ସବୁବେଳେ ଆର୍ଥିକ ଅନାଟନରେ ରହିଥାନ୍ତି। ସେମାନେ ସ୍ୱାସ୍ଥ୍ୟ ପ୍ରତି ସେତେଟା ସଚେତନ ନୁହନ୍ତି। ଲୋକଙ୍କ ସୁବିଧା ଦୃଷ୍ଟିରୁ ସରକାର ଗତ ୧୯୭୫ ମସିହାରେ ଲାଠୋରରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିଥିଲେ। କାଳକ୍ରମେ ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ ହୋଇଛି। ବର୍ତ୍ତମାନ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ୩୦ଖଣ୍ଡ ଗ୍ରାମର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ଚିକିତ୍ସା ପାଇଁ ନିର୍ଭର କରି ଆସୁଛନ୍ତି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ଲାଗି ରହୁଛି। ଫଳରେ ଛୁଟି ଦିନ କିମ୍ବା ରାତିରେ କୌଣସି ରୋଗୀ ଏଠାକୁ ଆସିଲେ ସ୍ୱାସ୍ଥ୍ୟସେବା ପାଇ ନ ପାରି ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ର ଯାଉଛନ୍ତି। ସରକାର ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବାର ଯୋଜନା କରୁଥିବା ବେଳେ ଲାଠୋରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



ସାବାସ ସଂଗଠନର ସଦସ୍ୟମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ଲୋକନାଥ ମନ୍ଦିର ଯଜ୍ଞ ମଣ୍ଡପ ଲୋକାର୍ପିତ



ଅରୁନ୍ଧତୀ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ଯଜ୍ଞମଣ୍ଡପକୁ ଜିଲାପାଳ ଚଞ୍ଚଳ ରାଣା ଲୋକାର୍ପିତ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୮।୧୦

ବଲାଙ୍ଗୀର ସହରର ପ୍ରସିଦ୍ଧ ଶ୍ରୀଲୋକନାଥ ମନ୍ଦିର ପରିସରରେ ଶୁକ୍ରବାର କାର୍ତ୍ତିକ ଶୁକ୍ଳପକ୍ଷ ତୃତୀୟା ନାଗଚତୁର୍ଥୀ ଅବସରରେ ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ଯଜ୍ଞମଣ୍ଡପର ପ୍ରତିଷ୍ଠା ଉତ୍ସବ ଓ ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ନବନିର୍ମିତ ଯଜ୍ଞମଣ୍ଡପ ଲୋକାର୍ପିତ କରିଥିଲେ। ଲୋକାର୍ପଣ ଉତ୍ସବରେ ଅରୁନ୍ଧତୀ ପରିବାର ପ୍ରତିଷ୍ଠାତା ଗୌରାଙ୍ଗ ମେହେର, ତାଙ୍କ ସହଧର୍ମିଣୀ ଲକ୍ଷ୍ମୀ ମେହେର, ଅରୁନ୍ଧତୀ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ତାଙ୍କ ସହଧର୍ମିଣୀ ଅରୁନ୍ଧତୀ ମେହେର, ଗ୍ରୁପ୍ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଓ ତାଙ୍କ ସହଧର୍ମିଣୀ ସସ୍ମିତା ମେହେରଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଶ୍ରୀଲୋକନାଥ ମନ୍ଦିର ସହର ଭିତରେ ଥିବା ସବୁଠୁ ପୁରୁଣା ଶିବମନ୍ଦିର ଓ ଏଠାରେ ବର୍ଷତମାମ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥାଏ । ଲୋକାର୍ପଣ ଉତ୍ସବରେ ଯୋଗଦେଇ ଜିଲାପାଳ ରାଣା କହିଥିଲେ ଯେ, ଅରୁନ୍ଧତୀ ଗ୍ରୁପ୍ ତାଙ୍କ ସିଏସ୍ଆର ଅନୁଦାନରୁ ଏହି ଯଜ୍ଞମଣ୍ଡପ ନିର୍ମାଣ କରିଛନ୍ତି। ଏହା ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା, ଯଜ୍ଞ ଓ ଧାର୍ମିକ କାର୍ଯ୍ୟରେ ଆସିପାରିବ। ଅରୁନ୍ଧତୀ ଗ୍ରୁପ୍ ଆଗକୁ ମଧ୍ୟ ସିଏସ୍ଆର ଫଣ୍ଡରୁ ଏଭଳି ଅନେକ ଜନକଲ୍ୟାଣକାରୀ କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଥିଲେ। ଅରୁନ୍ଧତୀ ଗ୍ରୁପ୍ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ ଯେ, ଲୋକନାଥ ମନ୍ଦିର ପରିସରରେ ଯଜ୍ଞମଣ୍ଡପ ପ୍ରତିଷ୍ଠା ଓ ଲୋକାର୍ପଣ ହେବା ଦ୍ୱାରା ବଲାଙ୍ଗୀର ସହର ଏବଂ ଆଖପାଖର ଶିବଭକ୍ତ ଓ ଶ୍ରଦ୍ଧାଳୁମାନେ ସୁବିଧାରେ ପୂଜାର୍ଚ୍ଚନା ଓ ଯଜ୍ଞକାର୍ଯ୍ୟ କରିପାରିବେ। ତାଙ୍କ ବାପା ଗୌରାଙ୍ଗ ମେହେରଙ୍କ ଇଚ୍ଛା ଓ ନିର୍ଦ୍ଦେଶକ୍ରମେ ଏଠାରେ ଅରୁନ୍ଧତୀ ପରିବାର ପକ୍ଷରୁ ଏହି ଯଜ୍ଞମଣ୍ଡପ ନିର୍ମାଣ କରାଯାଇଛି ବୋଲି ସେ କହିଥିଲେ। ଆଜିକାର ଲୋକାର୍ପଣ ଉତ୍ସବରେ ସହରର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ, ବିଭିନ୍ନ ସାମାଜିକ, ସାଂସ୍କୃତିକ ସଙ୍ଗଠନର ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଦେଦର୍ହ ଗ୍ରାମରେ ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ୫ ହଜାର ବର୍ଗଫୁଟ୍ ବିଶିଷ୍ଟ ଏକ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। ଫଳରେ ଦେଦର୍ହ ଓ ଆଖପାଖ ଗ୍ରାମବାସୀ ଉପକୃତ ହୋଇ ପାରିଛନ୍ତି ।

## ପୌରାଧ୍ୟକ୍ଷାଙ୍କୁ ଦୋଷାରୋପ କଲେ ଉପାଧ୍ୟକ୍ଷା

**ବାରମ୍ବାର ପୌର ପରିଷଦ ବୈଠକ ବାତିଲ**

ଟିଟିଲାଗଡ଼,୨୮।୧୦(ଡି.ଏନ.ଏ.)

ଟିଟିଲାଗଡ ପୌର ପରିଷଦରେ ଦୀର୍ଘ ମାସ ଧରି ବୈଠକ ହୋଇ ନ ପାରି ଅଚଳାବସ୍ଥା ଜାରି ରହିବା ନେଇ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ ଡାକି ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଳ ମୁହଁ ଖୋଲିଛନ୍ତି। ଗତ ତିନୋଟି ବୈଠକ ବିଭିନ୍ନ କାରଣ ନେଇ ବାତିଲ ହୋଇଛି। ବାରମ୍ବାର ପୌର ବୈଠକ ବାତିଲ ହେବା ଯୋଗୁ ଲୋକଙ୍କ ସମସ୍ୟା ଆଲୋଚନା ହୋଇପାରୁନାହିଁ। ଏଥିପାଇଁ ଆମେ ଦୁଃଖିତ ବୋଲି ଉପାଧ୍ୟକ୍ଷା କହିଛନ୍ତି। ତେବେ ପୌରାଧ୍ୟକ୍ଷାଙ୍କ କାଉନସିଲରଙ୍କ ସହ ସମନ୍ୱୟ ଅଭାବ ଓ ଜିଦଖୋର ମନୋବୃତ୍ତି ଏଥିପାଇଁ ଦାୟୀ ବୋଲି ଉପାଧ୍ୟକ୍ଷା କହିଛନ୍ତି। ଆଜି ଦୀର୍ଘ ମାସ ପରେ ପୌର ପରିଷଦର ବୈଠକ ଥିବାରୁ ସମସ୍ତ କାଉନସିଲର ନିଜ ୱାର୍ଡର ସମସ୍ୟା ଉତ୍ଥାପନ କରିବାକୁ ଆସିଥିଲେ। କିନ୍ତୁ ପୌରାଧ୍ୟକ୍ଷା ନିଜେ କରିଥବା ପ୍ରସ୍ତାବକୁ ଗୃହୀତ କରିବାକୁ ଅଡି ବସିବାରୁ ବୈଠକ ବାତିଲ ହୋଇଯାଇଥିଲା। ସେହିପରି କାଉନସିଲରଙ୍କ ଅଜାଣତରେ ୩୦ଟି ଡଷ୍ଟବିନ କ୍ରୟ କରାଯାଇଥିବା ଉପାଧ୍ୟକ୍ଷା ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ କାଉନସିଲର ମାନସ ସାହୁ, ସାବିତ୍ରୀ ବାରିକ, ଗୋପାଳକୃଷ୍ଣ ବେହେରା, ଚନ୍ଦ୍ରକାନ୍ତି ବାଗ, ସୁନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ସଚ୍ଚିକାନ୍ତ ବାରିକ, ବୈକୁଣ୍ଠ ନାଗ, ତପନ ଖର୍ସେଲ, ତୁଳସୀ ନାଗ, ଶ୍ୟାମ ହାତୀ, ଅଶୋକ ବାଗ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ନରୋତ୍ତମ



@ ଲିପୁନ



@ ଉତ୍ତମ



@ ଅଜିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ମାଧ୍ୟମ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ**

ଖପ୍ରାଖୋଲ,୨୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହା ଯୋଗଦେଇ ଶିଶୁର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ସୁରଭି ଏକ ମାଧ୍ୟମ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଶୀଲ କୁମାର ପୋଢ଼ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୮୦ଜଣ ଛାତ୍ରୀଛାତ୍ର ବକ୍ତୃତା, ସୃଜନଶୀଳ ଲିଖନ,ପ୍ରବନ୍ଧ, ହସ୍ତାକ୍ଷର, ବିତର୍କ, ନୃତ୍ୟ, ସଙ୍ଗୀତ, କୁଇଜ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବେ ବୋଲି ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କ୍ଲଷ୍ଟରର ସିଆରସିସିମାନେ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ କୁଞ୍ଜବିହାରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ବିଇଓ ଅଫିସର ସମସ୍ତ କର୍ମଚାରୀ,ବିଭିନ୍ନ କ୍ଲଷ୍ଟରର ସିଆରସିସି ଏବଂ ୟୁପି ସ୍କୁଲର ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୧୨ ଦିନର ସ୍ୱତନ୍ତ୍ର ସେବା ପାଇବେ ଚିହ୍ନଟ ଶିଶୁ

ଲୋଇସିଂହା,୨୮।୧୦(ଡି.ଏନ.ଏ.)

**ଅତିଶୟ ପୁଷ୍ଟିହୀନ ଶିଶୁ ଚିହ୍ନଟ ଶିବିର**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଅତିଶୟ ପୁଷ୍ଟିହୀନ ଶିଶୁ ଚିହ୍ନଟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜନ୍ମରୁ ୫ ବର୍ଷର ୧୦୩ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୬ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଉଦବେଗଜନକ ଥିବାରୁ ସେମାନଙ୍କୁ ବଲାଙ୍ଗୀର ପୃଷ୍ଟି ପୁର୍ନବାସ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ।

ସୂଚନା ଅନୁଯାୟୀ ,ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୧୯୪ ଅଙ୍ଗନୱାଡି କେନ୍ଦ୍ର ରହିଛି । ବ୍ଲକର ୦ ରୁ ୫ ବର୍ଷର ୬ ହଜାର ୩୯୯ ଶିଶୁ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ବିଭିନ୍ନ ସୁବିଧା ହାସଲ କରୁଛନ୍ତି। ହେଲେ ସେପ୍ଟେମ୍ବର ମାସରେ ବ୍ଲକରେ ୨୦୫ ଜଣ ଶିଶୁ ଅତିଶୟ ପୁଷ୍ଟିହୀନ ଥିବା ବିଭାଗ ପକ୍ଷରୁ ଚିହ୍ନଟ ହୋଇଛି । ଯାହାକି ୩.୬୨ ପ୍ରତିଶତ ବୋଲି ଜଣାଯାଇଛି। ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ଏବଂ ୱାର୍ଲ୍ଡଭିଜନ ଏଡିପି ଶାଖା ସହାୟତାରେ ଅତିଶୟ ପୁଷ୍ଟିହୀନ ଶିଶୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଲୋଇସିଂହା ଡାକ୍ତରଖାନା ସଭାଗୃହ ରେ ବରିଷ୍ଠ ଡାକ୍ତର ତଥା ପ୍ରାକ୍ତନ ସିଡିଏମଓ ଦୈତାରୀ ସାହୁଙ୍କ ତତ୍ତ୍ୱାବଧାନରେ ଡା. ଶେଖର ପଧାନ,ଶୁଭେନ୍ଦୁ ପଧାନ,ସଞ୍ଜୀବ ବିଶ୍ୱାଳ , ରଶ୍ମିମଞ୍ଜରୀ ପଧାନ ପ୍ରମୁଖ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ସିଡିପିଓ ପ୍ରଜ୍ଞାରାଣୀ ବାରିକ,ଏଡିପି ପ୍ରୋଗ୍ରାମ ମ୍ୟାନେଜର ଏମ.ମୋଲସୋମ,ସିଡିଏଫ ଶଙ୍କର ନନ୍ଦଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ। ଅଙ୍ଗନୱାଡି ସୁପରଭାଇଜର ଓ କର୍ମୀ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ଦିନରେ କୁଶଙ୍ଗ ଠାରେ ଶିବର ଅନୁଷ୍ଠିତ ହେବ ଏବଂ ସେଠାରେ ୧୦୨ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ବଲାଙ୍ଗୀର ପୁର୍ନବାସ କେନ୍ଦ୍ରରେ ରଖି ସେବା ଯତ୍ନ ନିଆଯିବ। ଚିହ୍ନଟ ଉପରୋକ୍ତ ବର୍ଗର ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ର ସୁବିଧା ସହ ସ୍ୱତନ୍ତ୍ର ୧୧୨ ଦିନର ସେବା ଯୋଗାଇ ଦିଆଯିବ ବୋଲି ସିଡିପିଓ ପ୍ରଜ୍ଞାରାଣୀ ବାରକ କହିଛନ୍ତି।




ଡାକ୍ତରଖାନା ସଭାଗୃହରେ ଡାକ୍ତର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୯ ଅକ୍ଟୋବର, ୨୦୨୨



**ମିଶନ ଶକ୍ତି ଗୃହ ଉଦ୍‌ଘାଟିତ**

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଓ ଶିଶୁ ବିକାଶ ଅଫିସ ଠାରେ ୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି ଗୃହ ଗୁରୁବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ, ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦ, ନଗରପାଳ ସୁବାସ ଚନ୍ଦ୍ର ଭୁଏ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଏକ ସାଧାରଣ ସଭା ସିଡିପିଓ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଙ୍ଗନବାଡି କର୍ମୀ, ସୁପରଭାଇଜର,ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ

ବୌଦ୍ଧ,୨୮।୧୦(ସ୍ୱ.ପ୍ର.)



ଧାନକିଣା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

- କନ୍ଧମାଳରେ ଡିସେମ୍ବର ୬, ବୌଦ୍ଧ ଓ ହରଭଙ୍ଗାରେ ଡିସେମ୍ବର ୧୩ରୁ ଖୋଲିବ ମଣ୍ଡି
- ବାହାର ମିଲରମାନଙ୍କୁ ଧାନ କିଣାରେ ସୁଯୋଗ ନ ଦେବାକୁ ମିଲର ସଂଘ ପକ୍ଷରୁ ଅନୁରୋଧ

ବୌଦ୍ଧ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଡିସେମ୍ବର ୬ରୁ କନ୍ଧମାଳ ବ୍ଲକରେ ଏବଂ ଡିସେମ୍ବର ୧୩ ରୁ ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ଧାନମଣ୍ଡି ଖୋଲିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଚଳିତବର୍ଷ ଧାନକ୍ରୟ ବ୍ୟବସ୍ଥାକୁ ସ୍ୱଚ୍ଛ କରାଯିବାକୁ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇ ସେଟେଲାଇଟ ମାଧ୍ୟମରେ ଜିଲାରେ ଚାଷ ହୋଇଥିବା ଜମି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ଫଳରେ ଚାଷ ନ କରି ଟାର୍ଗେଟ ପୂରଣ ପାଇଁ ହେଉଥିବା ଉଦ୍ୟମରେ ରୋକ ଲାଗିପାରିବ। ଜିଲାରେ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ସରିଥିଲେ ମଧ୍ୟ ସେଟଲାଇଟ ତଥ୍ୟ ଆଧାରରେ ତଦନ୍ତ ଚାଲିଥିବାରୁ ଚୂଡାନ୍ତ ଚାଷୀ ପଞ୍ଜିକରଣ ତାଲିକା ଏଯାଏ ପ୍ରକାଶ ପାଇ ନ ଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ ଜିଲାରେ ୪୨୬୬୫ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜିକରଣ କରିଥିବାବେଳେ ସେଟଲାଇଟ ତଥ୍ୟ ଆଧାରରେ ୧୬୯ ଜଣ ଚାଷୀଙ୍କ ନାମକୁ ତାଲିକାରୁ ବାଦ ଦିଆଯାଇଛି। ଫଳରେ ୪୨୪୮୭ ଜଣ ଚାଷୀଙ୍କ ନାମ ତାଲିକାରେ କାଏମ ରହିଥିବା ଜଣାଯାଇଛି। ଚାଷୀ ତାଲିକା ଚୂଡାନ୍ତ ହୋଇପାରି ନ ଥିବାରୁ ଖରିଫ ଧାନକ୍ରୟ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ଚଳିତବର୍ଷ ଭଲବର୍ଷା ସହିତ ଚାଷ ଭଲ ହୋଇଥିବାରୁ ଗତବର୍ଷଠାରୁ ଧାନ ଅମଳ ମଧ୍ୟ ଭଲ ହେବ ବୋଲି ଆକଳନ କରାଯାଇଛି। ଗତ ଖରିଫରେ ପ୍ରାୟ ୧୪ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧୬ ଲକ୍ଷ କୁଇଣ୍ଟାଲ ଧାନକ୍ରୟ ହୋଇଥିଲା। ତେଣୁ ଚଳିତ ଖରିଫରେ ଭଲ ଅମଳ ହୋଇଥିବାରୁ ପ୍ରାୟ ୧୮ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ହେବାର ସମ୍ଭାବନା ପ୍ରକାଶ ପାଇଛି। ତେଣୁ ଚାଷୀମାନଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇଲେ ଧାନକ୍ରୟ ଲକ୍ଷ ଧାର୍ଯ୍ୟ କରାଯିବ ବୋଲି ଜଣାପଡିଛି। ଧାନକ୍ରୟ ପ୍ରକ୍ରିୟାରେ କୌଣସି ଚାଷୀ କିମ୍ବା ମିଲର ଯେପରି କ୍ଷତିଗ୍ରସ୍ତ ନ ହେବେ ତେଣୁ ମଣ୍ଡିଗୁଡିକରେ ଏଫଏକ୍ୟୁ ମାନର ଧାନ କିଣାକୁ କଡାକଡି ଭାବରେ ଲାଗୁ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ପୂର୍ବରୁ ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଦର ଧାର୍ଯ୍ୟ ହୋଇଥିବାବେଳେ ଚଳିତବର୍ଷ ଏହା ୧୦୦ ଟଙ୍କା ବୃଦ୍ଧି ପାଇ ୨୦୪୦ ଟଙ୍କା କରାଯାଇଛି। ଧାନକିଣା ସମୟରେ କଟନି ଛଟନୀ କରୁଥିବା ଅଭିଯୋଗ ହୋଇଆସୁଥିବାବେଳେ ଚଳିତବର୍ଷ ଏହା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ସାହୁ ପରାମର୍ଶ ଦେଇଛନ୍ତି। ତେଣୁ ଚାଷୀମାନେ ଏଫଏକ୍ୟୁ ମାନ ଅନୁଯାୟୀ ଧାନ ପ୍ରଦାନ କରିବେ ଓ ସେହି ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟ ପାଇବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେଥିପାଇଁ ଏଫ୍‌ଏକ୍ୟୁମାନ ନିର୍ଣ୍ଣୟ ପାଇଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କର୍ମଚାରୀମାନଙ୍କୁ ଆବଶ୍ୟକୀୟ ତାଲିମ ବ୍ୟବସ୍ଥା ଓ ଯନ୍ତ୍ରପାତି ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଧାନକ୍ରୟ ବ୍ୟବସ୍ଥାରେ ଅଂଶଗ୍ରହଣ କରୁଥିବା ଜିଲାର ୧୨ଜଣ ମିଲରଙ୍କ ମଧ୍ୟରୁ ୧୦ ମିଲର ଟାର୍ଗେଟ ପୂରଣ କରି ଧାନ କ୍ରୟ କରିବାକୁ ଯୋଗ୍ୟ ବିବେଚିତ ହୋଇଥିବା ଜଣାଯାଇଛି। ଅନ୍ୟ ଦୁଇଗୋଟି ମିଲ ନିର୍ଦ୍ଧାରିତ ସମୟ ମଧ୍ୟରେ କାଗଜପତ୍ର ପ୍ରସ୍ତୁତ କରି ଧାନକ୍ରୟ ପାଇଁ ଆବେଦନ କଲେ ସେମାନଙ୍କୁ ମଧ୍ୟ ସୁଯୋଗ ଦିଆଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜିଲାରେ ମିଲରମାନଙ୍କ ଧାନ ସଂଗ୍ରହ କ୍ଷମତା ବୃଦ୍ଧି ଘଟିଥିବାବେଳେ ବାହାର ମିଲରମାନଙ୍କୁ ଧାନକିଣାରେ ସୁଯୋଗ ନ ଦେବାକୁ ମିଲର ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ମିଲରମାନେ ଠିକ୍ ସମୟରେ ଧାନମଣ୍ଡିରେ ଗାଡି ପହଞ୍ଚାଇବା ନେଇ ବୈଠକରେ ପ୍ରତିଶୃତି ଦେଇଥିଲେ। ଚଳିତବର୍ଷ ସମସ୍ତ ୪୨ ଗୋଟିସୋସାଇଟିସମେତ ୫୬ଟିମଣ୍ଡିରେ ଧାନକ୍ରୟ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ସମବାୟ ସମିତି ଗୁଡିକରେ ଚାଷୀମାନଙ୍କଠାରୁ ସଂଗୃହୀତ ଧାନ ଗଚ୍ଛିତ ରଖିବା ପାଇଁ ଆବଶ୍ୟକୀୟ ଗୋଦାମ ବ୍ୟବସ୍ଥା, ତାରପୋଲିନ, ପାନୀୟଜଳ ଆଦି ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଧାନକିଣାକୁ ଜିଲାରେ ସୁବ୍ୟବସ୍ଥିତ ଭାବରେ କରିବା ସହିତ ଚାଷୀମାନଙ୍କ ଯେପରି କୌଣସି ସମସ୍ୟା ନ ହୁଏ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ବୈଠକରେ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ତାରେଣି ମହାପାତ୍ର, ବୌଦ୍ଧ ବିଧାୟକ ପ୍ରତିନିଧି ସୀତାଂଶୁ ମହାକୁଳ, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ଜିଲା ଯୋଗାଣ ଅଧିକାରୀ ବିଭୂପ୍ରସନ୍ନ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ପ୍ରଧାନ, ମିଲ ମାଲିକ ସଂଘ ସଭାପତି ଅଶୋକ କୁମାର ଅଗ୍ରୱାଲା ଓ ସମ୍ପାଦକ ଶଙ୍କର ପ୍ରସାଦ ମେହେରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଚାଷୀ ସଙ୍ଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ପ୍ରମାଣପତ୍ର ମିଳିବାରେ ବିଳମ୍ବ ଅଭିଯୋଗ

ଲୋଇସିଂହା,୨୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲରେ ଜନ୍ମ ମୃତ୍ୟୁ ସମେତ ବିଭିନ୍ନ ପ୍ରମାଣ ପତ୍ର ମିଳିବାରେ ବିଳମ୍ବ ହେଉଛି। ଏହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଓ ଶୁକ୍ରବାର ଦିନ ତହସିଲ ପକ୍ଷରୁ ମିସ କେସଗୁଡିକର ବିଚାର ପାଇଁ ଦିନ ଧାର୍ଯ୍ୟ ହୋଇଛି । ହେଲେ ଏହି ଦିନରେ ଅଧିକାରୀ ଅଫିସରେ ନ ରହି ବିଭିନ୍ନ ଗସ୍ତରେ ଯାଉଥିବାରୁ ମିସ କେସ ନୋଟିସ ପାଇ ତହସିଲକୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର କେତେକ ବ୍ୟକ୍ତି ମିସ କେସ ନୋଟିସ ପାଇ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ । ହେଲେ ତହସିଲଦାର ଓ ଅତିରିକ୍ତ ତହସିଲଦାର ବଲାଙ୍ଗୀରକୁ ରାଜସ୍ୱ ବୈଠକରେ ଯୋଗ ଦେବାକୁ ଯାଇଥିଲେ। ଏନେଇ ସେମାନେ ଅସନ୍ତୋଷ ପ୍ରକାଶ କରି ତହସିଲରେ ହୋ ହାଲ୍ଲା କରିଥିଲେ। ଏହାପରେ ମୁଖ୍ୟ କିରାଣି ରତିକାନ୍ତ ପୁରୋହିତ ସେମାନଙ୍କ ଉପସ୍ଥିତ ଥିବା ସ୍ୱାକ୍ଷର ନେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ବୋଲି ଆଇନଜୀବୀ ଗୌରୀଶଙ୍କର ସାହୁ କହିଛନ୍ତି।

## ଜାନୁୟାରୀ ୧ରୁ ପଏଁରୀ ତିହାର

ସୋନପୁର,୨୮।୧୦(ନି.ପ୍ର.)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପଏଁରୀ ଅନୁଷ୍ଠାନର କର୍ମକର୍ତ୍ତା।

**ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ, ଭୁବନେଶ୍ୱର ଆନୁକୂଲ୍ୟରେ ତଥା ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ସହଯୋଗରେ ଜାନୁୟାରୀ ୧ରୁ ୩ ପର୍ଯ୍ୟନ୍ତ ଭୀମଭୋଇ କଳା ମଣ୍ଡପରେ ପାଳନ ହେବ ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଂଗୀତ ଉତ୍ସବ ପଏଁରୀ ତିହାର। ଚଳିତବର୍ଷ ଜିଲା, ଜିଲା ବାହାର କଳାକାର ତଥା ଆସାମ, ମଣିପୁରୀ, ହରିଆଣା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡର କଳାକାରମାନେ ସେମାନଙ୍କ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ କରିବେ ବୋଲି ପଏଁରୀ ସଂପାଦକ ଚୌଧୁରୀ ବିଭାର ସୂଚନା ଦେଇଛନ୍ତି। ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ସଂପାଦକ ଚୌଧୁରୀ ବିଭାର ବିଗତ ବର୍ଷର ଆୟ ବ୍ୟୟ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଦସ୍ୟମାନଙ୍କୁ ନେଇ ମା' ସୁରେଶ୍ୱରୀଙ୍କଠାରେ ପୂଜାଅର୍ଚ୍ଚନା ସହିତ ଶୋଭାଯାତ୍ରା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ପାଇଁ ଉପଦେଷ୍ଟା ଶ୍ରୀବସ୍ତ ମଲ୍ଲିକ ଓ ଅଭିମନ୍ୟୁ କୁଶଳ ମତବ୍ୟକ୍ତ କରିଥିଲେ। ଜିଲାର ଲୋକ କଳାକାରମାନେ ପାରମ୍ପରିକ ଲୋକଗୀତ ଓ ଲୋକନୃତ୍ୟ ପରିବେଷଣ କରିବେ। ଯେଉଁମାନେ କଳା ସଂସ୍କୃତି ପାଇଁ ଜୀବନ ବ୍ୟାପି ସାଧନା କରିଛନ୍ତି ସେମାନଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯିବ। ଏହି ବୈଠକରେ ଉପ ସଭାପତି ପ୍ରଫୁଲ୍ଲ ନାଏକଙ୍କ ସହିତ ସହ-ସଂପାଦକ ପୃଥିରାଜ ବାଗ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ସଦସ୍ୟ ସଞ୍ଜୟ ସାହୁ, ସନ୍ତୋଷ କୁମାର ପାଢୀ, ସୋମ୍ୟରଞ୍ଜନ ସେଠୀ, ଗୋପାଳ ମେହେର, ଅମିତ ସାହୁ, ନାରାୟଣ ଜଗଦଲା ଓ ରାଘବ ସୁନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଉଲୁଣ୍ଡା,୨୮।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ବଡାଲିସ୍ଥିତ ଖେଳପଡିଆ ନିକଟ ଏକ ଗଛରୁ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ବଡାଲି ଗ୍ରାମର ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ୧୨ ବର୍ଷର ନାବାଳକ ସବୁଦିନ ଭଳି ସକାଳେ ଟ୍ୟୁଶନ ସାରି ଘରକୁ ଫେରିଥିଲେ। ପରେ ବ୍ୟାଗ ରଖିଦେଇ ଶୌଚ ପାଇଁ ଯାଉଛି କହି ଘରୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ନାବାଳକଙ୍କ ମୃତଦେହ ଖେଳପଡିଆ ନିକଟ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ନରୋତ୍ତମ



@ ଲିପୁନ



@ ଉତ୍ତମ



@ ଅଜିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଅମରପାଲି,୨୮।୧୦(ଡି.ଏନ.ଏ.)

**ସରକାରଙ୍କ ଯୋଜନା ଲୋକାଭିମୁଖୀ ହୋଇପାରିଛି**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜୋନ-୨ର ସୁବଳୟା, କମିରା, ସଂଗ୍ରାମପୁର ଓ ପିତାମହୁଲ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁବଳୟା ଗ୍ରାମ ପଞ୍ଚାୟତର ଟିକ୍ରାପଡା ଗ୍ରାମରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଦଳୀୟ କର୍ମୀମାନେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ସମେତ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ସୁବର୍ଣ୍ଣପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ରୋହିତ ପୂଜାରୀଙ୍କୁ ଟିକରାପଡାଠାରେ ସ୍ୱାଗତ କରିଥିଲେ। ଗ୍ରାମରେ ପଦଯାତ୍ରା ପରେ ଗ୍ରାମମଣ୍ଡପରେ ଏକ ସଭା ହୋଇଥିଲା। ପରେ ହଜାର ହଜାର ଦଳୀୟ କର୍ମୀ, ଜନପ୍ରତିନିଧି, ବିଧାୟକ ବେହେରା , ପୂଜାରୀ ସେଠାରୁ ପଦଯାତ୍ରାରେ ବାହରି ସୁବଳୟା,କମିରା,ଲକ୍ଷ୍ମୀ,ଭାଟପଦର,ସଂଗ୍ରାମପୁର ଦେଇ ପିତାମହୁଲରେ ପହଞ୍ଚି ଥିଲେ। ପଦଯାତ୍ରା ବେଳେ ସୁବଳୟା, ଟିକ୍ରାପଡା, କମିରା, ସଂଗ୍ରାମପୁର ଓ ପିତାମହୁଲରେ ସଭା କରାଯାଇଥିଲା। ସଭାରେ ସରକାରଙ୍କ ଜନହିତକର ଯୋଜନା ଲୋକାଭିମୁଖି ହୋଇ ପାରିଥିବା ମନ୍ତ୍ରୀ ଓ ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ଏହା ସହିତ ବିଜେଡି ସବୁବେଳେ ରାଜ୍ୟର ସାଧାରଣ ଲୋକଙ୍କ ପାଇଁ କାମ କରୁଥିବା କହିଥିଲେ।

ପଦଯାତ୍ରାରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା,ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା,ସୁବର୍ଣ୍ଣପୁର ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର,ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ,ବୀରମହାରାଜପୁର ଜୋନ-୨ ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା,ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ,ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସୁପ୍ରଭା ଖେତୀ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଓଡିଶା ମୋ ପରିବାରର ଜିଲା ସଂଯୋଜକ ରଞ୍ଜିତ ରଥ,ଜିଲା ବିଜେଡି ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଜିଲା ଛାତ୍ର ବିଜେଡି ଉପସଭାପତି କୃତ୍ତିବାସ ମିଶ୍ର,ସୁବଳୟା ସମିତିସଭ୍ୟା ଲିଲି ମେହେର,ସଂଗ୍ରାମପୁର ସରପଞ୍ଚ ଅଳକା କର୍ମୀ,ସମିତିସଭ୍ୟ ସପନ କର୍ମୀ,ପିତାମହୁଲ ସରପଞ୍ଚ ଆକସ୍ମିତା ବଡାଇ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା,ବିନିକା ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁଙ୍କ ସହିତ କର୍ମୀ ଓ ମହିଳା ପଦଯାତ୍ରାରେ ସାମିଲ ଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଧାରଣ ଲୋକେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଧାୟକ ବେହେରା ଓ ମନ୍ତ୍ରୀ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହିତ ବିଭିନ୍ନ ସ୍ଥାନରେ କେତେକ ପ୍ରକଳ୍ପର ଉଦ୍‌ଘାଟନ କରାଯାଇ ଥିଲା।



ବୀରମହାରାଜପୁର ଜୋନ-୨ର ପଦଯାତ୍ରା ବେଳେ ମନ୍ତ୍ରୀ, ବିଧାୟକ, କର୍ମୀ ଓ ଜନପ୍ରତିନିଧି।

## ଟ୍ରାଫିକ୍ ସମସ୍ୟା ପ୍ରତିବାଦରେ ରାସ୍ତାରୋକୋ

ସରଣ୍ଡା,୨୮।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା-ସରଣ୍ଡା ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହୋଇ ପଡୁଛି। ଏଥିପାଇଁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ଏହାର ପ୍ରତିକାର ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ଶତାଧିକ ଟ୍ରକ ଚଳାଚଳ କରୁଥିବାରୁ ସେଥିରେ ଅଙ୍କୁଶ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ମାତ୍ର ସେଥିପ୍ରତି କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳି ଟ୍ରାଫିକ ସମସ୍ୟା ଯୋଗୁ ଶୁକ୍ରବାର ଏକ ସ୍କୁଲ ଗାଡ଼ି ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଛି। ଏହା ଜାଣିବା ପରେ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ବଢିଛି ଏବଂ ଅପରାହ୍ନ ୪ଟାରୁ ଲୋକେ ଗୋଡ଼ଭଗା-ଲହଣ୍ଡା ରାସ୍ତାକୁ ଅବରୋଧ କରିଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ଆନ୍ଦୋଳନ ଜାରି ରହିଥିଲା।

ପ୍ରକାଶ ଯେ, ଗୋଡ଼ଭଗା କ୍ୟାମ୍ପରୁ ଲହଣ୍ଡା, ସିଲାଟକୁ ଯାଇଥିବା ରାସ୍ତା ହୀରାକୁଦ ଡ୍ୟାମ ପର୍ଯ୍ୟନ୍ତ ଲମ୍ବିଛି। ଅନ୍ୟପଟେ ଏହି ରାସ୍ତା ଜାଙ୍ଗେଡ଼, ପାହାଡ଼ଶ୍ରୀଗିଡ଼ା ଆଦି ସ୍ଥାନକୁ ସଂଯୋଗ କରିଛି। ଫଳରେ ଉକ୍ତ ରାସ୍ତାରେ ଅଞ୍ଚଳର ଛାତ୍ରୀଛାତ୍ର, ଚାଷୀଙ୍କ ସମେତ ବହୁ ଲୋକ ନିର୍ଭର କରିଥାନ୍ତି। ରାସ୍ତା ପାର୍ଶ୍ୱରେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ପଣ୍ୟାଗାର, ଅନେକ ଧାନକଳ ରହିଛି। ଫଳରେ ରାସ୍ତାରେ ପ୍ରତିଦିନ ଶହ ଶହ ଟ୍ରକ ଯାତାୟାତ କରୁଛି ଏବଂ ତାହା ଟ୍ରାଫିକ୍ ସମସ୍ୟାର ମୂଳ କାରଣ ସାଜିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଗୋଡ଼ଭଗା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଗାଡ଼ି ଲହଣ୍ଡା ପଟକୁ ଯାଉଥିଲା। ସେହି ସମୟରେ ବିପରୀତ ଦିଗରୁ ଅନେକ ଟ୍ରକ୍ ଆସୁଥିଲା ଏବଂ ଟ୍ରାଫିକ ସମସ୍ୟା ଉପୁଜିବା ସହିତ ସ୍କୁଲ ଗାଡ଼ି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଥିଲା। ଏହାକୁ ନେଇ ଆନ୍ଦୋଳନ ତେଜି ଉଠିଥିଲା। ଜିଲା ପରିଷଦ ସଭ୍ୟ ସୁଦର୍ଶନ ହରିପାଲ, ଲହଣ୍ଡା ସରପଞ୍ଚ ଅର୍ଜୁନ ନାଏକ, କଲାମାଟି ସରପଞ୍ଚ ସୁଷମା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଲୋକ ଗୋଡ଼ଭଗା-ଲହଣ୍ଡା ରାସ୍ତା ଅବରୋଧ କରିଥିଲେ। ପୋଲିସ ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିଛି।



ଗୋଡ଼ଭଗା-ଲହଣ୍ଡା ରାସ୍ତା ଅବରୋଧ କରାଯାଇଛି।